# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୧୩/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, January 13/2020 | ★★★★★★

୪୬ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ଦାବିକଲେ ଯୁବକ**

ମାଙ୍ଗାଲୋରର ଜଣେ ଯୁବକ ନିଜକୁ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପୁଅ ବୋଲି ଦାବି କରିଛନ୍ତି। ତାଙ୍କୁ ଐଶ୍ୱର୍ଯ୍ୟା ଆଇଭିଏଫ୍ ଜରିଆରେ ଲଣ୍ଡନରେ ଜନ୍ମ ଦେଇଥିବା ସେ କହିଛନ୍ତି।

୧୦

୧୫

**ଦୀନେଶଙ୍କୁ ସ୍ୱର୍ଣ୍ଣ ପଦକ**

ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଦୀନେଶ କୁମାର।



## ଆଜିଠାରୁ ଧରିତ୍ରୀର ମାଟ୍ରିକ ପରୀକ୍ଷା ସାଥୀ: ଦେଖନ୍ତୁ ପୃଷ୍ଠା – ୮ ଓ ୯

■ ଆମେରିକୀୟ ସୈନ୍ୟଙ୍କୁ ପୁଣି ଟାର୍ଗେଟ କଲା ଇରାନ

# ଏୟାରବେସ୍ ଉପରେ ୮ ରକେଟ ମାଡ଼

**ବଢୁଛି ସଂକଟ**

- ୪ ଇରାକୀ ସୈନ୍ୟ ଆହତ
- ଆକ୍ରମଣରେ ବହୁ ବିଲ୍ଡିଂ ଧ୍ୱସ୍ତ
- ବର୍ତ୍ତିଗଲେ ଆମେରିକା ସୈନ୍ୟ

ବାଗଦାଦ,୧୨।୧

ପାରମ୍ପରିକ ଶତ୍ରୁ ଇରାନ ଓ ଆମେରିକା ମଧ୍ୟରେ ଚରମ ଉତ୍ତେଜନା ଲାଗି ରହିଥିବାବେଳେ ରବିବାର ରାତିରେ ବଡ଼ ଖବର ଆସିଛି। ଇରାକରେ ଆମେରିକା ସେନାକୁ ଟାର୍ଗେଟ କରିବାକୁ ଯାଇ ୮ ରକେଟ ମାଡ଼ କରିଛି ଇରାନ। ଏଥିରେ ଇରାକ ବାୟୁସେନାର ୪ ସୈନ୍ୟ ଆହତ ହୋଇଛନ୍ତି। ଇରାନ ପକ୍ଷରୁ ନିକ୍ଷେପ କରାଯାଇଥିବା ରକେଟ ଏୟାରବେସ୍ ରନ୍‌ୱେରେ ମାଡ଼ ହୋଇଥିବାରୁ ବିଶେଷ କ୍ଷତି ହୋଇ ନ ଥିବା ଜଣାପଡିଛି। ଗତ ସପ୍ତାହରେ ଇରାନର ରକେଟ ମାଡ଼ ପରେ ଅନେକ ଆମେରିକୀୟ ସୈନ୍ୟ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିବାରୁ ସଦ୍ୟ ଆକ୍ରମଣରୁ ସେମାନେ ବର୍ତ୍ତିଯାଇଥିବା କୁହାଯାଉଛି। ତେବେ ଆକ୍ରମଣ ପାଇଁ ଇରାନ ନିଜକୁ ଦାୟୀ କରିନାହିଁ।

ଇରାକ ରାଜଧାନୀ ବାଗଦାଦଠାରୁ ୮୦ କିଲୋମିଟର ଦୂର ସଲାହୁଦ୍ଦିନ ପ୍ରଦେଶରେ ଥିବା ଅଲ୍ ବଲାଡ ଏୟାରବେସ ଉପରେ ରବିବାର ୮ଟି କତ୍ୟୁଶା ରକେଟ ମାଡ଼ ହୋଇଛି। ଏଥିରେ ଇରାକର ୪ ଜଣ ବାୟୁସେନା ସୈନ୍ୟ ଆହତ ହୋଇଛନ୍ତି। ଏଥିସହିତ ପାଖ ବିଲ୍ଡିଂଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଇରାକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି। ଅଲ୍-ବଲାଡ ହେଉଛି ଇରାକର ମୁଖ୍ୟ ଏୟାରବେସ୍। ଏଠାରେ ଆମେରିକାରୁ ଇରାକ କିଣିଥିବା ଏଫ-୧୬ ଯୁଦ୍ଧବିମାନକୁ ରଖାଯାଇଛି। ପୂର୍ବରୁ ଏହି ବାୟୁସେନା ଘାଟିରେ ଆମେରିକୀୟ ଯବାନ ଓ ଠିକାଦାରମାନେ ରହୁଥିଲେ। ଗତ ମାସରେ ଇରାନ ଆକ୍ରମଣରେ ଆମେରିକାର ଜଣେ ଠିକାଦାରଙ୍କ ମୃତ୍ୟୁ ଘଟିଥିଲା। ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ ଆମେରିକା ସେନା ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ଇରାନର ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ସମେତ କେତେଜଣ ସେନା ଅଧିକାରୀ ନିହତ ହୋଇଥିଲେ।

☞ପୃଷ୍ଠା-୪



୧-ଇରାକର ସଲାହୁଦ୍ଦିନ ପ୍ରଦେଶସ୍ଥିତ ଅଲ୍ ବଲାଡ ଏୟାରବେସ। ୨-ଇରାନ ପକ୍ଷରୁ ରକେଟ ମାଡ଼ ବେଳର ଦୃଶ୍ୟ।

■ ରାଜ୍ୟରେ ଖାଲିପଡ଼ିଛି ୪୦ରୁ ଅଧିକ ଆଇଏଏସ୍ ଅଫିସର ପଦବୀ

# ଡେପୁଟେଶନରୁ ଫେରୁନାହାନ୍ତି ବାବୁ

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

କୌଣସି ସର୍ବଭାରତୀୟ ସେବା କ୍ଷେତ୍ରରେ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ରହିବାର ନିୟମ ରହିଛି। ସେହି ଅନୁଯାୟୀ ଏହି ଡେପୁଟେଶନର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ରହିଛି। ସାଧାରଣତଃ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ୫ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥାଆନ୍ତି। ଏହି ଅବଧି ପରେ ଅତିରିକ୍ତ ୨ ବର୍ଷ ପାଇଁ ଏହାକୁ ବୃଦ୍ଧି କରାଯାଇଥାଏ। ଏହିପରି ମୋଟ୍ ୭ ବର୍ଷ ପରେ ଅଧିକାରୀମାନେ ନିଜ ରାଜ୍ୟ କ୍ୟାଡରକୁ ଫେରିବା କଥା। ହେଲେ ଓଡ଼ିଶା କ୍ୟାଡରରେ ରାଜ୍ୟକୁ ଫେରିବାର ଉତ୍ସାହ ଦେଖିବାକୁ ମିଳୁନାହିଁ।

ବିଭିନ୍ନ ସମୟରେ କେନ୍ଦ୍ରକୁ ଡେପୁଟେଶନରେ ଯାଉଥିବା ବାବୁମାନେ ଓଡ଼ିଶାରେ ପୁନଃ ଯୋଗ ନ ଦେଇ କେନ୍ଦ୍ର ସରକାରଙ୍କ ଅଧୀନ ପଦପଦବୀରେ ନିୟୋଜିତ ହୋଇ କାର୍ଯ୍ୟ ଜାରି ରଖୁଛନ୍ତି। ନିର୍ଦ୍ଧାରିତ ସମୟ ପରେ ସେମାନେ ଓଡ଼ିଶାକୁ ଫେରୁନାହାନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୧୯୮୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଆଇ. ଶ୍ରୀନିବାସ। ତାଙ୍କ ଚାକିରିକାଳ ଆସନ୍ତା ମେ'ରେ ସରୁଛି। ସେ ୧୨ ଜୁନ୍, ୨୦୧୪ଠାରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ତେଣୁ ତାଙ୍କର ଓଡ଼ିଶା ଫେରିବା ସମ୍ଭାବନା କମ୍ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ସେହିପରି ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା ୨୨ ସେପ୍ଟେମ୍ବର, ୨୦୧୦ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ୨୨ ସେପ୍ଟେମ୍ବର, ୨୦୧୭ରେ ସେ ରାଜ୍ୟକୁ ଫେରିବେ ବୋଲି ଆଶା କରାଯାଉଥିଲା। ହେଲେ ସେ ପୂର୍ବପରି କେନ୍ଦ୍ରୀୟ ଡେପୁଟେଶନରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସଚିବ ରୂପେ କାର୍ଯ୍ୟ କରୁଛନ୍ତି। ଆସନ୍ତା ଏପ୍ରିଲରେ ତାଙ୍କର ଚାକିରିକାଳ ସରିବାକୁ ଯାଉଛି। ସମାନ ବ୍ୟାଚ୍‌ର ଅଫିସର ଅଶୋକ ମହାଦେଓ ରାଓ ଦଲୱାଇ ୩୦ ଏପ୍ରିଲ, ୨୦୧୦ରୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ୨ ବର୍ଷ ପୂର୍ବେ ସେହି ପଦରେ ଥାଇ ସେ ଅବସର ଗ୍ରହଣ କରିଛନ୍ତି। ୧୯୮୫ ବ୍ୟାଚ୍‌ର ୟୁ.ପି. ସିଂହ ୨୫ ଏପ୍ରିଲ, ୨୦୧୧ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେ ୨୬ ଏପ୍ରିଲ, ୨୦୧୬ରେ ଓଡ଼ିଶା ଫେରିବେ ବୋଲି ଆଶା କରାଯାଉଥିଲା। ଇତି ମଧ୍ୟରେ ସର୍ବାଧିକ ୭ ବର୍ଷ ସ୍ଥଳେ ପ୍ରାୟ ୯ ବର୍ଷ ରହିବା ପରେ ମଧ୍ୟ ସେ ରାଜ୍ୟକୁ ଫେରିନାହାନ୍ତି। ଅନୁରୂପଭାବେ ଏହି ଅଧିକାରୀମାନେ ଫେରିବା ନେଇ କୌଣସି ପ୍ରଶାସନିକ ଆଭାସ ମିଳୁନାହିଁ। ସମାନ ବ୍ୟାଚ୍‌ର ଏସ୍.ଏନ୍. ତ୍ରିପାଠୀ ୧୫ ଏପ୍ରିଲ ୨୦୧୩ରୁ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଗତ ଏପ୍ରିଲରେ ତାଙ୍କର ଫେରିବାର ଥିଲା, ମାତ୍ର ସେ ମଧ୍ୟ ଉପରୋକ୍ତ ଅଫିସରମାନଙ୍କ ପରି କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟ କରୁଛନ୍ତି। ୧୯୯୧ ବ୍ୟାଚ୍‌ର ସତ୍ୟବ୍ରତ ସାହୁ ଗତ ମେ'ରେ ଡେପୁଟେଶନରୁ ଫେରିଥାନ୍ତେ, ଅଥଚ ସେ ମଧ୍ୟ ପୂର୍ବପରି କାର୍ଯ୍ୟ ଜାରି ରଖିଛନ୍ତି। ୨୦୦୨ ବ୍ୟାଚ୍‌ର ଦେବଯାନୀ ଚକ୍ରବର୍ତ୍ତୀ ୨୬ ଫେବୃୟାରୀ, ୨୦୧୮ ରେ ଫେରିବାର ଥିଲା, ମାତ୍ର ସେ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନ ମୋହ ଛାଡି ନାହାନ୍ତି। ଅପରପକ୍ଷରେ ୨୦୧୯ରେ ୧୯୯୮ ବ୍ୟାଚ୍ ଅଧିକାରୀ ଏସ୍.କେ. ବଶିଷ୍ଠ ରାଜ୍ୟକୁ ଫେରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ସେପରି କୌଣସି ଘଟଣା ଘଟିଲା ନାହିଁ। ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ପାଢ଼ୀଙ୍କ ଡେପୁଟେଶନ ଇତିମଧ୍ୟରେ ବୃଦ୍ଧି ପାଇଛି। ନିକଟରେ ୧୯୯୦ ବ୍ୟାଚ୍‌ର ନୀତେନ୍ ଚନ୍ଦ୍ର ଏବଂ ଗୁଡେ ଶ୍ରୀନିବାସ କେନ୍ଦ୍ରକୁ ଯାଇଛନ୍ତି। ୨୦୧୯ରେ ଟି.କେ. ପାଣ୍ଡେ, ସୁରେନ୍ଦ୍ର ମୀନା, ରାଜେଶ ବର୍ମା, ଚନ୍ଦ୍ରଶେଖର କୁମାର ପ୍ରମୁଖ ଡେପୁଟେଶନରେ ଯାଇଛନ୍ତି। ୨୦୧୮ରୁ ଏଯାବତ୍ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଅଧିକାରୀ ରାଜ୍ୟକୁ ଫେରୁଥିବାର ଏତେଟା ଲକ୍ଷ୍ୟ କରାଯାଇନାହିଁ। ପୂର୍ବରୁ ଆଇଏଏସ୍ ଅଫିସର ବିନୋଦ କୁମାର ନିଲମ୍ବିତ ହୋଇସାରିଛନ୍ତି। ନିକଟରେ ବିଜୟ କେତନ ଉପାଧ୍ୟାୟଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୪୦ରୁ ଅଧିକ ଆଇଏଏସ୍ ପଦବୀ ଖାଲି ପଡିଛି। ଅପରପକ୍ଷରେ କେନ୍ଦ୍ରୀୟ ଡେପୁଟେଶନରୁ ଅଧିକାରୀ ନ ଫେରିବା ଏବଂ ଏପରି ସ୍ଥଳେ ପୁଣି ଡେପୁଟେସନ ପାଇଁ ଅଧିକ ଅଧିକାରୀଙ୍କୁ ଅନୁମତି ଦିଆଯିବା ଦୀର୍ଘ

☞ପୃଷ୍ଠା-୪

**ଅତିରିକ୍ତ ଦାୟିତ୍ୱରେ ଅନେକ ଅଧିକାରୀ**

**ନିକଟରେ ଯାଇଛନ୍ତି**

- ଜି. ଶ୍ରୀନିବାସ
- ନୀତେନ ଚନ୍ଦ୍ର
- ଟି.କେ. ପାଣ୍ଡେ
- ସୁରେନ୍ଦ୍ର ମୀନା
- ରାଜେଶ ବର୍ମା
- ଚନ୍ଦ୍ରଶେଖର କୁମାର
- ଜି.ଭି.ଭି. ଶର୍ମା

**ନିଲମ୍ବିତ ହୋଇଛନ୍ତି**

- ବିନୋଦ କୁମାର
- ବିଜୟ କେତନ ଉପାଧ୍ୟାୟ

**ଆଜିର ସମ୍ପାଦକୀୟ**

କଥାକଥାରେ

**ଆଜିର ମନ୍ତବ୍ୟ**

"ସବୁ ଧର୍ମକୁ ସମ୍ମାନ ଦେବା ଭାରତୀୟଙ୍କ ରକ୍ତରେ ଅଛି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଜାନୁୟାରୀ ମାସରେ ପୁଞ୍ଜି ବଜାରର ଡେଟ୍ ସେଗ୍‌ମେଣ୍ଟରୁ ବିଦେଶୀ ନିବେଶକମାନେ ୩,୧୯୩ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

– ଷ୍ଟକ୍ ବଜାର ଡିପୋଜିଟୋରୀ ତଥ୍ୟ


Taste the difference! Vencobb FRESH CHICKEN

12.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 79 | 131 | 141 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 80 | 132 | 142 |
| BHM | 78 | 129 | 139 |

*Conditions Apply

Issued in the Interest of Consumers


# ନାବାଳିକାଙ୍କୁ ଗଣବଳାତ୍କାର

**୨ ଅଟକ, ପୀଡ଼ିତାଙ୍କ ଅବସ୍ଥା ଗୁରୁତର**

ବ୍ରହ୍ମପୁର ଅଫିସ,୧୨।୧

ଗଞ୍ଜାମ ଜିଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୮ ମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ହାତଗୋଡ ବାନ୍ଧି ଗଣ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଜଣଙ୍କ ଚିକିତ୍ସିତ ହେଉଥିବା ଖବର ପାଇବା ପରେ ପୋଲିସ ସେଠାରେ ପହଞ୍ଚିଥିଲା। ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ମହିଳା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ତାଙ୍କ ବୟାନକୁ ଆଧାର କରି ପୋଲିସ ୨ ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ଏ ନେଇ ମାରାଇନ ଥାନାରେ ୧/୨୦ରେ ମାମଲା ରୁଜୁ କରାଯାଇଥିବା ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।

ଘଟଣାରୁ ପ୍ରକାଶ, ପୀଡ଼ିତା ଜଣଙ୍କ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ଶୌଚ ହେବା ପାଇଁ ଯାଇଥିବା ବେଳେ ତାଙ୍କୁ ଏକତରଫା ଭଲ ପାଉଥିବା ଜଣେ ଯୁକ୍ତ ୩ ଛାତ୍ର ପାଖରେ ଥିବା ଏକ ବୁଦାମୂଳକୁ ଡାକି ନେଇଯାଇଥିଲେ। ସେଠାରେ ଅନ୍ୟ ୨ଜଣ ସାଙ୍ଗଙ୍କ ସହ ମିଶି ତାଙ୍କ ହାତଗୋଡ ବାନ୍ଧି ତାଙ୍କୁ କିଛି ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ। ପରେ ସେମାନେ ବଳାତ୍କାର କରିଥିଲେ ବୋଲି ପୀଡିତା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ଶନିବାର ସେ କୌଶଳକ୍ରମେ ସେଠାରୁ ଖସି ଆସି ଗୁରୁତର ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କୁ ବ୍ରହ୍ମପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ପୀଡ଼ିତାଙ୍କ ମାମୁ କହିଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ ପୋଲିସ ଧରିପାରିବ ବୋଲି ଆଶା କରୁଛି। ଥାନାରେ ଅଟକ ଯୁବକଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡିଛି।

# ୩ ଆତଙ୍କବାଦୀ ନିହତ

**୨ ନାଗରିକଙ୍କ ମୁଣ୍ଡ କାଟିଲା ବିଏଟି**

ଶ୍ରୀନଗର,୧୨।୧

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ତ୍ରାଲ ସେକ୍ଟରରେ ରବିବାର ସକାଳେ ଯବାନଙ୍କ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ସେକ୍ଟରର ଗୁଲ୍‌ଶାନପୋରା ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ସେହି ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ। ଘଟଣାସ୍ଥଳରୁ ୩ ଆତଙ୍କବାଦୀଙ୍କ ମୃତଦେହ ମିଳିଛି। ଅନ୍ୟପକ୍ଷରେ ପାକିସ୍ତାନୀ ସୈନ୍ୟବାହିନୀର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବିଏଟି)ର ସଦସ୍ୟମାନେ ଭାରତୀୟ ସୀମାରେ ଅନୁପ୍ରବେଶ କରି ପୁଞ୍ଚ୍ ସେକ୍ଟରରେ ଦୁଇଜଣ ସାଧାରଣ ନାଗରିକଙ୍କ ମୁଣ୍ଡ କାଟ୍ କରିଛନ୍ତି। ସେମାନେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟବର୍ତ୍ତୀ ନିଜ କ୍ଷେତରେ କାମ କରୁଥିବାବେଳେ ବିଏଟି ସଦସ୍ୟ ଆକ୍ରମଣ କରିଥିଲେ । ଏଥିରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।






# ଲେଉଟିଲା ଶୀତ, ୫ ଦିନ ଥରାଇବ

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

ରାଜ୍ୟରେ ପୁଣି ଲେଉଟିଛି ଶୀତ। ଅଦିନିଆ ବର୍ଷା ମାଟି ଭିଜାଇ ଚାଲିଯିବା ପରେ ଶୀତ ମାଡ଼ି ଆସିଛି। ଅସହ୍ୟ ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ରବିବାର ୧୩ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ସୋନପୁର ପୁଣିଥରେ ସବୁଠାରୁ ଥଣ୍ଡା ସହର ପାଲଟିଛି। ସୋନପୁରରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପାମାତ୍ରା ୫ ଡିଗ୍ରୀ ରହିଥିବାବେଳେ ଅନୁଗୋଳରେ ୬, ଟିଟିଲାଗଡ଼ରେ ୬.୫, ଦାରିଙ୍ଗବାଡ଼ିରେ ୭.୨, ଝାରସୁଗୁଡ଼ାରେ ୮.୪, କେନ୍ଦୁଝରରେ ୮.୮, କୋରାପୁଟରେ, ବଲାଙ୍ଗୀର ଓ ସମ୍ବଲପୁରରେ ୯, ଭବାନୀପାଟଣାରେ ୯.୩, ସୁନ୍ଦରଗଡ଼ରେ ୯.୫ ଓ ବାଲେଶ୍ୱରରେ ୯.୮ ରେକର୍ଡ କରାଯାଇଛି। ତେବେ କଟକରେ ସର୍ବାଧିକ ୧୦.୨ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୩ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ଶୀତ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁଇଦିନ ପର୍ଯ୍ୟନ୍ତ ରାତି ସମୟରେ ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆସନ୍ତା ୨ରୁ ୩ଦିନ ପର୍ଯ୍ୟନ୍ତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଘନ କୁହୁଡ଼ି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ସୋମବାର ବିଭିନ୍ନ ଜିଲାକୁ ଶୀତର ପ୍ରକୋପ ଅଧିକ ରହିବ। ତେଣୁ ଅନୁଗୋଳ, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।



କନ୍ଧମାଳ ଜିଲା ବାଲିଗୁଡା ବସ୍‌ଷ୍ଟାଣ୍ଡ ଛକରେ ଲୋକେ ନିଆଁ ଜାଳି ବସିଛନ୍ତି।

- ୪.୮ ଡିଗ୍ରୀରେ ସୋନପୁର ଥଣ୍ଡା ସହର
- ୧୦ ଡିଗ୍ରୀ ତଳେ ୧୩ ସହର ତାପମାତ୍ରା
- ସୋମବାର ପାଇଁ ୬ ଜିଲାକୁ ୟେଲୋ ୱାର୍ନିଂ

**ଘନ କୁହୁଡ଼ି, ତୁଷାରପାତ: ଜନଜୀବନ ପ୍ରଭାବିତ**

ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ତୁଷାରପାତ ଦେଖିବାକୁ ମିଳିଛି। ଦାରିଙ୍ଗବାଡ଼ି ସମେତ ଗ୍ରୀନ୍‌ବାଡ଼ି, ସିମନବାଡ଼ି, ପର୍ତ୍ତମାହା ଓ କିଲାବାଡ଼ି ସମେତ ଅନେକ

☞ପୃଷ୍ଠା-୪

## ଲଦାଖରେ ଭୂକମ୍ପ

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ରବିବାର ଭୂକମ୍ପ ଅନୁଭୂତ ହେହାଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୩ ଥିଲା। ରବିବାର ସକାଳ ୧୦ଟା ୫୪ରେ ଅନୁଭୂତ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ପାକ୍ ଅଧିକୃତ କଶ୍ମୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୟରେ ଲୋକେ ଘରୁ ବାହାରି ଆସିଥିଲେ। ତେବେ ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।



ଗୟାରେ ରବିବାର ମହିଳାମାନେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


ବିକାନେରରେ ୨୭ତମ ଅନ୍ତର୍ଜାତୀୟ କ୍ୟାମେଲ ଫେଷ୍ଟିଭାଲରେ ପର୍ଯ୍ୟଟକମାନେ ପଗଡ଼ି ବନ୍ଧା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

■ ବାୟୁସେନାକୁ ମିଳିବ ଅଧିକ ଶକ୍ତି

# ୨୦୦ ଯୁଦ୍ଧବିମାନ କିଣିବ ଭାରତ

କୋଲକାତା,୧୨।୧(ପି.ଟି.)

ଭାରତୀୟ ବାୟୁସେନାକୁ ଅଧିକ ବଳଦେବା ପାଇଁ ସରକାର ୨୦୦ ଲଢୁଆ ବିମାନ କ୍ରୟ କରିବେ। ଏନେଇ ପ୍ରକ୍ରିୟା ଜାରି ରହିଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାଲ୍ ନିର୍ମିତ ୮୩ ଏଲ୍‌ସିଏ ତେଜସ୍ ମାର୍କ୧ ଆଡଭାନ୍ସଡ୍ ଜେଟ୍ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିରକ୍ଷା ସଚିବ ଅଜୟ କୁମାର ପ୍ରକାଶ କରିଛନ୍ତି। ଏଥିସହ ଅନ୍ୟ ୧୧୦ ଲଢୁଆ ବିମାନ ଲାଗି ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦେଖି ୮୩ ଲାଇଟ୍ କମ୍ବାକ୍ଟ ଏୟାରକ୍ରାଫ୍ଟ ଚୂଡ଼ାନ୍ତ ହୋଇଥିଲା। ଭାରତୀୟ ଆବଶ୍ୟକତା ପୂରଣ କରିବା ସହ ବାୟୁସେନାର ଶକ୍ତି ଏହା ବୃଦ୍ଧି କରିପାରିବ ବୋଲି କୁମାର କହିଛନ୍ତି। ଚଳିତ ବର୍ଷ ଏହିକାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ସେ ମତ ଦେଇଛନ୍ତି। ବାୟୁସେନା ନିକଟରେ ଏବେ ସୁଖୋଇ ୩୦ ଏମ୍‌କେଆଇ, ମିରଜ୍ ୨୦୦୦, ମିଗ୍ ୨୯, ଜାଗୁଆର, ମିଗ୍ ୨୧ ବିସନ୍ ରହିଛି। ୧୯୯୯ କାର୍‌ଗିଲ ଯୁଦ୍ଧ ବେଳେ ଦମ୍ ଦେଖାଇଥିବା ମିଗ୍ ୨୭ ଯୁଦ୍ଧବିମାନ ଉପରେ କଟକଣା ଲଗାଯିବା ପରେ ଅଧିକ ଯୁଦ୍ଧବିମାନ କ୍ରୟର ଆବଶ୍ୟକତା ରହିଥିବା ପ୍ରତିରକ୍ଷା ସଚିବ ପ୍ରକାଶ କରିଛନ୍ତି।

# ସିଏଏ ବିରୋଧରେ ବିପକ୍ଷ ମେଳି ଆଜି

**ଯୋଗ ଦେବେନି ମମତା ଓ ମାୟାବତୀ**

**ରାଜନୈତିକ ସ୍ଥିତି ନେଇ ଆଲୋଚନା ହେବ**

ନୂଆଦିଲ୍ଲୀ,୧୨।୧

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ସୋମବାର ଅପରାହ୍ଣରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଛାତ୍ର ଆନ୍ଦୋଳନ ପରବର୍ତ୍ତୀ ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଏହି ବୈଠକ ମାଧ୍ୟମରେ ବିରୋଧୀ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବା ଆଶା କରାଯାଉଛି। ତେବେ ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଯୋଗଦେବେନି ବୋଲି ଏକ ସୂତ୍ରରୁ ଜଣାପଡିଛି। ୮ ତାରିଖ ଟ୍ରେଡ ୟୁନିୟନର ଭାରତ ବନ୍ଦ ବେଳେ ବାମଦଳ ଓ ତୃଣମୂଳ କଂଗ୍ରେସ ସଦସ୍ୟମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ କ୍ଷୁବ୍ଧ ମମତା ବିରୋଧୀଙ୍କ ବୈଠକରେ ସାମିଲ ହେବେନାହିଁ ବୋଲି କହିଥିଲେ। ସେହିପରି ରାଜସ୍ଥାନର କୋଟା ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ମାୟାବତୀ ନିକଟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଉପରେ ବର୍ଷିଥିଲେ। କୋଟାରେ ଏତେସଂଖ୍ୟାରେ ଶିଶୁଙ୍କ ମୃତ୍ୟୁ ହେବା ସତ୍ତ୍ୱେ ସେଠାକୁ ଯାଇ ମାଆମାନଙ୍କୁ ସମବେଦନା ଜଣାଇବାକୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ପାଖରେ ସମୟ ନାହିଁ। ସେ ରାଜନୈତିକ ସ୍ୱାର୍ଥ ଓ କୁମ୍ଭୀରକାନ୍ଦଣା ପାଇଁ ଉତ୍ତରପ୍ରଦେଶ ଆସି ଆହତଙ୍କ ପରିବାରକୁ ଭେଟୁଛନ୍ତି ବୋଲି ବିଏସ୍‌ପି ନେତ୍ରୀ କହିଥିଲେ। ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ସୋନିଆ ସିଏଏକୁ ବିରୋଧ କରିଥିଲେ। ସରକାର ତୁରନ୍ତ ସିଏଏ ପ୍ରତ୍ୟାହାର କରିନେବା ସହ ଏନ୍‌ପିଆର ପ୍ରକ୍ରିୟା ବନ୍ଦ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା।

■ ରାହୁଲ, ମମତାଙ୍କୁ ଶାହାଙ୍କ ଚାଲେଞ୍ଜ

## କେମିତି ନାଗରିକତ୍ୱ ଯିବ ପ୍ରମାଣ ଦିଅ

**ଜବଲପୁର,୧୨।୧(ପି.ଟି.):** ସିଏଏ କାର୍ଯ୍ୟକାରୀ ହେବାର ଦୁଇଦିନ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କଂଗ୍ରେସ ଓ ଟିଏମ୍‌ସି ଉପରେ ବର୍ଷିଛନ୍ତି। ଅଯଥାରେ ଏହି ଦୁଇଦଳ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସିଏଏ ନାଗରିକତ୍ୱ ଛଡ଼ାଇ ନେବ ବୋଲି ଯାହା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ଏନେଇ ଲୋକଙ୍କୁ ଏଣୁ ତେଣୁ ଭୁଲାଇ ବିଭ୍ରାନ୍ତ କରୁଛନ୍ତି। ଏନେଇ ଗୋଟିଏ ପ୍ରମାଣ ଦେଖାନ୍ତୁ ବୋଲି ଶାହା ଚାଲେଞ୍ଜ ଦେଇ କହିଛନ୍ତି। ମଧ୍ୟପ୍ରଦେଶର ଜବଲପୁରଠାରେ ଏକ ଜନସଭାକୁ ସମ୍ବୋଧନ କରି ପାକିସ୍ତାନ ଓ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରର



ଉତ୍ପୀଡ଼ିତ ହିନ୍ଦୁ, ଖ୍ରୀଷ୍ଟିଆନ୍, ଶିଖ୍, ବୌଦ୍ଧ, ପାର୍ସି, ଜୈନ୍ ଧର୍ମର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଉତ୍ପୀଡ଼ନ ସହି ନ ପାରି ଏମାନେ ଭାରତରେ ରହିବାକୁ ଚାହୁଁଛନ୍ତି। ସରକାର ସେମାନଙ୍କ ଲାଗି ସିଏଏ ଆଣିଛନ୍ତି। ଏମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ବିଶ୍ରାମ ନିଆଯାଇପାରିବନି ବୋଲି ଶାହା କହିଛନ୍ତି। ଏହାଦ୍ୱାରା ଭାରତୀୟଙ୍କ ନାଗରିକତ୍ୱ ପ୍ରତି କୌଣସି ବିପଦ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିରୋଧୀମାନେ ନିଜର ଭୋଟବ୍ୟାଙ୍କ ଲାଗି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏଥିଲାଗି ଭାଜପା ପକ୍ଷରୁ ଘରକୁ ଘର ବୁଲି ସଚେତନ କରାଯାଉଛି। କଂଗ୍ରେସ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିଛି। କେତେକ ଅଣଭାଜପା ରାଜ୍ୟ ଏହାକୁ ବିରୋଧ କରିଆସୁଛନ୍ତି। ରାଜ୍ୟରେ ଏହାକୁ ଲାଗୁ କରାଇ ନ ଦେବା ଲାଗି ଚକ୍ରାନ୍ତ କରୁଛନ୍ତି। କେନ୍ଦ୍ରୀୟ ଆଇନକୁ ସମ୍ମାନ ଜଣାଇବା ରାଜ୍ୟର ଧର୍ମ। ଏହା ନାଗରିକଙ୍କ ସୁରକ୍ଷା ଲାଗି ଉଦ୍ଦିଷ୍ଟ ବୋଲି ଶାହା ପ୍ରକାଶ କରିଛନ୍ତି।

## ମାଟିରେ ମିଶିଲା ୪ ବେଆଇନ ଆପାର୍ଟମେଣ୍ଟ



କୋଚି,୧୨।୧(ପି.ଟି.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ମାଟିରେ ମିଶିଛି। ପରିବେଶ ନିୟମ ଉଲ୍ଲଂଘନ କରି ଘର କରୁଥିବା ଲୋକମାନଙ୍କୁ ଏହା ଏକ ଶକ୍ତ ବାର୍ତ୍ତା। ମରାଡୁ ମ୍ୟୁନିସିପାଲିଟିରେ ଥିବା ହୋଲି ଫେଥ୍ ଏବଂ ଟୁଇନ୍ ଟାୱାର ଆଲ୍‌ଫା ସେରେନ ଆପାର୍ଟମେଣ୍ଟକୁ ନିୟନ୍ତ୍ରିତ ବିସ୍ଫୋରଣ ପଦ୍ଧତିରେ ଭଙ୍ଗାଯାଇଥିଲା। ରବିବାର ଅନୁରୂପ ଭାବେ ଅନ୍ୟ ଦୁଇଟି ଅଟ୍ଟାଳିକାକୁ ଭାଙ୍ଗିଦିଆଯାଇଛି। ସେଗୁଡ଼ିକ ବେଆଇନ ଭାବେ ନିର୍ମାଣ କରାଯାଇଥିଲା, ଯାହାକି କୋଷ୍ଟାଲ୍ ରେଗୁଲେଶନ ଜୋନ୍‌ର ନିୟମ ଉଲ୍ଲଂଘନ କରୁଥିଲା। ଦେଶରେ ବେଆଇନ ଆପାର୍ଟମେଣ୍ଟ ଧ୍ୱଂସ କରାଯିବା ଏହା ପ୍ରଥମ ଘଟଣା। ୪ଟି ବିଲ୍ଡିଂରେ ୩୫୦ ଫ୍ଲାଟ ରହିଥିଲା, ଯାହା କେଇ ସେକେଣ୍ଡ ମଧ୍ୟରେ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ ସଫଳ ହୋଇଥିବା ଏର୍ନାକୁଲମ ଜିଲାପାଳ ଏସ୍ ସୁହାସ ଏବଂ କୋଚି ପୋଲିସ କମିଶନର ବିଜୟ ସଖାରେ କହିଛନ୍ତି। ହ୍ରଦ ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂଗୁଡ଼ିକୁ ଧ୍ୱଂସ କରିବାରେ ୭୫୦ କିଲୋଗ୍ରାମ ବିସ୍ଫୋରକ ବ୍ୟବହାର କରାଯାଇଥିଲା। ସେଗୁଡ଼ିକୁ ଭାଙ୍ଗିଦେବାକୁ ୮ ମାସ ପୂର୍ବେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଗିରଫ ଡିଏସ୍‌ପିଙ୍କୁ ଆତଙ୍କବାଦୀ ଭଳି ଜେରା କରାଯିବ

**ଶ୍ରୀନଗର,୧୨।୧:** ହିଜବୁଲ ମୁଜାହିଦ୍ଦିନ ଓ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କ ସହ ଧରାପଡିଥିବା ଜମ୍ମୁ-କଶ୍ମୀରର ଡିଏସ୍‌ପି ଦେବୀନ୍ଦର ସିଂଙ୍କୁ ଗିରଫ କରାଯାଇଛି। ସେ



ପୂର୍ବରୁ ସ୍ପେଶାଲ ଅପରେଶନ ଗ୍ରୁପ୍‌ରେ ସାମିଲ ଥିଲେ ଓ ସାହସିକତା ପାଇଁ ଗତବର୍ଷ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ପଦକ ପାଇଥିଲେ। ଆତଙ୍କବାଦୀଙ୍କ ସହ ଗୋଟିଏ କାର୍‌ରେ ଯାତ୍ରା କରୁଥିବାବେଳେ ସେ ଧରାପଡ଼ିଥିଲେ। ଏହା ଏକ ଗୁରୁତର ଅପରାଧ। ଡିଏସ୍‌ପି ସିଂଙ୍କୁ ଜଣେ ଆତଙ୍କବାଦୀ ଭଳି ବ୍ୟବହାର ପ୍ରଦର୍ଶନ କରାଯିବା ସହ ସବୁ ସୁରକ୍ଷା ସଂସ୍ଥା ମିଳିତ ଭାବେ ତାଙ୍କୁ ଜେରା କରିବେ ବୋଲି କଶ୍ମୀର ପୋଲିସ ଆଇଜି ବିଜୟ୍ କୁମାର କହିଛନ୍ତି।



ପ୍ରୟାଗରାଜ: ମାଘମେଳା ଉତ୍ସବ ଅବସରରେ ବିଶ୍ୱହିନ୍ଦୁ ପରିଷଦ ପେଣ୍ଡାଲରେ ଭିଏଚ୍‌ପି କର୍ମୀ ରାମମନ୍ଦିରର ପ୍ରତିକୃତି ସ୍ଥାପନ କରୁଛନ୍ତି।

## ଭାଜପା ଛାଡ଼ିବାକୁ ଆସାମ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ପ୍ରସ୍ତାବ

ଗୁଆହାଟୀ,୧୨।୧(ପି.ଟି.)

ବିଧାୟକମାନଙ୍କ ସହ ଭାଜପା ଛାଡ଼ି ସିଏଏ ବିରୋଧୀ ସରକାର ଗଠନ କରିବାକୁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ବିରୋଧୀ ଦଳ ନେତା ଦେବବ୍ରତ ସାଇକିଆ ପ୍ରସ୍ତାବ ଦେଇଛନ୍ତି। ସୋନୋୱାଲଙ୍କ ନେତୃତ୍ୱରେ ବିକଳ୍ପ ସରକାରକୁ କଂଗ୍ରେସ ସମର୍ଥନ ଯୋଗାଇଦେବ ବୋଲି ସେ କହିଛନ୍ତି। ଜାନୁୟାରୀ ୧୦ରୁ ଦେଶରେ ସିଏଏ କାର୍ଯ୍ୟକାରୀ ହେଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ଆସାମରେ ଲାଗୁ ନ କରିବାକୁ ହେଲେ ବିକଳ୍ପ ସରକାରର ଆବଶ୍ୟକତା ରହିଛି। ଏଥିପାଇଁ ସୋନୋୱାଲ ଓ ତାଙ୍କର ଦଳୀୟ ବିଧାୟକମାନେ ଭାଜପା ଛାଡ଼ି ସ୍ୱାଧୀନ ଭାବେ ସରକାର ଗଠନ କଲେ ଆମେ ସମର୍ଥନ ଯୋଗାଇଦେବୁ ବୋଲି ସାଇକିଆ ଖବରଦାତାମାନଙ୍କୁ କହିଛନ୍ତି।

■ ଜେଏନ୍‌ୟୁ ହିଂସାର ମାଷ୍ଟର ମାଇଣ୍ଡ କୁଳପତି

## ବହିଷ୍କାର ଦାବିକଲା କଂଗ୍ରେସ

ଜମ୍ମୁ,୧୨।୧(ପି.ଟି.)


ଏମ୍ ଜଗଦେଶ କୁମାର

ଜେଏନ୍‌ୟୁ ହିଂସାକାଣ୍ଡ ମାମଲାରେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସିଧାସଳଖ କୁଳପତି ଏମ୍ ଜଗଦେଶ କୁମାରଙ୍କୁ ଦୋଷ ଦେଇଛି। ସେ ହିଁ ଏହିସବୁ ଘଟଣାର ମାଷ୍ଟରମାଇଣ୍ଡ ଓ ତୁରନ୍ତ ବିଦା କରାଯାଇ ତାଙ୍କ ବିରୋଧରେ ଆପରାଧିକ ତଦନ୍ତ ଆରମ୍ଭ କରାଯିବା ଜରୁରୀ ବୋଲି କୁହାଯାଇଛି। ଜାନୁୟାରୀ ୫ରେ ମୁହଁରେ କନା ବାନ୍ଧି ଆକ୍ରମଣ କରାଯିବା ଘଟଣା ପ୍ରାୟୋଜିତ ବୋଲି ଟିମ୍ ସଦସ୍ୟ ସୁସ୍ମିତା ଦେବ ପ୍ରକାଶ କରିଛନ୍ତି। କୁଳପତିଙ୍କୁ ବିଦାକରି ସ୍ୱାଧୀନ ଭାବେ ତଦନ୍ତ କରାଯିବା ଉଚିତ ବୋଲି ସେ ଦାବି କରିଛନ୍ତି। ଜେଏନ୍‌ୟୁ ହିଂସାକାଣ୍ଡର ତଦନ୍ତ ଲାଗି କଂଗ୍ରେସ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲା। ସୁରକ୍ଷା ଯୋଗାଉଥିବା କମ୍ପାନୀର ଚୁକ୍ତି ରଦ୍ଦ କରିବା ସହ ଷଡ଼ଯନ୍ତ୍ର ପଛରେ ଥିବା ଅନ୍ୟ ଫାକଲ୍ଟି ସଦସ୍ୟଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିବାକୁ ମହିଳା କଂଗ୍ରେସ ମୁଖ୍ୟ ଦାବି କରିଛନ୍ତି। ଦକ୍ଷିଣପନ୍ଥୀ ଚିନ୍ତାଧାରାସମ୍ପନ୍ନ ଲୋକଙ୍କୁ ଫାକଲ୍ଟି ସଦସ୍ୟଭାବେ ନିଯୁକ୍ତି ଦେଇ କୁଳପତି ସେମାନଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି।

■ ମହିଳା ଯାତ୍ରୀଙ୍କ ବିସ୍ଫୋରଣ ଧମକ

## ବିମାନର ଜରୁରୀ ଅବତରଣ

କୋଲକାତା,୧୨।୧

ବିସ୍ଫୋରଣରେ ବିମାନ ଉଡ଼ାଇଦେବେ ବୋଲି ଜଣେ ମହିଳା ଯାତ୍ରୀ ଧମକ ଦେବା ପରେ ମୁମ୍ବାଇ ଅଭିମୁଖେ ଯାଉଥିବା ଏୟାରଏସିଆର ଏକ ବିମାନକୁ ଫେରାଇ ଅଣାଯାଇ କୋଲକାତାର ନେତାଜୀ ସୁଭାଷଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ମୋହିନୀ ମଣ୍ଡଳ(୨୫) ନାମ୍ନୀ ଏହି ମହିଳାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର କୋଲକାତାର ସଲ୍ଟ ଲେକ୍ ଅଞ୍ଚଳରେ। କୋଲକାତାରୁ ବିମାନଟି ଉଡ଼ାଣ କରିବାର ୪୦ ମିନିଟ ପରେ ସେ ଏକ ଲେଖା ପାଇଲଟ୍‌ଙ୍କ ପାଖକୁ ପଠାଇଥିଲେ । ସେଥିରେ ଲେଖାଥିଲା, ତାଙ୍କ ଶରୀରରେ ବୋମା ଖଞ୍ଜାଯାଇଛି ଓ ଯେକୌଣସି ମୁହୂର୍ତ୍ତରେ ସେ ଏହାକୁ ବିସ୍ଫୋରଣ କରିପାରିବେ। ସଙ୍ଗେସଙ୍ଗେ କୋଲକାତା ବିମାନବନ୍ଦରରେ ଜରୁରୀ ସ୍ଥିତି ଜାରି ହୋଇଥିଲା। ବିମାନଟି ଜରୁରୀ ଅବତରଣ କରାଯାଇଥିଲା।

**[ଇତିହାସର ଆଇନାରେ] ଜାନୁୟାରୀ ୧୩ର ପ୍ରମୁଖ ଘଟଣା**

୨୦୦୧ ଜାନୁୟାରୀ ୧୩ରେ ଏଲ୍ ସାଲଭେଡରରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ୯୦୦ ଲୋକ ପ୍ରାଣ ହରାଇଥିଲେ। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୭.୬ ରହିଥିଲା।

୨୦୧୨ ଜାନୁୟାରୀ ୧୩ରେ ଇଟାଲି ଉପକୂଳରେ କୋଷ୍ଟା କନ୍‌କୋର୍ଡିଆ କ୍ରୁଜ୍ ଜାହାଜ ବୁଡ଼ିଯିବା ଫଳରେ ୩୨ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ଏଥିରେ କ୍ୟାପ୍‌ଟେନ ଫ୍ରାନ୍‌ସେସ୍କୋ ଚେଟିନୋଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଥିଲା।

# ପଶ୍ଚିମବଙ୍ଗରେ ମୋଦିଙ୍କ ନିର୍ବାଚନୀ ଭାଷଣ

■ ଶ୍ୟାମାପ୍ରସାଦଙ୍କ ନାମରେ ନାମିତ ହେଲା କୋଲକାତା ବନ୍ଦର

■ ବିରୋଧୀଙ୍କ ସମାଲୋଚନା

■ କାର୍ଯ୍ୟକ୍ରମରେ ଯୋଗଦେଲେନି ମମତା



କୋଲକାତା,୧୨।୧

କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ୨୦୨୧ରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନଜରରେ ରଖି ଭାଜପା ପାଇଁ ପ୍ରଚାର ଆରମ୍ଭ କରିଥିବା କୁହାଯାଉଛି। ଲୋକ ସଭା ନିର୍ବାଚନ ପରେ ଗୋଟିଏ ପରେ ଗୋଟିଏ ରାଜ୍ୟ ଭାଜପା ହାତରୁ ଖସୁଥିବାବେଳେ ପଶ୍ଚିମବଙ୍ଗରେ କ୍ଷମତା ଦଖଲ ଲାଗି ଦଳ ଜୋର୍‌ଦାର ଉଦ୍ୟମ ଚଳାଇଛି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗ ସରକାର ଆୟୁଷ୍ମାନ ଭାରତ ଏବଂ ପିଏମ୍ କିଷାନ ସମ୍ମାନ ନିଧି ଭଳି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି। ତେବେ ରାଜ୍ୟବାସୀ କେନ୍ଦ୍ରୀୟ ଯୋଜନା ସୁବିଧା ହରାଇବାକୁ ବେଶିଦିନ ବରଦାସ୍ତ କରିବେ ନାହିଁ ବୋଲି ମୋଦି କହିଥିଲେ।

ସିଏଏକୁ ସାରା ଦେଶରେ ବିରୋଧ ଜାରି ରହିଥିବାବେଳେ ଏହା କାହାର ନାଗରିକତ୍ୱ ଛଡାଇନେବା ପାଇଁ ନୁହେଁ ବରଂ ନାଗରିକତ୍ୱ ପ୍ରଦାନ କରିବା ପାଇଁ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଆଇନର ଯଥାର୍ଥତା ସମ୍ପର୍କରେ କହିବାକୁ ଯାଇ ମହାତ୍ମା ଗାନ୍ଧୀଙ୍କ ନାଁ ନେଇଥିଲେ ମୋଦି। ଏହି ଆଇନ ଆଣି ତାଙ୍କ ସରକାର ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି। ପାକିସ୍ତାନରେ ବିଦ୍ୱେଷର ସମ୍ମୁଖୀନ ହୋଇଥିବା ଧର୍ମୀୟ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଗାନ୍ଧିଜୀ ଚାହୁଁଥିଲେ ବୋଲି ପ୍ରଧାନମନ୍ତ୍ରୀ ବେଲୁର ମଠରେ ଉଦ୍‌ବୋଧନ ଦେଇ କହିଛନ୍ତି। ରାମକୃଷ୍ଣ ମିଶନର ମୁଖ୍ୟାଳୟ ବେଲୁର ମଠରେ ପ୍ରଧାନମନ୍ତ୍ରୀ ଶନିବାର ରାତ୍ରିଯାପନ କରିଥିଲେ। ରବିବାର ସକାଳେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ତଥା ଅନ୍ତର୍ଜାତୀୟ ଯୁବଦିବସ ଅବସରରେ ସେ ଯୁବଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସିଏଏକୁ ନେଇ ବିରୋଧୀ

ଦଳଗୁଡ଼ିକ ଯୁବସମାଜକୁ ବିଭ୍ରାନ୍ତ କରୁଛନ୍ତି। ନ୍ୟସ୍ତସ୍ୱାର୍ଥକୁ ନେଇ ବିରୋଧୀମାନେ ମିଥ୍ୟା ପ୍ରଚାର ଚଳାଇଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ସେ କହିଥିଲେ, ସିଏଏକୁ ନେଇ ବିବାଦ ସାରା ବିଶ୍ୱରେ ପାକିସ୍ତାନର ମୁଖା ଖୋଲିଦେଇଛି। ପାକିସ୍ତାନୀରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କ ପ୍ରତି ଅତ୍ୟାଚାର କରାଯାଉଥିବା ବିଶ୍ୱ ଜାଣିବାକୁ ପାଇଛି।

ରବିବାର ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ କୋଲକାତା ବନ୍ଦରକୁ ଜନସଂଘ ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ କରିଛନ୍ତି। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ସହ ମୋଦିଙ୍କୁ ଗେମ୍ ଚେଞ୍ଜର ନୁହନ୍ତି, ଜଣେ ନେମ୍ ଚେଞ୍ଜର ବୋଲି କହିଛନ୍ତି। କେବଳ ନାଁ ବଦଳାଇଦେଲେ ତାହା ବନ୍ଦରର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବ ନାହିଁ ବୋଲି ସିପିଆଇ(ଏମ୍) କହିଛି। କୋଲକାତା ପୋର୍ଟ ଟ୍ରଷ୍ଟର ୧୫୦ତମ ବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ ଭାରତର ବିକାଶରେ ଶ୍ୟାମାପ୍ରସାଦ ଏବଂ ବି.ଆର୍. ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତେବେ ସରକାରରୁ ଇସ୍ତଫା ଦେବା ପରେ ସେମାନଙ୍କ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଭାରତରେ ଉଦ୍ୟୋଗୀକରଣର ସ୍ରଷ୍ଟା ଶ୍ୟାମାପ୍ରସାଦ ଗୋଟିଏ ରାଷ୍ଟ୍ର ଗୋଟିଏ ସମ୍ବିଧାନ ପାଇଁ ବଳିଦାନ ଦେଇଥିଲେ ବୋଲି ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଯୋଗଦେବା କାର୍ଯ୍ୟକ୍ରମ ଥିଲେ ହେଁ ସେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଏଥିରେ ଯୋଗଦେଇ ନ ଥିଲେ।



ଭାଜପାର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଜାନୁୟାରୀ ୨୦ରେ ଭାଜପାର ଜତୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ସମ୍ପ୍ରତି ଭାଜପାର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନଡ୍ଡାଙ୍କୁ ସ୍ୱାଗତ କରିବା ଲାଗି ଦଳ ପକ୍ଷରୁ ଏକ ବଡ଼ ଉତ୍ସବର ଆୟେଜେନ କରାଯାଉଥିବା ଜଣାପଡ଼ିଛି। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ଅଧ୍ୟକ୍ଷ ଅମିତ୍ ଶାହା, କେନ୍ଦ୍ରମନ୍ତ୍ରୀ, ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ନଡ୍ଡାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଉଛି।

## ୭ ଅଜଗର ଉଦ୍ଧାର

**ଢେଙ୍କାନାଳ ଅଫିସ/ ପରଜଙ୍ଗ(ଡି.ଏନ.ଏ.) ୧୨।୧:** ଢେଙ୍କାନାଳ ପୌରାଞ୍ଚଳ ଏବଂ ପରଜଙ୍ଗ ବ୍ଲକ କୁମୁସୀ ଗ୍ରାମରୁ ରବିବାର ୭ଟି ବିଶାଳକାୟ ଅଜଗର ଉଦ୍ଧାର କରାଯାଇଛି। ପୌରାଞ୍ଚଳର ୮ନଂ. ୱାର୍ଡ ଗଜମରା ଅଞ୍ଚଳରେ ଏକ ବଡ଼ ପାଇପ୍ ମଧ୍ୟରେ ଅଜଗର ସାପ ପଶିଥିଲେ। ଅଞ୍ଚଳବାସୀଠାରୁ ସୂଚନା ପାଇ ବନ୍ୟକ ସ୍ନେକ୍ ରେସ୍‌କ୍ୟୁ ସଂସ୍ଥାର ସଦସ୍ୟ ଶେଖ ଲାଲୁ, ପପୁନ ଦାସ, ମନୋଜ ଦାସ, ଆଲୋକ ମହାନ୍ତି, କାହ୍ନୁଚରଣ ମହାନ୍ତି ପ୍ରମୁଖ ପହଞ୍ଚି ସାପଗୁଡ଼ିକୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯାଇଥିବା ଅଜଗରଗୁଡ଼ିକ ମଧ୍ୟରେ ଗୋଟିଏ ୧୮ ଫୁଟ ବିଶିଷ୍ଟ। ଅନ୍ୟମାନଙ୍କ ଲମ୍ବା ଯଥାକ୍ରମେ ୧୬ଫୁଟ, ୧୨ଫୁଟ, ୧୦ଫୁଟ, ୮ଫୁଟ ଏବଂ ୬ଫୁଟ। ଶୁକ୍ରବାର ଉକ୍ତ ସ୍ଥାନରୁ ୧୨ଫୁଟ ଲମ୍ବର ଏକ ଅଜଗରକୁ ଉଦ୍ଧାର କରାଯାଇଥିଲା। ବନ ବିଭାଗକୁ ସୂଚିତ କରିବା ପରେ ସାପଗୁଡ଼ିକୁ ସଦର ରେଞ୍ଜ ଅଧୀନ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଶେଖ ଲାଲୁ ସୂଚନା ଦେଇଛନ୍ତି। ସେହିପରି କୁମୁସୀ ଖେଳପଡ଼ିଆ ନିକଟରୁ ୧୨ ଫୁଟ ଲମ୍ବର ଏକ ମାଈ ଅଜଗର ଉଦ୍ଧାର କରାଯାଇଛି।

### ପ୍ଲାଷ୍ଟିକ ଆବର୍ଜନା ପରିଚାଳନା

# ସର୍ବଭାରତୀୟ ସ୍ତରରେ ପୁରୀ ପୁରସ୍କୃତ

**ପୁରୀ ଅଫିସ, ୧୨।୧**

ପୁରୀକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। 'ମୋ ବିଟ୍' ହେଉ ଅବା 'ମୋ ପୁରୀ ସ୍ୱଚ୍ଛ ପୁରୀ' ଭଳି କାର୍ଯ୍ୟକ୍ରମ ପାଇଁ ଧୀରେ ଧୀରେ ଜାତୀୟସ୍ତରରେ ସଫଳତା ସାଉଣ୍ଟୁଛି ପୁରୀ। ନିକଟରେ ଭାରତର ଦ୍ୱିତୀୟ ସ୍ୱଚ୍ଛ ବେଳାଭୂମି ମାନ୍ୟତା ପାଇଥିବା ପୁରୀ ପୁଣି ସ୍ୱଚ୍ଛତା ପାଇଁ ସର୍ବଭାରତୀୟ ସ୍ତରରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ବାହ୍ୟ ମଳମୁକ୍ତ ସମ୍ପର୍କିତ କର୍ମଶାଳାରେ ରବିବାର ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ପୁରୀ ପୁରସ୍କୃତ ହୋଇଛି।

ନୂଆଦିଲ୍ଲୀର ହୋଟେଲ ପ୍ରାଇଡ ପ୍ଲାଜା ଏରୋ ସିଟିରେ ବାହ୍ୟ ମଳମୁକ୍ତ ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ପୁରୀ ଜିଲା ପକ୍ଷରୁ ଯେଉଁ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା ତାହା ବେଶ୍ ଆଦୃତି ଲାଭ କରିଥିଲା। ଏଥିପାଇଁ ପୁରୀକୁ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ (ଜଳ ସମ୍ପଦ ମନ୍ତ୍ରଣାଳୟ) ଏବଂ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ପକ୍ଷରୁ ପୁରସ୍କୃତ କରାଯାଇଛି। କର୍ମଶାଳାରେ ଅତିଥି ଭାବେ ଯୋଗଦେଇଥିବା ବଲିଉଡ୍ ଅଭିନେତା ଅମୀର ଖାନ୍‌ଙ୍କଠାରୁ ପୁରୀ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପୁରସ୍କାର ଗ୍ରହଣ କରିଛନ୍ତି। କର୍ମଶାଳାରେ ଅତିରିକ୍ତ ନିର୍ବାହୀ ଅଧିକାରୀ ସ୍ୱାଇଁ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ନେଇ ଜିଲା ପ୍ରଶାସନ ଯେଉଁ ପଦକ୍ଷେପ ଗ୍ରହଣ କରିଛି ତାହା ଉପସ୍ଥାପନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଏହି ସନ୍ଦର୍ଭକୁ ପଞ୍ଚାୟତିରାଜ ବିଭାଗ ଅନୁମୋଦନ କରି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲା। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କ୍ଷେତ୍ରରେ ଏହା ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହେବା ସହ ଏହାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ।

ଗତ ଗାନ୍ଧୀଜୟନ୍ତୀଠାରୁ ପୁରୀକୁ ଶତ ପ୍ରତିଶତ ପ୍ଲାଷ୍ଟିକମୁକ୍ତ କରିବା ଲାଗି ଜିଲାପାଳ ବଲୱନ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମୋ ବିଟ୍ କାର୍ଯ୍ୟକ୍ରମରେ ବେଳାଭୂମି ସଫେଇ କରାଯାଉଛି। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସମସ୍ତେ ସାମିଲ ହେଉଛନ୍ତି। ସେହିପରି ସହରକୁ ସ୍ୱଚ୍ଛ ରଖିବା ଲାଗି ଆରମ୍ଭ ହୋଇଛି ମୋ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମ। ସହରର ପ୍ରତ୍ୟେକ ୱାର୍ଡରେ ବୁଲୁଛି ସ୍ୱଚ୍ଛ ସବାରି ଗାଡ଼ି। ଏହି ଗାଡ଼ି ମାଧ୍ୟମରେ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ କରାଯାଉଛି। ରାସ୍ତାଘାଟରେ ଯେପରି ଅଳିଆ ଆବର୍ଜନା ନ ପଡ଼ିବ ସେଥିଲାଗି ପଦକ୍ଷେପ ନିଆଯାଇଥିବାବେଳେ ଜରିମାନା ବ୍ୟବସ୍ଥା ବି କରାଯାଇଛି।



ଅଭିନେତା ଅମୀର ଖାନ୍‌ଙ୍କଠାରୁ ପୁରୀ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

## ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ପରଲୋକ

**ସୁନ୍ଦରଗଡ଼, ୧୨।୧ (ଡି.ଏନ୍.ଏ.)**



ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ କିଞ୍ଜିରିକେଲା ଥାନା ବେଲମୁଣ୍ଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ବାଲିଶଙ୍କରା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ କଂଗ୍ରେସ ଟିକେଟରେ ସୁନ୍ଦରଗଡ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଏମ୍‌ପି ଥିଲେ। ଏହା ପରେ ୧୯୯୬ରେ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇ ୨୦୦୨ ପର୍ଯ୍ୟନ୍ତ ଏମ୍‌ପି ଥିଲେ। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ଜନଜାତି କମିଶନର ସଦସ୍ୟ ଓ ପରେ ଉପସଭାପତି ରହିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ଡ. ପ୍ରଫୁଲ୍ଲ ମାଝି, ରାଜଗାଙ୍ଗପୁର ବିଧାୟକ ଡା. ସି.ଏଚ. ରାଜେନ ଏକ୍କା, ସୁନ୍ଦରଗଡ ଜିଲା କଂଗ୍ରେସର ପୂର୍ବତନ ସଭାପତି ବେଣୁ ମାଧବ ତ୍ରିପାଠୀ, ପିସିସିର ପୂର୍ବତନ ସମ୍ପାଦକ ଦୁଷ୍ମନ୍ତ ନାଏକ, ରାଉରକେଲା ଜିଲା କଂଗ୍ରେସର ପୂର୍ବତନ ସଭାପତି ବୀରେନ ସେନାପତି, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୋମବାର ସକାଳେ ତାଙ୍କ ଶେଷକୃତ୍ୟ ନିଜ ଗ୍ରାମରେ ସମ୍ପନ୍ନ ହେବ ବୋଲି କୁହାଯାଇଛି। ତାଙ୍କର ୨ପୁଅ, ୨ଝିଅ, ପୁତ୍ରବଧୂ, ଜ୍ୱାଇଁ, ନାତୁଣୀନାତି ଅଛନ୍ତି।

### ପ୍ରେମରେ ପ୍ରତାରଣା ପରେ ଆତ୍ମହତ୍ୟା ଘଟଣା

# ଯୁବତୀଙ୍କ ବିରୋଧରେ ଅଭିଯୋଗ କଲେ ମୃତକଙ୍କ ଭାଇ

**କଟକ ଅଫିସ, ୧୨।୧**

ଯୁବତୀଙ୍କ ନିକଟରୁ ପ୍ରତାରଣାର ଶିକାର ହେବା ପରେ ମନୋଜ ସ୍ୱାଇଁ ନାମକ ଯୁବକ ଶନିବାର କଟକ ଜିଲା ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲ ନିକଟ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ହେଲେ ମନୋଜଙ୍କ ବଡଭାଇ ବିନୋଦ ରବିବାର କଟକ ଜିଆରପି ଥାନାରେ ସମ୍ପୃକ୍ତା ଯୁବତୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଯୁବତୀ ଜଣକ ମନୋଜଙ୍କ ସହ ଭଲପାଇବାର ଅଭିନୟ କରୁଥିଲେ। ମନୋଜଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ନିକଟରୁ ଟଙ୍କା ନେଉଥିଲେ। ଏଥିସହ ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ମନୋଜ ଆତ୍ମହତ୍ୟା କରିଛନ୍ତି ବୋଲି ବିନୋଦ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଜିଆରପି ଏକ ମାମଲା(ନଂ.୨/୨୦) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଘର ନିଆଳି ଅଞ୍ଚଳରେ। ସେ କଟକ ରାଉସାପାଟଣାରେ ଘର ଭଡା ନେଇ ରହୁଥିଲାବେଳେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଏହି ସମୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଢୁଥିବା ଯାଜପୁର ଜିଲାର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପ୍ରାୟ ୩ ବର୍ଷର ପ୍ରେମ ସମ୍ପର୍କ ଭିତରେ ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବାର ସ୍ୱପ୍ନ ଦେଖିଥିଲେ ମନୋଜ। ତେବେ ଯୁବତୀ ଜଣକ ତାଙ୍କୁ ବାହା ହେବାକୁ ମନା କରିଦେବାରୁ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ମନୋଜ ଏକ ଭିଡିଓ ପ୍ରସ୍ତୁତ କରିଥିଲେ ଓ ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ମିଳିଥିଲା। ଉକ୍ତ ସୁଇସାଇଡ୍ ନୋଟ୍‌ରେ ମନୋଜଙ୍କ ମୃତ୍ୟୁ ପାଇଁ ତାଙ୍କ ପ୍ରେମିକା ହିଁ ଦାୟୀ ବୋଲି ଲେଖାଯାଇଥିଲା।

# 'ରାଜତନ୍ତ୍ର ନ ଥିଲେ ବି ଲୋକଙ୍କ କାମ କରିବି'



କଲ୍ୟାଣୀ ଦେବୀ

**ପାରଳା ରାଜବଂଶର ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ନିକଟରେ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦାୟାଦ ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ପରଲୋକ ଘଟିବା ପରେ ରାଜକୁମାରୀ କଲ୍ୟାଣୀ ଦେବୀଙ୍କ ରାଜ୍ୟାଭିଷେକ ହୋଇଛି। ପାରଳା ରାଜବଂଶରେ ପ୍ରଥମ କନ୍ୟା ସନ୍ତାନ ଭାବେ ରାଜ ସିଂହାସନ ଆରୋହଣ କରି ନୂତନ ଇତିହାସ ରଚିଛନ୍ତି ରାଜକୁମାରୀ କଲ୍ୟାଣୀ ଦେବୀ। ଚେନ୍ନାଇରୁ ସ୍କୁଲ ଓ ବେଙ୍ଗାଲୁରୁରୁ କଲେଜ ଶିକ୍ଷା ନେଇଥିବା ରାଜକୁମାରୀ ଅବିବାହିତ ଅଟନ୍ତି। ରାଜ୍ୟାଭିଷେକ ପରେ ତାଙ୍କୁ ସାକ୍ଷାତ କରିଥିଲେ ଆମ ଗଜପତି ଜିଲା 'ଧରିତ୍ରୀ' ପ୍ରତିନିଧି।**

➤ ପାରଳା ରାଜ ସିଂହାସନରେ ବସିଛନ୍ତି, ଦାୟିତ୍ୱ କ'ଣ ରହିବ ?

● ନିଶ୍ଚିତ ଭାବେ ସାଧାରଣ ଲୋକଙ୍କ ପାଇଁ ଗୁରୁ ଦାୟିତ୍ୱ ରହିବ। ଯଦିଓ ବର୍ତ୍ତମାନ ସମୟରେ ରାଜତନ୍ତ୍ର ନାହିଁ, ତଥାପି ସେମାନଙ୍କ ପାଇଁ ସବୁ ସମୟରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବି।

➤ ଆଗକୁ ପାରଳା ମାଟିରେ ରହି ଲୋକଙ୍କ କଥା ବୁଝିବେ ନା' ଚେନ୍ନାଇ ଚାଲିଯିବେ ?

● ମୁଁ ଏବେ ପାରଳାଖେମୁଣ୍ଡିରେ ଅଛି। ମଝିରେ ମଝିରେ ଚେନ୍ନାଇ ଗଲେ ମଧ୍ୟ ଅଧିକ ସମୟ ପାରଳାଖେମୁଣ୍ଡିରେ ରହିବି।

➤ ରାଜ ପରିବାର ପ୍ରତି ଥିବା ଲୋକଙ୍କ ସମର୍ଥନ ଭୋଟରେ ପରିଣତ ହେଲା ନାହିଁ କାହିଁକି ?

● ନିର୍ବାଚନ ପୂର୍ବରୁ ଖୁବ୍ କମ୍ ସମୟ ପାଇଥିଲି। ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ପାରଳା ମାଟି ପାଇଁ ମୁଁ ନୂଆ ମଧ୍ୟ ଥିଲି। ଏପରି କି ମୋତେ ଓଡ଼ିଆ ଜଣାନାହିଁ ବୋଲି ମିଥ୍ୟା ପ୍ରଚାର ଚାଲିଲା। ଦଳୀୟ ଭୋଟ ଭାଗ ହୋଇଯିବା ମଧ୍ୟ ମୋ ପରାଜୟର ବଡ଼ କାରଣ।

➤ ଆଗକୁ ସକ୍ରିୟ ରାଜନୀତିରେ ରହିବେ ନା' ଆଉ କିଛି ଚିନ୍ତା କରିଛନ୍ତି ?

● ବର୍ତ୍ତମାନ ରାଜନୀତିରେ ଅଛି ଏବଂ ବିଜେଡିରେ ରହିଛି। ହେଲେ ଆଗାମୀ ନିର୍ବାଚନ ରାଜନୀତି କଥା କହିହେବ ନାହିଁ। ସେତେବେଳର ପରିସ୍ଥିତି କ'ଣ ଥିବ, ତାହା ଏବେଠାରୁ କହିବା ସମ୍ଭବ ନୁହେଁ।

➤ ରାଜ ପରିବାର ବିବାଦ ଓ ରାଜା ଅମଳର ଜଗନ୍ନାଥ ମନ୍ଦିର ପୁନଃନିର୍ମାଣ ବିଷୟରେ କ'ଣ କହିବେ ?

● ଏବେକା ପରିସ୍ଥିତିରେ ସେ ବିଷୟରେ ତଥ୍ୟ ରଖିବା ଉଚିତ ହେବନାହିଁ।

**– ରିପୋର୍ଟ: ରଶ୍ମିରଞ୍ଜନ ମିଶ୍ର**

# ମା'ଙ୍କ ତାଗିଦ୍‌ରେ ଅଭିମାନ କରି ଝିଅର ଆତ୍ମହତ୍ୟା

**ସମ୍ବଲପୁର, ୧୨।୧(ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଭବାନୀ ଫିଲ୍ଡରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଦଶମ ଶ୍ରେଣୀ ଛାତ୍ରୀ ଖେଳୁଥିବା ସମୟରେ ତାଙ୍କ ମା' ତାଗିଦ କରି ପାଠ ପଢ଼ିବାକୁ କହିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏହି ଛାତ୍ରୀ ଜଣକ ହେଲେ ଦିପ୍‌ସା ପଟ୍ଟନାୟକ। ସେ ବାଥ୍‌ରୁମ ଭିତରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ତେବେ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ସକାଳେ ଦିପ୍‌ସା ଖେଳୁଥିଲେ। ଏହି ସମୟରେ ତାଙ୍କ ମାଆ ପହଞ୍ଚି ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ତାଗିଦ୍ କରିଥିଲେ। ଏହାକୁ ନେଇ ଦିପ୍‌ସା ଅଭିମାନ କରିଥିଲେ। ହେଲେ ଗାଧୋଇବାକୁ ଯାଇଥିବାବେଳେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିଲେ।

SRI BALAJI VIDYAPEETH
ACCREDITED BY NAAC WITH 'A' GRADE
DEEMED UNIVERSITY
DECLARED U/S 3 OF THE UGC ACT, 1956
SBV Campus, Pillaiyarkuppam, Pondicherry - 607402.
www.sbvu.ac.in: Phone: 0413-2611807 & 2611805.
ANNOUNCEMENT OF
Ph.D. PROGRAMME FOR 2020
Applications are invited from eligible and desirous candidates seeking admissions to the Ph.D. programmes (Part Time & Full Time) for 2020, offered by Sri Balaji Vidyapeeth. For application form, details of eligible Ph.D. guides of SBV and the Full Time M.V.K. Iyer Memorial Ph.D Fellowship and any other information visit our website, www.sbvu.ac.in . The Last date for submission of the filled in application forms is 24th January 2020.
REGISTRAR

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପୂର୍ଣ୍ଣଚନ୍ଦ୍ର ନାୟକ




ଲକ୍ଷ୍ମୀହୀରା ପାଣିଗ୍ରାହୀ




ସୁନିଲ ସାହୁ



ସୀମ୍ରନ ଦିଗଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ନୀଳାଚଳ ଇସ୍ପାତରୁ ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ

# ପୁଞ୍ଜି ଲଗାଇ ପୁନରୁଦ୍ଧାର କରାଯାଇପାରନ୍ତା: ଶ୍ରୀକାନ୍ତ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**



କେନ୍ଦ୍ର କ୍ୟାବିନେଟ୍ ନିକଟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ରୁ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଅଂଶଧନରୁ ପୁଞ୍ଜି ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଛି। କେନ୍ଦ୍ରର ଏହି ପଦକ୍ଷେପକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ରବିବାର ସମାଲୋଚନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ସରକାର ଚାହିଁଥିଲେ ପୁଞ୍ଜି ଲଗାଇ ଏହି ଉଦ୍ୟୋଗର ପୁନରୁଦ୍ଧାର କରିପାରିଥାନ୍ତେ। ହେଲେ କେନ୍ଦ୍ର ପୁଞ୍ଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛି। ଏହା ଅପରାଗତାର ପ୍ରମାଣ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ପୁଞ୍ଜି ପ୍ରତ୍ୟାହାର ବାହାନାରେ କେନ୍ଦ୍ର ସରକାର ଏହାକୁ ପରୋକ୍ଷରେ ବିକି ଦେବା ପାଇଁ ବାଟ ପ୍ରଶସ୍ତ କରିଛନ୍ତି। ଦୁଃଖର ବିଷୟ ରାଜ୍ୟ ସରକାର କେନ୍ଦ୍ରର ଏହି ନିଷ୍ପତ୍ତିକୁ ମୁଣ୍ଡପାତି ସହି ନେଇଛନ୍ତି। ପ୍ରତିବାଦ କରିବା ପରିବର୍ତ୍ତେ ସରକାର ରାଜ୍ୟ ବିରୋଧରେ ଚାଲିଥିବା ଷଡ଼ଯନ୍ତ୍ରରେ ଭାଗୀଦାର ହୋଇଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ନୀଳାଚଳ ଇସ୍ପାତର ଉତ୍ପାଦନ କ୍ଷମତା ବାର୍ଷିକ ୧.୧ ନିୟୁତ ଟନ୍ ରହିଛି। ଏହାକୁ ୧୦ନିୟୁତକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉଛି। ଦକ୍ଷତା ବୃଦ୍ଧି ପାଇଁ ପୁଞ୍ଜି ପ୍ରତ୍ୟାହାର ଏକମାତ୍ର ମାଧ୍ୟମ ନୁହେଁ। ସରକାର ଚାହିଁଥିଲେ ଆର୍ଥିକ ସହାୟତା ନେଇ ଏହି ସଂସ୍ଥାର ପୁନରୁଦ୍ଧାର କରିପାରିଥାନ୍ତେ। ୧୯୯୬ ମସିହାରେ ସେ କେନ୍ଦ୍ର କ୍ୟାବିନେଟ୍‌ରେ ମନ୍ତ୍ରୀ ଥିବା ସମୟରେ ୧୨୦କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିଲେ। ଫଳସ୍ୱରୂପ ଏହାର ଉତ୍ପାଦନ ବୃଦ୍ଧି ଘଟିଥିଲା। ନରେନ୍ଦ୍ର ମୋଦିଙ୍କ ସରକାର ଶାସନକୁ ଆସିବା ପରଠୁ ଉଦ୍ଦେଶ୍ୟମୂଳକ ଭାବେ ଏହି ସଂସ୍ଥାକୁ ରୁଗ୍‌ଣ ଦର୍ଶାଇ ବିକିଦେବା ପାଇଁ ମସୁଧା ଆରମ୍ଭ ହୋଇଯାଇଥିଲା। ୨୦୧୩ ମସିହାରେ ଏନ୍‌ଆଇଏନ୍‌ଏଲ୍‌କୁ ସୁନ୍ଦରଗଡ଼ର କେପ୍‌ଟିଭ୍ ମାଇନ୍ସ ମିଳିଥିଲା। ୬ବର୍ଷରୁ ଅଧିକ ସମୟ ବିତିଗଲାଣି, ହେଲେ କେନ୍ଦ୍ର ସରକାର ଏହି ଖଣିକୁ ପରିବେଶ ମଞ୍ଜୁରୀ ଦେଉନାହାନ୍ତି। ଫଳରେ ବଜାର ଦରଠାରୁ ଅଧିକ ଦରରେ ଲୁହାପଥର କିଣୁଛି। ତଥାପି ଏନ୍‌ଆଇଏନ୍‌ଏଲ୍ ଲାଭ କରୁଛି। ଗତ ବର୍ଷ ୨୧୦୦ କୋଟି ଟଙ୍କାର ବ୍ୟବସାୟ କରିଛି। କୌଣସି ଗୋଟିଏ ବର୍ଷ କୌଣସି ଏକ ଶିଳ୍ପ ସଂସ୍ଥା ଯଦି କ୍ଷତି କରୁଛି, ତେବେ ତାକୁ ବନ୍ଦ କରିଦେବା ବିକଳ୍ପ ନୁହେଁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିଭଳି ରାଜ୍ୟ ସରକାର ୩୯ ପ୍ରତିଶତ ଅଂଶଧନର ପୁଞ୍ଜି ପ୍ରତ୍ୟାହାର ପାଇଁ ରାଜି ହୋଇଛନ୍ତି। ହେଲେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବ୍ୟାଙ୍କ୍‌ରେ ୨ ହଜାର କୋଟି ଟଙ୍କା ରହିଛି। କେବଳ ରାଜ୍ୟ ସରକାର ଚାହିଁଥିଲେ ମଧ୍ୟ ଏନ୍‌ଆଇଏନ୍‌ଏଲ୍‌ର ପୁନରୁଦ୍ଧାର କରିପାରିଥାନ୍ତେ।





ସମାଜବାଦୀ ପାର୍ଟିର ସ୍ଥାନୀୟ ନେତା ବିଜଲି ଯାଦବ ମର୍ନିଂ ୱାକ୍‌ରୁ ଫେରୁଥିବାବେଳେ ତାଙ୍କୁ ଉତ୍ତରପ୍ରଦେଶର ମଉ ଜିଲା ଅନ୍ତର୍ଗତ ଶେଖୱାଲିଆ ଗ୍ରାମରେ ଗୁଳିକରି ରବିବାର ହତ୍ୟା କରାଯାଇଛି। ପୋଲିସ ସେଠାରେ ପହଞ୍ଚି ଯାଦବଙ୍କ ରକ୍ତଭିଜା ମରଶରୀରକୁ ଉଦ୍ଧାର କରିଛି। ଏନେଇ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇ ନ ଥିବା ଜଣାପଡ଼ିଛି। ପୋଲିସ ୨ଟି ଟିମ୍ ଗଠନ କରି ତନାଘନା ଚଳାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଶ୍ରୀମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ସେରକ କୁକୁରକୁ ଦେଇ
ଧାନ ସେରକ ପାଇଁ ପରହାତ ଧରିବା।**

ନିର୍ବୁଦ୍ଧିଆ। ବହୁତ ଦେଇ ଅଳ୍ପ ଆଶା କରିବା, ଭଲ ଜିନିଷ ଦେଇ ଖରାପ ଜିନିଷ ପାଇଁ ପଛରେ ଗୋଡ଼େଇବା। ବୃଥା ବିନିର୍ବ୍ୟୟ କରି ପରଦ୍ୱାରସ୍ଥ ହେବା ବୁଦ୍ଧିହୀନତାର ପରିଚୟ ହୋଇଥିବାସ୍ଥଳେ ନିଜର ସମ୍ପଦ ଅନ୍ୟମାନେ ଉପଭୋଗ କଲାବେଳେ ନିଜେ ଅନ୍ୟ ପାଖରେ ସାମାନ୍ୟ ଜିନିଷ ପାଇଁ ହାତ ପତେଇବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଟୁ ଆଇଁଷ,
ବେଣ୍ଟ ନିରାମିଷ।**

ଆମିଷ ରାନ୍ଧିବା ବେଳେ ବା ପରଷିବା ବେଳେ ଚଟୁ ଆଇଁଷ ଓ ହାତରେ ଥିବା ବେଣ୍ଟ ନିରାମିଷ ହେବା କାନକୁ ବିଶ୍ୱାସ ହୋଇ ନ ଥାଏ। ପରସ୍ପର ବିରୋଧଭାବ। ବସ୍ତୁର ଏକ ଅଂଶ ଦୋଷମୁକ୍ତି ସ୍ଥଳେ ଅନ୍ୟ ଅଂଶ ଦୋଷଯୁକ୍ତ ହେବା ଅସମ୍ଭବ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶ୍ରୀମନ୍ଦିର ଭିତର ଫଟୋ, ଭିଡିଓ ଭାଇରାଲ

**ପୁରୀ ଅଫିସ, ୧୨।୧**

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ। ବିଭିନ୍ନ ସମୟରେ ଭକ୍ତମାନେ ମନ୍ଦିର ଭିତରେ ସେଲ୍‌ଫି ନେଇ ଓ ଫଟୋ ଉଠାଇ ଏହାକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି। ରବିବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ। ଏଥିରେ ବାନା ବନ୍ଧାଯିବାର ଫଟୋ ଓ ଭିଡିଓ ରହିଛି। ଦୁଇମାସ ମଧ୍ୟରେ ଏଭଳି ତୃତୀୟ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ବିଗତ କିଛିବର୍ଷ ହେଲା ଏନ୍‌ଏସ୍‌ଜି ମଧ୍ୟ ଆସି ମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଏଥିପାଇଁ ଡାକବାଜି ଯନ୍ତ୍ର ଯୋଗେ ଭକ୍ତଙ୍କୁ ସଚେତନ କରାଯିବା ସହ ଚାରିଦ୍ୱାରରେ ସୂଚନାଫଳକ ଲଗାଯାଇଛି। ପ୍ରବେଶ ପଥରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରି ଭକ୍ତଙ୍କୁ ଭିତରକୁ ଛାଡୁଛି। ଏହାସତ୍ତ୍ୱେ ଭିତରକୁ ମୋବାଇଲ ଯାଉଛି କିପରି ତାହାକୁ ନେଇ ଉଠିଛି ପ୍ରଶ୍ନବାଚୀ। ରବିବାର ଯେଉଁ ଭିଡିଓ ଓ ଫଟୋ ଭାଇରାଲ ହୋଇଛି ତାହା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇ ଦେଇଛି। ଉତ୍ତରପ୍ରଦେଶ ବାରବାଙ୍କୀ ଅଞ୍ଚଳର ନିଧି ଶୁକ୍ଲା ନାମ୍ନୀ ଜଣେ ଯୁବତୀଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତରୁ ବାନା ବନ୍ଧାଯିବାର ଭିଡିଓ ଓ ଫଟୋ ଅପ୍‌ଲୋଡ ହୋଇଛି।

ଏଠାରେ ପ୍ରଶ୍ନ ଉଠୁଛି ମନ୍ଦିର ଭିତରକୁ ସେ ମୋବାଇଲ ଫୋନ ନେଲେ କିପରି? ଶ୍ରୀମନ୍ଦିରର ଚାରିଦ୍ୱାରରେ

### ରହିଛି ବାନା ବନ୍ଧାର ଦୃଶ୍ୟ

ମାଳ ମାଳ ପୋଲିସ ଥାଇ ମଧ୍ୟ କିପରି ଜାଣିପାରୁନାହାନ୍ତି? ଏମିତି ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ରେଣ୍ଟି ସାହୁ କହିଛନ୍ତି, ଆମ ନଜରକୁ ଏହା ଆସିନାହିଁ। ଶ୍ରୀମନ୍ଦିର ପ୍ରଶାସନ ଯଦି ଏ ସମ୍ପର୍କରେ ଅବଗତ କରାନ୍ତି ନଚେତ ପୋଲିସ ମଧ୍ୟ ନିଜ ଆଡୁ ପଦକ୍ଷେପ ନେବ ବୋଲି କହିଛନ୍ତି।

ସୂଚନାଥାଉ କି, ଗତବର୍ଷ ଡିସେମ୍ବର ୨୧ରେ ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା। ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋମ୍ ମୋଡାକଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏହା ଅପ୍‌ଲୋଡ ହୋଇଥିଲା। ସେହିପରି ଗତବର୍ଷ ନଭେମ୍ବରରେ ଜଣେ ନାବାଳିକା ଶ୍ରୀମନ୍ଦିର ଭିତରେ ଟିକ୍‌ଟିକ୍ ଭିଡିଓ ଶୁଟିଂ କରି ଏହାକୁ ଭାଇରାଲ କରିଥିଲେ।

# ଶ୍ରୀନଅରରେ ଗଜପତିଙ୍କ ପୁଷ୍ୟାଭିଷେକ

**ପୁରୀ ଅଫିସ, ୧୨।୧**



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ କରାଯାଉଛି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ରବିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟିପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ, ସୁଧାଂଶୁ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥିଲେ। ବିଜେ, କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ, ବ୍ରାହ୍ମଣ, ବୈଷ୍ଣବଙ୍କୁ ମହାପ୍ରସାଦ ସେବାରେ ଆପ୍ୟାୟିତ କରାଯାଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଏହାପରେ ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳ ଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥାନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି।

ପ୍ରଥମ ପୃଷ୍ଠାରୁ...

## ଡେପୁଟେଶନରୁ...

ସମୟ ପାଇଁ ପଦବୀ ଖାଲି ରହିବାର ପ୍ରମୁଖ କାରଣ ହେଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷରେ ଉଷା ପାଢ଼ୀ ଜୁଲାଇ, ୨୦୨୦ରେ ଓଡ଼ିଶା ଫେରିବେ ବୋଲି ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ୨୦୦୩ ବ୍ୟାଚ୍‌ର ଅଶ୍ୱାଥି ଏସ୍ ଏବଂ ୧୯୮୮ ବ୍ୟାଚ୍‌ର ପରାଗ ଗୁପ୍ତା ଚଳିତ ବର୍ଷ ରାଜ୍ୟକୁ ଫେରିପାରନ୍ତି ବୋଲି ଆଶା କରାଯାଉଛି। ଅନୁରୂପ ଭାବେ ଆନ୍ତଃ ରାଜ୍ୟ ଡେପୁଟେଶନରେ ଥିବା ୨୦୦୦ ବ୍ୟାଚ୍‌ର ମନୀଷ କୁମାର ବର୍ମା ଏବଂ ୨୦୦୯ ବ୍ୟାଚ୍‌ର ଗୌରୀ ପରାସର ଯୋଶୀ ଆସନ୍ତା ଏପ୍ରିଲରେ ଓଡ଼ିଶା ଫେରିପାରନ୍ତି ବୋଲି ଜଣାପଡ଼ିଛି। ୧୯୮୭ ବ୍ୟାଚ୍‌ର ନିକୁଞ୍ଜ କିଶୋର ସୁନ୍ଦରାୟ, ୨୦୦୧ ବ୍ୟାଚ୍‌ର ସନ୍ଥନ୍ ଗୋପାଲନ୍ ଆର୍ ୭ ଅକ୍ଟୋବର ୨୦୨୨ରେ ରାଜ୍ୟକୁ ଫେରିବେ। ଅନ୍ୟମାନଙ୍କ ମଧ୍ୟରେ ୧୯୯୦ ବ୍ୟାଚ୍‌ର ମନୋଜ ଆହୁଜା ଏବଂ ଆରତି ଆହୁଜା ଯଥାକ୍ରମେ ୨ ନଭେମ୍ବର ୨୦୨୨, ୧୬ ଜୁଲାଇ ୨୦୨୨ରେ ରାଜ୍ୟକୁ ଫେରିବେ। ୧୯୯୧ ବ୍ୟାଚ୍‌ର ସଞ୍ଜୟ ରସ୍ତୋଗୀ ୨୯ ନଭେମ୍ବର ୨୦୨୨ରେ ରାଜ୍ୟକୁ କେନ୍ଦ୍ରୀୟ ଡେପୁଟେଶନରୁ ଫେରିବେ ବୋଲି ଆଶା କରାଯାଉଛି। ହେଲେ ଅଧିକାରୀମାନେ ପ୍ରାଥମିକ ଭାବେ ୫ ବର୍ଷ ଡେପୁଟେଶନ ପରେ ୨ ଅତିରିକ୍ତ ବର୍ଷରେ ରହିବାକୁ ପସନ୍ଦ କରୁଛନ୍ତି। ଏହାପରେ ମଧ୍ୟ ଡେପୁଟେଶନ ଅବଧି ବୃଦ୍ଧିର ସୁଯୋଗ ରହୁଥିବାରୁ ଡେପୁଟେଶନରୁ ଫେରୁ ନ ଥିବା ଜନୈକ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ମତ ରଖିଛନ୍ତି। ଏହି ପ୍ରସଙ୍ଗ ଉପରେ ମତ ରଖି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି ଯେ, ଅଧିକାଂଶ ଅଫିସର କେନ୍ଦ୍ରୀୟ ପଦବୀରେ ରହିବାକୁ ପସନ୍ଦ କରୁଛନ୍ତି। ରାଜ୍ୟକୁ ଫେରିବା ପାଇଁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନେ ନ ଫେରିବା ଦ୍ୱାରା କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରହିବାକୁ ପଡୁଛି। ଅପରପକ୍ଷରେ ଜାତୀୟସ୍ତରର କାର୍ଯ୍ୟଦକ୍ଷତା ଏବଂ ଅଧିକ ଅଭିଜ୍ଞତା ପାଇଁ ଡେପୁଟେଶନର ମଧ୍ୟ ଆବଶ୍ୟକତା ରହିଥିବା ସହଦେବ କହିଛନ୍ତି।

## ଲେଉଟିଲା...

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତୁଷାରପାତ ହୋଇଛି। ସେହିପରି ସୁନ୍ଦରଗଡ଼ ଜିଲାର ବଣାଇ ଅଞ୍ଚଳରେ ମଧ୍ୟ ତୁଷାରପାତ ହୋଇଥିଲା। ବିଭିନ୍ନ ସହରରେ ତାପମାତ୍ରା କମ୍ ସାଙ୍ଗକୁ ଘନ କୁହୁଡ଼ିର ମାତ୍ରା ଏତେ ଅଧିକ ରହିଥିଲା ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା। ସକାଳ ୧୦ଟା ପର୍ଯ୍ୟନ୍ତ ଲୋକେ ବାହାରକୁ ଆସିବା ପାଇଁ ଡରିଥିଲେ। କୁହୁଡ଼ି ଯୋଗୁ ୧୦ ମିଟର ପର୍ଯ୍ୟନ୍ତ କିଛି ଦେଖାଯାଉ ନ ଥିଲା। ଏଥିଯୋଗୁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିବାବେଳେ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଏସବୁ ଅଞ୍ଚଳର ବହୁ ଲୋକେ କାମଧନ୍ଦା କରିପାରି ନ ଥିବା ଦେଖିବାକୁ ମିଳିଥିଲା।

## ଏୟାରବେସ୍...

ଏହା ପରେ ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ଇରାନର ସୁପ୍ରିମ ଲିଡର ଆୟାତୋଲା ଖୋମିନି ଧମକ ଦେଇଥିଲେ। ୮ ତାରିଖରେ ଇରାକର ଦୁଇଟି ବାୟୁସେନା ଘାଟିକୁ ଟାର୍ଗେଟ କରି ଇରାନ ରକେଟ ମାଡ଼ କରିଥିଲା। ଏହାର କିଛି ଘଣ୍ଟା ପରେ ଇରାନ ଭୁଲ୍‌ବଶତଃ ୟୁକ୍ରେନର ଏକ ଯାତ୍ରୀବାହୀ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୧୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣରେ କୌଣସି ଜଣେ ହେଲେ ଆମେରିକୀୟ ସୈନ୍ୟ ମୃତାହତ ହୋଇ ନ ଥିବା ଦୃଢ଼ୋକ୍ତି ବାଢ଼ିବା ସହ ଇରାନ ଉପରେ ଅତିରିକ୍ତ କଟକଣା ଲଗାଇଥିଲେ। ଦୁଇଦେଶ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାରୁ ଅଧିକାଂଶ ଆମେରିକା ସୈନ୍ୟ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଏୟାରବେସ୍ ଛାଡ଼ି ଚାଲିଯାଇଥିଲେ। ସେଠାରେ ଆମେରିକାର ମାତ୍ର ଗୋଟିଏ ବିମାନ ଓ ୧୫ ସୈନ୍ୟ ଥିଲେ। ଆମେରିକା-ଇରାନ ମୁହାଁମୁହିଁ ହେବା ଫଳରେ ଇରାକ କ୍ଷତିଗ୍ରସ୍ତ ହେଉଛି। ଏଥିଯୋଗୁ ଇରାକ ପ୍ରଧାନମନ୍ତ୍ରୀ ଆଦିଲ ଅବଦୁଲ-ମହଦି ଆମେରିକା ପରରାଷ୍ଟ୍ର ସଚିବ ମାଇକ ପମ୍ପିଓଙ୍କୁ ସେନା ପ୍ରତ୍ୟାହାର ପାଇଁ କହିଛନ୍ତି। ତେବେ ଇରାକ ଭୂଖଣ୍ଡରେ ଆମେରିକା ସୈନ୍ୟଙ୍କ ଉପସ୍ଥିତି ଜରୁରୀ ଦର୍ଶାଇ ସୁରକ୍ଷାବଳ ପ୍ରତ୍ୟାହାର କରିବା ପାଇଁ ରୋକ୍‌ଠୋକ ମନା କରିଦେଇଛି ୱାଶିଂଟନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ନିଜ ଗୃହରେ ଅବସ୍ଥାନ କରି ପାରିବାରିକ ସୁସମ୍ପର୍କ ମଧ୍ୟରେ ସୁଖ, ସମୃଦ୍ଧି ପ୍ରଦାନ କରିବେ। ଯାହା ପାଇବା ପାଇଁ ଚିନ୍ତା କରୁଛନ୍ତି ତାହା ପାଇବେ କିନ୍ତୁ ସାମାନ୍ୟ ଝିନ୍‌ଝଟ୍ ମଧ୍ୟରେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସୁଫଳ ମିଳିବ।

**ବୃଷ** ଥଣ୍ଡାଜନିତ ସ୍ୱାସ୍ଥ୍ୟହାନି, ଅର୍ଥସଂକଟ, ବାଣିଜ୍ୟ, ବ୍ୟବସାୟରେ ଝଗଡ଼ାଜନିତ ଦୁଶ୍ଚିନ୍ତା ଦେଖାଦେବ। ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଚେଷ୍ଟା କଲେ ନିରାଶ ହେବାକୁ ପଡ଼ିବ ନାହିଁ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ଦୁଃସ୍ଥିତି ସୁଧୁରି ଯିବା ସହ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। ଦୀର୍ଘ ଦିନରୁ କଥାବାର୍ତ୍ତା କରୁ ନ ଥିବା ବନ୍ଧୁଟି ନିକଟତର ହେବାର ଉପକ୍ରମ କରିପାରେ। ଆଜିର ପ୍ରାତଃଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ।

**କର୍କଟ** ଚନ୍ଦ୍ରଙ୍କ ଶୁଭତ୍ୱରୁ ନୂତନ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆଜି ଦିନଟିର ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ପରିବାର ସଦସ୍ୟଙ୍କ ଆନ୍ତରିକତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାପୂରଣ ଓ ଯାତ୍ରାରେ ସଫଳତା ପାଇପାରିବେ। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ରହିଛି।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ସହ ସଂଘର୍ଷ କରି ଲକ୍ଷ୍ୟ ହାସଲ କରିବେ ମାତ୍ର ମାନସିକ ସୁସ୍ଥତା ପାଇ ପାରିବେ ନାହିଁ। ପରୋକ୍ଷ ଶତ୍ରୁତା କରୁଥିବା ନିଜର ଆତ୍ମୀୟ ଓ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ମଧ୍ୟ ଭଲ ରହି ନ ପାରେ। ଗୁରୁଜନମାନଙ୍କ ପ୍ରେରଣାରେ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଲେ ମଧ୍ୟ ପାରିବାରିକ ସହଯୋଗ ମନକୁ ହାଲୁକା ରଖିବାରେ ସହାୟକ ହେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସ୍ୱାର୍ଥସାଧନ ଆଶାନେଇ ସହଯୋଗର ହାତ ବଢ଼ାଇପାରନ୍ତି। ସହକର୍ମୀଙ୍କ କଥାରେ ପଡ଼ି ପ୍ରଶାସନିକ ସ୍ତରରେ ସମସ୍ୟାଗ୍ରସ୍ତ ହୋଇପାରନ୍ତି।

**ତୁଳା** ଅର୍ଥ ସମ୍ପର୍କୀୟ ଆଲୋଚନାକୁ କେନ୍ଦ୍ରକରି ପରିବାର ମୁଖ୍ୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା, ଅର୍ଥସମ୍ପର୍କୀୟ ଆଲୋଚନା, ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ବିବାଦୀୟ ସ୍ଥିତି ଲାଗି ରହିବ।

**ବିଛା** ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ ଏବଂ କର୍ମକ୍ଷେତ୍ରରୁ ଅର୍ଥ ଓ ସାମାଜିକ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମଟି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମ୍ପନ୍ନ ହୋଇପାରିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ସାମୟିକ ବିରୋଧ, କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ଆନୁଷ୍ଠାନିକ କାମ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ବିବାଦୀୟ ପରିସ୍ଥିତି ବଦଳି ଯାଇଥିବା କାରଣରୁ ଏକପ୍ରକାର ସୁସ୍ଥ ମାନସିକତା ଅନୁଭବ କରିବେ। କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର ସୁଯୋଗ ମିଳିବ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଗୃହସୀମାକୁ କେନ୍ଦ୍ରକରି ନିର୍ମାଣକୁ ନେଇ ଝଗଡ଼ା ଲାଗିପାରେ।

**ମକର** ଭଲ ସମ୍ପର୍କ ରହିଥିବା ପରିଚିତ ବ୍ୟକ୍ତି ଙ୍କ ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟିକୁ ସାମାନ୍ୟ ଝିନଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ଅନ୍ୟମାନଙ୍କ ସହଯୋଗ ନେଇ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ସକାଳୁ ସକାଳୁ ଅନୁଷ୍ଠାନିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପାଖ ପଡ଼ୋଶୀଙ୍କ ସାହାଯ୍ୟରୁ ଉପକୃତ ହେବେ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ନିଜ ପରିବାର ଲୋକଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆଦାୟ ଅପେକ୍ଷା ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଚିନ୍ତାପ୍ରକଟ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାର ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ପରିଜନଙ୍କ ସାହାଯ୍ୟ ନେଇ ବ୍ୟବସାୟ, ବାଣିଜ୍ୟ, ଜନକଲ୍ୟାଣକର କର୍ମରୁ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୩ ତାରିଖ, ମାଘ କୃଷ୍ଣ ତୃତୀୟା ସୋମବାର, ରାଶି ନକ୍ଷତ୍ର-ଦିବା ଘ.୧୦।୨୬ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୪ମି. ମଧ୍ୟେ ଘ.୧୦।୫୧ମି. ଗତେ, ଘ.୦୧।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୯।୧୫ମି. ଗତେ ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୭।୫୦ ଗତେ ଘ.୦୯।୧୨ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300. D-68467

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68471

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 12ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9439542019. D-16147

ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056. D-68470

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68538

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68749

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469



Hall area 30x70x14 install and run cold storage by own investment. 8917525377. D-16128

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68750

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Full body herbal massage with refreshment expert therapist. 7381239385, 06742540855. D-68955

Ayurvedic full body massage ladies/gents smart experts therapist:- 8480939300. D-68753

Experience full body massage with us (expert). Call: 7377048581, 06742597822. D-68956

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Sai herbal spa refresh your body with smart, expert therapist. 7608062524. D-68954

**AFFIDAVIT**

Affidavit before Executive Magistrate, Kamakhyanagar, on 06.09.2019, my surname has changed from Sethi to Sethy and date of birth changed from 24.04.1960 to 24.04.1962. Which wrongly mentioned Pranabandhu Sethi, S/o. Gurudeb Sethi and date of birth is 24.04.1960 in my service record and A.G office record. Henceforth I shall be known as Pranabandhu Sethy, S/o. Gurudeb Sethy, Vill/PO.-Kantapal, PS-Tumusinga, Dist-Dhenkanal and date of birth is 24.04.1962 for all purposes. D-66843

## କୃତିତ୍ୱ



ଶୁଭଙ୍କର



ଶାଶ୍ୱତୀ



ସୁରଜ

ପୁରୀ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବର୍ତ୍ତମାନର ସପ୍ତମ ଶ୍ରେଣୀର ତିନିଜଣ ଛାତ୍ରଛାତ୍ରୀ ଶୁଭଙ୍କର ବେହେରା, ଶାଶ୍ୱତୀ ନାୟକ ଏବଂ ସୁରଜ କୁମାର ସାହୁ ଶିକ୍ଷାବର୍ଷ ୨୦୧୮-୧୯ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ ଷଷ୍ଠଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ପୁରୀ ମ୍ୟୁନିସିପାଲିଟିରେ ଯଥାକ୍ରମେ ୫ମ ସ୍ଥାନ, ୬ଷ୍ଠ ସ୍ଥାନ ଏବଂ ୮ମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ ଶିଶୁଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ଧ-୬୯୦୦୬

## ଦଶମ ଜନ୍ମଦିନ ଶୁଭେଚ୍ଛା



**ଶ୍ରୀମାନ୍ ଆୟୁଷ ରଞ୍ଜନ ସାହୁ**

କତରାପାଲି, ନାକଟିଦେଉଳ, ଜିଲ୍ଲା: ସମ୍ବଲପୁର

ସ୍ୱାମୀ ନିଖିଳେଶ୍ୱର ନନ୍ଦ ମହାରାଜାଙ୍କ ଆଶୀର୍ବାଦରୁ ତୋର ଚଲାପଥ କୁସୁମିତ ହେଉ। ଏହା ଜଗତରନାଥ ଶ୍ରୀଜଗନ୍ନାଥଙ୍କଠାରେ ଆମର ବିନୀତ ପ୍ରାର୍ଥନା।

**ଶୁଭେଚ୍ଛା ସହ:**

ତୋର ବାପା, ମାଆ, ଅଜା, ଆଈ, କକା, କାକୀ, ସାନଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ। ଧ-୧୬୧୬୯

## ନିରୁଦ୍ଦିଷ୍ଟ



ନାମ: ଆଦ୍‌ରାସ୍ ଖରୱା, ବୟସ ୫, ପିତା: ଅରୁନ୍ ଖରୱା, ମାଷ୍ଟରକାଣ୍ଟିନ୍, ଭୁବନେଶ୍ୱର, ଗତ ୩୧।୧୨।୨୦୧୯, ୮ ଘଟିକା ସମୟରେ କେଉଁଆଡ଼େ ହଜିଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଖାରବେଳନଗର ଥାନାରେ, 6287367535ରେ ଜଣାଇବା ପାଇଁ ଅନୁରୋଧ। ଧ-୧୬୧୬୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଗଞ୍ଜାମ ଜିଲା ଗୋପାଳପୁର ଥାନା ଆମ୍ଭପୁଆସ୍ଥିତ କାଳୀ ମନ୍ଦିରରେ ଶନିବାର ରାତିରେ କଳାକନା ବୁଲାଇଛନ୍ତି ଲୁଟେରା। ଲୁଟେରାମାନେ ମନ୍ଦିର କବାଟ ତାଲା ଭାଙ୍ଗି ଭିତରେ ପଶି ମା' କାଳୀଙ୍କ ଦୁଇଟି ରୁପା କିରୀଟ, ଦୁଇଟି ସୁନା ଆଖି, ସୁନା ଜିଭ ସହ ହୁଣ୍ଡିରେ ଥିବା ଟଙ୍କା ପଇସା ନେଇଯାଇଛନ୍ତି। ନଂ.୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ସ୍ୱଚ୍ଛତା ପାଇଁ ଗଠନଧର୍ମୀ ପ୍ରସ୍ତାବ ଦେଲେ କର୍ମଚାରୀ

**ପଦୋନ୍ନତି ପ୍ରସଙ୍ଗ**

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ସୁଧାର ଆଣିବା ପାଇଁ ସରକାର ଗତ ୧୦ ତାରିଖରେ ଏକ ସଂକଳ୍ପ ପତ୍ର ଜାରି କରିଛନ୍ତି। ଏଥିରେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ପଦୋନ୍ନତି ଦେବା ପାଇଁ ଚୟନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଏକ ବର୍ଷର ପଦୋନ୍ନତି ପାଇଁ ପୂର୍ବବର୍ଷର ଡିସେମ୍ବର ଶେଷପକ୍ଷରେ ଚୟନ ପ୍ରକ୍ରିୟା ସମାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଫଳରେ ଯୋଗ୍ୟ କର୍ମଚାରୀ ପଦୋନ୍ନତି ପାଇବେ। ସରକାରଙ୍କ ଏହି ନିଷ୍ପତ୍ତିକୁ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି।

ପଦୋନ୍ନତି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ ଚଳିତ ମାସ ଶେଷ ସପ୍ତାହରୁ ପଦୋନ୍ନତି ଅଦାଲତ ମାଧ୍ୟମରେ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି କରିବେ। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପ୍ରକାଶିତ ନିୟମ ଅନୁସାରେ, ବର୍ଷର ଅର୍ଥ ଜାନୁୟାରୀରୁ ଡିସେମ୍ବର ବୋଲି ଧରାଯାଏ। ଏହି ସମୟ ମଧ୍ୟରେ ଖାଲି ପଦବୀର ମଧ୍ୟ ଆକଳନ କରାଯିବା କଥା। ଜାନୁୟାରୀ ମାସରେ ହିଁ ଚୟନ କମିଟି ବସିବ ବୋଲି ଧାର୍ଯ୍ୟ କରାଯାଇଛି। ଉକ୍ତ କମିଟିର ତାଲିକା ଅବଧି ଜାନୁୟାରୀରୁ ଡିସେମ୍ବର ରହିଛି। ଅପରପକ୍ଷରେ ପଦୋନ୍ନତି କମିଟି ଅତୀତରେ ଧାର୍ଯ୍ୟ ସମୟରେ ପ୍ରାୟତଃ ବସେନାହିଁ। ବିଳମ୍ବରେ କମିଟି ବସିଆସୁଥିବାରୁ ଚୟନରେ ମଧ୍ୟ ବିଳମ୍ବ ହୋଇଆସୁଛି। ଏହା ଦ୍ୱାରା ପଦବୀ ଖାଲି ଥାଇ ସୁଦ୍ଧା ଯୋଗ୍ୟ କର୍ମଚାରୀ ପଦୋନ୍ନତି ପାଉ ନ ଥିଲେ। ଏହା ଆର୍ଥିକ କ୍ଷତି ସହ ପରବର୍ତ୍ତୀ ପଦୋନ୍ନତି ପାଇଁ ଆବଶ୍ୟକ ସର୍ବନିମ୍ନ ଚାକିରିକାଳ କ୍ଷେତ୍ରରେ ମଧ୍ୟ କର୍ମଚାରୀମାନେ କ୍ଷତି ସହିଥାଆନ୍ତି। କେତେକ ସମୟରେ କମିଟି ଦ୍ୱାରା ପ୍ରସ୍ତୁତ ତାଲିକାକୁ ବଳବତ୍ତର ରଖାଯାଇ ପରବର୍ତ୍ତୀ ବର୍ଷର ଖାଲି ପଦବୀକୁ ମଧ୍ୟ ସେଥିରୁ ପୂରଣ କରାଯାଇଥାଏ। ଏହା ଆଇନର ବିରୁଦ୍ଧାଚରଣ କରୁଥିବା କର୍ମଚାରୀ ମତ ରଖିଛନ୍ତି, ଯାହା ପଦୋନ୍ନତି କମିଟି ବିଳମ୍ବ ବସିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି। ନୂତନ ନିୟମ କାର୍ଯ୍ୟକାରୀ ହେଲେ ଧାର୍ଯ୍ୟ ସମୟରେ ପଦୋନ୍ନତି ମିଳିବ। ହେଲେ ସଚିବାଳୟର କେତେକ ବରିଷ୍ଠ କର୍ମଚାରୀ କୁହନ୍ତି ଯେ ଧାର୍ଯ୍ୟ ସମୟରେ ଯଦି ପଦୋନ୍ନତି ନ ହୁଏ, ତେବେ କର୍ମଚାରୀଙ୍କ କ୍ଷତି କିପରି ଭରଣା ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ କରାଯାଇନାହିଁ। ନିଜ ଭୁଲ୍ ପାଇଁ ଅଧିକାରୀ ଦଣ୍ଡ ପାଇପାରନ୍ତି ହେଲେ ଏହା ଦ୍ୱାରା କର୍ମଚାରୀଙ୍କ ଲାଭ କ'ଣ ବୋଲି କେତେକେ ପ୍ରଶ୍ନ କରିଛନ୍ତି। ଏପରି କି ସରକାରୀସ୍ତରରେ ବିଳମ୍ବ ହେଲେ ଯେଉଁଦିନ ପଦୋନ୍ନତି ଅଧିସୂଚନା ପ୍ରକାଶ ପାଉନା କାହିଁକି, ପଦୋନ୍ନତି ଜାନୁୟାରୀ ପହିଲା କିମ୍ବା ପଦବୀ ଖାଲି ହେଲା ଦିନଠାରୁ ପିଛିଲା ଭାବେ ଲାଗୁ କରାଯାଉ ବୋଲି ଦାବି ଉଠିଛି। ସର୍ବଭାରତୀୟ ସେବାରେ ଏପରି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ରାଜ୍ୟ କର୍ମଚାରୀଙ୍କ କ୍ଷେତ୍ରରେ ଏହାକୁ ପ୍ରଚଳନ ପାଇଁ ଦାବି ଉଠିଛି। ଗୁପ୍ତ ଚରିତ୍ର ପଞ୍ଜିକା(ସିସିଆର୍) ନ ମିଳିବା ବା ରେକର୍ଡ ନ ହେବା କାରଣରୁ ମଧ୍ୟ କର୍ମଚାରୀମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥାନ୍ତି। ଏପରିସ୍ଥଳେ ପୂର୍ବ ବର୍ଷର ସିସିଆର୍‌କୁ ବିଚାରକୁ ନେବା ପାଇଁ ଦାବି ହୋଇଛି। ସୂଚନା ଅନୁସାରେ, ଗୃହ ବିଭାଗର ଏଏସ୍‌ଓରୁ ଏସ୍‌ଓକୁ ପଦୋନ୍ନତି ୨୦୧୮, ୨୦୧୯ ମସିହାରେ ହୋଇନାହିଁ। ଏହିପରି ଗୃହ ବିଭାଗ ଅଧୀନରେ ଥିବା ଦିଲ୍ଲୀସ୍ଥିତ ଆବାସିକ କମିଶନଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଦୀର୍ଘବର୍ଷ ହେଲା ପଦୋନ୍ନତି ପାଉନାହାନ୍ତି। ଏହି କାରଣରୁ ଇସ୍ପାତ ଓ ଖଣି ବିଭାଗ ନିର୍ଦ୍ଦେଶାଳୟର କର୍ମଚାରୀମାନେ ଦୀର୍ଘଦିନ ଧରି ପଦୋନ୍ନତି ପାଇପାରିନାହାନ୍ତି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୮୯୦୮୧୫୭୧୭୦

## ସିଲେକ୍ସନ ପଦ୍ଧତିରେ ବଛାଯିବେ ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଯୁବ ସଙ୍ଗଠନକୁ ସଜାଡିବା ଲାଗି ଦଳ ଭିତରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଦଳ ପକ୍ଷରୁ ନୂଆ ଯୁବ ସଭାପତି ଚୟନ କରାଯିବ ବୋଲି ସୂଚନା ମିଳିଛି। ପିସିସି ପକ୍ଷରୁ ଯୁବ ସଙ୍ଗଠନକୁ ସଜାଡିବାକୁ ଏକ କମିଟି ଗଠିତ ହୋଇସାରିଛି। ଉକ୍ତ କମିଟି ପକ୍ଷରୁ ରବିବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ କରାଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଦଳ ପାଇଁ କାର୍ଯ୍ୟ କରୁଥିବା ଯୁବ କର୍ମୀ ଓ ନେତାଙ୍କୁ ସାମିଲ ହେବା ପାଇଁ କୁହାଯାଇଥିଲା। ସେହି ଅନୁଯାୟୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୦ରୁ ଅଧିକ ଯୁବ ନେତା ଆସି କମିଟି ସଦସ୍ୟଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ନୂଆ ଯୁବ ସଭାପତି ଚୟନ ହେବାକୁ ଥିବାବେଳେ ଏହା ନିର୍ବାଚନ ପ୍ରକ୍ରିୟା ନା ସିଲେକ୍ସନ ପଦ୍ଧତିରେ ହେବା ଦରକାର ସେ ନେଇ ଯୁବ ନେତାମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଛି। ପରେ ଏନେଇ ଏକ ରିପୋର୍ଟ ଉକ୍ତ କମିଟି ପ୍ରସ୍ତୁତ କରିଛି। କମିଟିରେ ଆବାହକ ଥିବା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ପର୍ଯ୍ୟାୟକ୍ରମେ ବହୁ ଯୁବ ନେତାଙ୍କ ସହ ଆଲୋଚନା କରିଛୁ। ଅଧିକାଂଶ ଯୁବକଙ୍କ ମତ ସଭାପତି ଚୟନ ସିଲେକ୍ସନ ପଦ୍ଧତିରେ ହେବା ଦରକାର। ନିର୍ଦ୍ଦିଷ୍ଟ କେତେଗୁଡିଏ ପ୍ରସଙ୍ଗରେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବା ଜରୁରୀ ବୋଲି ମଧ୍ୟ କେତେଜଣ ମତ ରଖିଛନ୍ତି। ଯାହା ବି ମତାମତ ଆସିଛି ସେହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରି ପିସିସିକୁ ପଠାଇଦେବୁ। ପିସିସି ସଭାପତି ଯୁବ ସଭାପତି ଚୟନ କିପରି ହେବ ସେନେଇ ଯୁବ କଂଗ୍ରେସକର୍ମୀ ଏବଂ ନେତା କ'ଣ ଚାହୁଁଛନ୍ତି ତା'ର ରିପୋର୍ଟ ପ୍ରସ୍ତୁତ କରି ଦେବାକୁ କହିଥିଲେ। ସେହି ଅନୁସାରେ ରିପୋର୍ଟ ପ୍ରସ୍ତୁତ କରି ସୋମବାର ପିସିସିକୁ ପ୍ରଦାନ କରାଯିବ ବୋଲି ପ୍ରଦୀପ କହିଛନ୍ତି। ଏହାସହ ଭେଟିବାକୁ ଆସିଥିବା ନେତାଙ୍କ ମଧ୍ୟରୁ ଯୁବ ସଭାପତି ପଦ ପାଇଁ ୫ଜଣ ଆଗ୍ରହୀ ଥିବା ସେ କହିଛନ୍ତି।

## ସାଧାରଣ ବୀମା କମ୍ପାନୀଙ୍କୁ ମିଳିପାରେ ପୁଞ୍ଜି

**ମୁମ୍ବାଇ,୧୨।୧:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆଗାମୀ ବଜେଟରେ ସାଧାରଣ ବୀମା କମ୍ପାନୀଗୁଡିକ ଲାଗି ଦ୍ୱିତୀୟ ପର୍ଯ୍ୟାୟ ପୁଞ୍ଜି ଘୋଷଣା କରିପାରନ୍ତି। କମ୍ପାନୀଗୁଡିକର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ସରକାର ଏଭଳି ପଦକ୍ଷେପ ଘୋଷଣା କରିବା ସମ୍ଭାବନା ରହିଛି। ବଜେଟ ୨୦୧୯-୨୦ରେ ସରକାର ନ୍ୟାଶନାଲ ଇନସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ ବୀମା କମ୍ପାନୀକୁ ସରକାର ବଜେଟରେ ୨,୫୦୦ କୋଟି ଟଙ୍କାର ପୁଞ୍ଜି ପ୍ରଦାନ କରିଥିଲେ।

## ମା'ଙ୍କୁ ମୁଖାଗ୍ନି ଦେଇ ଜେଲ ଫେରିଲେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ/ପାଟଣାଗଡ଼,୧୨।୧(ଡି.ଏନ.ଏ.)

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ରବିବାର ପାଟଣାଗଡ଼ ରାମପୁର ଯାଇ ମା' ଇନ୍ଦୁମତୀ ମେହେର(୭୨)ଙ୍କୁ ମୁଖାଗ୍ନି ଦେଇ ବଲାଙ୍ଗୀର ଜିଲା କାରାଗାରକୁ ଫେରିଛନ୍ତି।

 କ୍ୟାନସର ରୋଗରେ ପୀଡିତ ମା' ଇନ୍ଦୁମତୀଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଥିଲା। ପୁଞ୍ଜିଲାଲ ବଲାଙ୍ଗୀର ଜେଲରେ ଥିବାରୁ ମୃତା ମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇପାରି ନ ଥିଲା। ତାଙ୍କ ପରିବାର ଲୋକେ ଓକିଲଙ୍କ



ମୁଖାଗ୍ନି ପରେ ପୁଞ୍ଜିଲାଲଙ୍କୁ ଶ୍ମଶାନରୁ ନିଆଯାଉଛି।

ଜରିଆରେ ପାଟଣାଗଡ଼ ଏଡିଜେ ଏବଂ ଏସ୍‌ଡିଜେଏମ୍ କୋର୍ଟରେ ପୁଞ୍ଜିଲାଲଙ୍କ ଜାମିନ ଆବେଦନ କରିଥିଲେ। ପୁଞ୍ଜିଲାଲ ଏକମାତ୍ର ପୁତ୍ର ହୋଇଥିବାରୁ ସେ ଜେଲରୁ ଆସିବା ପରେ ମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଇଥିଲେ। ଏପରିକି ଇନ୍ଦୁମତୀଙ୍କ ମରଶରୀରକୁ ଘରକୁ ନିଆ ନ ଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାର ଫ୍ରିଜରରେ ରଖାଯାଇଥିବା କୋର୍ଟକୁ ଅବଗତ କରାଇଥିଲେ। ଶନିବାର ପାଟଣାଗଡ଼ ଏଡିଜେ ଶିଖାରାଣୀ ରଥ ପୁଞ୍ଜିଲାଲଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ। ଗାଁକୁ ଯାଇ ମା'ଙ୍କ ଶେଷକୃତ୍ୟରେ ଯୋଗଦେଇ ମୁଖାଗ୍ନି ଦେବାକୁ ଅନୁମତି ଦେଇଥିଲେ। ଅନୁମତି ପରେ ରବିବାର ଅପରାହ୍ନ ୨ଟାରେ କଡ଼ା ସୁରକ୍ଷା ମଧ୍ୟରେ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲରୁ ପାଟଣାଗଡ଼ ଥାନାକୁ ନିଆଯାଇଥିଲା। ଜେଲରୁ ବାହାରିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନେ ପୁଞ୍ଜିଲାଲଙ୍କୁ ମା'ଙ୍କ ମୃତ୍ୟୁ ନେଇ ପ୍ରଶ୍ନ କରିବାରୁ ଏଥିରେ ସେ ବହୁତ ଦୁଃଖିତ ବୋଲି କହିବା ସହ ଜୀବନର ସବୁଠୁ ମୂଲ୍ୟବାନ୍ ଲୋକଙ୍କୁ ହରାଇଥିବା କହିଥିଲେ। ପାଟଣାଗଡ଼ ପହଞ୍ଚିବା ପରେ ଥାନାରେ ତାଙ୍କୁ ରଖାଯାଇଥିଲା। ପାଟଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ଶ୍ମଶାନରେ ମା'ଙ୍କ ମରଶରୀରରେ ମୁଖାଗ୍ନି ଦେଇଥିଲେ। ପୁଞ୍ଜିଲାଲ କହିଥିଲେ ଯେ, ସେ କେବେ ବି ପାଟଣାଗଡ଼ ଜେଲରୁ ଫେରାର ହେବାକୁ ଚେଷ୍ଟା କରି ନ ଥିଲେ। ପାଟଣାଗଡ଼ ଜେଲର ସିସିଟିଭି ଯାଞ୍ଚ କଲେ ସବୁ କଥା ସ୍ପଷ୍ଟ ହୋଇଯିବ। ମୁଖାଗ୍ନି ପରେ ପୋଲିସ ହେପାଜତରେ ପୁଞ୍ଜିଲାଲ ତାଙ୍କ ରାମପୁରସ୍ଥିତ ବାସଭବନକୁ ଯାଇଥିଲେ। ସେଠାରେ ପରିବାରବର୍ଗଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ପୁଣି ଜିଲା କାରାଗାରକୁ ଅଣାଯାଇଥିଲା।

## ଜାତିଭିତ୍ତିକ ଜନଗଣନା ନିଷ୍ପତ୍ତିକୁ ବିରୋଧୀଙ୍କ ସମାଲୋଚନା

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ରାଜ୍ୟରେ ସାମାଜିକ, ଆର୍ଥିକ ଏବଂ ଜାତିଭିତ୍ତିକ ଜନଗଣନା ହେବ। ୨୦୨୧ ଜନସଂଖ୍ୟା ଗଣନା ବେଳେ ଏକାସାଙ୍ଗରେ ଏହି ଗଣନା କରାଯିବ। ଶନିବାର ରାଜ୍ୟ କ୍ୟାବିନେଟ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ କେନ୍ଦ୍ର ନିକଟରେ ଦାବି ରଖିବାକୁ କହୁଥିବାବେଳେ ଭାଜପା ଏହାକୁ ସମାଲୋଚନା କରିଛି। ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟ ସରକାର ଓବିସି ଏବଂ ଏସ୍‌ଇବିସି ଜାତିଭିତ୍ତିକ ଗଣନାକୁ ସର୍ବାଧିକ ଗୁରୁତ୍ୱ ଦେବା କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା । ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଓବିସି ଏବଂ ଏସ୍‌ଇବିସିମାନଙ୍କୁ ଶିକ୍ଷା କିମ୍ବା ଚାକିରି କ୍ଷେତ୍ରରେ ସଂରକ୍ଷଣ ଲାଗୁ କରିପାରିଲେନାହିଁ। ଓବିସିମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସେମାନଙ୍କ ସାମ୍ବିଧାନିକ ଅଧିକାର । କିନ୍ତୁ ସରକାର ଓବିସିମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ ରଖିଛନ୍ତି । କେନ୍ଦ୍ର ସରକାର ଶିକ୍ଷା ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖିଛନ୍ତି। ସବୁ ରାଜ୍ୟ ଏହି ନିୟମ ପାଳନ କରୁଥିବାବେଳେ ରାଜ୍ୟ ସରକାର ଏହାକୁ ଏ ପର୍ଯ୍ୟନ୍ତ ଲାଗୁ କରିପାରିଲେ ନାହିଁ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏହା କିଛି ଐତିହାସିକ ନିଷ୍ପତ୍ତି ନୁହେଁ। ଭୋଟ ଭଳି ଏହା କେବଳ ଗୋଟିଏ ଭାବନା, ଚିନ୍ତା ଓ କାର୍ଯ୍ୟକ୍ରମ ସଦୃଶ। ଆଜି ପର୍ଯ୍ୟନ୍ତ ଏମାନେ କେଉଁଠି ଥିଲେ। ଗୋଟିଏ ନୂଆ ବାହାନା ଆରମ୍ଭ କରିଛନ୍ତି। ୨୦୧୧ରେ ଏସ୍‌ଇବିସି ଏବଂ ଏସ୍‌ସି/ଏସ୍‌ଟିଙ୍କ ଗଣନା ତାଲିକା କୁଆଡେ ଗଲା ବୋଲି ସୁର ପ୍ରଶ୍ନ କରିଛନ୍ତି।



**ଜିଲା ଟିଠି**

**କଟକ**

## କଷି, ପାକଳ

କଷି, ପାକଳ। ଏହି ଦୁଇଟି ଶବ୍ଦ ଏବେ କଟକରେ ଏକ ଭିନ୍ନ ଅର୍ଥ ସୃଷ୍ଟି କରିଛି। ବାହାର ଅଞ୍ଚଳରୁ ଆସିଥିବା ଲୋକେ ଏହି ଶବ୍ଦ ଶୁଣିବାମାତ୍ରେ ଫଳ ଆଡ଼କୁ ଟାଣି ହୋଇଯାଉଛନ୍ତି। କିନ୍ତୁ ବୁଝିବା ଲୋକେ ଠିକଭାବେ କଥାର ଅର୍ଥକୁ ବୁଝିପାରି ମୁରୁକି ହସା ମାରୁଛନ୍ତି। କଷି, ପାକଳ ଶବ୍ଦ ବ୍ୟାପିବା ପଛର କାରଣ ବୁଝିଲା ବେଳକୁ ଜଣେ କୁହାଳିଆ ରାସ୍ତାକଡ଼ରେ ନୂଆବର୍ଷ ଉପଲକ୍ଷେ ଲାଗିଥିବା ହୋର୍ଡିଂ ଆଡ଼କୁ ଆଙ୍ଗୁଠି ଦେଖେଇଲେ। ହୋର୍ଡିଂର ଉପରଭାଗରେ ଦଳୀୟ ଛାମୁଆ ନେତାମାନଙ୍କ ଫଟୋ ଲାଗିଥିବାବେଳେ ତଳଭାଗରେ ସ୍ଥାନୀୟ ୱାର୍ଡସ୍ତରୀୟ ନେତାମାନଙ୍କ ଫଟୋ ଲାଗିଛି। କିଏ ହାତଯୋଡ଼ା ଭଙ୍ଗୀରେ ତ କିଏ ହାତ ହଲେଇ ଅଭିବାଦନ ଗ୍ରହଣ କରିବା ମୁଦ୍ରାରେ ଫଟୋ ଉଠାଇ ଲଗାଇଛନ୍ତି। ସହର ସାରା ଏହିଭଳି ହୋର୍ଡିଂ ଛାଇଯାଇଛି। ହୋର୍ଡିଂଗୁଡିକ ମଧ୍ୟରୁ କେତେକର ଛବି ପୁରୁଣା ଅର୍ଥାତଥ ପ୍ରତିବର୍ଷ ଏହି ଛବିମାନଙ୍କୁ ଦେଖିବାକୁ ମିଳିଥାଏ। ମାତ୍ର ପୁରୁଣାଙ୍କ ସଂଖ୍ୟାଠାରୁ ନୂଆଙ୍କ ସଂଖ୍ୟା ଢେର ବଢ଼ିଯାଇଛି। କାରଣ ହେଉଛି ଆଗକୁ ପୌର ନିର୍ବାଚନ ଆସୁଛି। ତେଣୁ ପୌର ନିର୍ବାଚନ ନିମନ୍ତେ ଏମାନେ ଏଭଳି ହୋର୍ଡିଂ ମାଧ୍ୟମରେ କୁଆଡେ ନିଜ ପ୍ରାର୍ଥିତ୍ୱର ସୂଚନା ଦେଉଛନ୍ତି। କଷି ନେତାଙ୍କ ଫଟୋ ମରା ହୋର୍ଡିଂକୁ ଦେଖି ପାକଳମାନେ ଦାନ୍ତ କାମୁଡୁଛନ୍ତି। ହୋର୍ଡିଂକୁ ଚାହିଁ ଓଃ କମ୍ ବଡ଼ ନେତାଟା କି। ଏନ୍ତୁଡ଼ି କାଠରେ ଉଇ ଲାଗି ନ ଥିବ ପୁଅ ନେତାହେବାକୁ ଚାଲି ଆସିଲାଣି। ଏଇଟାକୁ ବୋଧେ କଲେଜ ନିର୍ବାଚନ ଭାବିଛି। ଗୋଟିଏ ଥରରେ ରଙ୍ଗଢଙ୍ଗ ସବୁ ଛାଡ଼ିଯିବ ଯେ। ବୋପାର କିଛି ପଇସା ଅଛି ତ, ପୁଅ ସେଇଥିପାଇଁ କୁତୁକୁତୁ ହେଉଛି ଇତ୍ୟାଦି ପାକଳମାନେ କହୁଛନ୍ତି। ଠିକ୍ ସେହିପରି ପାକଳ ନେତାଙ୍କ ହୋର୍ଡିଂକୁ ଦେଖି କଷିମାନେ ମଧ୍ୟ ମନଇଚ୍ଛା ବକି ଯାଉଛନ୍ତି। ଏଇଟା ଟାଉଟର ଟା। ୱାର୍ଡ ଭିତରକୁ ଆଉ ପଶି ପାରିବନି। ୱାର୍ଡ ଭିତରକୁ ଗଲେ ୟାଙ୍କୁ ମହିଳା ଝାଡୁରେ ସେକିବେ। କେବଳ ୟାରି ପାଇଁ ଦଳ, ନେତା ବଦନାମ ଓ ଆମ ସଂଗଠନ ସବୁ ବଦନାମ ଓ ବରବାଦ। ଏଥର ୟାକୁ ଟିକେଟ ମିଳୁନି ମ। ଜମାରୁ ବ୍ୟସ୍ତ ହୁଅନା ଇଏ ଏଥର ସାତପାଞ୍ଚିରୁ ଯିବ ଇତ୍ୟାଦି କଷି ନେତାମାନେ କହୁଛନ୍ତି। କଷି ଓ ପାକଳ ନେତାଙ୍କଠାରୁ ଏଭଳି କଥା ଶୁଣି ଲୋକେ କୁହାକୁହି ହେଉଛନ୍ତି ନିର୍ବାଚନ କେବେ କି। ଆଉ କିଛି ତୁରନ୍ତ ଉତ୍ତର ଦେଉଛନ୍ତି ନିର୍ବାଚନ କେବେ ହେବ ତାହା ଏମାନଙ୍କୁ ଜଣା ନ ଥିବ। ଏମାନଙ୍କ ୱାର୍ଡ ବର୍ଗୀକରଣ ହେବା ପରେ କେଉଁ ରୂପ ନେବ ତାହା ଏମାନଙ୍କୁ ଜଣାନାହିଁ। କିନ୍ତୁ ଏବେଠାରୁ ପାଗ ଭିଡି ମନେ ମନେ ନେତାଗିରି ଦେଖାଉଛନ୍ତି। ଏମିତି ହୋଇ କେତେବେଳେ ଏ କଷି ଆଉ ପାକଳ ରାସ୍ତାରେ କୁଣ୍ଢାକୁଣ୍ଢି ହୋଇ ଗଡ଼ାପଡ଼ା ହେବେ ତାହା ଦେଖିବାକୁ ବାକି ରହିଲା ବୋଲି ଲୋକେ ଆଲୋଚନା କରୁଛନ୍ତି।

– ନିର୍ମଳ ପଣ୍ଡା

## ମେରାଇନ୍ ଡ୍ରାଇଭ୍ ଭିଡିଓ ଅପ୍‌ଲୋଡ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟର ଆକାଉଣ୍ଟରେ ରବିବାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ର ଏକ ମନୋରମ ଭିଡିଓ ଅପ୍‌ଲୋଡ କରାଯାଇଛି। ୪୮ ସେକେଣ୍ଡର ଏହି ଭିଡିଓରେ ପର୍ଯ୍ୟଟନ, ବେଳାଭୂମି, ବୃକ୍ଷରାଜିର ଅପୂର୍ବ ସମାହାର ରହିଛି। ଗତବର୍ଷ ମେ'ରେ ସାମୁଦ୍ରିକ ଝଡ଼ ଫନୀ ରାଜ୍ୟର ବହୁ କ୍ଷତିସାଧନ କରିଥିଲା। ବିଶେଷକରି ପୁରୀ ଜିଲାର ଭିତ୍ତିଭୂମି ଏବଂ ପ୍ରାକୃତିକ ପରିବେଶ ବହୁଳଭାବେ ପ୍ରଭାବିତ ହୋଇଥିଲା। ହେଲେ ଓଡ଼ିଆ ଲୋକଙ୍କ ଦୃଢ଼ ଇଚ୍ଛାଶକ୍ତି ପୁନଶ୍ଚ ରାଜ୍ୟବାସୀଙ୍କୁ ଛିଡ଼ା କରାଇବାରେ ସକ୍ଷମ ହୋଇଥିଲା। କେବଳ ସେତିକି ନୁହେଁ, ଫନୀ ଯୋଗୁ କ୍ଷତିଗ୍ରସ୍ତ ପ୍ରାକୃତିକ ଶୋଭାରାଜିର ପରବର୍ତ୍ତୀ ସମୟରେ ଭଲଭାବେ ଯତ୍ନ ନିଆଯାଇପାରିଥିବା ଭିଡିଓରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବରରୁ ଆରମ୍ଭ ହୋଇଥିବା ଇକୋ ରିଟ୍ରିଟ୍‌ର ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। ଆଗାମୀ ଦିନରେ ଏହି ମାର୍ଗ ସହ ପୁରୀ ଏବଂ କୋଣାର୍କ ବିଶ୍ୱ ପର୍ଯ୍ୟଟନର ପ୍ରମୁଖ ସ୍ଥାନ ହେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ହ୍ୟାଣ୍ଡେଲରୁ ଅପ୍‌ଲୋଡ୍ କରାଯାଇଥିବା ଏହି ଭିଡିଓକୁ ଶହ ଶହ ସଂଖ୍ୟାରେ ଦେଖାଯାଇଛି। ଅନୁରୂପଭାବେ ଶତାଧିକ ଲାଇକ୍ ଏବଂ ରିଟୁଇଟ୍ ମଧ୍ୟ କରାଯାଇଛି।

## ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ହେବ ସ୍ୱତନ୍ତ୍ର କ୍ଲାସ: ମନ୍ତ୍ରୀ

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗରେ ପାଠ ପଢୁଥିବା ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ଏବେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଯେଉଁମାନେ ପରୀକ୍ଷାରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିବେ ନାହିଁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଣିକି ଭଲ ପ୍ରଦର୍ଶନ କରୁ ନ ଥିବା ପିଲାମାନଙ୍କୁ ସ୍ୱତନ୍ତ୍ର କ୍ଲାସ ଜରିଆରେ ପାଠ ପଢ଼ାଯିବ। ଏ ଦିଗରେ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ଅପରପକ୍ଷରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା ବା ଉପସ୍ଥାନ କମ୍ ରହୁଥିବା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଉକ୍ତ ସ୍ୱତନ୍ତ୍ର କ୍ଲାସ୍‌ରେ ପାଠ ପଢାଯିବ। ଏନେଇ ରବିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରୋକ୍ଟୋରିଆଲ କ୍ଲାସ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ସ୍ୱତନ୍ତ୍ର କ୍ଲାସ୍‌ରେ ମୁଖ୍ୟତଃ ପ୍ରାକ୍ଟିକାଲକୁ ଅଧିକ ଗୁରୁତ୍ୱ ଦିଆଯିବ।

DADLS-84



ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୩ ଜାନୁଆରୀ ୨୦୨୦

ଅପରାହ୍ନ ୩ ଘଟିକା - ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ତରଫରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର।

ସାଧାରଣ ସଭା

ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥିଗଣ - ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ, ମାନ୍ୟବର ବିଧାୟକ
ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା, ମାନ୍ୟବର ବିଧାୟକ
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ
ଶ୍ରୀମତୀ ସୂର୍ଯ୍ୟମଣୀ ବୈଦ୍ୟ, ମାନ୍ୟବର ବିଧାୟିକା
ଶ୍ରୀମତୀ ଭି. ସୁଜ୍ଞାନ କୁମାରୀ ଦେଓ, ପୂର୍ବତନ ବିଧାୟିକା
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ

ସ୍ୱାଗତ ଭାଷଣ - ଶ୍ରୀଯୁକ୍ତ ସଂଜୟ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର କମିଶନର ତଥା ଶାସନ ସଚିବ

ଧନ୍ୟବାଦ ଅର୍ପଣ - ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ

ସଭା ପରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0119/1920

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ

# କଥାକଥାରେ

ସମ୍ବିଧାନର ଅନୁଚ୍ଛେଦ ୧୯ ଅନୁଯାୟୀ ଇଣ୍ଟରନେଟ୍ ସେବା ପାଇବା ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ୧୦ ଜାନୁୟାରୀରେ ସ୍ପଷ୍ଟ କରିଛନ୍ତି। ଅନୁଚ୍ଛେଦ ୩୭୦ରେ ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ୫ ଅଗଷ୍ଟ ୨୦୧୯ରେ ଉଚ୍ଛେଦ ହେବା ପରେ ନିରାପତ୍ତାଜନିତ ଭୟ ଆଶଙ୍କା କରି କେନ୍ଦ୍ର ସରକାର ସେଠାରେ ଇଣ୍ଟରନେଟ୍ ଓ ଫୋନ୍ ସେବା ଅଚଳ କରିଦେଇଥିଲେ। ଏହାପରେ 'କଶ୍ମୀର ଟାଇମ୍ସ' ସମ୍ପାଦକ ଅନୁରାଧା ଭାସିନ, କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ଅନ୍ୟ କେତେକ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଇଣ୍ଟରନେଟ୍ ସେବା ନାଗରିକର ମୌଳିକ ଅଧିକାର ବୋଲି କହିଛନ୍ତି। ଏଥିସହିତ ସପ୍ତାହକ ମଧ୍ୟରେ ଏହାର ସମୀକ୍ଷା କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନ ଧରି ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଥିବାରୁ ପରିସ୍ଥିତିର ଗମ୍ଭୀରତା ଓ ଜନସାଧାରଣଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ତାଗିଦ୍ କରିବା ସ୍ୱାଗତଯୋଗ୍ୟ। କେବଳ ସେତିକି ନୁହେଁ, ନିକଟରେ ଶୀର୍ଷ ଅଦାଲତର ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ କେନ୍ଦ୍ର ସରକାର ଯେଉଁଭଳି ଭାବେ ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ କରିଛନ୍ତି, ତାହା ଉପରେ ଦେଇଥିବା ଟିପ୍ପଣୀ ପ୍ରଣିଧାନଯୋଗ୍ୟ। ସେ କହିଛନ୍ତି ଯେ, ଯେତେବେଳେ ଯାଏ ଦେଶରେ ହିଂସା ନ କମିଛି ଓ ଶାନ୍ତି ଫେରିଆସି ନାହିଁ, ସେଯାଏ ସିଏଏ ସଂକ୍ରାନ୍ତ ମାମଲାର ଶୁଣାଣି କରିବା ଅନୁଚିତ। ଏହାର ଅର୍ଥ ହେଉଛି, ଦେଶରେ ଅସ୍ଥିରତା ଲାଗି ରହିଛି ବୋଲି ପ୍ରଧାନ ବିଚାରପତି ସ୍ୱୀକାର କରିଛନ୍ତି।

ଇଣ୍ଟରନେଟ୍ ବ୍ୟବହାର ଉପରେ ଲଗାଯାଇଥିବା ପ୍ରତିବନ୍ଧକ ପ୍ରସଙ୍ଗକୁ ଫେରିବା। ସମ୍ବିଧାନର ଅନୁଚ୍ଛେଦ ୧୯ରେ କୁହାଯାଇଛି ଯେ, ନାଗରିକମାନେ ବାକ୍ ସ୍ୱାଧୀନତା ଓ ଯେକୌଣସି ବୃତ୍ତି ଗ୍ରହଣ କିମ୍ବା ବ୍ୟବସାୟ ବା ବାଣିଜ୍ୟ କରିବା ଲାଗି ଇଣ୍ଟରନେଟ୍‌କୁ ମାଧ୍ୟମ ଭାବେ ବ୍ୟବହାର କରିବେ। ଆବଶ୍ୟକ ସ୍ଥଳେ ଜାତୀୟ ସୁରକ୍ଷା ବିପନ୍ନ ହେଲେ କଟକଣା ଲଗାଯାଇପାରେ। ହେଲେ ଜମ୍ମୁ ଓ କଶ୍ମୀର କ୍ଷେତ୍ରରେ ଦୀର୍ଘଦିନ ଧରି ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ୍ ଓ ଫୋନ୍ ସେବା ବନ୍ଦ କରାଯିବା ଦ୍ୱାରା ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଖବରକାଗଜ, ଟେଲିଭିଜନ୍ ଆଦି ଗଣମାଧ୍ୟମ ସକାଶେ ଇଣ୍ଟରନେଟ୍ ବ୍ୟବହାର ନିତାନ୍ତ ଦରକାର। ସେହିପରି ହସ୍ପିଟାଲ, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟାଙ୍କ କାରବାର ଲାଗି ଏହା ଅତ୍ୟାବଶ୍ୟକ ମାଧ୍ୟମ ପାଲଟିଛି। ଏପରି କି ଯେଉଁ ସମୟରେ ଜମ୍ମୁ ଓ କଶ୍ମୀରରେ ଇଣ୍ଟରନେଟ୍ ବନ୍ଦ କରିଦିଆଗଲା, ସେତେବେଳେ ପ୍ରଚୁର ପରିମାଣର ଆପଲ୍ ବା ସେଓ ଉତ୍ପାଦନ ହେଉଥିଲା। ଦୀର୍ଘଦିନ ବାହାର ରାଜ୍ୟର ବ୍ୟବସାୟୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସେଗୁଡ଼ିକ ପଚିଶଢ଼ି ଗଲା। ଏହି କାରଣରୁ ଉଭୟ ଚାଷୀ ଓ ବ୍ୟବସାୟୀ ଘୋର କ୍ଷତି ସହିବାକୁ ପଡ଼ିଛି। ପୁଣି ସେହି ସମୟରେ ପର୍ଯ୍ୟଟନ ଋତୁ ଥିଲା। ଇଣ୍ଟରନେଟ୍ ବ୍ୟାହତ ଓ ଅନ୍ୟସବୁ କଟକଣା ଲାଗୁ ହେବାରୁ କଶ୍ମୀର ପର୍ଯ୍ୟଟନ ଶିଳ୍ପକୁ ଘୋର କ୍ଷତି ସହିବାକୁ ପଡ଼ିଛି। ୩୭୦ ଉଚ୍ଛେଦ ବେଳେ ଜମ୍ମୁ ଓ କଶ୍ମୀରରେ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲା। ସ୍କୁଲ ଓ କଲେଜ ଅଦ୍ୟାବଧି ଖୋଲିପାରି ନାହିଁ। ଏଥିଯୋଗୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ବିଧ୍ୱଂସକ ପ୍ରଭାବ ପଡ଼ିଛି। ଏପରିକି ଯୁବଶକ୍ତି ସେଠାରେ ପୂର୍ବାପେକ୍ଷା ଅଧିକ ବେକାର ହୋଇଯାଇଛନ୍ତି।

ଦେଖିବାକୁ ଗଲେ ଇଣ୍ଟରନେଟ୍ ସେବା ବନ୍ଦ ହେବା ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଜୀବନ ବ୍ୟାହତ ହେବା ସହ ବାଣିଜ୍ୟିକ କ୍ଷତି ଘଟିଛି। ମାସ ମାସ ଧରି ଲୋକେ ଔଷଧ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେତେବେଳେ କୌଣସି ସ୍ଥାନରେ ଦଙ୍ଗା କିମ୍ବା ଅରାଜକତା ଭଳି ସ୍ଥିତି ଉପୁଜେ, ସେତେବେଳେ ଗୁଜବ କିମ୍ବା ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ୍ ଓ ଫୋନ୍ ସେବା ଉପରେ କଟକଣା ଲାଗୁ କରାଯାଇଥାଏ। କାରଣ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ କିମ୍ବା ମେସେଜ୍ ପ୍ରେରଣ ଦ୍ୱାରା ଦୁଷ୍ଟ ଶକ୍ତି ତତ୍କ୍ଷଣାତ୍ ଘଟଣାକୁ ବଡ଼ ଆକାର ଦେଇଦେଇଥାଆନ୍ତି। ହେଲେ କଥାକଥାରେ ଏହିସବୁ ସେବାକୁ ବନ୍ଦ କରିଦିଆଗଲେ ତାହା ଲୋକଙ୍କ ଜୀବନଯାପନ ଓ ବାଣିଜ୍ୟ ଉପରେ ପ୍ରବଳ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଜମ୍ମୁ ଓ କଶ୍ମୀରରେ ନୁହେଁ, ନିକଟ ଅତୀତରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଓ ସିଏଏକୁ ନେଇ ସ୍ୱର ଉତ୍ତୋଳନ ହେଉଥିବାରୁ ତାହାକୁ ଚାପି ଦେବା ପାଇଁ କେନ୍ଦ୍ର ସରକାର ଦେଶର ବିଭିନ୍ନ ପ୍ରାନ୍ତରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦେଉଛନ୍ତି। ଇଣ୍ଟରନେଟ୍ ଗବେଷଣା ସଂସ୍ଥା ଟପ୍‌୧୦ ଭିପିଏନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ବାରମ୍ବାର ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଥିବାରୁ ୨୦୧୯ରେ ଦେଶକୁ ୧.୩ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଇରାକ୍ ଓ ସୁଦାନ ପରେ ଭାରତ ବିଶ୍ୱର ତୃତୀୟ ଦେଶ ଭାବେ ଆର୍ଥିକ କ୍ଷତିରେ ପଡ଼ିଛି। ଉଲ୍ଲେଖଯୋଗ୍ୟ, ଇରାକ୍ ଓ ସୁଦାନରେ ଇଣ୍ଟରନେଟ୍ ସେବା ଉପରେ ପ୍ରତିବନ୍ଧକ ପରେ କ୍ଷତି ପରିମାଣ ରହିଛି ଯଥାକ୍ରମେ ୨.୩ ବିଲିୟନ ଡଲାର ଓ ୧.୮୭ ବିଲିୟନ ଡଲାର। ଭାରତ କଥାକୁ ଦେଖିଲେ ଏହା ଏବେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଇଣ୍ଟରନେଟ୍ ସେବା ବନ୍ଦ ହେବା ସେହି କ୍ଷତିର ପରିମାଣକୁ ବଢ଼ାଇ ଚାଲିଛି।

ଆଜିର କେନ୍ଦ୍ର ସରକାର ନିଜକୁ ସୁହାଇଲା ଭଳି ପଦକ୍ଷେପ ନେବା ବେଳେ ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ବିରୋଧ କରୁଥିବା ବ୍ୟକ୍ତି ବା ସଙ୍ଗଠନର ମୁହଁ ବନ୍ଦ କରିବା ଲାଗି ଯୋଗାଯୋଗର ମାଧ୍ୟମକୁ ଦୀର୍ଘଦିନ ଧରି ବନ୍ଦ କରି ରଖାଯିବା ଦ୍ୱାରା ଏହାର ପ୍ରଭାବ ସାମାଜିକ ବ୍ୟବସ୍ଥା ଉପରେ ପଡୁଛି। ଏବେ ସୁପ୍ରିମକୋର୍ଟ ଏହା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିବାରୁ ସରକାର ଏହାକୁ ହେଜିବା ଦରକାର। କୌଣସି ଭାବେ ଚାପ ପ୍ରୟୋଗ କରି ନିର୍ବାଚନକୁ ପ୍ରଭାବିତ କରିବା ହେଉ ବା ଜମ୍ମୁ ଓ କଶ୍ମୀରର ଡେମୋଗ୍ରାଫି ବା ଜନସଂଖ୍ୟା ତତ୍ତ୍ୱ ବଦଳାଇବାର ଉଦ୍ଦେଶ୍ୟ ହେଉ ଆଜିର ଭାରତରେ ତାହା କରିବା ସହଜ ନୁହେଁ। ଦେଶବ୍ୟାପୀ ଏନ୍‌ଆର୍‌ସି ଓ ସିଏଏକୁ ବିରୋଧ ଏହାର ସଂକେତ ଦେଉଛି। ଜନସାଧାରଣଙ୍କ ମନ କଥା ନ ବୁଝି କଥାକଥାରେ ଜୋରଜବରଦସ୍ତି ଚାପ ପକାଇଲେ ତାହା ବୁମେରାଂ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | B | | | | 2 | | 4 | | | 1 |
| | | 4 | | 7 | | 1 | | A | | | 0 | | D | 5 |
| | | | D | 3 | A | | | 9 | | | | | | 2 |
| B | 8 | | | | 5 | | | | 1 | | | | E | |
| 7 | 2 | | | | | 0 | | 5 | | | | | A | 3 |
| | | 8 | 7 | | C | | | 3 | 6 | | | | | |
| A | | 2 | | | | | 6 | | 4 | | | | | |
| 4 | | | | | 9 | | | D | 8 | | | | 7 | |
| 6 | | | | | | | 4 | | 9 | | 1 | D | | |
| E | | | 3 | | | 9 | | | 0 | 2 | B | | 6 | |
| 8 | B | | E | | | | | C | D | 1 | 2 | 3 | | 4 |
| | | 5 | | 0 | | 3 | | E | | 7 | | | B | |
| | | | | | D | | | B | | | | | | |
| | | A | | | | 6 | | | C | | | | | 8 |
| | | D | A | | | 5 | | 0 | | 3 | | C | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | 9 | 8 | 6 | 3 | 7 | B | A | D | 5 | 1 | 0 | 4 | 2 |
| A | 1 | B | 0 | 5 | 2 | 6 | 4 | 9 | E | 8 | C | D | 3 | 7 |
| 7 | 0 | 6 | 4 | D | B | 1 | E | 8 | 3 | 2 | 9 | C | 5 | A |
| 4 | 5 | D | C | E | 7 | 2 | 3 | 0 | B | 6 | A | 8 | 9 | 1 |
| 2 | 3 | 8 | 1 | A | 9 | C | D | 5 | 7 | 4 | 0 | 6 | E | B |
| 9 | B | 7 | E | 3 | 0 | 8 | 6 | 4 | A | C | 2 | 1 | D | 5 |
| 5 | 6 | A | D | 1 | 4 | E | 9 | C | 0 | B | 8 | 2 | 7 | 3 |
| 1 | 8 | C | B | 2 | A | 3 | 5 | 7 | 6 | E | D | 9 | 0 | 4 |
| 0 | 2 | E | 6 | 9 | 5 | D | A | 1 | 4 | 7 | 3 | B | 8 | C |
| 3 | D | 4 | 7 | 8 | C | 0 | 2 | B | 9 | 1 | 5 | A | 6 | E |
| B | 4 | 0 | 5 | 7 | 8 | 9 | 1 | 3 | C | A | 6 | E | 2 | D |
| 8 | 9 | 5 | 2 | 0 | D | A | 7 | E | 1 | 3 | B | 4 | C | 6 |
| D | 7 | 1 | 3 | C | E | B | 0 | 6 | 2 | 9 | 4 | 5 | A | 8 |
| C | E | 2 | A | B | 6 | 4 | 8 | D | 5 | 0 | 7 | 3 | 1 | 9 |
| 6 | A | 3 | 9 | 4 | 1 | 5 | C | 2 | 8 | D | E | 7 | B | 0 |

ଗତକାଲିର ଉତ୍ତର

# ଜାଣିଛ ମୁଁ କିଏ

ପ୍ରକାଶ ତ୍ରିପାଠୀ

ଟାଜା ଚା'ର ଧ୍ୟାନ ଆକର୍ଷଣକାରୀ ବିଜ୍ଞାପନଟିଏ ଟିଭିରେ ପ୍ରଦର୍ଶିତ ହେଉଛି। ନେତାଙ୍କ ବେଶରେ ଥିବା ଜଣେ ବ୍ୟକ୍ତି ବିମାନବନ୍ଦର କାଉଣ୍ଟରରେ ଧାଡ଼ି ଭାଙ୍ଗି ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ବିମାନର ଝରକା ପାଖ ସିଟ୍ ଟିକେଟ ମାଗୁଛନ୍ତି। କାଉଣ୍ଟରରେ ଥିବା କର୍ମଚାରୀ ଆଉ ଟିକେଟ ନ ଥିବା ପ୍ରକାଶ କରନ୍ତେ ଉକ୍ତ ନେତା ଉତ୍କ୍ଷିପ୍ତ ହୋଇ କହୁଛନ୍ତି– ଜାଣିଛ, ମୁଁ କିଏ। ଶୀଘ୍ର କିଛି କରନ୍ତୁ। ତତ୍କ୍ଷଣାତ୍ ଉକ୍ତ କର୍ମଚାରୀ ଗୋଟେ ଢୋକ ଚା ପିଇ ଉପସ୍ଥିତ ଯାତ୍ରୀମାନଙ୍କୁ ମାଇକରେ ଅନୁରୋଧ କରି କହୁଛନ୍ତି– ''ଏ ମହାଶୟ ଜାଣନ୍ତି ନାହିଁ ସେ କିଏ। ଦୟାକରି ଏ ମହାଶୟଙ୍କୁ ତାଙ୍କ ପରିଚୟ ଜାଣିବାରେ କେହି ସାହାଯ୍ୟ କରିବେ କି?'' ଲେଖିବା ବାହୁଲ୍ୟ ଯେ, ଉକ୍ତ ବିଜ୍ଞାପନଟି ଆମ ଦେଶର ପ୍ରଭାବଶାଳୀ ଭିଆଇପି ସଂସ୍କୃତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୧୭ ଜୁନ ମାସର ଘଟଣା। ଚେନ୍ନାଇର ନାମା ମେଟ୍ରୋ ଗ୍ରୀନଲାଇନର ଉଦ୍‌ଘାଟନ ପାଇଁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଆସିବାର ଥାଏ। ସୁରକ୍ଷା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଯିବା ରାସ୍ତାରେ ଅନ୍ୟ କୌଣସି ଯାନବାହନକୁ ଯିବାକୁ ଦିଆଯାଉ ନ ଥାଏ। ନିରାପତ୍ତା ଦୃଷ୍ଟିରୁ କଡାକଡି ନିୟମ ପାଳନ କରୁଥାନ୍ତି ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ। ହଠାତ୍ ସାଇରନ ବଜାଇ ଆମ୍ବୁଲାନ୍ସଟିଏ ଆସିଲା ଓ ତାକୁ ମଧ୍ୟ ଅଟକାଇ ଦିଆଗଲା। ଡ୍ୟୁଟିରେ ଥିବା ଅନ୍ୟତମ ସବ୍‌ଇନ୍‌ସପେକ୍ଟର ଏମ୍.ଏଲ. ନିଜଲିଙ୍ଗାପ୍ପା ଆମ୍ବୁଲାନ୍ସ ଭିତରେ ଶୋଇଥିବା ରୋଗୀଙ୍କୁ ଦେଖି ତୁରନ୍ତ ଗାଡ଼ିଟିକୁ ରାଷ୍ଟ୍ରପତିଙ୍କ ଯିବା ରାସ୍ତାରେ ଛାଡ଼ି ଦେଇଥିଲେ। ଉପରିସ୍ଥ ପୋଲିସ ଅଧିକାରୀମାନଙ୍କ ବିରୋଧ ସତ୍ତ୍ୱେ ନିଜଲିଙ୍ଗାପ୍ପା ଭ୍ୟାନଟିକୁ ଯିବାକୁ ଦେଇଥିଲେ। ସମସ୍ତେ ଭାବି ନେଇଥିଲେ ଯେ ସବ୍‌ଇନ୍‌ସପେକ୍ଟର ନିଜଲିଙ୍ଗାପ୍ପାଙ୍କ ଚାକିରି ଗଲା। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ଏହି ସେବା ପାଇଁ ତାଙ୍କୁ ପୁରସ୍କୃତ ସହ ସମ୍ବର୍ଦ୍ଧିତ ବି କରାଗଲା। ୨୦୧୦, ଡିସେମ୍ବର ମାସର ଘଟଣା। ନୂଆଦିଲ୍ଲୀର ଅନିଲ ଜୈନଙ୍କର ହଠାତ୍ ଛାତିରେ ଯନ୍ତ୍ରଣା ଆରମ୍ଭ ହେଲା। ଆତ୍ମୀୟମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଗୁରୁ ତେଗ୍ ବାହାଦୁର ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଗଲେ। ମାତ୍ର ସେଠାରେ ପେସ୍‌ମେକର ନ ଥିବାରୁ ଜୈନଙ୍କୁ ଗୋବିନ୍ଦ ବଲ୍ଲଭ ପନ୍ଥ ହସ୍ପିଟାଲ ନେବାକୁ ପରିବାର ଲୋକେ ବାହାରିଲେ। ମାତ୍ର ରାଜଘାଟଠାରେ ଆମ୍ବୁଲାନ୍ସକୁ ଆଗକୁ ଯିବାକୁ ଦିଆଯାଇ ନ ଥିଲା। କାରଣ ସେହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଯିବାର ଥିଲା। ପୋଲିସକୁ ବାରମ୍ବାର ଆକୁଳ ନିବେଦନରୁ କୌଣସି ସୁଫଳ ମିଳି ନ ଥିଲା। ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଯିବା ପରେ ଆମ୍ବୁଲାନ୍ସ ହସ୍ପିଟାଲକୁ ଯାଇଥିଲା ସତ, ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ରୋଗୀଙ୍କ ମୃତ୍ୟୁ ହୋଇସାରିଥିଲା। ୨୦୧୭ ନଭେମ୍ବର ମାସ। ଗୌହାଟୀ ବିମାନବନ୍ଦରରେ ବିମାନଯାତ୍ରାର ବିଳମ୍ବକୁ ନେଇ ଜଣେ ମହିଳା ଡାକ୍ତରଙ୍କ ସହ ଜଣେ କେନ୍ଦ୍ରମନ୍ତ୍ରୀଙ୍କର ଯୁକ୍ତିତର୍କ ହୋଇଥିଲା। ସେଦିନ ରାଷ୍ଟ୍ରପତିଙ୍କ ବିମାନ ଅବତରଣ କରିବାକୁ ଥିବାରୁ ତାହାର ଅନେକ ସମୟ ପୂର୍ବରୁ କୌଣସି ବିମାନକୁ ଉଡ଼ିବାକୁ ଦିଆଯାଇ ନ ଥିଲା। ଫଳରେ ଉକ୍ତ ମହିଳା ଡାକ୍ତର ତାଙ୍କ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନ ଥିଲେ। ଉପରୋକ୍ତ ତିନୋଟି ଘଟଣା କେତୋଟି ଉଦାହରଣ ମାତ୍ର ହୋଇପାରେ। ଏହିପରି ଅନେକ ଘଟଣା ବର୍ଷବ୍ୟାପୀ ଘଟିଚାଲେ ଭାରତରେ, ଯାହାକି ପ୍ରମାଣ ଦେଇଥାଏ ଭାରତରେ ଭିଆଇପି ସଂସ୍କୃତି କେତେ ସୁଦୃଢ଼ ଓ ଏହାଦ୍ୱାରା ସାଧାରଣ ଜନତା କେତେ ପ୍ରପୀଡ଼ିତ।

ପୋଲିସ ଗାଡ଼ିଟିଏ ସାଇରନ ବଜାଇ ଆଗେ ଆଗେ ଯାଉଥିବ। ଗାଡ଼ିର ଉଭୟ ପଟରୁ ଝୁଙ୍କିପଡ଼ି ପୋଲିସଭାଇ ରୋଲବାଡ଼ିରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ରାସ୍ତାରୁ ହଟିଯିବାକୁ ନିର୍ଦ୍ଦେଶ ଦେଉଥିବେ। ପୋଲିସଗାଡ଼ି ପଛକୁ ପଛ ଅନେକ ଗାଡ଼ି ଛୁଟୁଥିବ। ଏଭଳି ଦୃଶ୍ୟ ଆମେ ଅନେକ ସମୟରେ ଦେଖିଥାଉ। ଦେଖି ବୁଝିଯାଉ ଯେ କେହି ଜଣେ ଭିଆଇପି ଗସ୍ତ କରୁଛନ୍ତି। ପୋଲିସର ଭୟରେ ରାସ୍ତାର ଦୁଇକଡ଼କୁ ଘୁଞ୍ଚିଯାଇ ଭିଆଇପିଙ୍କ ଯାତ୍ରାକୁ ସୁରକ୍ଷିତ କରିଦେଉ। ଟିଭିରେ ଦେଖୁ ଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା। କଳା ପୋଷାକ ପିନ୍ଧି, ହାତରେ ଏ.କେ. ୪୭ ଭଳି ଉନ୍ନତମାନର ରାଇଫଲ ଧରି ସୁରକ୍ଷା କର୍ମୀମାନେ ଆମ ଭିଆଇପିଙ୍କ ଚାରିପଟେ ଘେରି ରହିଥାନ୍ତି। ଭିଆଇପିଙ୍କୁ ସେବା ପ୍ରଦାନ ପାଇଁ ଚବିଶ ଘଣ୍ଟା କର୍ମଚାରୀ ପ୍ରସ୍ତୁତ ରହିଥାନ୍ତି। ସଭାସମିତିରେ ଆଗଧାଡ଼ିରେ ଆସନ ସୁରକ୍ଷିତ ଥାଏ। ସେମାନଙ୍କ ପାଇଁ କୌଣସି କାଉଣ୍ଟରରେ ଧାଡ଼ିରେ ଠିଆ ହେବାର ଆବଶ୍ୟକତା ନ ଥାଏ। ଚାହୁଁ ଚାହୁଁ ସବୁ ସୁବିଧା ସୁଯୋଗ ପାଖରେ ପହଞ୍ଚିଯାଉଥିବା ପଦବୀଟି ହେଲା ଏହି ଭିଆଇପି। କାହାର ବା ଇଚ୍ଛା ନ ହେବ ଆମ ଦେଶରେ ଭିଆଇପିଟିଏ ନ ହେବାକୁ। ପରିବାରରେ ଜଣେ କେହି ଭିଆଇପି ହୋଇଗଲେ ପରିବାରର ସମସ୍ତ ସଦସ୍ୟ ବି ସମସ୍ତ ସୁବିଧା ସୁଯୋଗ ପାଇବାକୁ ପରୋକ୍ଷ ହକ୍‌ଦାର ବନିଯାନ୍ତି। ଏଭଳି ସୁଯୋଗ ହାସଲ କରିଥିବା ଭିଆଇପିଙ୍କଠାରୁ ଏହି ବ୍ୟବସ୍ଥା କାଢ଼ି ନିଆଗଲେ ସେ ବିରୋଧ ନ କରିବ ବା କାହିଁକି। କାରଣ ଭିଆଇପିଙ୍କୁ ମିଳୁଥିବା ବ୍ୟବସ୍ଥାକୁ ଆମ ଦେଶରେ ଆଭିଜାତ୍ୟର ସନ୍ତକ, ସଂଭ୍ରାନ୍ତର ପ୍ରତୀକ ବୋଲି ଧରି ନିଆଗଲାଣି। 'ଜାଣିଛ ମୁଁ କିଏ, ଜାଣିଛ ମୁଁ କାହା ପୁଅ, ଜାଣିଛ ମୁଁ କାହା ପତ୍ନୀ' ଭଳି ବାକ୍ୟ ଆମରି ଦେଶରେ ବେଶି ଶୁଣିବାକୁ ମିଳିଥାଏ ନିଜକୁ ଭିଆଇପି ଭାବେ ପ୍ରତିପାଦିତ କରିବା ପାଇଁ। ବ୍ରିଟିଶ ଶାସନ ବେଳେ ଉଚ୍ଚପଦାଧିକାରୀ ପଦରେ ସେମାନଙ୍କ ଦେଶର ଲୋକେ ରହୁଥିଲେ ଓ ଆମ ଦେଶରେ ସେମାନେ ନିଜକୁ ସେତେଟା ସୁରକ୍ଷିତ ମଣୁ ନ ଥିଲେ। ସେଥିପାଇଁ ବିଭିନ୍ନ ଆଦବ କାଇଦା, ସୁରକ୍ଷା ବ୍ୟବସ୍ଥା ତଥା ସେବା ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ବ୍ରିଟିଶ ଦେଶ ଛାଡ଼ି ଚାଲିଗଲେ ସତ, ହେଲେ ସେମାନଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଏହି ଭିଆଇପି ବ୍ୟବସ୍ଥା ଆଜି ବେଶ୍ ହୃଷ୍ଟପୁଷ୍ଟ ହୋଇଯାଇଛି। ନିଜ ଦେଶର ଲୋକଙ୍କ ଆଗରେ ବି ଭିଆଇପିମାନେ ସୁରକ୍ଷିତ ମଣୁନାହାନ୍ତି, ଯଦ୍ୱାରା ଭିଆଇପି ସଂସ୍କୃତି ଆଳରେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବୁଛନ୍ତି।

ଭାରତରେ ବର୍ଦ୍ଧିତ ଜନସଂଖ୍ୟା ଭଳି ଭିଆଇପିଙ୍କ ସଂଖ୍ୟା ବି ବିଶ୍ୱରେ ସର୍ବାଧିକ। ଆମେରିକା, ଫ୍ରାନ୍ସ, ବ୍ରିଟେନ, ଜାପାନ, ରୁଷିଆ ଓ ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନାରେ ଭିଆଇପିଙ୍କ ସଂଖ୍ୟା ୫୦୦ ଟପି ପାରୁ ନ ଥିଲା ବେଳେ ଭାରତରେ ଭିଆଇପିଙ୍କ ସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ। ଏମାନଙ୍କ ମଧ୍ୟରେ ରାଜନୀତିଜ୍ଞ, କ୍ରୀଡ଼ାବିତ୍, ଶିଳ୍ପପତି, ବ୍ୟୁରୋକ୍ରାଟ ଓ ଅନ୍ୟାନ୍ୟ ସେଲିବ୍ରିଟି ଅନ୍ତର୍ଭୁକ୍ତ। ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ଜଣେ ଭିଆଇପିଙ୍କ ପାଇଁ ହାରାହାରି ତିନିଜଣ ପୋଲିସ କର୍ମଚାରୀ ନିଯୁକ୍ତ ଥିଲାବେଳେ ୬୬୩ଜଣ ସାଧାରଣ ନାଗରିକଙ୍କ ପାଇଁ ମାତ୍ର ଜଣେ ପୋଲିସ ଅଛନ୍ତି। ସାଧାରଣ ଜନତାଙ୍କ ପ୍ରଦତ୍ତ କରରେ କିପରି ଭିଆଇପି ସଂସ୍କୃତି ଆମ ଦେଶରେ ତିଷ୍ଠିଛି, ତା'ର ଏକ ପ୍ରମାଣ ମିଳିଥିଲା ୨୦୧୩ରେ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଉପସ୍ଥାପିତ ଏକ ସତ୍ୟପାଠରୁ। କେବଳ ଦିଲ୍ଲୀରେ ଭିଆଇପିଙ୍କ ସୁରକ୍ଷା ଲାଗି ଖର୍ଚ୍ଚ ହୋଇଥିଲା ୩୪୧ କୋଟି ଟଙ୍କା। ସମଗ୍ର ଭାରତରେ ଏ ବାବଦରେ ସରକାରୀ ତହବିଲରୁ କେତେ ଖର୍ଚ୍ଚ ହେଉଛି ତାହା ଏହି ସତ୍ୟପାଠରୁ ସହଜରେ ଅନୁମେୟ।

ଭିଆଇପି ସଂସ୍କୃତି ଉତ୍ତର ଓ ପୂର୍ବ ଭାରତରେ ବ୍ୟାପକ ଦେଖାଯାଇଥାଏ। ବିହାର, ପଶ୍ଚିମବଙ୍ଗ, ଜମ୍ମୁ–କଶ୍ମୀର, ଉତ୍ତରପ୍ରଦେଶ ଓ ପଞ୍ଜାବ ଆଦି ରାଜ୍ୟରେ ଭିଆଇପି ସଂସ୍କୃତିକୁ ସମ୍ଭ୍ରାନ୍ତପଣର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଭାରତୀୟମାନେ ଏହି ସାମନ୍ତବାଦୀ ଢାଞ୍ଚାରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ନିଜ ସାଇକେଲରେ ଅଫିସକୁ ଆସିବା, ବ୍ରିଟେନ ପ୍ରଧାନମନ୍ତ୍ରୀ ଲୋକାଲ ଟ୍ରେନରେ ସିଟ୍ ନ ପାଇ ଠିଆ ହୋଇ ଯାତ୍ରା କରିବା, ରୁଷିଆ ରାଷ୍ଟ୍ରପତି ପେଟ୍ରୋଲ ପମ୍ପରେ ନିଜ ଗାଡ଼ିରେ ନିଜେ ତେଲ ଭରିବା, ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ବାରାକ ଓବାମା ହୋଟେଲରେ ଖାଦ୍ୟ ପରଷିବା କାର୍ଯ୍ୟ କରିବା ଅବା ମାସାଚ୍ୟୁସେଟ୍‌ସର ଗଭର୍ଣ୍ଣର ପ୍ରତ୍ୟେକ ଦିନ ସାଧାରଣ ପରିବହନ ବସରେ କାର୍ଯ୍ୟାଳୟକୁ ଯିବା ଖବର ବା ଚିତ୍ର ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କରିଥାଉ। କାରଣ ଆମ ଦେଶରେ ଉଚ୍ଚ ପଦବୀ ବା କ୍ଷମତାରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଏପରି ଆଚରଣ ଆମ ପାଇଁ ସ୍ୱପ୍ନ। ଆମ ଦେଶରେ କ୍ଷମତାରେ ନ ଥିବା ବେଳେ ବି ଜେଡ୍ ସିକ୍ୟୁରିଟି ବଦଳରେ ଏକ୍ସ ସିକ୍ୟୁରିଟି ଯୋଗାଇଦେଲେ ପ୍ରତିବାଦର ସ୍ୱର ସଂସଦରେ ଉଠେ। ଜାତୀୟ ରାଜପଥରେ ଥିବା ଟୋଲ ପ୍ଲାଜାଗୁଡ଼ିକରେ ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ଲେନ କରାଯିବାକୁ ଦାବି ହୁଏ। ନୂଆ ଭାରତରେ ଭିଆଇପି କେହି ନାହାନ୍ତି। ସମସ୍ତ ନାଗରିକ ଜଣେ ଜଣେ ଭିଆଇପି। ଏପରି ଭାବନା ସୃଷ୍ଟି ହୋଇପାରିଲେ ଆମ ଦେଶ ସବୁକିଛି ହାସଲ କରିପାରିବ ବୋଲି ମନ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ପରେ ଅନେକ କିଛି ପରିବର୍ତ୍ତନର ଆଶା ସୃଷ୍ଟି ହୋଇଛି। କିଛି ଅତି ବିଶିଷ୍ଟ ପଦପଦବୀରେ ଥିବା ବ୍ୟକ୍ତିଙ୍କ ଗାଡ଼ିକୁ ବାଦ୍‌ଦେଲେ ଅନେକ ଭିଆଇପିଙ୍କ ଗାଡ଼ିରୁ ନାଲିବତି କାଢ଼ି ନିଆଗଲାଣି ସତ, ହେଲେ ଭିଆଇପି ମାନସିକତା ଦୂର ହୋଇପାରିନାହିଁ। ଅନେକ ଧନଶାଳୀ ଓ ସେଲିବ୍ରିଟି ନିଜ ଖର୍ଚ୍ଚରେ ନିଜର ନିରାପତ୍ତା ବଳୟ ସୃଷ୍ଟିକରି ଭିଆଇପି ଗିରିକୁ ଉପଭୋଗ କରିଚାଲିଛନ୍ତି। ପଦପଦବୀ, କ୍ଷମତା, ଧନସମ୍ପତ୍ତି ନିର୍ବିଶେଷରେ ଆମେ ସମସ୍ତେ ସାଧାରଣ ମଣିଷ। ଏଭଳି ଭାବନା ସୃଷ୍ଟି ହୋଇପାରିଲେ ଭିଆଇପି ସଂସ୍କୃତିର ବିଲୋପ ଘଟିପାରନ୍ତା। ସାଧାରଣ ମଣିଷ ଓ ଭିଆଇପି ମଧ୍ୟରେ ଦୂରତା କମିପାରନ୍ତା। ଯେଉଁ କ୍ଷମତାକୁ ନେଇ ଗର୍ବ କରୁଛୁ, ତାହା ଦିନେ ଚାଲିଯିବ। ଯେଉଁ ଧନକୁ ନେଇ ଅହଂକାର କରୁଛୁ ତାହା ଦିନେ ଆମ ପ୍ରାଣକୁ ରକ୍ଷା କରିପାରିବ ନାହିଁ। ଯେଉଁ ଶରୀରକୁ ନେଇ ଅଭିମାନ କରୁଛୁ, ତାହା ବି ଦିନେ ଆମ ଆତ୍ମାକୁ ବୋହିପାରିବ ନାହିଁ। କୌଣସି ପଦପଦବୀ, କ୍ଷମତା ବା ଧନ ନୁହେଁ, ପବିତ୍ର ମନୋଭାବ ଓ ଉଚ୍ଚ ମାନବୀୟ ଆଚରଣ ହିଁ ମଣିଷକୁ ଭିଆଇପିର ପରିଚୟ ଦେଇଥାଏ। ସେତେବେଳେ ଆଉ କହିବାର ଆବଶ୍ୟକତା ନ ଥାଏ 'ଜାଣିଛ, ମୁଁ କିଏ'।

ଇମେଲ–prakastripathy09@gmail.com

# ସମାଲୋଚନା ଓ ଫକୀରମୋହନ

ବିଭୁପ୍ରସାଦ ମହାପାତ୍ର

ଯୁକ୍ତରାଷ୍ଟ୍ର ଆମେରିକାର ଲେଖକ ତଥା ଦାର୍ଶନିକ ଏଲ୍‌ବର୍ଟ ଗ୍ରୀନ୍ ହବାର୍ଡ (୧୮୫୬–୧୯୧୫) ମାର୍କିନ ମୋଟର ନିର୍ମାତା ଓ ରାଜନେତା ଜନ୍ ନର୍ଥ ୱିଲିସ୍ (୧୮୭୩–୧୯୩୫)ଙ୍କ ଉପରେ ଏକ ପୁସ୍ତକ ରଚନା କରିଛନ୍ତି। ଉକ୍ତ ପୁସ୍ତକର ଏକ ଉକ୍ତି ହେଲା–"Do nothing, say nothing, and be nothing, and you will never be criticized." (ସମାଲୋଚନାରୁ ମୁକ୍ତି ଚାହୁଁଥିଲେ କିଛି କରନ୍ତୁ ନାହିଁ, କିଛି କୁହନ୍ତୁ ନାହିଁ ଏବଂ କିଛି ହୁଅନ୍ତୁ ନାହିଁ।) ଯେଉଁଠି କର୍ମ ହେଉଛି 'ଜୀବନର ମାନଦଣ୍ଡ', ସେଠି କିଛି ନ କରି ସମାଲୋଚନା ଭୟରେ ରହିହେବ କି?

ତେବେ ଯେକୌଣସି ଇତର କର୍ମ ହେଉ କି ସାହିତ୍ୟ ସୃଜନ ପରି ଜ୍ଞାନାଶ୍ରିତ ଉତ୍ତମ କର୍ମ, ସମାଲୋଚନା ରହିବ ହିଁ ରହିବ। ଷୋଡ଼ଶ ଶତାବ୍ଦୀରେ ଅତିବଡ଼ୀ ଜଗନ୍ନାଥ ଦାସ ମାନକ ଓଡ଼ିଆ ଭାଷାରେ 'ଭାଗବତ' ରଚନା କଲେ ଏବଂ ତାହା ପ୍ରାକୃତ ତଥା ଜନସାଧାରଣଙ୍କ କଥିତ ଭାଷାରେ ରଚନା ହୋଇଥିବାରୁ ସର୍ବଜନାଦୃତ ହୋଇଥିଲା। ଓଡ଼ିଆଙ୍କ ଚଳଣି ସହ ଯୋଡ଼ି ହୋଇଯାଇଥିବା ଯେଉଁ କୃତିକୁ ଲୋକେ ଗାଁ ଗାଁରେ ଭାଗବତ ଟୁଙ୍ଗି ସ୍ଥାପନ କରି 'ଭାଗବତ ଗୋସେଇଁ' ରୂପେ ପୂଜା କରିଆସୁଛନ୍ତି, ଦିନ ଥିଲା ସେହି ଅତୁଳନୀୟ କୃତିକୁ ସଂସ୍କୃତପ୍ରଧାନ ସମାଜ ତଥା ବ୍ରାହ୍ମଣ ଶାସନମାନଙ୍କରେ 'ତେଲୀ ଭାଗବତ'ର ଆକ୍ଷେପ ଶୁଣିବାକୁ ପଡ଼ିଥିଲା। ଜଣେ ସଚ୍ଚା ସମାଲୋଚକର କର୍ତ୍ତବ୍ୟ ହେଲା– ନିରପେକ୍ଷ ଭାବେ ବ୍ୟକ୍ତିଗତ ଆକ୍ଷେପ ନ କରି କୃତିଟିର ଗୁଣଦୋଷ ବାଛିବା, ସାହିତ୍ୟ ସମାଲୋଚକଟିଏ ସାହିତ୍ୟକୃତିର ବିଶ୍ଳେଷଣ ପୂର୍ବକ କେବଳ କୃତିକୁ ନୁହଁ, ସାହିତ୍ୟକୁ ସୁଧାରିଥାଏ। ସେ ଚାଟୁକାର ସ୍ତାବକ ହୋଇ ନ ପାରେ କି ଦ୍ୱେଷପ୍ରଚୋଦିତ ଦୋଷଦର୍ଶୀ ନୁହେଁ। ଅବଶ୍ୟ ନିର୍ବିକଳ୍ପ ଏବଂ ଦ୍ୱେଷରହିତ ସମାଲୋଚକ ଆଜିକା ସମୟରେ ବିରଳ କହିଲେ ଚଳେ। ତଥାପି କିଛି ସାହିତ୍ୟିକ ଉଦାର ହୃଦୟରେ ସମାଲୋଚନାକୁ ଗ୍ରହଣ କରୁଥିବା ବେଳେ ଆଉ ଥୋକେ ସମାଲୋଚନାର ଶରବ୍ୟ ଓ ସମାଲୋଚକର ଉଦ୍ଦେଶ୍ୟପ୍ରଣୋଦିତ ଆକ୍ଷେପରେ କ୍ଷୁବ୍ଧ ହୋଇଥାନ୍ତି।

ଓଡ଼ିଆ ପିଲାମାନଙ୍କ ନିମନ୍ତେ ପାଠ୍ୟପୁସ୍ତକ ଅଭାବକୁ ଲକ୍ଷ୍ୟ କରି ଭାଷା ଆନ୍ଦୋଳନର

### ୧୩ ଜାନୁୟାରୀ ଜୟନ୍ତୀ ଉପଲକ୍ଷେ

ସେନାପତି ତଥା ରିଙ୍ଗ୍ ଲିଡର ଫକୀରମୋହନ ସେନାପତି (୧୮୪୩–୧୯୧୮) 'ଭାରତବର୍ଷର ଇତିହାସ' (୧ମ ଭାଗ) ରଚନା କରନ୍ତି। ଉତ୍କଳ ଦୀପିକାର ସମ୍ପାଦକ ଓଡ଼ିଆପ୍ରାଣ କର୍ମବୀର ଗୌରୀଶଙ୍କର ରାୟ (୧୮୩୮–୧୯୧୭) ପୁସ୍ତକଟିକୁ ତ୍ରୁଟିଯୁକ୍ତ ଥିବା ଦେଖି ଯାହା ଲେଖିଥିଲେ– ''ଅତଏବ ଏମନ୍ତ କାଳରେ ନୂତନ ପୁସ୍ତକମାନ ମୁଦ୍ରିତ ଓ ପ୍ରଚାର ହେବାର ଦେଖି ବଡ଼ ଆନନ୍ଦବୋଧ ହୁଅଇ କିନ୍ତୁ ପକ୍ଷାନ୍ତରେ ଏ ସମସ୍ତ ପୁସ୍ତକ ରଚନା ପାଠ କରି ଅତ୍ରତ୍ୟ ଲୋକମାନେ କ୍ରମେ ଉତ୍କଳ ଭାଷାକୁ ପାସୋରି ଏକ ବିବାଦୀୟ ବଙ୍ଗୋତ୍କଳ ମିଶ୍ରିତ ଭାଷା ଶିକ୍ଷା କରିବେ, ଏହା ମନେ ପଡ଼ିବାରୁ ଅପାର ଦୁଃଖ ଜାତ ହୁଅଇ। ...ଗ୍ରନ୍ଥର ରଚନା ପ୍ରତି ଦୃଷ୍ଟି ଦେଲେ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ଗ୍ରନ୍ଥକର୍ତ୍ତା ବିଷମୟ ମିଷ୍ଟାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିକାଶ ସାଧନ ପକ୍ଷରେ ଯେ ରୂପ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି, ତହିଁରେ ତାହାଙ୍କୁ କପଟବନ୍ଧୁ ଭିନ୍ନ ଆଉ କି ଜ୍ଞାନ କରିବୁ?''

ଉତ୍କଳ ବରେଣ୍ୟ ଫକୀରମୋହନ 'ଭାରତବର୍ଷର ଇତିହାସ' (୨ୟ ଭାଗ) ରଚନା କରିବା କାଳରେ ସମାଲୋଚନାକୁ ସହୃଦୟତାର ସହ ଗ୍ରହଣ ପୂର୍ବକ ପୁସ୍ତକଟିକୁ ତ୍ରୁଟିରହିତ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କଲେ। ବାଲେଶ୍ୱରର ଉତ୍କଳ ପ୍ରେସ୍‌ରେ ମୁଦ୍ରିତ ହୋଇଥିବା ଉକ୍ତ ଗ୍ରନ୍ଥର ଏକକିତା ଉପହାର ସ୍ୱରୂପ କର୍ମବୀରଙ୍କୁ ପ୍ରଦାନ କରିଥିଲେ। ମହାମନା ସେନାପତି ଉଦାର ହୃଦୟରେ ସମାଲୋଚନାକୁ ଗ୍ରହଣ କରି ପୁଣି ସ୍ୱୟଂ ସମାଲୋଚକ ନିକଟକୁ କପିଟିଏ ପଠାଇଥିବାରୁ ଆନନ୍ଦିତ ହୋଇ 'ଉତ୍କଳ ଦୀପିକା'ରେ ଯାହା ଲେଖିଥିଲେ– ''ଏମନ୍ତ କିଏ ରଚନା କରିବ କି ଯହିଁରେ ଗୋଟିଏ ହୋଇ ଭ୍ରମ ନ ଥିବ? ମାତ୍ର ସେହି ବ୍ୟକ୍ତି ପ୍ରଶଂସନୀୟ ଯେ କି ଭ୍ରମର କଥା ଶୁଣିଲାରୁ ତହିଁରେ ବିରକ୍ତ ନ ହୋଇ ଭବିଷ୍ୟତକୁ ତାହା ପକ୍ଷରେ ଯତ୍ନ କରଇ।... ନୋହିଲେ ଏମନ୍ତ ଲୋକ ନାହାନ୍ତି କି ତାହାଙ୍କର ଭ୍ରମ କେହି ଦେଖାଇଦେଲେ ଗୌରବର କ୍ଷତି ଜ୍ଞାନ କରି ରାଗାନ୍ୱିତ ହୁଅନ୍ତି ଓ ଆପଣାର ଭ୍ରମ ସଂଶୋଧନ ତେଣିକି ଥାଉ, ଅପର ବ୍ୟକ୍ତିର କାର୍ଯ୍ୟରେ ଛିଦ୍ର ଅନୁସନ୍ଧାନ କରି ବୁଲୁଥାନ୍ତି।''

ଏପରି ମହାମନା ଥିଲେ ଆମ ପ୍ରିୟ ଫକୀରମୋହନ। ସେଥିପାଇଁ କୁହାଯାଏ– ସତ୍‌ପାତ୍ର ସିନା ଗୁଣଦୋଷର ମର୍ମ ଗ୍ରହଣ କରିବ ଅପାତ୍ରରେ କହି ଲାଭ କି ଅଛି?

ଭୋଗଡ଼ା, ଖୋର୍ଦ୍ଧା, ମୋ–୭୦୦୮୦୫୩୫୯୭

## ଆମ ସମସ୍ୟା

### ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଦିଗଫଳକ ଲଗାଯାଉ

ମହାଶୟ,

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦିଗଫଳକ ନ ଥିବାରୁ, ମେଡିକାଲ ଯିବାକୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ମେନରୋଡ଼ରୁ କୁଆଡେ ଗଲେ ମେଡିକାଲ ପଡ଼ିବ ପାଖ ଲୋକ କିମ୍ବା ଦୋକାନୀଙ୍କୁ ପଚାରିବାକୁ ପଡୁଛି। ଏହା ଫଳରେ ଜରୁରୀ ସମୟରେ ରୋଗୀକୁ ନେଇ ଯିବାରେ ଲୋକେ ଅସୁବିଧାର ସାମ୍ନା କରୁଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଏହାର କିଛି ଲାଭ ଏ ଯାଏଁ ମିଳିପାରିନି । ଏଣୁ ପ୍ରଶାସନ ପକ୍ଷରୁ ଚିକିତ୍ସାଳୟ ରାସ୍ତାକୁ ଏକ ଦିଗଫଳକ ଲଗାଇବାକୁ ଅନୁରୋଧ ।

ବିଶ୍ୱଜିତ୍ ସାହୁ, ଆଇଆଇଏମ୍‌ସି, ଢେଙ୍କାନାଳ

### ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା କେବେ

୨୦୧୯ ଜୁଲାଇରୁ ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା ମିଳିବା କଥା। କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ସହିତ ଅନ୍ୟ କେତେକ ରାଜ୍ୟର କର୍ମଚାରୀମାନେ ୧୨ ପ୍ରତିଶତ ମହଙ୍ଗା ଭତ୍ତାରେ ୫ ପ୍ରତିଶତ ବୃଦ୍ଧି ଘଟି ଦୀପାବଳିଠାରୁ ୧୭ ପ୍ରତିଶତ ପାଇସାରିଲେଣି। କିନ୍ତୁ ଆମ ରାଜ୍ୟ ସରକାର ଭତ୍ତା ବୃଦ୍ଧି କରୁନାହାନ୍ତି। ପୁନଶ୍ଚ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ଦୀର୍ଘଦିନର ଦାବି ଚିକିତ୍ସା ଭତ୍ତା ପ୍ରତି ମଧ୍ୟ ସରକାର ବିମୁଖ। ଅନ୍ୟାନ୍ୟ ଜନହିତକାରୀ ଯୋଜନାରେ ଜଡ଼ିତ ବ୍ୟକ୍ତିବିଶେଷଙ୍କର ଭତ୍ତା ବୃଦ୍ଧି ହେବା ବେଳେ ଚିକିତ୍ସା ଭତ୍ତା ମଞ୍ଜୁର କରିବା ଉଚିତ ନୁହେଁ କି?

କୃଷ୍ଣଚନ୍ଦ୍ର ହୋତା, ବଳଙ୍ଗା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଜଣେ ଆଇଏଏସ୍ ଅଧିକାରୀ ନିଆରା ସେବା ମାଧ୍ୟମରେ ସମାଜରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଦଳାଇ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅଧିକାରୀ ଜଣଙ୍କ ହେଉଛନ୍ତି ରାଜସ୍ଥାନର ସହର ଭିତ୍ତିଭୂମି ବିକାଶ ପରିଯୋଜନା(ଆର୍‌ୟୁଆଇଡିପି)ର ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ସୋନି । ଏହା ପୂର୍ବରୁ ଜାଲୋର ଜିଲାପାଳ ଥିବା ସମୟରେ ସେ 'ଚରଣପାଦୁକା ଅଭିଯାନ' ଆରମ୍ଭ କରି ୧୫ ଦିନ ମଧ୍ୟରେ ଜିଲାରେ ଖାଲି ପାଦରେ ସ୍କୁଲ ଯାଉଥିବା ୩୦ ହଜାର ପିଲାଙ୍କୁ ଚପଲ ଯୋଗାଇ ଦେଇଥିଲେ। ତାଙ୍କର ଏହି ଅଭିଯାନକୁ ସାରା ରାଜ୍ୟରେ ଲାଗୁ କରାଯାଇ ଏବେ ସୁଦ୍ଧା ୧,୭୬,୦୦୦ ପିଲାଙ୍କୁ ଚପଲ ଯୋଗାଇଦିଆଗଲାଣି। ପାଲି ଜିଲାରେ ପ୍ରୋବେଶନାରୀ ଅଧିକାରୀ ଥିବାବେଳେ ସେ 'ବିଦ୍ୟାପ୍ରବାହିନୀ'ଯୋଜନାରେ ସ୍କୁଲ ପିଲାମାନଙ୍କ ବସ୍‌ରେ ପ୍ରୋଜେକ୍ଟର ମାଧ୍ୟମରେ ଶିକ୍ଷା ସମ୍ବନ୍ଧୀୟ ଅଡିଓ ଓ ଭିଡିଓ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରିଥିଲେ। ଏହି ଯୋଜନାରେ ଜିଲା କର୍ତ୍ତୃପକ୍ଷ ଏବଂ ସ୍ୱେଚ୍ଛାସେବୀମାନେ ନିୟମିତ ସନ୍ଧ୍ୟାରେ ବସ୍ତିକୁ ଯାଇ ପିଲାମାନଙ୍କୁ ପଢ଼ାଉଥିଲେ। ଝଲାୱାଡ ଜିଲାପାଳ ଥିବା ସମୟରେ 'ରକ୍ତକୋଷ' ଅଭିଯାନ ମାଧ୍ୟମରେ ଓ'ନେଗେଟିଭ ରକ୍ତ ସଂଗ୍ରହ କରି ପୀଡ଼ିତମାନଙ୍କୁ ଯୋଗାଇ ଦେଇ ଅନେକ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶେ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନ୍ଧୁଣୀ ମୁଁ, ଜୀବନ–ଚାଳକ! (ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜାନୁୟାରୀ ୧୯୯୫**

- ଭାରତ ଓ ବ୍ରୁନେଇ ମଧ୍ୟରେ ବିମାନ ସେବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- କଲମ୍ବିଆର ଏକ ବିମାନରେ ବିସ୍ଫୋରଣ ଘଟି ୫୧ ଜଣଙ୍କ ପ୍ରାଣହାନି।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୫– ଭାରତର ପ୍ରଥମ ଲୋକ ସଭାର ସଦସ୍ୟ ଥିବା କମଲ ବାହାଦୁର ସିଂଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା।

୬– ଇରାନ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ହତ୍ୟା ପରେ ତେହେରାନ ୨୦୧୫ର ଆଣବିକ ଚୁକ୍ତିନାମା ମାନିବ ନାହିଁ ବୋଲି ଘୋଷଣା କରିଛି।

୭– ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ୪ ଦୋଷୀଙ୍କୁ ଆସନ୍ତା ୨୨ ତାରିଖ ସକାଳେ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଯିବ ବୋଲି ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟ ରାୟ ଦେଇଛନ୍ତି।

୮– ଇରାକସ୍ଥିତ ଆମେରିକା ଓ ମେଣ୍ଟ ବଳର ଦୁଇଟି ସେନା ଶିବିର ଉପରେ ଇରାନ ୨୨ଟି ବାଲିଷ୍ଟିକ୍ ମିଶାଇଲ ମାଡ଼ କରିବା ଫଳରେ ଆମେରିକାର ୮୦ ସୈନ୍ୟ ନିହତ ଓ ୨୦୦ ଆହତ ହୋଇଥିବା ଇରାନ ଦାବି କରିଛି।

uti UTI Mutual Fund
Haq, ek behtar zindagi ka.

10 YEARS 2020

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ



ସ୍ୱତନ୍ତ୍ର କୁମାରଙ୍କ

## ଆର୍ଥିକ ସ୍ୱାଧୀନତା ହାସଲ କରିବାର ୬ଟି ମନ୍ତ୍ର

ଆନ୍ତରିକ ଶାନ୍ତି ସନ୍ଧାନରେ ଲୋକମାନେ ହିମାଳୟକୁ ଯାଇଥାନ୍ତି। କିନ୍ତୁ ଆର୍ଥିକ ଶାନ୍ତି ପାଇଁ କ'ଣ କରାଯିବ? ଯାହା ବି ହେଉ, ଭଲ ଖବର ହେଉଛି, ଏହାର ସନ୍ଧାନରେ ଆପଣଙ୍କୁ କେଉଁଠିକୁ ଯିବାକୁ ପଡ଼ିବ ନାହିଁ। ଆପଣଙ୍କୁ କେବଳ ଏହି ଆର୍ଥିକ ମନ୍ତ୍ରଗୁଡ଼ିକୁ ଅଭ୍ୟାସ କରିବାକୁ ହେବ।

### ମନ୍ତ୍ର ୧

**ନିଜ ଆର୍ଥିକ ସ୍ଥିତିର ବିଶ୍ଳେଷଣ କରନ୍ତୁ**

ଆପଣଙ୍କ ମନକୁ କିଛି ଆନ୍ଦୋଳିତ କଲେ କିମ୍ବା କିଛି ଗୋଟେ ଠିକ୍ ନ ଥିଲା ଭଳି ଆପଣଙ୍କୁ ଲାଗିଲେ, ଶାନ୍ତି ଆପଣଙ୍କ ପରମକାମ୍ୟ ହୋଇଯାଏ।

**ତେଣୁ:** ଆପଣଙ୍କ ଆର୍ଥିକ ସ୍ଥିତିରେ ଭୁଲ୍ କେଉଁଠି ଅଛି ପ୍ରଥମେ ତାହାକୁ ଚିହ୍ନଟ କରନ୍ତୁ ।

**କେମିତି:** ନିଜ ଆର୍ଥିକ ଜୀବନର ମୂଲ୍ୟାୟନ କରନ୍ତୁ। ନିଜର ସମସ୍ତ ପରିସମ୍ପତ୍ତି ଓ ଦେୟତାଗୁଡ଼ିକୁ ମାତ୍ରା ନିର୍ଦ୍ଧାରଣ କରନ୍ତୁ। ନିଜର ଆୟ ଓ ବ୍ୟୟଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ । ନିଜର ଆର୍ଥିକ ଶକ୍ତି ଓ ଦୁର୍ବଳତାଗୁଡ଼ିକୁ ବୁଝିବାକୁ ଭୁଲନ୍ତୁ ନାହିଁ ।

### ମନ୍ତ୍ର ୨

**ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ**

ଯେବେ ଆପଣଙ୍କ ଜୀବନ ଅବନତି ପଥରେ ଚାଲିଥାଏ, ଆପଣ ଚାହାନ୍ତି କେହିଜଣେ ଆପଣଙ୍କ ସହ କଥା ହେଉ, ଆପଣଙ୍କୁ ଆଶ୍ୱାସନା ଦେଉ ଓ ଆପଣଙ୍କୁ ମାର୍ଗଦର୍ଶନ କରାଉ। ସେ ଆପଣଙ୍କ ବନ୍ଧୁ ହୋଇପାରନ୍ତି କିମ୍ବା ଶିକ୍ଷକ, ପୃଷ୍ଠପୋଷକ କିମ୍ବା ପିତାମାତା, ଏପରିକି ପରାମର୍ଶଦାତା ହୋଇପାରନ୍ତି।

**ତେଣୁ:** ନିଜ ଆର୍ଥିକ ଜୀବନ ସମ୍ପର୍କରେ ଆପଣ କାହା ସହିତ ଆଲୋଚନା କରିପାରିବେ ସ୍ଥିର କରନ୍ତୁ।

**କେମିତି:** ସାଙ୍ଗସାଥୀ, ସହକର୍ମୀଙ୍କଠାରୁ କିମ୍ବା ଇଣ୍ଟରନେଟ୍ ଇତ୍ୟାଦିରୁ ଆର୍ଥିକ ପରାମର୍ଶଦାତାଙ୍କ ସମ୍ପର୍କରେ ଜାଣନ୍ତୁ ଏବଂ ବାଛିଥିବା ଆର୍ଥିକ ପରାମର୍ଶଦାତାଙ୍କ ପୃଷ୍ଠଭୂମିକୁ ଭଲଭାବେ ଯାଞ୍ଚ କରିନିଅନ୍ତୁ । ଏହାପରେ, ସେମାନଙ୍କ ଯୋଗ୍ୟତା ଓ ଅଭିଜ୍ଞତା ସମ୍ପର୍କରେ ଜାଣନ୍ତୁ। ଆହୁରିମଧ୍ୟ, ଅନ୍ୟାନ୍ୟ ପ୍ରଶ୍ନ ସମେତ ସେମାନଙ୍କୁ ତାଙ୍କର ସଫଳତା ହାର, ସହବନ୍ଧନ ଇତ୍ୟାଦି ସମ୍ପର୍କରେ ପଚାରନ୍ତୁ ।

### ମନ୍ତ୍ର ୩

**ଆର୍ଥିକ ଲକ୍ଷ୍ୟ ସ୍ଥିର କରନ୍ତୁ**

ନିଜର ଏକାଗ୍ରତାକୁ ଉନ୍ନତ କରିବା, ଦୁଃଶ୍ଚିନ୍ତା ଏବଂ ଅବସାଦ ହ୍ରାସ କରିବା ପାଇଁ ଆପଣ ଧ୍ୟାନ କରିଥାନ୍ତି।

**ତେଣୁ:** ଆପଣଙ୍କ ଟଙ୍କାର ଯିବା ପାଇଁ ବହୁତ ବାଟ ଅଛି। ଆପଣଙ୍କୁ ପ୍ରଥମେ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବାକୁ ହେବ।

**କେମିତି:** ମନେପକାନ୍ତୁ ଆପଣ ଚାହୁଁଥିବା କେତେ ଛୋଟ ବଡ଼ ଜିନିଷ ଆପଣ ଟଙ୍କା ଅଭାବରୁ କିଣିପାରୁ ନ ଥିଲେ। ଏଗୁଡ଼ିକ ଆପଣଙ୍କ ଲକ୍ଷ୍ୟରେ ପରିଣତ ହୋଇଯାଇଛି। ଏହାପରେ, ତାହାକୁ ହାସଲ କରିବାର ସମୟସୀମା ସ୍ଥିର କରନ୍ତୁ ।

### ମନ୍ତ୍ର ୪

**ନିଜ ଲକ୍ଷ୍ୟ ପାଇଁ ସଞ୍ଚୟ କରନ୍ତୁ**

ଆପଣଙ୍କୁ ଶାନ୍ତି ଦେବା ପାଇଁ ପର୍ବତ ଆପଣଙ୍କୁ ହାତଠାରି ଡାକୁଛି, କିନ୍ତୁ ଚଢ଼ିବା ପାଇଁ ଆପଣଙ୍କ ନିକଟରେ ଶକ୍ତି ଅଛି କି?

**ତେଣୁ:** ଏବେ ଆପଣ କ'ଣ ଚାହୁଁଛନ୍ତି ତାହା ଜାଣିଲେ, ସେଥିପାଇଁ ସଞ୍ଚୟ କରିବା ଆରମ୍ଭ କରନ୍ତୁ।

**କେମିତି:** ପ୍ରତିମାସରେ ନିଜ ଲକ୍ଷ୍ୟ ପାଇଁ ଏବଂ ଜରୁରିକାଳୀନ ପରିସ୍ଥିତି ପାଇଁ ପୃଥକ୍ ଭାବେ ଅଳ୍ପ ପରିମାଣର ଅର୍ଥରାଶି ଅଲଗା କରି ରଖନ୍ତୁ। ଏକ ସାଧାରଣ ନିୟମ ଭାବେ, ଆପଣ ନିଜ ମାସିକ ଆୟର ଅନ୍ୟୂନ ୨୦% ସଞ୍ଚୟ କରିବା ଚେଷ୍ଟା କରିବା ଜରୁରୀ। ଶତକଡ଼ା ଯେତେ ଅଧିକ ହେବ, ଆପଣଙ୍କ ଆର୍ଥିକ ସ୍ଥିତି ସେତେ ଭଲ ହେବ।

### ମନ୍ତ୍ର ୫

**ନିବେଶ କରନ୍ତୁ**

ମାନସିକ ଶାନ୍ତି ହାସଲ କରିବା ପାଇଁ ଆପଣ ନିଜର ସମୟ ଓ ଟଙ୍କା ନିବେଶ କରିଥାନ୍ତି। ଆର୍ଥିକ ଶାନ୍ତି ପାଇଁ ମଧ୍ୟ ସେଇଆ କରନ୍ତୁ ।

**ତେଣୁ:** ଧନ ସୃଜନ କରିବା, ଲକ୍ଷ୍ୟ ପାଇଁ ସଞ୍ଚୟ କରିବା ଓ ଜରୁରିକାଳୀନ ପରିସ୍ଥିତି, ଟିକସ ସଞ୍ଚୟ କରିବା ଓ ଏକ ଆରାମଦାୟକ ଅବସରକାଳୀନ ଜୀବନ ପାଇଁ ନିଜ ସଞ୍ଚୟଗୁଡ଼ିକୁ ନିବେଶ କରନ୍ତୁ।

**କେମିତି:** ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଦୀର୍ଘ ମିଆଦରେ ଆପଣଙ୍କୁ ଧନ ସୃଜନ କରିବାରେ ସାହାଯ୍ୟ କରିପାରିବ। ଆପଣ ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ ନିବେଶ କରି ନିବେଶ ଉପରେ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ଟିକସ ସଞ୍ଚୟ କରିପାରିବେ। ନିଜ ଅବସରକାଳୀନ ପାଣ୍ଠିକୁ ବ୍ୟବସ୍ଥିତ ଢଙ୍ଗରେ ଗଢ଼ିବା ପାଇଁ, ଆପଣ ସଲ୍ୟୁସନ୍ ଓରିଏଣ୍ଟେଡ୍ ରିଟାୟରମେଣ୍ଟ ଫଣ୍ଡରେ ନିବେଶ କରିପାରିବେ। ଅଧିକନ୍ତୁ, ନିଜର ଜରୁରିକାଳୀନ ସଞ୍ଚୟକୁ ବୃଦ୍ଧି କରିବା ପାଇଁ, ଆପଣ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରିବେ।

### ମନ୍ତ୍ର ୬

**ନିଜ ନିବେଶଗୁଡ଼ିକର ସମୀକ୍ଷା କରନ୍ତୁ**

ମନ୍ତ୍ରଗୁଡ଼ିକ ଆପଣଙ୍କ ପାଇଁ ପ୍ରଭାବୀ ହେଉଛି କି ନାହିଁ ତାହାକୁ ନିଶ୍ଚିତ କରିବା ଲାଗି ଯେମିତି ଆପଣ ଚେଷ୍ଟା କରନ୍ତି ସେହିଭଳି ଆପଣଙ୍କ ନିବେଶଗୁଡ଼ିକ ଆପଣଙ୍କ ଲକ୍ଷ୍ୟକୁ ହାସଲରେ ଆପଣଙ୍କୁ ସାହାଯ୍ୟ କରୁଛି କି ନାହିଁ ତାହା ମଧ୍ୟ ସୁନିଶ୍ଚିତ କରିନେବା ଆବଶ୍ୟକ।

**ତେଣୁ:** ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ପୋର୍ଟଫୋଲିଓକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରନ୍ତୁ।

**କେମିତି:** ଆପଣଙ୍କ ଫଣ୍ଡର ନେଟ୍ ପରିସମ୍ପତ୍ତି ମୂଲ୍ୟ ଆପଣଙ୍କୁ ଏହାର ୟୁନିଟ୍ ପିଛା ବଜାର ମୂଲ୍ୟ ବିଷୟରେ ଧାରଣା ଦେଇଥାଏ। ସହାୟତା ପାଇଁ ଆପଣ ଆର୍ଥିକ ପରାମର୍ଶଦାତାଙ୍କ ସହ ଯୋଗାଯୋଗ ମଧ୍ୟ କରିପାରନ୍ତି।

## ଜ୍ଞାନର ଉପହାର

ଏକ ଶୁଭ ୨୦୧୯ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ କରିବା ବେଳେ ଆପଣ ଆପଣଙ୍କ ପାଇଁ ଏହି ବର୍ଷକୁ ବାଧାବିଘ୍ନମୁକ୍ତ କରିବାରେ କଠିନ ପରିଶ୍ରମ କରିଥିବା ସେହି ଲୋକମାନଙ୍କ ବିଷୟରେ ଚିନ୍ତା କରିଛନ୍ତି କି? ସେମାନେ ହେଉଛନ୍ତି ଆପଣଙ୍କ ଚାକରାଣୀ, ସିକ୍ୟୁରିଟି ଗାର୍ଡ, ଲିଫ୍ଟମ୍ୟାନ୍, କେୟାର୍‌ଟେକର୍, ଏପରିକି ଡ୍ରାଇଭର୍ । ସେମାନଙ୍କୁ କିଛି ଉପହାର ଦେଇ ଆପଣ ନିଜର କୃତଜ୍ଞତା ଅଭିବ୍ୟକ୍ତ କଲେ କେମିତି ହୁଅନ୍ତା?




**ଜ୍ଞାନର ଉପହାର ଏତେ ମୂଲ୍ୟବାନ୍ କାହିଁକି?**

ସଞ୍ଚୟ ଓ ନିବେଶ କରିବାର ମହତ୍ତ୍ୱ ଆପଣଙ୍କୁ ବେଶ୍ ଜଣା। କିନ୍ତୁ ଆପଣଙ୍କ ସହାୟକମାନଙ୍କ ପାଇଁ ହୁଏତ ତାହା ଅଜଣା ହୋଇପାରେ। ଜ୍ଞାନକୁ ଛାଡ଼ିଦେଲେ ଅନ୍ୟ ସବୁକିଛି ଏକ ଏକ୍ସପାଏରୀ ତାରିଖ ସହିତ ଆସିଥାଏ। କିନ୍ତୁ ଯଦି ଆପଣ ସେମାନଙ୍କୁ ଆର୍ଥିକ ଜ୍ଞାନ ଦିଅନ୍ତି ତେବେ ଦିନ ଆସିବ ସେହି ଉପହାରଗୁଡ଼ିକୁ କିଣିବା ପାଇଁ ସେମାନଙ୍କ ନିକଟରେ ଯଥେଷ୍ଟ ଟଙ୍କା ରହିବ।

**ଉପହାର କିପରି ଦେବେ?**

- ସଞ୍ଚୟ, ନିବେଶ ଓ ନିଜର ଜୀବନ ଓ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାର ମହତ୍ତ୍ୱ ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ।
- ସେମାନଙ୍କ ଟଙ୍କା କିପରି ବହୁଗୁଣିତ ହୋଇଯିବ ତାହା ଦେଖାଇବା ପାଇଁ କାଲକୁଲେଟର୍ ଓ ସାଧାରଣ ହିସାବର ସହାୟତା ନିଅନ୍ତୁ ।
- ସେମାନଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଉତ୍ସାହିତ କରନ୍ତୁ।
- ସେମାନଙ୍କୁ ନ୍ୟୂନତମ ନିବେଶ ପରିମାଣ ସହିତ ନିବେଶ କରିବା ସମ୍ପର୍କରେ ଶିକ୍ଷିତ କରନ୍ତୁ । ଉଦାହରଣସ୍ୱରୂପ, ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)ରେ ₹୫୦୦ ନିବେଶ କରି ସେମାନେ କିପରି ନିଜର କଷ୍ଟୋପାର୍ଜିତ ଟଙ୍କାକୁ ବହୁଗୁଣିତ କରିପାରିବେ।

ମନେରଖନ୍ତୁ, ସେମାନଙ୍କୁ ଆର୍ଥିକ ଜ୍ଞାନ ଦେଇ ଆପଣ ସେମାନଙ୍କୁ ଏକ ସୁରକ୍ଷିତ ଭବିଷ୍ୟତର ଉପହାର ଦେଉଛନ୍ତି ।

ଏହି ବିଷୟବସ୍ତୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ମୋର ଚାକିରି ହରାଇଛି, କିନ୍ତୁ ଖୁବ୍‌ଶୀଘ୍ର ଆଉ ଏକ ଚାକିରିରେ ଯୋଗ ଦେବାକୁ ଯାଉଛି। ଏଥିଯୋଗୁଁ ମୋତେ ଲାଗୁଛି ମୁଁ ମୋର କେତୋଟି ଏସ୍‌ଆଇପି କିସ୍ତି ଦେଇପାରିବି ନାହିଁ । ଦେଇ ନ ପାରିଲେ କିଛି ଜରିମାନା ଲାଗିବ କି?



**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**ସୁନୀଲ ଜାକବ୍**
ପ୍ରତିଷ୍ଠାତା, ହାର୍ଭେଷ୍ଟ ଆସେଟ୍ ମ୍ୟାନେଜମେଣ୍ଟ ସର୍ଭିସେସ୍

ମାସିକ ଏସ୍‌ଆଇପି ପେମେଣ୍ଟ ଦେଇ ନ ପାରିବା ସହ କୌଣସି ଜରିମାନା ଜଡ଼ିତ ନୁହେଁ ଏବଂ ଏଥିଯୋଗୁଁ ଫୋଲିଓ ବନ୍ଦ ହୋଇଯିବ ନାହିଁ । ହେଲେ, ଯଦି ଆପଣ ନିରନ୍ତର ଭାବେ ତିନୋଟି କିସ୍ତି ନ ଦିଅନ୍ତି ତେବେ ଏସ୍‌ଆଇପି ସ୍ୱଚାଳିତ ଭାବେ ନିଷ୍କ୍ରିୟ ହୋଇଯିବ। ଯଦି ଆପଣ ଭାବୁଛନ୍ତି ଯେ ଆପଣ କିସ୍ତିଗୁଡ଼ିକୁ ପରେ ପୈଠ କରିଦେବେ ତେବେ ତାହା ମଧ୍ୟ ସମ୍ଭବ ନୁହେଁ । କାରଣ ଖାତାରେ ଟଙ୍କା ଲାଗିଲା ପରେ ହିଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ସଂଘଟିତ ହୋଇଥାଏ, ଆପଣ ପଛ ତାରିଖରୁ ଫଣ୍ଡ ୟୁନିଟ୍ କିଣିପାରିବେ ନାହିଁ, ଏହାର ଅର୍ଥ ହେଉଛି ଆପଣ ପରବର୍ତ୍ତୀ ମାସରେ ଏସ୍‌ଆଇପିକୁ ବୃଦ୍ଧି କଲେ ମଧ୍ୟ, ପୂର୍ବବର୍ତ୍ତୀ ମାସରେ ପ୍ରଚଳିତ ଥିବା ମୂଲ୍ୟରେ ଆପଣ ୟୁନିଟ୍‌ଗୁଡ଼ିକୁ କ୍ରୟ କରିପାରିବେ ନାହିଁ । ତଥାପି, ଆପଣଙ୍କୁ ଏହା ଧ୍ୟାନରେ ରଖିବାକୁ ହେବ ଯେ ଇଲେକ୍ଟ୍ରୋନିକ୍ କ୍ଲିୟରିଂ ସର୍ଭିସ୍ (ଇସିଏସ୍) ପାଇଁ ବାଞ୍ଛିତ ବାଲାନ୍ସ ବଜାୟ ନ ରଖିଲେ ବ୍ୟାଙ୍କ ତରଫରୁ ଆପଣଙ୍କ ଉପରେ କିଛି ଜରିମାନା ଲାଗୁ କରାଯାଇପାରେ ।

## ଗୁରୁ କୁହନ୍ତି



**ବିଶ୍ୱନାଥ ସି ପି**
ଆର୍ଥିକ ପରାମର୍ଶଦାତା, ପ୍ରତିଷ୍ଠାତା, ନିର୍ଦ୍ଦେଶକ, ମେସର୍ସ ଭିସିକି ସର୍ଭିସେସ୍ ପ୍ରା. ଲିଃ

**ମୁଁ ପ୍ରତିମାସରେ ମୋର ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ପରିମାଣକୁ ବଦଳାଇପାରିବି କି?**

ଅନେକ ବର୍ଷ ଧରି ଛୋଟ ପରିମାଣରେ ଓ ନିୟମିତ ଭିତ୍ତିରେ ନିବେଶକୁ ଅନୁମତି ଦେଉଥିବାରୁ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ଲୋକପ୍ରିୟ ଉପାୟରେ ପରିଣତ ହୋଇଛି । ଏହାର ଅର୍ଥ କ'ଣ ଆପଣ ଯେଉଁ ପ୍ରାରମ୍ଭିକ ପରିମାଣ ସହ ଏସ୍‌ଆଇପି ଆରମ୍ଭ କରିଥିଲେ ସେହି ପରିମାଣକୁ ସବୁଦିନ ପାଇଁ ବଜାୟ ରଖିବେ? ଉତ୍ତର ହେଉଛି ନା । ଯଦିଓ ଆପଣ ପ୍ରତିମାସରେ ସ୍ୱଚାଳିତ ଭାବେ ନିଜର ଏସ୍‌ଆଇପି ପରିମାଣକୁ ବୃଦ୍ଧି କରିପାରିବେ ନାହିଁ, କିନ୍ତୁ ଆପଣ ଟପ୍-ଅପ୍ ମାଧ୍ୟମରେ ତ୍ରୈମାସିକ କିମ୍ବା ବାର୍ଷିକ ଭଳି ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏହାକୁ ବୃଦ୍ଧି କରିପାରିବେ । ଏସ୍‌ଆଇପି ହେଉଛି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ଶୃଙ୍ଖଳିତ ଉପାୟ ଯାହା ଆପଣଙ୍କୁ ଦୀର୍ଘ ମିଆଦରେ ଟଙ୍କା ମୂଲ୍ୟ ହାରାହାରିକରଣ ଏବଂ କମ୍ପାଉଣ୍ଡିଂର ଶକ୍ତି ଜରିଆରେ ବଜାର ଅସ୍ଥିରତାକୁ ପରିଚାଳନା କରିବାର ଦ୍ୱୈତ ଲାଭ ପ୍ରଦାନ କରିଥାଏ । ଆପଣ ଅଧିକ ଟଙ୍କା ନିବେଶ କରିବାକୁ ଚାହୁଁଥିଲେ ଆପଣ ନିଜ ଏସ୍‌ଆଇପି ଖାତା ଫୋଲିଓରେ ଅତିରିକ୍ତ କ୍ରୟ କରିପାରିବେ ।

## ପାଠକୀୟ ମତ

ଆପଣଙ୍କ ବାଞ୍ଛିତ ଅବସରକାଳୀନ ବୟସକୁ ଧ୍ୟାନରେ ରଖି ଅବସର ପାଇଁ ଆପଣ କେତେ ସଞ୍ଚୟ ଆବଶ୍ୟକ କରନ୍ତି ତାହାର ଆକଳନ କରିଛନ୍ତି କି?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ। Poll<SPACE>YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ । ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

## ଫଳାଫଳ

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ - ନିଜର ପ୍ରଥମର ଦରମାରୁ ହିଁ ଜଣକୁ ନିଜର ଆର୍ଥିକ ଲକ୍ଷ୍ୟ ପାଇଁ ନିବେଶ ଆରମ୍ଭ କରିଦେବା ଉଚିତ ବୋଲି ଆପଣ ଭାବନ୍ତି କି?

ଆପଣମାନଙ୍କ ମତାମତ ଏହିପରି ଥିଲା

ହଁ ୯୧% | ନା ୯%

## ବିଶେଷଜ୍ଞଙ୍କ ମତ

ନିଜ ଆର୍ଥିକ ଲକ୍ଷ୍ୟକୁ ଯଥାସମ୍ଭବ ଶୀଘ୍ର ଚିହ୍ନଟ କରିବା ଓ ନିବେଶ ଆରମ୍ଭ କରିଦେବା ସର୍ବୋତ୍ତମ କାରଣ ଧନ ସୃଜନ ପାଇଁ ସମୟ ଆବଶ୍ୟକ ହୋଇଥାଏ। ଏହି କାରଣରୁ, ଆପଣ ଯେତେଶୀଘ୍ର ଆରମ୍ଭ କରିବେ, ସମୟ ସହିତ ଆପଣଙ୍କ ପାଣ୍ଠିର ଆକାର ସେତେ ବଡ଼ ହେବ। ଆଉ ସବୁଠାରୁ ଭଲ କଥା ହେଉଛି ସଅଳ ଆରମ୍ଭ କଲେ, ଆପଣଙ୍କୁ କମ୍ ପରିମାଣ ନିବେଶ କରିବାକୁ ହୋଇଥାଏ। ମାସିକ ₹୧,୦୦୦ କିମ୍ବା ₹୨,୦୦୦ର ମାସିକ ଏସ୍‌ଆଇପି ମଧ୍ୟ ଏକ ଭଲ ପ୍ରାରମ୍ଭିକ ନିବେଶ ରାଶି ହୋଇଥାଏ।

MUTUALFUNDS Sahi Hai
uti UTI Mutual Fund
Haq, ek behtar zindagi ka.




ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

0708

ବଜାରର ଜଟିଳତାକୁ ବୁଝିବା, ଅନୁସନ୍ଧାନ କରିବା ଏବଂ ବୈଷୟିକ ବିଶ୍ଳେଷଣର ପ୍ରୟାସ କରିବା ନିରୁତ୍ସାହିତ ହୋଇପାରେ।
ଉତ୍ତମ ଖବର ଏହା ଅଟେ କି, ଏକ ଶୃଙ୍ଖଳିତ ନିବେଶ ଦୃଷ୍ଟିକୋଣ ଆପଣଙ୍କୁ ଏହି ସବୁରେ ସାହାଯ୍ୟ କରେ।
**ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି):** ସମୟ-ସମୟରେ ବିଶେଷ ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ନିଶ୍ଚିତ ରାଶି ନିବେଶ କରିବାର ଏହି ପ୍ରକ୍ରିୟା ମାଧ୍ୟମରେ ନିବେଶର ଏକ ଶୃଙ୍ଖଳ ବନାନ୍ତୁ।
**ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍‌ଟିପି):** ପୂର୍ବ ଅଧିକୃତ ଧନରାଶିରୁ ଏକ ନିଶ୍ଚିତ ବା ପରିବର୍ତ୍ତନଶୀଳ ରାଶିକୁ ଅନ୍ୟ ଫଣ୍ଡରେ ଝଁ ନିୟମିତ ଟ୍ରାନ୍ସଫରକରିବାର ଏକ ପ୍ରକ୍ରିୟା* ।
**ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍ (ଏସ୍‌ଡବ୍ଲୁପି):** ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଏକ ନିଶ୍ଚିତ ତାରିଖରେ ଫଣ୍ଡରୁ ନିଶ୍ଚିତ ରାଶି ଉଠାଣରେ ଆପଣଙ୍କୁ ସାହାଯ୍ୟ କରେ#।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
Visit us at www.utiswatantra.com
Follow us on f t in
Scan this QR code to know more.

*ଟ୍ରାନ୍ସଫର୍ କେବଳ ସମାନ ମ୍ୟୁଚୁଆଲ୍ ଫଣ୍ଡର ଦୁଇଟି ସ୍କିମ୍ ମଧ୍ୟରେ କରାଯାଇ ପାରିବ । #ଏହା ଖାତାରେ ବକେୟା ରାଶିର ଉପଲବ୍ଧତା ଅଧୀନ ଅଟେ।
କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc। ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।
ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍‌ଆଇପି) ଏକ ନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ପୂର୍ବ ନିଶ୍ଚିତ ତାରିଖରେ ଏକ ନିଶ୍ଚିତ ରାଶିକୁ ଅନୁଶାସିତ ନିବେଶ କରିବାର ଏକ ପ୍ରକ୍ରିୟା ଅଟେ, ଯାହା ନିୟମିତ ରୂପେ ସମୟ ଅବଧି ଉପରେ ହୋଇଥାଏ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ । ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com


## ଟ୍ୟାକ୍ସ କର୍ଣ୍ଣର୍

ଆପଣ ଯଦି ଦୀର୍ଘ-ମିଆଦରେ ଭଲ ରିଟର୍ନ ଉପାର୍ଜନ କରିବା ତଥା ସ୍ୱଳ୍ପ-ମିଆଦରେ ଟିକସ ଲାଭ ଉପଭୋଗ କରିବାକୁ ଚାହୁଁଛନ୍ତି, ତେବେ ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍) ଆପଣଙ୍କ ପାଇଁ ଏକ ଉପଯୁକ୍ତ ବିକଳ୍ପ ଅଟେ!



**ଆର୍ଥିକ ଶାନ୍ତି ହାସଲ ପାଇଁ ଏସ୍‌ଆଇପି ଆପଣଙ୍କ ମନ୍ତ୍ର ହୋଇପାରିବ**

ପ୍ରଶାନ୍ତି ସମ୍ପର୍କରେ ଚିନ୍ତା କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଏବେ ହିଁ ଆରମ୍ଭ କରନ୍ତୁ!



ପରବର୍ତ୍ତୀ ସଂସ୍କରଣରେ: ଆର୍ଥିକ ଶାନ୍ତି ହାସଲ ପାଇଁ ନିବେଶ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ଅଟେ । ତଥାପି, ଅନେକ ଲୋକ 'ଭୟ' କାରଣରୁ ନିବେଶ କରି ନ ଥାନ୍ତି। ପରବର୍ତ୍ତୀ ସଂସ୍କରଣରେ, ଆମେ ଏହି ବ୍ୟବହାରିକ ଆର୍ଥିକ ଅବଧାରଣା ସମ୍ପର୍କରେ ଆଲୋଚନା କରିବା ଓ ତାହାକୁ ପରାଜିତ କରିବାର ମାର୍ଗ ସନ୍ଧାନ କରିବା।

f LIVE ନିବେଶକୁ କାହିଁକି ବିଳମ୍ବିତ କରାଯିବ ନାହିଁ ତାହା ବୁଝିବା ପାଇଁ ୩୦ ଜାନୁୟାରୀ, ୨୦୨୦ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌କୁ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ଡୋଣ୍ଟ ପ୍ରୋକ୍ରାଷ୍ଟିନେଟ୍, ଇନ୍‌ଭେଷ୍ଟ ଟୁଡେ' ଶୋ' ଦେଖନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।
ଦାବିତ୍ୟାଗ: କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥି/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନର ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗକୁ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍ସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର,
୧୩ ଜାନୁଆରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ



## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**1. Answer the following questions, each in a word or a phrase.** [1×5=5
(i) What was the postmaster like?
(ii) When will India awake to life and freedom?
(iii) Where did Kapil hit many a towering six as a magnificent batsman?
(iv) How long can a man live without air?
(v) Who is the speaker of the essay "School's Goodbye"?

**2. Answer the questions, each in a word or a phrase.** [1×5=5
(i) What do we see in the green wood ?
(ii) What does the cottage girl knit near the graves?
(iii) Who would the daughter grieve if she went to the wild forest ?
(iv) What does live for ever ?
(v) What is the destination of the brook ?

**3. Fill in blanks with right words.** [1×5=5
(i) The river is running by the ______.
(ii) "O Master ! We are Seven." Here 'master' refers to ______.
(iii) The poem 'Village Song' is a ______.
(iv) ______ is the bride in the poem "Virtue".
(v) The colour of the gravel is ______.

**4. Answer the following questions, each in a word or a phrase.** [1×5=5
(i) Who named the tiger cub as 'Timothy' ?
(ii) What is the story "The Beggar" about ?
(iii) Who used to drive an ekka to the town ?
(iv) "I am obliged to by circumstances." Who said it?
(v) Who suggested the king to ask the peasants?

**5. Fill in blanks with correct words.** [1×5=5
(i) The camp itself was ______.
(ii) The beggar was sent away for his ______.
(iii) God lives in the heart of a ______.
(iv) The bullock was dead tired by day's ______.
(v) In the past people were leading a ______.

**6. Fill in the blanks using the correct forms of words given in brackets.** [1×5=5
(i) Jim had no ______ (free) because he was a slave.
(ii) He ______ (resolution) to help the poor.
(iii) The girl started laughing ______. (heart)
(iv) Mr. Mishra is working in the ______ (Meteorology) Department.
(v) The Government started Air Quality Programme to ______ (sure) quality air.

**7. Do as directed.** [1×5=5
(i) My father has gone to Mumbai. He is a pilot. (Join the sentences making one of the clauses as non-defining relative clause)
(ii) Your argument is quite ______. (Fill in the gap adding a prefix to 'logical')
(iii) She can stitch dresses. She can knit sweaters. (Join the sentences using not only ......but also)
(iv) My father had a scooter. (Rewrite it using 'used to')
(v) He looks weak. But he is very strong (Join the sentences using 'though')

**8. Do as directed.** [1×5=5
(i) I wish I ______ (have) the faith of the man. (Use the correct form of the verb)
(ii) America is really powerful. (Turn into exclamatory)
(iii) All that glitters is not gold. (Pick out the sub-ordinate clause)
(iv) The boy sat ______ my right side. (Fill in the blank with a suitable preposition)
(v) One of my friends ______ (has/have) come. (Choose the correct alternative)

**9. Do as directed.** [1×5=5
(i) Please ______ the fire. (Fill in the gap with a phrasal verb which means extinguish)
(ii) Pay attention to what I say. (Write the function of the noun clause)
(iii) If I knew the answer, I ______ (tell) you. (Use the correct form of verb)
(iv) The Moghul Empire ______ (found) by Babar. (Correct the verb in passive form)
(v) He said to his friend, " Can you type the letter?" (Turn into indirect speech)

**10. Translate into English.** [1×5=5
ଆଗ୍ରା ଏକ ଐତିହାସିକ ସହର। ଏହା ବିଶ୍ୱପ୍ରସିଦ୍ଧ ତାଜମହଲ ପାଇଁ ପ୍ରସିଦ୍ଧ। ତାଜମହଲ ଯମୁନା ନଦୀ କୂଳରେ ଅବସ୍ଥିତ। ଏହା କେବଳ ଧଳା ମାର୍ବଲ ପଥରରେ ନିର୍ମିତ। ମୋଗଲ ସମ୍ରାଟ ଶାହାଜାହାନ ଏହାକୁ ନିର୍ମାଣ କରାଇଥିଲେ।

**Or,**
ବନ – ଗତକାଲି ସନ୍ଧ୍ୟାରେ ତୁମେ ଘରେ ନ ଥିଲ।
ବିମଳ – ହଁ, ମୁଁ ଗତକାଲି ଆମ ଗାଆଁକୁ ଯାଇଥିଲି।
ବନ – କାହିଁକି ଯାଇଥିଲେ ?
ବିମଳ – ଜେଜେବାପା ଅସୁସ୍ଥ ଥିଲେ। ମୁଁ ତାଙ୍କୁ ଦେଖିବାକୁ ସେଠାକୁ ଯାଇଥିଲି।

### PART – II (SUBJECTIVE)

**11.(i)** What did the postmaster do not to shake Lencho's faith in God ? [5
**Or,** Describe how Kapil batted against Zimbabwe in the Prudential Cup in June 1983.
**(ii)** What are harmful effects of acid rain? [5
**Or,** How, according to Lord Eustace Percy, can one achieve success in life?

**12.** Write an essay, in about 250 words, on any one of the following topics, keeping to the outline given. [12
**(i) A Visit to a Historical Place.**
Location - arrangements of the visit - your companions - your journey to the place - things seen - why famous - your views.
**(ii) Your Best Friend.**
Neccesity of friendship - your best friend - his name, age and appearance, reason for your being friend - his qualities drawbacks, if any - places you have visited together - his hobbies - reason for your liking him.
**(iii) Air Pollution.**
Importance of air – causes of air pollution – its affects – ways of preventing air pollution – human life and pure air.

**13.** Suppose you are Priyanka Panda studying at Government Girls' High School, Bolagarh in Khurda District. Your mother Suchitra Panda is at 302, Koel Nagar, Rourkela. Your school organised a picnic and you took part in it. Write a letter to your mother about your experiences in the picnic. [10

**Or,** Imagine that you are Rakesh Sahu studying in class X of Govt. Boys' High School, Talcher. The students of your class want to have a friendly cricket match with the rest of the students of your school. Write an application to the Headmaster of your school requesting him to allow you to hold the match.

**14. Read the passage and write its summary in about 60 (sixty) words.** [8

Computers are very useful machines. At the same time, computers have also badly affected many people. They have taken over many jobs people used to do. This is because computers can do more things in less time as compared to people. They can work for days together. Everywhere computers have replaced people. So it will be difficult for people to find jobs in the future.

However computers don't have a mind to think. So they can't take a decision. It is only the people who can make decisions. Moreover computers do not know what to do with large amount of information stored in them. Only people can use the information and get result from it. If anything goes wrong, computers cannot find an alternative solution. We can't now imagine a world without computers. We need to learn to use computers to make our lives better.

**Or,** Imagine you are a reporter of the The *Times of India*. There is an accident on the National Highway at Chandikhole in the district of Jajpur. You are now on the spot. Collect necessary information about the accident and write a **report** for the newspaper.

**15. Read the passage carefully and answer the questions that follow, each in about 20 words.** [2×5

In Akbar's palace there were eight servants who looked after the Emperor's clothes and jewellery. Everyday one of these eight servants used to help Akbar get ready to go to the court. None other than these eight servants could enter the Emperor's room.

One day the Emperor was getting ready to go to the court. He wanted to wear his favourite ring that day. He asked one of his eight servants to bring it. But the servant came back saying that he would not find the ring. Akbar was very angry. He felt that one of his servants had stolen the ring. He sent for Birbal. When Birbal came, he told him what had happened and asked him to find the thief.

The following day Birbal called the eight servants. He gave each of them a short stick and asked them to come back to him the following day. He told them that one of them had stolen the Emperor's ring and that the thief's stick would become longer by as much as the length of a finger that night.

**Questions :**
(i) Who helped Akbar get ready to go to the court everyday?
(ii) What did Akbar want to wear one day?
(iii) Why was Akbar very angry?
(iv) What did Akbar do to find the thief ?
(v) What did Birbal tell the eight servants about the sticks?

### ANSWERS: Part - I (Objective)

**1.** (i) fat and amiable person (ii) at the stroke of midnight hour (iii) in East Africa (iv) can not live without air even for a minute (v) Lord Eustace Percy **2.** (i) tall trees (ii) her stockings (iii) lover (iv) a sweet and virtuous soul (v) the brimming river **3.** (i) mountain (ii) the poet, William Wordsworth (iii) folk poetry (iv) The earth (v) golden **4.** (i) Ruskin Bond's grandmother (ii) the dignity of labour (iii) Samjhoo Sahoo (iv) the beggar (v) the learned men **5.** (i) sumptuous (ii) drunkenness (iii) panch (iv) work (v) healthy life **6.** (i) freedom (ii) resolved (iii) heartily (iv) Meteorological (v) ensure **7.** (i) My father, who is a pilot, has gone to Mumbai. (ii) illogical (iii) She can not only stitch dresses but also knit sweaters. (iv) My father used to have a scooter. (v) Though he looks weak, he is very strong. **8.** (i) had (ii) How powerful America is ! (iii) that glitters (iv) on (v) has **9.** (i) put out (ii) object of preposition (iii) would tell (iv) was founded (v) He asked his friend if he could type the letter. **10.** Agra is a historical town / city. It is famous for world famous the Tajmahal. The Tajmahal is on the Yamuna. It has been built only with white marble. The Moghul emperor Shahjahan built it.

**(OR)**
Bana – You were not at home last evening.
Bimal – Yes, I went to my village yesterday.
Bana – Why did you go ?
Bimal – My grandfather was ill. I went there to see him.

### ANSWERS: Part- II (Subjective)

**11.** (i) The post-master wanted to answer the letter. What he needed badly was more than good will, ink and paper. He collected money from his employees. He himself gave a part of his salary and several friends of his were obliged to part away some. He put the money in an envelope and sent it to Lencho.

**(OR)**

During the Prudential World Cup in June 1983, India batting first were in deep trouble having lost five wickets for just seventeen. Kapil went out and played an unforgettable innings. For the first 70 to 80 runs he played cautiously. Once he became rock-solid (strong) in confidence he launched a counter-attack on the Zimbabwean bowlers. He hit the balls for fours and sixers at sweet will and remained 175 not out. His spell of four overs of tight medium pace bowling restricted Zimbabwean batsmen.

(ii) Acid rain contains oxides of Sulphur and Nitrogen. It causes damage in lakes and rivers. It poisons the plants and animals that live in the water. It may affect crops and other plants, stone buildings and monuments and drinking water.

**(OR)**
Success in life comes to those who work hard and continue learning. It largely depends on good health. One must keep one's body fit by cleanliness, fresh air, regular habits, suitable recreations. One must avoid smoking and drinking for success in life.

**12.** (i) **A Visit to a Historical Place.**

Any place having some remarkable features in the history is called a historical place. There are several historical places in Odisha. Konark is one of them. It is situated about 60 kilometers away from Bhubaneswar. During the last Christmas Holidays some students of our school planned to visit Konark. We hired a bus for our journey. We took some food and our personal bag and baggage. In this journey 40 other students and five teacher of our school were my companions.

We left Bir Maharajpur during the early hours of 27th December and reached Konark at about 3 P.M. the same day. On the way to Konark we had our lunch at Bhubaneswar. Although it was a long journey we were not bored. While passing through some new places we enjoyed the journey.

The main attraction of Konark is the Sun temple. It was built by Narasingh Dev in the thirteenth century. The temple was built in the shape of a chariot. Of course the main temple has partly been damaged.

But the remaining part of it is worth watching. We went round the temple and saw the fine stone works of our ancestors. Konark temple is famous for its art, sculpture and architecture. So it attracts hundreds of visitors from far and near places everyday. It is said that twelve hundred architects, sculptors and workers built this temple in twelve years.

A thing of beauty is a joy for ever. I recalled this line of an English verse while visiting this temple. I would like to visit this place again. Everybody should visit Konark at least once in lifetime.

(ii) **Your Best Friend.**

Man is a social animal. He can not live a happy life without the company of others. While living with other people in the society, he makes friends with some other people. Everybody needs friends. I have some friends too.

Deepak Sahu is my best friend. Both of us live in Sunabeda. Deepak is fourteen years old. He is fair and strong. But he is a bit shorter than me. His smiling face makes him look handsome. We are in the same school and same class. I have been studying in Sunabeda High School for the last three years. On the day of my admission in the school Deepak accompanied me as his family lived in the neighbourhood. He sat beside me in the class. In this way we met each other everyday. Gradually we became friends as our hobbies, interests, likings and dislikings have been the same.

Deepak is a clever boy. He is also very simple and sober. He is fully attentive in the class and sincere in his studies. Like me he also scores good marks in the examinations. There has been healthy competitions between both of us for scoring marks in the examinations.

He does not take any interest in games and sports. He is often found eating sweets and chewing chocolate. These are a few drawbacks of Deepak. Due to these bad habits sometimes he becomes ill. Collecting different kinds of stone is his hobby. He has collected a number of rare stones and kept them in his reading room. He is also interested in gardening. He takes care of the plants that his parents have planted in their garden.

We have visited many places together. During the last Christmas holidays we visited the power house at Machkund Hydro-Electric Project. We have been to Gupteswar, Kolab, Bagra and many other picnic spots.

I like him for all his qualities narrated above. There has never been any quarrel between us. I hope that our friendship will last long and we will be life-long best friends.

(iii) **Air Pollution.**

Life on earth would be impossible without air. A man can live without food for a month, without water for two or three days, but he cannot live without air for a minute. There lies the importance of air. Oxygen is a useful gas. But carbon dioxide, carbon monoxide and some other gases are harmful to human life. When the oxygen level gets reduced and harmful gases increases in the atmosphere, air is said to be polluted. This state of the atmosphere is called air pollution.

There are several causes of air pollution. In this modern age of science we use a large numbers of vehicles such as buses, cars, trucks, etc. which leave out a lot of smoke and other harmful gases into the atmosphere and cause air pollution. In the name of industrial development a lot of mills and factories have been set up. These industries spew dense smoke along with other harmful gases through their chimneys and pollute the air. Due to continuous deforestation the number of plants is decreasing day by day which causes reduction in the amount of oxygen in the atmosphere. Shortage of oxygen is also another cause of air pollution.

Air pollution affects the animal world in several ways. By inhaling polluted air people suffer from respiratory illness, eye irritation and skin diseases. Global warming and acid rain are also caused by air pollution. Both of these have damaging effects on human beings, plants and fishes.

Air pollution can be prevented by the use of vehicles which produce less smoke. For this the old vehicles should be redesigned. Automobiles should have pollution free engines and be checked from time to time. The factories should have very high chimneys so that the smoke they leave out should reach the higher level of the atmosphere. Changing the raw materials used in factories, raising the heights of the chimneys and designing equipment to trap pollutants are the three important measures for preventing air pollution.

Human life absolutely depends on pure air. If air is polluted and made impure it may one day cause the destruction of the humanity. Everybody should think it seriously and be very careful about it.

**13.**

Govt. Girls' High School
Bolagarh,
14th December 2020

Dear Mother,

I am very happy to receive your letter. You wanted to know about my experiences in our school picnic. Really, the picnic our school organized last Sunday was very interesting and enjoyable.

Narayani Temple is a few kilometres away both form Balugaon and Khallikote. It is a good picnic spot. We went there for our school picnic. The Narayani Temple is situated in a valley of the Bhaleri Hill. It is a beautiful place with rich natural surroundings. There is an ever flowing stream of cool water. We offered puja to Goddess Narayani and had our lunch there. For sometime we enjoyed the greenery of the hills and the twittering of the birds. The cool breeze brought us extreme pleasure. What a thrilling experience! It can not be expressed in words.

During our return journey we went to Barkul and enjoyed the beauty of lake Chilika.

With love and best regards.

Your affectionately
Priyanka

**Address**

| From | To |
|---|---|
| Priyanka Panda | Suchitra Panda |
| Govt. Girls' High School | 302, Koel Nagar |
| At/Po: Bolagarh | Rourkela |
| Dist: Khurda | Dist: Sundargarh |

[See Next Page]



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଜନଥନ୍ ଏଡ୍‌ୱର୍ଡ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏମ୍‌ବିସି ଟିଭି ଓ ମଣିହାରା ଭିଜନ୍ସ ପକ୍ଷରୁ ବିଶ୍ୱ ଭାଷା ସମ୍ମିଳନୀ, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ୧୭ତମ ସ୍ୱନକ୍ଷତ୍ର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ, କଲେଜ ପରିସର, ଧଉଳି, ଅପରାହ୍ନ ୪ଟା।
- ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ, କେନ୍ଦ୍ର ପରିସର, ପଟିଆ, କାନନ ବିହାର ଫେଜ-୨, ଅପରାହ୍ନ ୫ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୬୪ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା।

**କଟକ**
- ଓଡ଼ିଶା ଗଭର୍ନମେଣ୍ଟ ପଲିଟେକ୍‌ନିକ ଟିଚର୍ସ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକ, ଆଇଏମ୍‌ଆଇଟି ଅଡିଟୋରିୟମ, ବୋସ୍ କ୍ୟାମ୍ପସ୍, ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା(ସ୍ୱୟଂଶାସିତ) ମହାବିଦ୍ୟାଳୟର ଡ୍ରାମାଟିକ ସୋସାଇଟିର କାର୍ଯ୍ୟକ୍ରମ, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା ।
- ଷ୍ଟିୱାର୍ଟ ସ୍କୁଲର ୧୩୭ତମ ବାର୍ଷିକ ପୁରସ୍କାର ବିତରଣ ଦିବସ, ବିଦ୍ୟାଳୟ ଅଡିଟୋରିୟମ, ମିଶନ ରୋଡ୍, ଅପରାହ୍ନ ୪ଟା ।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟୋତ୍ସବ ଓ ସାହିତ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବେଗୁନିଆ ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ପୁରୀ**
- ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୨ଟା।
- ଅଭିନନ୍ଦନିକା ବାର୍ଷିକ ଉତ୍ସବ, ପୁସ୍ତକ ମେଳା, ସନ୍ଧ୍ୟା ୬ଟା।

## ଆଇଆର୍‌ସିଟିସିକୁ ପ୍ରଶଂସା କଲେ ବିଦେଶୀ ଯାତ୍ରୀ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ଟ୍ରେନ୍‌ରେ ଉତ୍ତମ ସେବା ପାଇଁ ଆଇଆର୍‌ସିଟିସିକୁ ପ୍ରଶଂସା ମିଳିଛି। ଜଣେ ବିଦେଶୀ ପର୍ଯ୍ୟଟକ ସେବାସ କର୍ଟିସ୍ ନୂଆଦିଲ୍ଲୀରୁ ଭୁବନେଶ୍ୱରକୁ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିଲେ। ଯାତ୍ରା ସମୟରେ ସେ ବରାଦ କରିଥିବା ଖାଦ୍ୟ ବେଶ୍ ଉନ୍ନତମାନର ରହିଥିଲା ବୋଲି ଟୁଇଟ୍ କରି ଲେଖିଥିଲେ। ଏହି ସେବାକୁ ଭାରି ପସନ୍ଦ କରିଥିବା ନେଇ ଆଇଆର୍‌ସିଟିସି ଆଞ୍ଚଳିକ ପ୍ରବନ୍ଧକ କୌଶିକ ବାନାର୍ଜୀ ସୂଚନା ଦେଇଛନ୍ତି।

### ଜମୁଛି ଶିଶିର ସରସ ମେଳା

# ସପ୍ତାହରେ ୧୦କୋଟି ଟପିଲା ବେପାର

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ଜମୁଛି ମେଳା। ଦିନକୁ ଦିନ ବ୍ୟବସାୟ ବି ବଢୁଛି। ସନ୍ଧ୍ୟା ହେଲେ ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ପଡୁଛି ଲକ୍ଷ ଲକ୍ଷ ଲୋକଙ୍କ ପାଦ। କିଏ କାରିଗରଙ୍କ ହାତତିଆରି ଖାଣ୍ଟି ଦେଶୀ ସାମଗ୍ରୀ କିଣିବାକୁ ଯାଉଛି ତ କିଏ ପାରମ୍ପରିକ ଓଡ଼ିଆ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦେଶୀ ଖାଦ୍ୟ ଖାଇବାକୁ ଯାଉଛି। ପ୍ରଦର୍ଶନୀ ପଡ଼ିଆରେ ଓର୍‌ମାସ୍ ତରଫରୁ ଚାଲିଥିବା ଶିଶିର ସରସ ମେଳା କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟ ତଥା ବାହାରୁ ଆସିଥିବା ଲୋକଙ୍କ ପାଇଁ ଆଣିଦେଇଛି ଏଭଳି ଭିନ୍ନ ଅନୁଭୂତି।

ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଶିଶିର ସରସ ମେଳାରେ ଏଥର ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ଗତ ୭ଦିନରେ ଏଠାରେ ୧୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଓର୍‌ମାସ ତରଫରୁ ସୂଚନା ଦିଆଯାଇଛି। ଏଥର ମେଳାରେ ଖୋଲିଥିବା ୩୦୬ ଷ୍ଟଲ୍‌ରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ତିଆରି ବଡ଼ି, ପାମ୍ପଡ଼, ଆଚାର ଏବଂ ଅନ୍ୟାନ୍ୟ ଘରକରଣା ଓ ସାଜସଜ୍ଜା ସାମଗ୍ରୀର ଭଲ ବିକ୍ରିବଟା ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ସେହିଭଳି ଓରମାସ ତରଫରୁ ପ୍ରଥମଥର ପାଇଁ ୩ଟି ଡେମୋ ଷ୍ଟଲ୍ ଏବଂ ଗୋଟିଏ ଥିମ୍ ଷ୍ଟଲ୍ ଖୋଲାଯାଇଛି।

ଡେମୋ ଷ୍ଟଲ୍‌ରେ କାରିଗରମାନେ ଟେରାକୋଟା, ଧୂପକାଠି ଓ ସବାଇ ଘାସରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା ସହ ବିକ୍ରି କରୁଛନ୍ତି। କଞ୍ଚାମାଲ୍‌ରୁ ବିଭିନ୍ନ ସାମଗ୍ରୀର ପ୍ରସ୍ତୁତ ପ୍ରଣାଳୀ ଲୋକେ ଏଠାରେ ଲାଇଭ୍ ଦେଖିବାର ସୁଯୋଗ ପାଇପାରୁଛନ୍ତି। ସେହିପରି ଥିମ୍ ଷ୍ଟଲ୍‌ରେ ମେଳା ପରିସରରେ ବିକ୍ରି ହେଉଥିବା ବିଭିନ୍ନ ସାମଗ୍ରୀକୁ ଏକାଠି କରି ପ୍ରଦର୍ଶନ କରାଯାଇଛି। ମେଳାକୁ ବୁଲି ଆସୁଥିବା ବ୍ୟକ୍ତି ଏଠାରୁ ଜିନିଷ ବିକ୍ରିବଟା ସମ୍ପର୍କରେ ସମସ୍ତ ସୂଚନା ପାଇପାରୁଛନ୍ତି।









### ରବିବାର ଆକର୍ଷଣ ଫ୍ୟାଶନ ଶୋ'

ଶିଶିର ସରସ ମେଳାରେ ପ୍ରତି ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ରବିବାର ସନ୍ଧ୍ୟାରେ ଓର୍‌ମାସ୍ ଏବଂ ନିଫ୍ଟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫ୍ୟାଶନ ଶୋ'ର ଆୟୋଜନ କରାଯାଇଥିଲା। ସମ୍ବଲପୁରୀ ତଥା ଇକ୍କତ, ଟସର ଭଳି ପାରମ୍ପରିକ ହସ୍ତତନ୍ତରେ ପ୍ରସ୍ତୁତ ଅତ୍ୟାଧୁନିକ ଡିଜାଇନ୍ ଏବଂ ପାରମ୍ପରିକ ଶାଢ଼ି ଏହି ଶୋ'ର ପ୍ରମୁଖ ଆକର୍ଷଣ ରହିଥିଲା। ଭୁବନେଶ୍ୱର ନିଫ୍ଟ ଛାତ୍ରୀଛାତ୍ରମାନେ ଶାଢ଼ିକୁ ନୂଆ ରୂପରେ ମଞ୍ଚକୁ ଆଣିଥିବାବେଳେ ହସ୍ତତନ୍ତ ବସ୍ତ୍ରରେ ପ୍ରସ୍ତୁତ ପ୍ୟାଣ୍ଟ, ଶାର୍ଟ, ଡଙ୍ଗ୍‌ରୀ ଭଳି ୱେଷ୍ଟର୍ନ ପୋଷାକ ବିଶେଷ ଆକର୍ଷଣ ସାଜିଥିଲା।

ଫଟୋ: ବିକାଶ ନାୟକ









## ଚିକେନ୍ ମଣ୍ଡାପିଠାରୁ ଅଣ୍ଡା ଇଡ୍‌ଲି

ଶିଶିର ସରସ ମେଳାର ଫୁଡ୍ କୋର୍ଟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ବିଭିନ୍ନ ବ୍ୟଞ୍ଜନ ସ୍ଥାନ ପାଇଛି। ଓଡ଼ିଶାର ମୁଢ଼ି-ମାଂସ, ଛେନାପୋଡ଼, ରସାବଳି, ଚୁଡ଼ା ଘସା ଓ ଡାଲ୍‌ମା, ଚକୁଳି ଓ ଖାସି ମାଂସ ସାଙ୍ଗକୁ ତେଲଙ୍ଗାନା ଦମ୍ ବିରିୟାନୀ, ବିହାରର ଲିଟି ଚୋଖା, ଛତିଶଗଡ଼ର କଡି-ଚାଓ୍ୱଲ, ରାଜସ୍ଥାନ ପ୍ରସିଦ୍ଧ କଚୋଡ଼ି, ମହାରାଷ୍ଟ୍ରର ପାଓଭାଜି ଓ କେରଳର କେତେକ ସୁପ୍ରସିଦ୍ଧ ବ୍ୟଞ୍ଜନର ବିଶେଷ ଚାହିଦା ଦେଖିବାକୁ ମିଳୁଛି। ବିଶେଷକରି ବାରିପଦାର ମୁଢି ମାଂସ ଓ ତେଲଙ୍ଗାନାର ଦମ୍ ବିରିୟାନୀ ଖାଇବା ପାଇଁ ସନ୍ଧ୍ୟାରେ ଷ୍ଟଲ୍‌ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ସେହିପରି କେରଳର କନ୍ନୁର ଜିଲାରୁ ଆସିଥିବା ବ୍ୟବସାୟୀଙ୍କ ଦ୍ୱାରା ପ୍ରସ୍ତୁତ କେରଳ ଜିଞ୍ଜର କଫି ଶୀତୁଆ ସନ୍ଧ୍ୟାରେ କଫିପ୍ରେମୀଙ୍କୁ ଆକର୍ଷିତ କରୁଛି। ପୁରୀ ଜିଲା ସାକ୍ଷୀଗୋପାଳରୁ ଆସିଥିବା ମା ମଙ୍ଗଳା ସଞ୍ଚୟ ସମିତି ଏଠାରେ ପ୍ରଥମଥର ପାଇଁ ଅଣ୍ଡା ଇଡ୍‌ଲି ସହ ମାଂସ ଘୁଘୁନି, ଚିକେନ୍ ମଣ୍ଡାପିଠା, ଚିକେନ୍ ଦୋସା, ଚକୁଳି ଓ ମାଛ ବେସର, ଖାସି ମାଂସ ଚକୁଳି, ପରଠା ଓ ସୋରିଷ ଚିକେନ୍ ଭଳି କିଛି ନିଆରା ଖାଦ୍ୟ ପରଷୁଛି। ବିନା ତେଲରେ ପ୍ରସ୍ତୁତ ହେଉଥିବା ଅଣ୍ଡା ଇଡ୍‌ଲିର ଦାମ୍ ଗୋଟାକୁ ୧୫ଟଙ୍କା ରହିଥିବାବେଳେ ସୋରିଷ ଚିକେନ୍‌ର ଦାମ୍ ୧୪୦ ଟଙ୍କା, ଚିକେନ୍ ଦୋସା ୭୦ ଟଙ୍କା, ଖାସି ମଟନ୍ ଓ ଚକୁଳିର ଦାମ୍ ୧୬୦ ଟଙ୍କା ଏବଂ ୨ଟି ଚିକେନ୍ ମଣ୍ଡାପିଠାକୁ ୫୦ ଟଙ୍କା ରହିଛି।

## 'ଛପାକ୍'ର ଓଡ଼ିଶା ଲିଙ୍କ୍



'ଛପାକ୍' ଚଳଚ୍ଚିତ୍ରରେ ଅଭିନୟ କରିଥିବା ଚିତ୍ତରଞ୍ଜନ ତ୍ରିପାଠୀ।

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ନିକଟରେ ରିଲିଜ ହୋଇଥିବା ଦୀପିକା ପାଦୁକୋନଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ଛପାକ୍'ର ରହିଛି ଓଡ଼ିଶା ଲିଙ୍କ୍। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନର ସଂଘର୍ଷପୂର୍ଣ୍ଣ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ଗତ ଶୁକ୍ରବାର ରିଲିଜ୍ ହୋଇଥିବାବେଳେ ଏହାକୁ ନେଇ ନିକଟରେ ବହୁ ବିବାଦ ଦେଖିବାକୁ ମିଳିଥିଲା। ହେଲେ ଫିଲ୍ମର ଦୃଢ କାହାଣୀ ଏବଂ ଦୀପିକାଙ୍କ ଦମ୍‌ଦାର ଅଭିନୟ ଏହାକୁ ବକ୍ସ ଅଫିସରେ ହିଟ୍ କରିଥିବାବେଳେ ରାଜନୈତିକ ବିରୋଧ ସତ୍ତ୍ୱେ ମଧ୍ୟ ହଲ୍‌ରେ ଦର୍ଶକ ଏହାକୁ ପସନ୍ଦ କରିଛନ୍ତି। ବିଶେଷକରି ଏସିଡ୍ ପୀଡ଼ିତା ମାଳତୀ ଚରିତ୍ରରେ ନଜର ଆସିଥିବା ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଏହି ଫିଲ୍ମ ସହ ଯୋଡ଼ିହୋଇ ରହିଛି ଓଡ଼ିଶା ଲିଙ୍କ୍। ପୂର୍ବରୁ ବହୁ ହିନ୍ଦୀ ଫିଲ୍ମ ଏବଂ ଧାରାବାହିକରେ ନଜର ଆସିଥିବା ଓଡ଼ିଶା ଜନ୍ମିତ ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ଏହି ଫିଲ୍ମରେ ଏକ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ବାସ୍ତବଧର୍ମୀ ଅଭିନୟ କଳା ମାଧ୍ୟମରେ ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଚିତ୍ତରଞ୍ଜନ 'ଛପାକ୍'ରେ ଜଣେ ପୋଲିସ୍ ଅଧିକାରୀଙ୍କ ଭୂମିକାରେ ଦେଖିବାକୁ ମିଳିଛନ୍ତି। ମାଳତୀଙ୍କ ଉପରେ ଏସିଡ୍ ମାଡ଼ ମାମଲାରେ ତଦନ୍ତ କରୁଛନ୍ତି ସେ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲା ପରିଚାଳନା କରିବାରେ ଏହି ଅଧିକାରୀଙ୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଚିତ୍ତରଞ୍ଜନ ନିଜ ଚରିତ୍ରକୁ ନ୍ୟାୟ ଦେବାରେ କୌଣସି ହେଳା କରିନାହାନ୍ତି।

ଜଣେ ମଞ୍ଚ କଳାକାର ଏବଂ ନିର୍ଦ୍ଦେଶକଭାବେ ପରିଚିତ ଚିତ୍ତରଞ୍ଜନଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରେ। ଦିଲ୍ଲୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ରୁ ଅଭିନୟ କଳାରେ ଡିପ୍ଲୋମା କରିଥିବା ତ୍ରିପାଠୀ ଏକାଧାରାରେ ଜଣେ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର, କାହାଣୀ ରଚୟିତା, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଏବଂ କଣ୍ଠଶିଳ୍ପୀ। ଓଡ଼ିଆ ଫିଲ୍ମ 'ଧଉଳି ଏକ୍ସପ୍ରେସ୍' ଏବଂ 'ମୁଖ୍ୟମନ୍ତ୍ରୀ'ର ନିର୍ଦ୍ଦେଶନା ଦେଇଥିବା ତ୍ରିପାଠୀ 'ଦିଲ୍ଲୀ ୬', 'ଫାଣ୍ଟମ୍', 'ସାନ୍‌ଦାର୍', 'ତେରା ମେରା ଟେଢା ମେଢା' ଏବଂ ୨୦୧୭ରେ ହିନ୍ଦୀ ଫିଲ୍ମ 'ଶୁଭ୍ ମଙ୍ଗଲ୍ ସାବଧାନ୍' ନଜର ଆସିଥିଲେ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ ଇଣ୍ଡିଆର ଲୋକପ୍ରିୟ ୱେବ୍‌ସିରିଜ 'ସାକ୍ରେଡ୍ ଗେମ୍ସ'ରେ ମଧ୍ୟ ତାଙ୍କ ଦମ୍‌ଦାର ଅଭିନୟ ଦେଖିବାର ସୁଯୋଗ ମିଳିଥିଲା। 'ଧଉଳି ଏକ୍ସପ୍ରେସ୍' ପାଇଁ ୩ଟି ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଏହି ପ୍ରତିଭାବାନ୍ କଳାକାର ଏକାଧିକ ପୁରସ୍କାର ହାସଲ କରିଥିବା ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବୀରବର



ବିଶ୍ୱରଞ୍ଜନ



ହରପ୍ରସାଦ



ଅମୂଲ୍ୟ



ଜିତୁ



ସିଦ୍ଧାର୍ଥ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

[Continued from previous page]

## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

(OR)

Govt. Boys' High School
Talcher, 8th October 2019

To
The Headmaster
Govt. Boys' High School, Talcher
(Through the class teacher)
Sub : Request to allow to a friendly cricket match.
Sir,

With profound honour I beg to inform you that I am Rakesh Sahu, a student of Class X. The students of our class want to have a friendly cricket match with the rest of the students of our school. We have discussed about it with the monitors of all the other classes and they have agreed to our proposal. We have also consulted the physical education teacher of our school. He has already given his consent for the match. We have proposed to hold the match next Sunday.

Therefore, on behalf of the students of Class X, I request you to allow us to hold the match so that we shall remain ever grateful to you.

Yours faithfully,
**Rakesh Sahu**
Student of Class-X

**14.** **Title :** Computer

Computer are very useful machines. They can do more things in less time as compared to people. Since they have replaced people, in future it will be difficult for people to find job. Computers can't take decision as they don't have mind. Only people can use the stored information and get result from it. We can't now imagine a world without computers.

(OR)

Chandikhole, Jajpur
25 September, 2019

To
The Editor,
The Times of India, Bhubaneswar.

**A Road Accident on the National Highway at Chandikhole**

Today a severe road accident took place on the National Highway at Chandikhole at about 4 p.m. A passenger bus coming from Jajpur Town collided with a Hero Honda Motorcycle just at the Chandikhole square. The rider and other occupant of the bike were killed at the spot. It so happened as the driver of bus was attending a call on his mobile phone. Traffic came to a halt after the accident. But the timely arrival and interference of the N.H. Police made the situation normal.

***Santosh Mishra***
Reporter

**15.** (i) There were eight servants at Akbar's palace. One of them helped Akbar get ready to go to the court everyday.


(ii) One day Akbar wanted to wear his favourite ring.

(iii) Akbar was very angry because he felt that one of his eight servants had stolen his favourite ring.

(iv) Akbar sent for Birbal and asked him to find the thief.

(v) About the sticks Birbal told the eight servants that the thief's stick would become longer by as much as the length of a finger that night.

❑❑❑



ଅମ୍ରିତା ଧନୋଆଙ୍କୁ ମୁଁ ଜାଣିନାହିଁ। କେବଳ ପବ୍ଲିସିଟି ଲାଗି ସେ ମୋ ନାମ ନେଉଛନ୍ତି।

-ଆର୍‌ହାନ ଖାନ୍,
ବିଗ୍‌ବସ-୧୩ ପ୍ରତିଯୋଗୀ



# ମଣିଷଙ୍କ ଭଳି ପ୍ରାଣୀ ମଧ୍ୟ ସମ୍ବେଦନଶୀଳ



**ଭିଏନା:** ମଣିଷ ମଧ୍ୟରେ ସମ୍ବେଦନଶୀଳ ଗୁଣ ରହିଥାଏ। ଏହା ଦ୍ୱାରା ଅନ୍ୟ ପ୍ରତି ସହାନୁଭୂତି, ଈର୍ଷା, ଭଲ ପାଇବା ଆଦି ମଣିଷ ପ୍ରଦର୍ଶନ କରିଥାଏ। ମଣିଷ ପ୍ରେମ ପରିପ୍ରକାଶ ପାଇଁ ଆଲିଙ୍ଗନ କରିବା ସହ ଚୁମ୍ବନ ଦେଇଥାଏ। ସେହିପରି ଅନ୍ୟ ସମ୍ବେଦନଶୀଳ ଗୁଣର ପରିପ୍ରକାଶ ଲାଗି ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାଏ। ମଣିଷ ଭଳି ପ୍ରାଣୀଙ୍କଠାରେ ମଧ୍ୟ ସମ୍ବେଦନଶୀଳ ଗୁଣ ଦେଖାଦେଇଥାଏ। ଏନେଇ ଭିଏନା ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମଣିଷ ଶରୀରରେ ଖୁସି ହର୍‌ମୋନ ଅକ୍ସିଟୋସିନ୍ ପ୍ରବାହିତ ହେବା ପରି ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହି ହରମୋନ୍ କ୍ଷରଣ ହୋଇଥାଏ। ଏହାର ପ୍ରଭାବରେ ସେମାନଙ୍କଠାରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦୃଷ୍ଟିଗୋଚର ହୋଇଥାଏ। କିଛିପ୍ରାଣୀ ଭଲପାଇବାର ନିଦର୍ଶନ ସ୍ୱରୂପ ଅନ୍ୟକୁ ଚାଟିଥାନ୍ତି। ସିମ୍ପାଜିମାନେ ପରସ୍ପର ମଧ୍ୟରେ ମଣିଷ ଭଳି ସମ୍ବେଦନଶୀଳତା ପରିପ୍ରକାଶ କରିଥାନ୍ତି। କେତେକ ପ୍ରାଣୀ ପରସ୍ପରକୁ ଆଲିଙ୍ଗନ ଓ ଚୁମ୍ବନ ଦେଇ ନିଜ ନିଜ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ସୂଚିତ କରନ୍ତି ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। କୁକୁର ଏବଂ ହାତୀଙ୍କ କ୍ଷେତ୍ରରେ ଈର୍ଷା ଏବଂ ଭଲ ପାଇବା ଗୁଣ ଅନ୍ୟ ପ୍ରାଣୀଙ୍କ ତୁଳନାରେ ଅଧିକ ରହିଥାଏ। ଅପରପକ୍ଷରେ ମୂଷା ଏବଂ ଅନ୍ୟ ଛୋଟ ଛୋଟ ପ୍ରାଣୀଙ୍କଠାରେ ଏହା କମ୍ ରହିଥାଏ। ତେବେ ଏସବୁ ଗୁଣ ପରସ୍ପର ମଧ୍ୟରେ ସମ୍ପର୍କ ସୂଚିତ କରିବାର ଏକ ପ୍ରାକୃତିକ ମାଧ୍ୟମ ବୋଲି ଏହି ରିପୋର୍ଟ ଦର୍ଶାଯାଇଛି।

# ଝୁଲଣଙ୍କ ବାୟୋପିକ୍‌ରେ ଅନୁଷ୍କା






**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ବିବାହ ପରଠାରୁ ବଡ ପରଦାରୁ ଏକ ପ୍ରକାର ଦୂରେଇ ଯାଇଛନ୍ତି କହିଲେ ଚଳେ। କିଛିବର୍ଷ ପରେ ଏହି ନାୟିକା ପୁଣିଥରେ ବଡ଼ ପରଦାକୁ ଫେରୁଥିବା ଶୁଣିବାକୁ ମିଳିଛି। ମିଳିଥିବା ଖବର ଅନୁଯାୟୀ ଏବେ ବଲିଉଡ୍‌ରେ ଚାଲିଛି ବାୟୋପିକ୍ ଟ୍ରେଣ୍ଡ। ଏହି କ୍ରମରେ ଅନୁଷ୍କା କୁଆଡେ ଜଣେ ମହିଳା କ୍ରିକେଟରଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଛି। ଭାରତୀୟ ମହିଳା କ୍ରିକେଟର କ୍ୟାପ୍‌ଟେନ ମିଥାଲି ରାଜଙ୍କ ପରେ ଏବେ ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ଏକ ବାୟୋପିକ୍ ନିର୍ମାଣ କରାଯିବ ବୋଲି ଶୁଣାଯାଉଛି। ଆଉ ଏଥିରେ ଝୁଲଣଙ୍କ ଭୂମିକାରେ ନଜର ଆସିବେ ବଲିଉଡ୍ ବିୟୁଟି ଅନୁଷ୍କା ଶର୍ମା। ହେଲେ ଅଫିସିୟାଲି ଏହି ବାୟୋପିକ୍ ବିଷୟରେ ସେମିତି କିଛି ଘୋଷଣା କରାଯାଇ ନାହିଁ।

# ୧୦ ଘଣ୍ଟା ଗାଧୁଆରେ ଯାଉଛି ଦୈନିକ ୩ ସାବୁନ୍

## ଓସିଡିରେ ପୀଡ଼ିତ ଆଇଟି ପ୍ରଫେଶନାଲ୍

**ବେଙ୍ଗାଲୁରୁ:** କେତେକ ଲୋକ ବାରମ୍ବାର ହାତ ଧୋଇବା ଏବଂ ଗାଧୋଇବା ଆପଣ ଦେଖିଥିବେ। ଏପରି କି ସବୁବେଳେ ଘର ସଫା କରିବା ଏବଂ ଜିନିଷପତ୍ର ଠିକ୍ ସ୍ଥାନରେ ରଖିବାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହା ଓସିଡି(ଅବ୍‌ସେସିଭ୍ କମ୍ପଲ୍‌ସିଭ୍ ଡିସ୍‌ଅର୍ଡର୍) ହୋଇପାରେ। ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଙ୍ଗାଲୁରୁର ଜଣେ ଆଇଟି ପ୍ରୋଫେଶନାଲ୍‌ଙ୍କ କ୍ଷେତ୍ରରେ ଏପରି କିଛି ଘଟିଛି। ସେ ଓସିଡିରେ ପୀଡ଼ିତ ଥିବାବେଳେ ଦିନରେ ପ୍ରାୟ ୧୦ ଘଣ୍ଟା ଗାଧୋଇବାରେ ବିତାଉଛନ୍ତି। ଏଥିପାଇଁ ପ୍ରତ୍ୟେକ ଦିନ ସେ ୩ ସାବୁନ୍, ପ୍ରଚୁର ପରିମାଣରେ ପାଣି ଏବଂ ୧୨ରୁ ଅଧିକ ପ୍ଲାଷ୍ଟିକ୍ କଭର୍ ବ୍ୟବହାର କରିଥାନ୍ତି। ଏହା ତାଙ୍କର ଦୈନନ୍ଦିନ ଦିନଚର୍ଯ୍ୟା। ଏ ସବୁ ଲକ୍ଷଣ ଯୋଗୁ ତାଙ୍କୁ ବିବାହ ବିଚ୍ଛେଦ ସହ ସାମାଜିକ ଜୀବନରେ ଅନେକ ସମସ୍ୟା ଭୋଗିବାକୁ ପଡ଼ିଛି। ବାରମ୍ବାର ଗାଧୋଇବା ଯୋଗୁ ସେ ଚର୍ମରୋଗ ସହ ଅନ୍ୟ ରୋଗରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଏପରି ଲକ୍ଷଣ ବଢ଼ିବାରୁ ପରିବାର ଲୋକେ ତାଙ୍କୁ ମାନସିକ ରୋଗ ଚିକିତ୍ସକ(ସାଇକିଆଟ୍ରିଷ୍ଟ)ଙ୍କ ନିକଟକୁ ନେଇଥିଲେ। ଡାକ୍ତରଙ୍କ ନିକଟରେ ବ୍ୟକ୍ତି ଜଣକ ଯାହା କହିଥିଲେ, ସେ ଓସିଡିରେ ପୀଡ଼ିତ ଥିବା ସ୍ପଷ୍ଟ ଜଣାପଡ଼ିଥିଲା। ବ୍ୟକ୍ତି ଜଣକ ବାଥ୍‌ରୁମ୍ କବାଟ ଖୋଲିବା, ବନ୍ଦ କରିବା ଏବଂ ଟ୍ୟାପ୍ ବ୍ୟବହାର କରିବା ଏବଂ ଗାଧୋଇବା ପାଇଁ ହାତରେ ଉକ୍ତ ପ୍ଲାଷ୍ଟିକ୍ କଭର୍ ବ୍ୟବହାର କରୁଥିବା ସେ କହିଥିଲେ। ଓସିଡି ଯୋଗୁ ସେ ସଂକ୍ରମଣ ଭୟରେ ନିଜକୁ ସୁରକ୍ଷିତ ରଖିବାପାଇଁ ଅଧିକ ସଚେତନ ହୋଇପଡ଼ିଥିବା ଡାକ୍ତର କହିଥିଲେ। ଡାକ୍ତରଙ୍କୁ ପରାମର୍ଶ ପରେ ଲକ୍ଷଣରେ କିଛି ଦିନ ସୁଧାର ଆସିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ବିବାହ ବିଚ୍ଛେଦ ପରେ ଲକ୍ଷଣ ବଢ଼ିବାରୁ ଡାକ୍ତର ତାଙ୍କୁ ଔଷଧ ସହ ବ୍ୟବହାରିକ ପରିବର୍ତ୍ତନ ପାଇଁ 'କଗ୍ନିଟିଭ୍ ବିହେଭିଓରାଲ୍ ଥେରାପି' ପାଇଁ ପରାମର୍ଶ ଦେଇଥିଲେ।




# ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ଦାବିକଲେ ଯୁବକ

**ମୁମ୍ବାଇ:** କିଛିଦିନ ତଳେ ଜଣେ ମହିଳା ନିଜକୁ ଅନୁରାଧା ପୋଡ଼ୱାଲଙ୍କ ଝିଅ କହି ଚର୍ଚ୍ଚାକୁ ଆସିଥିବାବେଳେ ଏବେ ଜଣେ ୩୨ ବର୍ଷୀୟ ଯୁବକ ନିଜକୁ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପୁଅ ବୋଲି ଦାବି କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରାୟ ବର୍ଷକ ତଳେ ସଂପୃକ୍ତ ଯୁବକ ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି ମଧ୍ୟ ଦାବି କରିଥିଲେ। ଏକ ରିପୋର୍ଟ ଅନୁଯାୟୀ, ମାଙ୍ଗାଲୋରରେ ରହୁଥିବା ୩୨ ବର୍ଷୀୟ ସଙ୍ଗୀତ କୁମାର ନିଜକୁ ଐଶ୍ୱର୍ଯ୍ୟାଙ୍କ ପୁଅ ବୋଲି କହିଛନ୍ତି। ତାଙ୍କୁ ଐଶ୍ୱର୍ଯ୍ୟା ଆଇଭିଏଫ୍ ଜରିଆରେ ଲଣ୍ଡନରେ ଜନ୍ମ ଦେଇଥିବା ସୋସିଆଲ ମିଡିଆରେ ସେ କହିଛନ୍ତି। ୧୯୮୮ ମସିହାରେ ତାଙ୍କର ଜନ୍ମ ଲଣ୍ଡନରେ ହୋଇଥିଲା। ସେତେବେଳେ ଐଶ୍ୱର୍ଯ୍ୟାଙ୍କୁ ୧୫ ବର୍ଷ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ପିତା ତାଙ୍କୁ ଯେତେବେଳେ ବିଶାଖାପାଟଣା ଆଣି ଆସିଥିଲେ ଐଶ୍ୱର୍ଯ୍ୟାଙ୍କ ମାତାପିତା ଦୁଇବର୍ଷ ପର୍ଯ୍ୟନ୍ତ ତାଙ୍କର ଦେଖାଶୁଣା କରୁଥିଲେ। ତାଙ୍କର ଜନ୍ମ ପ୍ରମାଣପତ୍ରକୁ ତାଙ୍କ ସମ୍ପର୍କୀୟମାନେ ଚିରି ଦେଇଥିଲେ। ଏବେ ସଙ୍ଗୀତ ଚାହୁଁଛନ୍ତି ମୁମ୍ବାଇ ଫେରିଯିବାକୁ। ଐଶ୍ୱର୍ଯ୍ୟାଙ୍କ ସହିତ ସେଠାରେ ମିଶି ରହିବାକୁ ଇଚ୍ଛା କରିଛନ୍ତି ସେ। ସୋସିଆଲ ମିଡିଆରେ ଏକଥା ଜଣାପଡ଼ିଲା ପରେ ପୋଲିସ ସଙ୍ଗୀତଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି କହିଛି। ମାତ୍ର ଏକଥାରେ କେତେ ସତ୍ୟତା ଅଛି ତାହା ଦେଖିବାକୁ ବାକି ରହିଲା।



# କ୍ୟାନ୍‌ସର ବିଜୟୀ ବାଳକଙ୍କୁ ସ୍ୱାଗତ

**ଓହିୟୋ:** କ୍ୟାନ୍‌ସରରେ ପୀଡ଼ିତ ହୋଇଥିବା ଜଣେ ୬ ବର୍ଷ ବୟସ୍କ ବାଳକ ଚିକିତ୍ସା ପରେ ଶେଷରେ ସୁସ୍ଥ ହୋଇ ସ୍କୁଲକୁ ଫେରିଛନ୍ତି। ତାଙ୍କୁ ତାଙ୍କର ସହପାଠୀ ଏବଂ ଅନ୍ୟ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଳିମାରି ସ୍ୱାଗତ କରିଛନ୍ତି। ଏବେ ଏହାର ଭିଡ଼ିଓ ଏବଂ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଆମେରିକା ଓହିୟୋରେ ଥିବା ସେଣ୍ଟ ହେଲେନ୍ କ୍ୟାଥ୍‌ଲିକ୍ ସ୍କୁଲର ଛାତ୍ର ଜନ୍ ଓଲିଭ୍ଵର ଜିପ୍ସି ଦୀର୍ଘ ୩ ବର୍ଷ ଧରି କ୍ୟାନ୍‌ସର ଚିକିତ୍ସା ଯୋଗୁ ସ୍କୁଲ ଆସିପାରି ନ ଥିଲେ। ୨୦୧୬ରେ ଓଲିଭ୍ଵରଙ୍କଠାରେ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକୋମିଆ ଚିହ୍ନଟ ହୋଇଥିଲା। ଏହାପରେ ହସ୍ପିଟାଲରେ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା। ଗତ ଡିସେମ୍ବର ୨୭ରେ ତାଙ୍କର ଶେଷ କେମୋଥେରାପି ହୋଇଥିଲା। ଏହାପରେ ସେ ସ୍କୁଲକୁ ଫେରିଥିଲେ। ତାଙ୍କୁ ବିଜେତା ଭାବେ ସ୍ୱୀକାର କରି ସ୍କୁଲ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରକୃତରେ ଓଲିଭ୍ଵର କ୍ୟାନସରକୁ ହରାଇଛନ୍ତି ବୋଲି ଭାବବିହ୍ୱଳ ହୋଇ ସ୍କୁଲର ପ୍ରଧାନ ଶିକ୍ଷକ ପୌଟ୍ରିକ୍ ଗାନ୍ନୋନ ସୂଚନା ଦେଇଛନ୍ତି। ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିବା ୧୯ ସେକେଣ୍ଡର ଏହି ଭିଡ଼ିଓରେ ଓଲିଭ୍ଵର ସହପାଠୀଙ୍କ ସ୍ୱାଗତରେ ହସୁଥିବା ଦେଖିବାକୁ ମିଳୁଛି।



ଶାହରୁଖ ଖାନ୍

**ମୁମ୍ବାଇ:** ଶାହରୁଖ ଖାନ୍‌ଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୨ କୋଟି ଟପିଛି। ପୂର୍ବରୁ ବିଗ୍ ବି ଅମିତାଭ ବଚ୍ଚନଙ୍କ ଫଲୋଅର୍ସଙ୍କ ସଂଖ୍ୟା ସବୁଠାରୁ ଅଧିକ ରହିଥିଲା। ଏହା ୧କୋଟି ୪୧ ଲକ୍ଷ ରହିଥିଲା। ଏନେଇ ପ୍ରଶଂସକମାନେ କିଙ୍ଗ୍ ଖାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇନ୍‌ଷ୍ଟାରେ ସେ କମ୍ ଆକ୍ଟିଭ୍ ରହୁଥିବାରୁ ତାଙ୍କ ଫଲୋଅର୍ସଙ୍କ ସଂଖ୍ୟା ବଢୁ ନ ଥିବା କୁହାଯାଉଛି। ସେ ଇନ୍‌ଷ୍ଟାରେ ମାତ୍ର ୫୪୭ ପୋଷ୍ଟ ଶେୟାର କରିଛନ୍ତି। ଏବେ ଇନ୍‌ଷ୍ଟାରେ ଆମିର ଖାଁଙ୍କ ଫଲୋଅର୍ସ ସଂଖ୍ୟା ୨୯ ଲକ୍ଷ, କାଜୋଲଙ୍କର ୯୩ ଲକ୍ଷ ଏବଂ ଅଜୟ ଦେବଗନଙ୍କର ୫୨ ଲକ୍ଷ ରହିଛି। ସେହିପରି ଦୀପିକା ପାଦୁକୋନ୍‌ଙ୍କର ଫଲୋଅର୍ସଙ୍କ ସଂଖ୍ୟା ୪ କୋଟି ୨୯ ଲକ୍ଷ, ପ୍ରିୟଙ୍କା ଚୋପ୍ରାଙ୍କର ୪ କୋଟି ୮୨ ଲକ୍ଷ, ଶ୍ରଦ୍ଧା କପୁରଙ୍କର ୩ କୋଟି ୮୬ ଲକ୍ଷ, ଆଲିଆ ଭଟ୍ଟଙ୍କର ୪କୋଟି ୧୭ ଲକ୍ଷ, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍‌ଙ୍କର ୩ କୋଟି ୬୦ ଲକ୍ଷ, ଅକ୍ଷୟ କୁମାରଙ୍କର ୩ କୋଟି ୫୩ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅପରପକ୍ଷରେ ସନ୍ନୀ ଲିଓନିଙ୍କର ୩ କୋଟି ୨ ଲକ୍ଷ, ସଲମାନ୍ ଖାନ୍‌ଙ୍କର ୨କୋଟି ୯୧ ଲକ୍ଷ, ସୋନମ୍ କପୁରଙ୍କର ୨ କୋଟି ୪୩ ଲକ୍ଷ, କ୍ୟାଟ୍‌ରିନା କୈଫ୍‌ଙ୍କର ୩ କୋଟି ୧୧ ଲକ୍ଷ, ବରୁଣ ଧାୱନଙ୍କର ୨ କୋଟି ୫୦ ଲକ୍ଷ ଏବଂ ଶାହିଦ୍ କପୁରଙ୍କର ୨ କୋଟି ୪୭ ଲକ୍ଷ ଫଲୋଅର୍ସ ଅଛନ୍ତି।

# ଇନ୍‌ଷ୍ଟାଗ୍ରାମ୍‌ରେ କିଙ୍ଗ୍ ଖାନ୍‌ଙ୍କ ଫଲୋଅର୍ସ ୨ କୋଟି ଟପିଲା


**ନୂଆଦିଲ୍ଲୀ,:** ଦେଶରେ ଯୌନ ନିର୍ଯାତନା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ୨୦୧୮ରେ ଦେଶରେ ପ୍ରତିଦିନ ୧୦୯ ଜଣ ଶିଶୁ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ( ଏନସିଆରବି) ଦ୍ୱାରା ଜାରି କରାଯାଇଥିବା ରିପୋର୍ଟରୁ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ୨୦୧୭ ତୁଳନାରେ ୨୦୧୮ରେ ଶିଶୁଙ୍କ ସହ ହୋଇଥିବା ଯୌନ ନିର୍ଯାତନା ଘଟଣାରେ ୨୨ ପ୍ରତିଶତ ବୃଦ୍ଧି ହୋଇଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଏନସିଆରବି ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ରିପୋର୍ଟ ଅନୁସାରେ ୨୦୧୭ରେ ପୋକ୍ସୋ ଆକ୍ଟ ଅଧୀନରେ ୩୨,୬୦୮ଟି ମାମଲା ରୁଜୁ ହୋଇଥିଲା। ୨୦୧୮ରେ ଏହି ଅପରାଧର ସଂଖ୍ୟା ୩୯,୮୨୭ ଥିବା ରେକର୍ଡ କରାଯାଇଛି। ନାବାଳିକାଙ୍କ ସହ ହେଉଥିବା ଯୌନ ନିର୍ଯାତନା, ଯୌନ ଉତ୍ପୀଡ଼ନ ପରି ଅପରାଧକୁ ରୋକିବା ଏବଂ ଅପରାଧୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଦ୍ଦେଶ୍ୟରେ ୨୦୧୨ ମସିହାରେ ପୋକ୍ସୋ ଆଇନ ପ୍ରଣୟନ କରାଯାଇଥିଲା। ୨୦୧୮ରେ ୨୧,୬୦୫ଟି ଶିଶୁ ବଳାତ୍କାର ମାମଲା ରେକର୍ଡ କରାଯାଇଥିଲା। ଏହା ମଧ୍ୟରୁ ୨୧,୪୦୧ଟି ଦୁଷ୍କର୍ମ ମାମଲା ନାବାଳିକାଙ୍କ ଥିବାବେଳେ ନାବାଳକଙ୍କ ସହ ୨୦୪ଟି ଦୁଷ୍କର୍ମ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୨, ୮୩୨ଟି ବଳାତ୍କାର ମାମଲା ହୋଇଥିବା ରେକର୍ଡ କରାଯାଇଛି। ଦ୍ୱିତୀୟରେ ଉତ୍ତର ପ୍ରଦେଶ (୨,୦୨୩) ଏବଂ ତୃତୀୟ ତାମିଲନାଡୁ(୧୪୫୭) ରହିଛି। ଏକ ଦଶନ୍ଧି ମଧ୍ୟରେ ଶିଶୁଙ୍କ ସହ ହେଉଥିବା ଅପରାଧ ମାମଲାରେ ୬ ଗୁଣା ବୃଦ୍ଧି ହୋଇଛି। ୨୦୦୮ରେ ୨୨,୫୦୦ଟି ଶିଶୁଙ୍କ ସହ ହୋଇଥିବା ଅପରାଧ ରେକର୍ଡ କରାଯାଇଥିବା ବେଳେ ୨୦୧୮ରେ ଏହିପରି ୧,୪୧,୭୬୪ଟି ମାମଲା ରେକର୍ଡ କରାଯାଇଥିବା ଏନସିଆରବି ରିପୋର୍ଟରୁ ସାମ୍ନାକୁ ଆସିଛି। ୨୦୧୭ରେ ୧,୨୯,୦୩୨ଟି ମାମଲା ରେକର୍ଡ କରାଯାଇଥିଲା।

## ଏନ୍‌ସିଆର୍‌ବି ରିପୋର୍ଟ



# ଦୈନିକ ୧୦୯ ଶିଶୁ ଯୌନ ନିର୍ଯାତନାର ଶିକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ଜାନୁୟାରୀ, ୨୦୨୦



ଭୁଲ୍‌ଟା ବୁଝିବାମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
- ଡାୟୋଜେନିସ୍



## ସଂକ୍ଷେପରେ

### ନିମ୍ନମାନର ମେଶିନ ଦେଇ ୨୭ ଲକ୍ଷ ଠକେଇ
### ରାଜସ୍ଥାନରୁ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ନିମ୍ନମାନର ସିମେଣ୍ଟ ଇଟା ମେଶିନ ଯୋଗାଇବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରାଜସ୍ଥାନରୁ ଗିରଫ କରି ଶନିବାର ଫେରିଛି। ସେ ହେଲେ ରାଜସ୍ଥାନ ଆଜମିର ଅଞ୍ଚଳର ଏଲପିଏମ୍ ପ୍ରାଇଭେଟ ଲିମିଟେଡର କର୍ମଚାରୀ ମହାବୀର ପ୍ରସାଦ ମାଲି(୩୬)। ସୂଚନାଯୋଗ୍ୟ, ଡୁମୁଡୁମା ମଧୁସୂଦନ ସମବାୟ ନଗରରେ ରହୁଥିବା ମିତ୍ରା ମିଶ୍ର ପଞ୍ଚସଖା ନଗରରେ ଏକ ସିମେଣ୍ଟ ଇଟା କାରଖାନା କରିବା ପାଇଁ ଯୋଜନା କରିଥିଲେ। ଏଥିନିମନ୍ତେ ଆବଶ୍ୟକ ମେଶିନ ଯୋଗାଇବାକୁ ସେ ମହାବୀରଙ୍କ ସହ ଯୋଗାଯୋଗ କରି ୨୦୧୭ ଡିସେମ୍ବରରେ ୨୭ଲକ୍ଷ ୬୬ ହଜାର ଟଙ୍କା ପଠାଇଥିଲେ। ପରେ ତାଙ୍କୁ ମେଶିନ ଯୋଗାଇ ଦିଆଯାଇଥିଲା। କିନ୍ତୁ ତାହା ଡିଲ୍ ମୁତାବକ କାର୍ଯ୍ୟକ୍ଷମତା ଓ ବ୍ରାଣ୍ଡର ମେଶିନ ନ ଥିଲା। ଏ ସମ୍ପର୍କରେ ମିତ୍ରା ଅଭିଯୋଗ କରିବା ପାଇଁ ଚାହିଁଲେ ମଧ ମହାବୀର ଆଉ ଫୋନ ଉଠାଇ ନ ଥିଲେ। କିଛିଦିନ ପରେ ମେଶିନ ଖରାପ ହେବା ପରେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ନିରାଶ ହୋଇ ଶେଷରେ ମିତ୍ରାଙ୍କ ଅଭିଯୋଗ ପରେ ପୋଲିସ ୩୪୩/୧୮ନଂ.ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏସ୍‌ଆଇ ନିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଆଜମିର ଯାଇ ସ୍ଥାନୀୟ ପୋଲିସ ସହଯୋଗରେ ମହାବୀରଙ୍କୁ ଗିରଫ କରିଥିଲେ। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି।

### ପଡୋଶୀଙ୍କୁ ଆକ୍ରମଣ କରି ହୋଟେଲ ମାଲିକ ଗିରଫ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ପପଡୋଶୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ହୋଟେଲ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛିଛି। ସେ ହେଲେ ମଞ୍ଚେଶ୍ୱର ଇଞ୍ଜଣା ଗ୍ରାମର ମନୋଜ ସାହୁ। ପୋଲିସ ୫/୨୦ନଂ.ରେ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ,ଶନିବାର ରାତି ପ୍ରାୟ ସାଢ଼େ ଗୋଟେ ସମୟରେ ଦୁଇଜଣ ହୋଟେଲର କବାଟ ବାଡେଇ ମ୍ୟାନେଜରଙ୍କୁ ଡାକିଥିଲେ। ମ୍ୟାନେଜର କବାଟ ନ ଖୋଲିବାରୁ ସେମାନେ ପାଟିତୁଣ୍ଡ କରିଥିଲେ। ଏନେଇ ପଡ଼ୋଶୀମାନେ ପୋଲିସକୁ ଜଣାଇଥିଲେ। ପିସିଆର ଭ୍ୟାନ୍ ପହଞ୍ଚି ପଡ଼ୋଶୀଙ୍କ ଅଭିଯୋଗ ଶୁଣିବାବେଳେ ମନୋଜ ପଡ଼ୋଶୀ ନରହରି ସାହୁ ଆକ୍ରମଣ କରିଥିଲେ। ଏନେଇ ନରହରି ଥାନାରେ ଅଭିଯୋଗ କରିବାରୁ ପୋଲିସ ମନୋଜଙ୍କୁ ଗିରଫ କରିଥିଲା।

## ମାର୍କେଟ ବିଲ୍ଡିଂରେ ଆତଙ୍କ ଘଟଣାର ବଡ଼ ସୁରାକ

# ବଡ଼ଗଡ଼ରେ ମୁଣ୍ଡ ଟେକୁଛି ବଡ଼ ଗ୍ୟାଙ୍ଗ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

- ରାଜଧାନୀରେ ରାଜ୍ ଆରମ୍ଭ କରିଥିଲା ମାଷ୍ଟରମାଇଣ୍ଡ୍ ଟିଣ୍ଟୁ
- ଗ୍ୟାଙ୍ଗ୍‌ରେ ସାମିଲ୍ ଅଛନ୍ତି ବସ୍ତିର ଯୁବକ, ନାବାଳକ
- ୬ଜଣ ଅଭିଯୁକ୍ତଙ୍କ ସମେତ ୧୪ ନାବାଳକ ଧରାପଡିଲେ

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଭଙ୍ଗାରୁଜା ଓ ଆକ୍ରମଣ କରି ଆତଙ୍କ ଖେଳାଇବା ଘଟଣାରେ ରବିବାର ପୋଲିସ ଆଉ ୩ଜଣ ନାବାଳକଙ୍କୁ ଧରିଛି। ପୂର୍ବରୁ ୧୮ଜଣ ଗିରଫ ହୋଇଥିବାବେଳେ ଏବେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି। ତେବେ ଏହି ଘଟଣାର ଖୋଳତାଡ଼ ବେଳେ ପୋଲିସକୁ ବଡ଼ ସୁରାକ ମିଳିଛି। ରାଜଧାନୀରେ ରାଜ୍ କରିବାକୁ ବଡ଼ଗଡ଼ ଥାନାଞ୍ଚଳରେ ଏକ ବଡ଼ ଗ୍ୟାଙ୍ଗ୍ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗ୍ ତା'ର ଉପସ୍ଥିତି ଜାହିର କରିବା ପାଇଁ ମାର୍କେଟ ବିଲ୍ଡିଂ ପରି ପୂର୍ବରୁ ବହୁ ଅପରାଧ ଘଟାଇଛି। ତେବେ ମାଷ୍ଟରମାଇଣ୍ଡ୍ ଟିଣ୍ଟୁ ରହିଥିବାବେଳେ ଗୋପୀ ଓ ପ୍ରୀତମଙ୍କ ସହ ମିଶି ଗ୍ୟାଙ୍ଗ୍ ଚଳାଉଥିବା ପୋଲିସ ଜାଣିବାକୁ ପାଇଛି। ଏହି ୩ ମୁଖ୍ୟ ଅଭିଯୁକ୍ତ ଏବେ ଫେରାର ଥିବାରୁ ସେମାନଙ୍କୁ ଧରିବା ପରେ ଗ୍ୟାଙ୍ଗ୍ ସମ୍ପର୍କରେ ଆହୁରି ବହୁ ତଥ୍ୟ ମିଳିପାରିବ ବୋଲି କମିଶନରେଟ ପୋଲିସ ଆଶା ରଖିଛି। ତେବେ ଏବେସୁଦ୍ଧା ପୋଲିସକୁ ମିଳିଥିବା ତଥ୍ୟ ଅନୁସାରେ ଏହି ଗ୍ୟାଙ୍ଗ୍ ବିଶେଷକରି ବସ୍ତିର ଗରିବ ଯୁବକ ଓ ନାବାଳକଙ୍କୁ ଗ୍ୟାଙ୍ଗ୍‌ରେ ସାମିଲ୍ କରି ବିଭିନ୍ନ ଅପରାଧରେ ଲଗାଇଥାଏ। ଏପରି କି ମାର୍କେଟ ବିଲ୍ଡିଂରେ ଏପରି ଆତଙ୍କ ସୃଷ୍ଟି କରିବା ପଛରେ ସେମାନଙ୍କର ଦାଦା ବଟି ଲକ୍ଷ୍ୟ ରହିଥିବା କୁହାଯାଉଛି। ସେହିଭଳି ନିଶା କାରବାରରେ ନାବାଳକଙ୍କୁ ମଧ ନିୟୋଜିତ କରାଯାଇଥିବା ମଧ ସୂଚନା ମିଳିଛି।

### ନାବାଳକଙ୍କ ମୁହଁରେ 'ଭାଇ'

ଟିଣ୍ଟୁ ଇତିମଧ୍ୟରେ ବହୁ ଅପରାଧ ଘଟାଇ 'ଭାଇ' ନାଁରେ ରାଜ୍ ଆରମ୍ଭ କରିଛନ୍ତି। ଗ୍ୟାଙ୍ଗ୍‌ର ସଦସ୍ୟମାନେ ତାଙ୍କୁ ଭାଇ ବୋଲି ସମ୍ବୋଧନ କରୁଥିଲେ। ଧରାପଡ଼ିଥିବା ନାବାଳକଙ୍କୁ ପଚରାଉଚରାବେଳେ ସେମାନେ ଟିଣ୍ଟୁଙ୍କ ବିଷୟରେ ବହୁ ତଥ୍ୟ ପୋଲିସକୁ ଦେଇଛନ୍ତି। ପ୍ରଥମେ ଟିଣ୍ଟୁ କଲେଜ ଓ ସ୍କୁଲ୍ ପିଲାଙ୍କୁ ସହାୟତା ବାହାନାରେ ନିକଟତର ହୁଅନ୍ତି। ତା'ପରେ ସେମାନଙ୍କୁ ବିଭିନ୍ନ ସମୟରେ ଟଙ୍କା ପଇସା ଦେଇ ବଡ଼ ଭାଇପରି ବ୍ୟବହାର ଦେଖାନ୍ତି। ତାଙ୍କୁ ମଧ ସେମାନେ ଭାଇ ବୋଲି ଡାକିବା ଆରମ୍ଭ କରନ୍ତି। ଏପରି କି ଯେତେବେଳେ ଟିଣ୍ଟୁ ଯେଉଁଠିକୁ ଯାଇଥାନ୍ତି, ଯୁବକ ଓ ନାବାଳକମାନେ ତାଙ୍କ ଚାରିପଟେ ଭାଇ ଭାଇ ବୋଲି ଡାକି ଡାକି ଯାଇଥାନ୍ତି। ସମୟକ୍ରମେ ଟିଣ୍ଟୁଙ୍କ ଅପରାଧ ସାମ୍ରାଜ୍ୟ ସହ ସେମାନେ ଛାଏଁ ଯୋଡ଼ି ହୋଇଯାନ୍ତି।

### ଭାଇଗିରି ଦେଖାଇବାକୁ ଆତଙ୍କ ରଚିଥିଲେ

ଘଣ୍ଟା କିଣାକୁ ନେଇ ମାର୍କେଟ ବିଲ୍ଡିଂର ଏକ ଦୋକାନରେ ଜଣେ ଯୁବତୀ ଓ ଦୋକାନୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଯୁବତୀଙ୍କ ଭାଇ ପହଞ୍ଚିବା ପରେ ଉଭୟ ହାତାହାତି ହୋଇଥିଲେ। ଏହାପରେ ଦୋକାନୀ ଜଣକ ଜଣେ ଅଣଓଡ଼ିଆ ଯୁବକଙ୍କୁ ଡକାଇ ଯୁବତୀଙ୍କ ଭାଇଙ୍କୁ ମାଡ଼ ମାରିଥିଲେ। ଏହି ସୂଚନା ଟିଣ୍ଟୁ ଗ୍ୟାଙ୍ଗ୍ ନିକଟରେ ପହଞ୍ଚିଥିଲା। ନିଜର ଭାଇଗିରି ଦେଖାଇବାକୁ ଯାଇ ଯୁବତୀଙ୍କ ଭାଇଙ୍କୁ ସହାୟତାର ହାତ ବଢ଼ାଇଥିଲେ। ପରଦିନ ଟିଣ୍ଟୁ ଓ ତା'ର ଗ୍ୟାଙ୍ଗ୍ ସଦସ୍ୟମାନେ ମାର୍କେଟ ବିଲ୍ଡିଂରେ ଆତଙ୍କ ରଚାଇଥିଲେ। ଘଟଣାର ତଦନ୍ତବେଳେ ଡିସିପି ଅନୁପ ସାହୁଙ୍କୁ ସ୍ଥାନୀୟ ବ୍ୟବସାୟୀମାନେ ସୂଚନା ଦେଇଥିଲେ। ଏବେ ଟିଣ୍ଟୁ ଫେରାର ରହି ଗିରଫ ହୋଇଥିବା ଗ୍ୟାଙ୍ଗ୍‌ର ଯୁବକ ଓ ନାବାଳକଙ୍କୁ ମୁକୁଳାଇବାକୁ ରାଜନୈତିକ ଉଦ୍ୟମ ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### 'ଯମରାଜ'ଙ୍କ ଟ୍ରାଫିକ ସଚେତନତା

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶନିବାର ଠାରୁ ଆରମ୍ଭ କରାଯାଇଛି। ଟ୍ରାଫିକ ପୋଲିସ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଲୋକଙ୍କୁ ଟ୍ରାଫିକ ନିୟମ ମାନିବା ପାଇଁ ଛକରେ ସଚେତନତା କରାଯାଉଛି। ରବିବାର ଅପରାହ୍ନରେ ଜୟଜଗନ୍ନାଥ ସଂସ୍ଥାର ସହଯୋଗରେ ପାୱାରହାଉସ୍ ଛକରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ କେତେଜଣ ସ୍ୱେଚ୍ଛାସେବୀ ଯମରାଜ, ଚିତ୍ରଗୁପ୍ତ ଏବଂ ହନୁମାନ ବେଶ ଧାରଣ କରି ଲୋକଙ୍କୁ ସଚେତନ କରାଇଥିଲେ। ଏହାସହ ଟ୍ରାଫିକ ଡିସିପି ସାଗରିକା ନାଥ ଛୋଟ ପିଲାମାନଙ୍କୁ ମାଗଣାରେ ହେଲମେଟ ବାଣ୍ଟିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଟ୍ରାଫିକ ଡିସିପି କେ.କେ. ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେହିଭଳି ପୂର୍ବାହ୍ନ ୧୦ଟା ସମୟରେ ଏଜି ଛକସ୍ଥିତ ଟ୍ରାଫିକ୍ ଥାନାରେ ପୋଲିସ ଏବଂ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା।

**ଛୋଟ ପିଲାଙ୍କୁ ବାଣ୍ଟିଲେ ହେଲମେଟ ଟ୍ରାଫିକ ଡିସିପି**




ଆଲୋଚନାଚକ୍ରରେ ଯୋଗଦେଇଥିବା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଓଡ଼ିଆ ଭାଷା ପାଇଁ ବୌଦ୍ଧିକ ଆନ୍ଦୋଳନ ଆବଶ୍ୟକ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ସମସ୍ତ ଆନ୍ଦୋଳନ ବୌଦ୍ଧିକ ସ୍ତରରୁ ଆରମ୍ଭ ହୋଇଥାଏ। ଓଡ଼ିଆ ଭାଷା ପାଇଁ ବୌଦ୍ଧିକ ଆନ୍ଦୋଳନର ଆବଶ୍ୟକତା ଅଛି। ଏଥିପାଇଁ ଉଦ୍‌ବେଳନ, ଆତ୍ମିୟତା ଓ ସଦିଚ୍ଛା ରହିବା ଦରକାର। ରାଜ୍ୟ ସରକାର ଓଡ଼ିଆ ଭାଷା ପାଇଁ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଆୟୋଜିତ 'ଶିକ୍ଷା ବ୍ୟବସ୍ଥାରେ ମାତୃଭାଷା ଓଡ଼ିଆ' ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମନ୍ତ୍ରୀ ସାହୁ କହିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ସଭାପତିତ୍ୱରେ ପ୍ରଫେସର ବସନ୍ତ ପଣ୍ଡା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଉପରେ କହିଥିଲେ। ଜାପାନ, କୋରିଆ, ଚାଇନା ଭଳି ଶିଳ୍ପବିପ୍ଳବ ଅପ୍ରଭାବିତ ଦେଶ ନିଜ ଭାଷା ଦ୍ୱାରା ବିକାଶ ପାଇଥିବାରୁ ଓଡ଼ିଶା ପାଇଁ ଏହିସବୁ ଦେଶ ପଥ ପ୍ରଦର୍ଶକ ହୋଇପାରିବେ ବୋଲି ପ୍ରଫେସର ଓଙ୍କାରନାଥ ମହାନ୍ତି କହିଥିଲେ। ପରେ ବିଶିଷ୍ଟ ଶିକ୍ଷାବିତ୍ ଡ. ନଟବର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୈକ୍ଷିକ ଅଧିବେଶନରେ 'ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରେ ଓଡ଼ିଆ ଭାଷାର ସ୍ଥିତି ଓ ସମ୍ଭାବନା' ଉପରେ ଡ. ସିପ୍ରା ମଲ୍ଲିକ, ପ୍ର. ମୋହିତ ମୋହନ ମହାନ୍ତି ଓ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷାରେ ଓଡ଼ିଆ ଭାଷାର ସ୍ଥିତି ବିଷୟରେ ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଡା. ଦେବାଶିଷ ଜେଠୀ, ପ୍ରଫେସର ନିରଞ୍ଜନ ବାରିକ ମତବ୍ୟକ୍ତ କରିଥିଲେ। ଡ. ସୁବ୍ରତ ପୃଷ୍ଟି, ଡ. ରମେଶ ଚନ୍ଦ୍ର ମଲ୍ଲିକ ଓଡ଼ିଆ ଭାଷା ଉପରେ ଉପସ୍ଥାପନା କରିଥିଲେ। ଏଥିରେ ବିଶିଷ୍ଟ ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନେତା, ଖବରଦାତା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଷଷ୍ଠ ଜାତୀୟ ଭାଷା ସମ୍ମିଳନୀ ପୁସ୍ତିକା, ଅନୁଷ୍ଠାନର ଷାଣ୍ମାସିକ ଗବେଷଣା ଜର୍ନାଲ 'ଭାଷା' ଓ ଲାଙ୍ଗୁଏଜ, ଲିଟରେଚର, କଲଚର ଓ ଇଣ୍ଟିଗ୍ରିଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନୀରଦ ବରଣ ଖଣ୍ଟିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପ୍ରଫେସର ବ୍ରଜେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

**ବଣଭୋଜିରେ ଗଣ୍ଡଗୋଳ**

### ବିଏସ୍‌ଏଫ କମାଣ୍ଡରଙ୍କୁ ପିଟି ୬ ଗିରଫ

**ପୁରୁଣା ଭୁବନେଶ୍ୱର, ୧୨।୧ (ଡି.ଏନ.ଏ.)**

ଶାନ୍ତିସ୍ତୂପ ଧଉଳିରେ ରବିବାର ବଣଭୋଜି ବେଳେ ଗଣ୍ଡଗୋଳ ହୋଇଛି। ଜଣେ ବିଏସ୍‌ଏଫ କମାଣ୍ଡରଙ୍କୁ ପିଟିବା ସହ ତାଙ୍କ କାରକୁ ଭଙ୍ଗାରୁଜା କରାଯିବା ନେଇ ଧଉଳି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ଅପରାହ୍ନରେ ପୋଖରୀପୁଟର ନୃସିଂହ ଚରଣ ଦାସ ଓ ତାଙ୍କ ସପରିବାର ଭୋଜି କରୁଥିଲେ। ଏହି ସମୟରେ ଦମ୍ପତିଙ୍କ ସ୍କୁଟି ସାଇଡକୁ ନେଇ କେତେଜଣ ଯୁବକଙ୍କ ସହ ଯୁକ୍ତିକରିଥିଲେ। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ଦମ୍ପତିଙ୍କୁ ଗାଳିଗୁଲଜ କରିଥିଲେ। ପାଖରେ ଭୋଜି କରୁଥିବା ବିଏସଏଫ କମାଣ୍ଡର ବିକାଶ ମିଶ୍ର ଏବଂ ତାଙ୍କ ଭାଇ ସନ୍ତୋଷ ମିଶ୍ର ପ୍ରତିରୋଧ କରିଥିଲେ। ମାତ୍ର ଯୁବକମାନେ କାଠ ଫାଳିଆରେ ବିକାଶଙ୍କୁ ନିଘୁକ ମାଡ ମାରିବା ସହ ତାଙ୍କ କାରକୁ ଭାଙ୍ଗି ଦେଇଥିଲେ। ଏ ନେଇ ପରେ ବିକାଶ ଏବଂ ଦମ୍ପତିଙ୍କ ପକ୍ଷରୁ ୨ଟି ଅଭିଯୋଗ ପାଇ ପୋଲିସ ୬ ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବିଶ୍ୱଜିତ୍ ଜୟଦୀପ କହିଛନ୍ତି।

## ଦାରିଦ୍ର୍ୟ ଦୂର ଲାଗି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଜରୁରୀ

**ଭୁବନେଶ୍ୱର,୧୨।୧:** ଦାରିଦ୍ର୍ୟ ଦୂରୀକରଣ ଦିଗରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅତ୍ୟନ୍ତ ଜରୁରୀ। ଏ ଦିଗରେ ଉଚିତ ନୀତିନିର୍ଦ୍ଧାରଣ, ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ସିୱାଇଏସ୍‌ଡି ପରିସରରେ ଅନୁଷ୍ଠିତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସଂକ୍ରାନ୍ତ ପଲିସି ଡାଏଲଗ ଅବସରରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଆର୍ଥିକ ସାକ୍ଷରତା ସବୁ ସ୍ତରରେ ପହଞ୍ଚିଲେ ଏହାର ଲାଭ ଲୋକମାନଙ୍କୁ ମିଳିବ। ଏଦିଗରେ ନୀତି ନିର୍ଦ୍ଧାରକମାନେ ମିଳିତ ହୋଇ କାର୍ଯ୍ୟ କରିବାକୁ ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମତ ରଖିଥିଲେ। ତୃଣମୂଳ ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସଫଳ କରାଇବାକୁ ହେଲେ ଉନ୍ନତ ପ୍ରଡକ୍ଟ, ପ୍ରତିଷ୍ଠାନ ଏବଂ ସିଷ୍ଟମ ରହିବା ଆବଶ୍ୟକ ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ଜୁଗଲ କିଶୋର ମହାପାତ୍ର ଏଠାରେ ମତବ୍ୟକ୍ତ କରିଛନ୍ତି। ଅର୍ଥନୈତିକ ନ୍ୟାୟ ହାସଲ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତି ଏକ ପ୍ରମୁଖ ଉପାଦାନ ଭାବେ କାର୍ଯ୍ୟ କରିବ ବୋଲି ତ୍ରିପୁରା ସରକାରଙ୍କ ପୂର୍ବତନ ଶାସନ ସଚିବ ସଞ୍ଜୟ କୁମାର ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଗ୍ରାମାଞ୍ଚଳରେ ବ୍ୟାଙ୍କ ଶାଖା ହ୍ରାସ ହେଉଥିବାରୁ ଏହାକୁ ନେଇ ବରିଷ୍ଠ ସାମ୍ବାଦିକ ନାଗେଶ୍ୱର ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। କାନାରା ବ୍ୟାଙ୍କ ପକ୍ଷରୁ ରାଜେନ୍ଦ୍ର କୁମାର ସ୍ୱାଇଁ, ନାବାର୍ଡ଼ ଜିଏମ୍ ଏପି ଦାସ, ସିୱାଇଏସ୍‌ଡିର ପ୍ରଫୁଲ୍ଲ କୁମାର ସାହୁ, ସିପିଜିଏ ଅଧ୍ୟକ୍ଷ ତେଜେଶ୍ୱର ପରିଡା ଏଥିରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ଏକକ ଚିତ୍ରକଳା ପ୍ରଦର୍ଶନୀ 'ର..ଅଙ୍ଗ'

**ଭୁବନେଶ୍ୱର,୧୨।୧(ବ୍ୟୁରୋ):** ଏକ ଭିନ୍ନ ଏକକ ଚିତ୍ରକଳା ପ୍ରଦର୍ଶନୀ 'ର.. ଅଙ୍ଗ' ରବିବାର ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପରିସରରେ ଆରମ୍ଭ ହୋଇଛି। ଖ୍ୟାତନାମା ଲେଖିକା ଡ. ପ୍ରତିଭା ରାୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀ ସାଇ କଲ୍ୟାଣୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକୁ ନେଇ ଆୟୋଜିତ ଏହି ପ୍ରଦର୍ଶନୀକୁ ଡ. ରାୟ ବୁଲି ଦେଖିବା ସହ ତାଙ୍କ କଳାକୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ତାରାକାନ୍ତ ପରିଡା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାଇ କଲ୍ୟାଣୀଙ୍କ ଗୁରୁ ରଘୁନାଥ ସାହୁ, ଫଟୋଗ୍ରାଫର ପ୍ରଫୁଲ୍ଲ ଚନ୍ଦ୍ର ଧିର, ଚିତ୍ରଶିଳ୍ପୀ ଅଞ୍ଜନ କୁମାର ସାହୁ ଓ ଡ. ଆଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମର୍ଦ୍ଦଳ, ଖଞ୍ଜଣି, କେନ୍ଦରା, ପାଇକ ବିଦ୍ରୋହ ଡ୍ରାମା ପରିବେଷଣ



କଳାକାରମାନେ ପାଇକ ନୃତ୍ୟ ପରିବେଷଣ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୧୨।୧ (ଡି.ଏନ.ଏ.)**

**ଶିଶୁପାଳଗଡ଼ ମହୋତ୍ସବର ପ୍ରାକ୍ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ରବିବାର ଧଉଳି ଶାନ୍ତିସ୍ତୂପଠାରେ ଥିବା ଶ୍ରୀଧବଳେଶ୍ୱର ବ୍ୟବସାୟୀ ସଂଘର ସହଯୋଗରେ ଶିଶୁପାଳଗଡ଼ ମହୋତ୍ସବ ଅବ୍ୟବହିତ ପୂର୍ବରୁ ପ୍ରାକ୍ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାର ଆରମ୍ଭ ହୋଇଥିଲା। କାପୋକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଧଉଳି ପଞ୍ଚାୟତର ସରପଞ୍ଚ ପୂର୍ଣ୍ଣିମା ସାହୁ, ସମିତି ସଭ୍ୟ ଭଗବାନ ସାହୁ, କଳିଙ୍ଗ ନିପନ ସୋସାଇଟିର କାର୍ଯ୍ୟନିର୍ବାହୀ ମାଇକେଲ, ଓଡିଶୀ ଗୁରୁ ଜ୍ୟୋତି ରାଉତ ଏବଂ ଶ୍ରୀଧବଳେଶ୍ୱର ବ୍ୟବସାୟୀ ସଂଘ, ଧଉଳିର ସଭାପତି ସୁଶାନ୍ତ ପରିଡା, ସମ୍ପାଦକ ସୁମନ୍ତ ସୁବୁଦ୍ଧି, ଧଉଳି ଆର୍ଟ କଲେଜର ଅଧ୍ୟକ୍ଷ ପଞ୍ଚାନନ ସାମଲ, ସମ୍ପାଦକ ମିହିର ପ୍ରହରାଜ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରାକ୍ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଶିଷ୍ଟ ଓଡ଼ିଶୀ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଅନ୍ୟ କଳାକାରମାନଙ୍କ ସହ ମର୍ଦ୍ଦଳ ଯୁଗଳବନ୍ଦୀ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଖଞ୍ଜଣି ବାଦନ ଓ କେନ୍ଦରା ବାଦ୍ୟ ପରିବେଷଣ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଶେଷରେ ଭୁବନେଶ୍ୱରସ୍ଥ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ପ୍ରଭାତ ସ୍ୱାଇଁଙ୍କ ସହ ଅନ୍ୟ କଳାକାରମାନେ ପାଇକ୍ ବିଦ୍ରୋହର ଡ୍ରାମା ପରିବେଷଣ କରିଥିଲେ। ଇତିହାସକୁ ମନେ ପକେଇବା ଉଦ୍ଦେଶ୍ୟରେ କାପୋକ ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଅଛି । ସେହିପରି ସୋମବାର ଚଉଷଠି ଯୋଗିନୀ, ହୀରାପୁରଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିବାବେଳେ କାପୋକର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଫନୀ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ସହାୟତା ପ୍ରଦାନରେ କେଁ

# ବିଏମ୍‌ସି ଘେରିବେ ବାଦ୍‌ପଡ଼ିଥିବା ଉଠାଦୋକାନୀ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ହୋଇଥିବା ରାଜଧାନୀର ଉଠା ଦୋକାନୀଙ୍କୁ ସହାୟତା ରାଶି ବଣ୍ଟନରେ ଆରମ୍ଭରୁ କେଁ ସୃଷ୍ଟି ହୋଇଛି। ଉଠାଦୋକାନୀଙ୍କ ୨୦୧୫ ସର୍ଭେରେ ମୋଟ ୨୧ହଜାର ୪୮୩ ଜଣ ଦୋକାନୀ ସାମିଲ ଥିବାବେଳେ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଫନୀ ସହାୟତା ରାଶି କେବଳ ୧୧ହଜାର ୩୪୮ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ମିଳିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଘୋଷଣା କରିଛି। ଫଳରେ ଏବେ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଥିବା ଉଠାଦୋକାନୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦିନକୁ ଦିନ ବିବାଦ ତେଜୁଥିବାବେଳେ ଆଗାମୀ ଦିନରେ ସହାୟତା ପାଇବାରୁ ବାଦ୍‌ପଡୁଥିବା ଉଠାଦୋକାନୀମାନେ ବିଏମ୍‌ସି କାର୍ଯ୍ୟାଳୟ ଘେରିବେ ବୋଲି ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କ ପାଇଁ ଫନୀ ସହାୟତା ବାବଦକୁ ୧୦ହଜାର ଟଙ୍କା ଲେଖାଏ ଘୋଷଣା କରିଥିଲେ। ଏହାପରେ ବିଏମ୍‌ସି ୨୦୧୫ ସର୍ଭେକୁ ଆଧାର କରି ସହାୟତା ରାଶି ପ୍ରଦାନ କରିବ ବୋଲି କହିଥିଲା। ହେଲେ ବର୍ତ୍ତମାନ ବିଏମ୍‌ସି ଦ୍ୱାରା ପ୍ରକାଶିତ ଫନୀ ସହାୟତା ତାଲିକାରେ ସର୍ଭେରେ ଅନ୍ତର୍ଭୁକ୍ତ ହୋଇଥିବା ପାଖାପାଖି ୫୦% ଉଠାଦୋକାନୀଙ୍କ ନାଁ ନ ଥିବା ଅଭିଯୋଗ ହୋଇଛି। ୟୁନିଟ ୩ ଅଞ୍ଚଳର ଉଠା ଦୋକାନୀ ନୀଳମଣି ସାହୁ କହିଛନ୍ତି, ଫନୀରେ ସମସ୍ତେ ପ୍ରଭାବିତ ହୋଇଛନ୍ତି, ତେଣୁ ସହାୟତା ସମସ୍ତଙ୍କୁ ମିଳିବା କଥା। ହେଲେ ବିଏମ୍‌ସି କିଛି ବ୍ୟବସାୟୀଙ୍କୁ ସହାୟତା ଦେବ ବୋଲି ତାଲିକା ପ୍ରକାଶ କରିଛି। ଏହା ବାଦ୍ ପଡୁଥିବା ଉଠାଦୋକାନୀଙ୍କ ପାଇଁ ଅନ୍ୟାୟ। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ୨୦୧୫ରେ ଗଣତି ହୋଇଥିବା ଉଠା ଦୋକାନୀ ଓ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀଙ୍କୁ ଭିନ୍ନ ଭିନ୍ନ ଭାବେ ସର୍ଭେ କରାଯାଇଛି। ସହାୟତା ପାଇବାର ହକ୍ ଥିବା ଉଠା ଦୋକାନୀଙ୍କୁ ଚିହ୍ନଟ କରାଯାଇଛି। ସେଥିପାଇଁ ସହାୟତା ପ୍ରଦାନରେ ସାମାନ୍ୟ ବିଳମ୍ବ ହୋଇଗଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଫନୀ ସହାୟତା ପାଇବା ପାଇଁ ରାଶନ କାର୍ଡ ନ ଥିବା ଲୋକେ ତୁମ୍ବିତୋଫାନ କରିଥିଲେ। ଫଳରେ ବାଧହୋଇ ସରକାର ଏମାନଙ୍କୁ ବି ସହାୟତା ଦେଇଥିଲେ। ଏବେ ସେହିଭଳି ସ୍ଥିତି ଉପୁଜିବ ବୋଲି ଆଶଙ୍କା କରାଯାଉଛି।

**୨୦୧୫ ସର୍ଭେ ଅନୁସାରେ ମିଳୁନି ସହାୟତା, ତେଜୁଛି ଅସନ୍ତୋଷ**



ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶାରେ ରବିବାର ଆୟୋଜିତ ଅନ୍ତର୍ଜାତୀୟ ଗ୍ରୀନ୍ ୱାକ୍‌ଥନ୍‌ର ପୁରସ୍କାର ବିତରଣ ଉତ୍ସବରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହିରଚନ୍ଦନ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



କଳିଙ୍ଗ ଷ୍ଟାଡ଼ିୟମରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ ମାରାଥନକୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ବିପଦସଙ୍କୁଳ ସାମୁଦ୍ରିକ ଜୀବ



**ସମୁଦ୍ର ପ୍ରଦୂଷଣ ପାଇଁ ୩୩ପ୍ରତିଶତ ବାୟୁ ପ୍ରଦୂଷଣ ଓ ୪୪ପ୍ରତିଶତ ଜଳ ପ୍ରଦୂଷଣ ଦାୟୀ । ଉପକୂଳବର୍ତ୍ତୀ ସ୍ଥାନରୁ ବିଷାକ୍ତ ପଦାର୍ଥ ସମୁଦ୍ରରେ ମିଶେ । ନଦୀ, ଝରଣାରେ ବିଷାକ୍ତ ପଦାର୍ଥ ଶେଷରେ ସମୁଦ୍ରରେ ମିଶୁଛି । ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ସମୁଦ୍ରରେ ବଢ଼ିବାରେ ଲାଗିଛି । ତେଣୁ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏହା ନିଶ୍ଚୟ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି ...**



ସ୍ମିତା ଚାନ୍ଦ

ଜୀବଜଗତ ବଞ୍ଚିରହିବା ପାଇଁ ଅନୁକୂଳ ଏହି ଜଳଗ୍ରହ ପୃଥିବୀର ଉପରପୃଷ୍ଠ ଚାରିଭାଗରୁ ତିନିଭାଗ କେବଳ ଜଳ ଦ୍ୱାରା ଆବୃତ । ସମୁଦାୟ ଜଳକୁ ଯଦି ଶହେ ବାଲ୍‌ଟି ବୋଲି ଭାବିବା, ତା'ହେଲେ ସତାନବେ ବାଲ୍‌ଟି ଜଳ ଲୁଣିଆ ଓ ତିନି ବାଲ୍‌ଟି ମଧୁରଜଳ । ଏହି ତିନି ବାଲ୍‌ଟି ଜଳରୁ ମାତ୍ର ଏକ ଚାମଚରୁ କମ୍ ଜଳ ଚାଷୋପଯୋଗୀ, ଶିଳ୍ପୋପଯୋଗୀ ଓ ଘରୋଇ ବ୍ୟବହାରଯୋଗ୍ୟ । ଆକଳନ କରାଯାଇଛି ଯେ ପୃଥିବୀ ପୃଷ୍ଠର ସମୁଦାୟ ଜୀବଜଗତରୁ ୫୦ରୁ ୮୦ ପ୍ରତିଶତ ଜୀବ ସମୁଦ୍ରରେ ବାସ କରନ୍ତି । ଏଥିରୁ ସହଜରେ ଅନୁମେୟ, ସମୁଦ୍ର ହେଉଛି ଜୀବମାନଙ୍କର ଉତ୍ତମ ଆଶ୍ରୟସ୍ଥଳୀ ।

ପୃଥିବୀ ପୃଷ୍ଠକୁ ସମୁଦ୍ର ଏତେ ମାତ୍ରାରେ ଆବଦ୍ଧ କରିଥିଲେ ବି ମଣିଷ ଏହି ବିଶାଳ ସମୁଦ୍ରର ୧୦ ପ୍ରତିଶତରୁ କମ୍ ସ୍ଥାନ ଆବିଷ୍କାର କରିଛି । ସମୁଦାୟ ସମୁଦ୍ରକୁ ଜାଣିବା ପାଇଁ ଆହୁରି ସମୟ ଦରକାର । ସମୁଦ୍ରର ୯୦ପ୍ରତିଶତ ଆୟତନକୁ ଗଭୀର ସମୁଦ୍ର କହନ୍ତି । ସମୁଦ୍ରର ହାରାହାରି ଗଭୀରତା ୩,୭୯୫ ମିଟର । ସ୍ଥଳଭାଗର ହାରାହାରି ଉଚ୍ଚତା ୮୪୦ ମିଟର । ମହାସାଗର ପୃଥିବୀ ପୃଷ୍ଠର ୭୨ ପ୍ରତିଶତ ଅଞ୍ଚଳକୁ ଆଚ୍ଛାଦିତ କରିଛି । ପ୍ରଶାନ୍ତ ମହାସାଗର ପୃଥିବୀ ପୃଷ୍ଠର ତିନିଭାଗରୁ ଏକଭାଗ ଅଞ୍ଚଳକୁ ଆଚ୍ଛାଦିତ କରିଛି, ଯାହାକି ଅନୁମାନ କରାଯାଏ ୧୭୯୭ ଲକ୍ଷ ବର୍ଗ କିଲୋମିଟର । ଏଥିରେ ପାଖାପାଖି ୨୫ ହଜାର ଆଇଲାଣ୍ଡ ଅଛି । ଅନୁମାନ କରାଯାଇଛି ଯେ ସମୁଦ୍ରରେ ୩ ଶହରୁ ସାଢେ ତିନିଶହ କୋଟି ବର୍ଷ ପୂର୍ବେ ଜୀବ ସୃଷ୍ଟି ହୋଇଥିଲା । ଅର୍ଥାତ୍ ମୋଟାମୋଟି ଭାବେ କହିଲେ, ସମୁଦ୍ର ହେଉଛି ଜୀବମାନଙ୍କର ଆଦିମ ବାସସ୍ଥଳୀ । କିନ୍ତୁ ଉଷ୍ମସ୍ରୋତ, ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ପ୍ରଦୂଷଣ, ଆଗ୍ନେୟ ଉଦ୍‌ଗିରଣ ଇତ୍ୟାଦି ବିଭିନ୍ନ ବିପର୍ଯ୍ୟୟ ଯୋଗୁ ସାମୁଦ୍ରିକ ଜୀବମାନଙ୍କର ସ୍ଥିତି ଏବେ ପ୍ରଶ୍ନବାଚୀ । ଏହା ବୈଜ୍ଞାନିକମାନଙ୍କ ପାଇଁ ଚିନ୍ତାର ବିଷୟ ଏବଂ ନୂତନ ଗବେଷଣା ପାଇଁ ଆହ୍ୱାନ । ମଣିଷ ଜୈବ ଇନ୍ଧନ କୋଇଲା, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍‌କୁ ବିଭିନ୍ନ କ୍ଷେତ୍ରରେ ଇନ୍ଧନ ରୂପେ ବ୍ୟବହାର କରି ଶକ୍ତି ପାଏ । ଏହି ପ୍ରକ୍ରିୟାରେ ଆମର ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ସବୁଜ କୋଠରି ଗ୍ୟାସ୍ ନିର୍ଗତ ହୁଏ । ସବୁଜ କୋଠରି ଗ୍ୟାସ୍ ତାପ ଅବଶୋଷଣକରି ବାୟୁମଣ୍ଡଳକୁ ଉତ୍ତପ୍ତକରେ । ପୁଣି ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ, ଏହି ସବୁଜ କୋଠରି ଗ୍ୟାସ୍ ଦ୍ୱାରା ବିକିରଣ ହେଉଥିବା ତାପଶକ୍ତିର ୯୦ପ୍ରତିଶତ ତାପ ସମୁଦ୍ର ଅବଶୋଷଣକରେ । ସମୁଦ୍ରର ଉପର ୧୦ ଫୁଟ୍ ଜଳସ୍ତର ଯେତିକି ତାପ ଧରି ରଖେ, ତାହା ଆମ ବାୟୁମଣ୍ଡଳ ଧରିରଖିଥିବା ତାପର ପରିମାଣ ସହ ସମାନ । ଏଥିପାଇଁ ମେରୁ ଅଞ୍ଚଳର ଥିବା ବରଫ ତରଳି ସମୁଦ୍ରରେ ମିଶୁଛି । ସମୁଦ୍ର ପତ୍ତନ ହାରାହାରି ଶହେ ବର୍ଷକୁ ୧୦ ସେ.ମି. ରୁ ୨୫ ସେ.ମି. ବଢ଼ୁଛି । ଦଶହଜାର ବର୍ଷ ପୂର୍ବରୁ ଯେତିକି ସମୁଦ୍ର ପତ୍ତନ ଥିଲା, ଏବେ ତାହା ୧୧୦ ସେ.ମି. ବଢ଼ିଯାଇଛି । ଯଦି ସବୁ ବରଫ ତରଳିଯିବ, ତା'ହେଲେ ଆହୁରି ୧୦୦ ସେ.ମି. ଅଧିକ ବଢ଼ିଯିବ । ଫଳରେ ସମୁଦ୍ରର ଅନେକ ଉପକୂଳବର୍ତ୍ତୀ ସ୍ଥାନ ଜଳମଗ୍ନ ହୋଇଯିବ ।

ସମୁଦ୍ରରେ ତାପମାତ୍ରା ବୃଦ୍ଧି ଯୋଗୁ ଉଷ୍ମ ସାମୁଦ୍ରିକ ସ୍ରୋତ ବାରମ୍ବାର ବଢ଼ୁଛି ଏବଂ ସମୟ ବ୍ୟବଧାନ ମଧ୍ୟ କମୁଛି । ଗବେଷକଙ୍କ ମତରେ ୧୯୨୫ରୁ ୨୦୧୬ ମଧ୍ୟରେ ସାମୁଦ୍ରିକ ଉଷ୍ମ ସ୍ରୋତ ପ୍ରତିବର୍ଷ ହାରାହାରି ୩୪ପ୍ରତିଶତ ଅଧିକ ଥର, ୧୭ପ୍ରତିଶତ ଅଧିକ ଲମ୍ବ ଏବଂ ୫୪ପ୍ରତିଶତ ଅଧିକ ଦିନ ହେଉଛି । ମୋଟାମୋଟି ଭାବେ ତାପମାତ୍ରା ବୃଦ୍ଧି ଯୋଗୁ ସୃଷ୍ଟ ଉଷ୍ମ ସାମୁଦ୍ରିକ ସ୍ରୋତ ଅଧିକ ପ୍ରବାହିତ ହେଉଛି । ତେଣୁ ସାମୁଦ୍ରିକ ଜୀବ ଏବେ ବିପଦସଙ୍କୁଳ ଅବସ୍ଥାରେ । ଜଳବାୟୁ ପ୍ରଦୂଷଣ ଯୋଗୁ ସମୁଦ୍ର ଏବେ ପ୍ରଦୂଷିତ । ସମୁଦ୍ର ପ୍ରଦୂଷଣ ପାଇଁ ୩୩ପ୍ରତିଶତ ବାୟୁ ପ୍ରଦୂଷଣ ଓ ୪୪ପ୍ରତିଶତ ଜଳ ପ୍ରଦୂଷଣ ଦାୟୀ । ଉପକୂଳବର୍ତ୍ତୀ ସ୍ଥାନରୁ ବିଷାକ୍ତ ପଦାର୍ଥ ସମୁଦ୍ରରେ ମିଶେ । ନଦୀ, ଝରଣାରେ ବିଷାକ୍ତ ପଦାର୍ଥ ଶେଷରେ ସମୁଦ୍ରରେ ମିଶୁଛି । ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ସମୁଦ୍ରରେ ବଢ଼ିବାରେ ଲାଗିଛି । ତେଣୁ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏହା ନିଶ୍ଚୟ ପ୍ରତିକୂଳ ପରିବେଶ ସୃଷ୍ଟି କରୁଛି ।

ପୃଥିବୀର ଏକତୃତୀୟାଂଶ ଜୀବାଶ୍ମ ଇନ୍ଧନ ସମୁଦ୍ର ଶଯ୍ୟାରୁ ହିଁ ମିଳେ । ଏହାକୁ ଉତ୍ତୋଳନ କରିବା ବେଳେ ସମୁଦ୍ରର ଜଳ ପ୍ରଦୂଷିତ ହୁଏ । ଏହା ବି ସାମୁଦ୍ରିକ ଜୀବଙ୍କୁ ମୃତ୍ୟୁମୁଖକୁ ଠେଲିଦିଏ । ପୁଣି ୯୦ପ୍ରତିଶତ ଆଗ୍ନେୟ ଉଦ୍‌ଗିରଣ ସମୁଦ୍ର ବକ୍ଷରେ ହୁଏ । ଏଥିଯୋଗୁ ସମୁଦ୍ରର ତାପମାତ୍ରା ଅଧିକ ବୃଦ୍ଧି ହୁଏ । ତେଣୁ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ଜୀବ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି । ଖାଲି ଯେ ସାମୁଦ୍ରିକ ଜୀବ ବିଲୁପ୍ତପ୍ରାୟ, ତାହା ନୁହେଁ, ସ୍ଥଳଭାଗରେ ବି ମହାବାତ୍ୟା, ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ନିକଟରେ ବାରମ୍ବାର ମହାବାତ୍ୟା ଦେଖାଯାଉଛି । ସ୍ଥଳଭାଗରେ କେତେକ ଜୀବ ଆଜି ପରିସ୍ଥାନ ହରାଇ ବିଲୁପ୍ତ, ଲୁପ୍ତ ପ୍ରାୟ ଓ ଅସୁରକ୍ଷିତ ପରିସ୍ଥିତିରେ । ଭାରତରେ ଚିତାବାଘ, ଟାସ୍‌ମାନିଆ ଉଲ୍‌ଫ, ପାହାଡ଼ି ଛେଳି, ଡୋଡୋ ପକ୍ଷୀ, ବୃହତ୍‌କାୟ ପାଣ୍ଡା, ଦୁଇଶିଙ୍ଗ ବିଶିଷ୍ଟ ଗଣ୍ଡା, ପାତାଳ ଗରୁଡ଼ ଗଛ, କମଣ୍ଡଲୁ ଗଛ, ଏକଶିଙ୍ଗ ବିଶିଷ୍ଟ ଗଣ୍ଡା, ଗ୍ରେଟ୍ ଇଣ୍ଡିଆନ୍ ବୁଷ୍ଟାର୍ଡ, ଅନେକ ପ୍ରକାର ଔଷଧୀୟ ଗୁଳ୍ମ, ସରୀସୃପ ଓ ତୃଣଭୋଜୀ ପ୍ରାଣୀ ଏଥିରେ ଅନ୍ତର୍ଭୁକ୍ତ । ସାମୁଦ୍ରିକ ଜୀବମାନଙ୍କର ପରିସଂସ୍ଥାନ ଆଜି ଧ୍ୱଂସାଭିମୁଖୀ ପରିସ୍ଥିତିରେ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ସମୁଦ୍ର ବିଜ୍ଞାନ ଉପରେ ଗବେଷଣାରତ ରବର୍ଟ ମିଲରଙ୍କ ମତରେ ଜଳବାୟୁର ପରିବର୍ତ୍ତନ ଯୋଗୁ ଧୀରେ ଧୀରେ କେତେକ ପରିସଂସ୍ଥାନ ତାହାର ପୂର୍ବ ଅବସ୍ଥାକୁ ଆଉ କେବେ ବି ଫେରିପାରିବନି । ଏହା ଏବେ ଆଉ ଏକ ଚିନ୍ତାର ବିଷୟ ।

ସମୁଦ୍ରରେ ତାପମାତ୍ରାର ଆଧିକ୍ୟ ଯୋଗୁ ପକ୍ଷୀମାନେ ବି ବୁଡ଼ ପାରୁନାହାନ୍ତି । ତାଙ୍କର ଖାଦ୍ୟ ବି ମିଳୁନି । ଆମେ ଜାଣିଛନ୍ତି ସବୁ ଜୀବ ନିଜ ନିଜ ମଧ୍ୟରେ ଛନ୍ଦାଛନ୍ଦି ଓ ନିର୍ଭରଶୀଳ । କୋଉ ଜୀବ ଖାଦ୍ୟ ତ ଆଉ କିଏ ଖାଦକ । ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ୍ ମହାସାଗର ଓ ଭାରତ ମହାସାଗରରେ ଅଧିକ ସାମୁଦ୍ରିକ ଜୀବ ତଥା ଉଦ୍ଭିଦ ଓ ପ୍ରାଣୀଙ୍କର ବାସସ୍ଥାନ ରହିଛି । ଜଳ ଭିତରେ ରହିଥିବା ସାମୁଦ୍ରିକ ଘାସ ଅଙ୍ଗାରକାମ୍ଳକୁ ଶୋଷଣକରି ଅମ୍ଳଜାନ ଯୋଗାଏ । ବିଭିନ୍ନ ପ୍ରକାର ସାମୁଦ୍ରିକ ଶୈବାଳ, ଘାସ, ବ୍ଲୁ ଫିନ୍ ଟୁନା ମାଛ, ସିଲ୍, ସାର୍କ, ବ୍ଲୁ ହ୍ୱେଲ, ସମୁଦ୍ର କଇଁଛ, ଡଲ୍‌ଫିନ ଇତ୍ୟାଦି ବିଭିନ୍ନ ପ୍ରକାର ମାଛ ଆଜି ମୃତ୍ୟୁର ଦ୍ୱାର ଦେଶରେ । ଯଦି ଏମିତି ଅବ୍ୟବସ୍ଥା ଓ ପ୍ରଦୂଷଣ ଲାଗିରହେ, ତେବେ ଆଉ କିଛିଦିନ ପରେ ସାମୁଦ୍ରିକ ଜୀବସମୂହ ସମୁଦ୍ର ଗର୍ଭରୁ ସବୁଦିନ ପାଇଁ ବିଦାୟ ନେଇଯିବେ । ଆମର ଭବିଷ୍ୟତ ପିଢ଼ି କେବଳ ସାମୁଦ୍ରିକ ଜୀବମାନଙ୍କର ଫଟୋଚିତ୍ରେ ଦେଖି ସେସବୁ ଜୀବମାନଙ୍କର କଳ୍ପନା କରିବେ, ମାତ୍ର ବାସ୍ତବରେ ଦେଖିବା ସମ୍ଭବ ହେବ ନାହିଁ । ତା'ପରେ କିଛି ବର୍ଷ ପରେ ଏହି ଧାରାରେ ସାମିଲ ହୋଇପାରେ ଆଜିର ମଣିଷ । ଅତଏବ ଆମର ବି ସ୍ଥିତି ପ୍ରଶ୍ନବାଚୀ ।

*-ବିଜ୍ଞାନ ଶିକ୍ଷୟିତ୍ରୀ, ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ*




## ନିଜ କାମ ନିଜେ କରିବ ରୋବୋ

ନିକଟରେ ଜାପାନର ବୈଜ୍ଞାନକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯିଏ ନିଜ କାମ ନିଜେ କରିପାରିବ । ଉନ୍ନତ ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ରୋବୋ ସହ ଏକ ପ୍ରୋଗ୍ରାମିଂକୁ ସଂଯୋଗ କରାଯାଇଛି । ଏହାଦ୍ୱାରା ରୋବୋକୁ ନିଜ କାମ ସମ୍ପର୍କରେ ଶିଖିଇବା ପରେ ସେ ନିଜ କାମ ନିଜେ କରିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏପରି କି ପୋଷାକପତ୍ରକୁ ହ୍ୟାଙ୍ଗରରେ ରଖିବା ସହ ବୋତଲର ଠିପି ମଧ୍ୟ ରୋବୋ ବନ୍ଦ କରିପାରିବ ବୋଲି ଉକ୍ତ ରୋବୋର ଅନ୍ୟତମ ପ୍ରସ୍ତୁତକର୍ତ୍ତା ପିଟର ଆବେଲ ପ୍ରକାଶ କରିଛନ୍ତି ।



## ମ୍ୟୁଜିକ୍ ଥେରାପି

ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ ସଙ୍ଗୀତ । ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ମାନସିକତା ସକାରାତ୍ମକ ରହିଥାଏ । କେତେକ ରୋଗର ଯନ୍ତ୍ରଣା ଲାଘବ ପାଇଁ ସଙ୍ଗୀତର ସାହାଯ୍ୟ ନିଆଯାଇପାରେ । ଏପରି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ରୋଗୀମାନଙ୍କୁ ପ୍ରତିଦିନ କିଛି ସମୟ ମ୍ୟୁଜିକ ଶୁଣିବାକୁ ଦିଆଯାଇଥିଲା । ନିୟମିତ ସମୟ ବ୍ୟବଧାନରେ ଏହାର ସେମାନଙ୍କ ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ



କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏପରି ପ୍ରଣାଳୀ ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ରୋଗୀ ଯନ୍ତ୍ରଣାରୁ ଉପଶମ ଲାଭ କରୁଥିବା ଜଣାପଡ଼ିଥିଲା । ଏହାକୁ 'ମ୍ୟୁଜିକ ଥେରାପି' ଭାବରେ ନାମିତ କରାଯାଇଛି । ହେଲେ ରୋଗୀର ଅବସ୍ଥା ଦେଖି ଏବଂ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ଏପରି ଥେରାପିକୁ ବ୍ୟବହାର କରିବା ଭଲ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।


## ସ୍ୱାସ୍ଥ୍ୟ ସୂଚନା



- ଶୀତଦିନେ ମଧ୍ୟ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ । ତେଣୁ ଏହି ଦିନରେ ପ୍ରଚୁର ପାଣି ପିଇବା ସହ ତଟକା ଫଳ ଜୁସ୍ ପିଅନ୍ତୁ ।
- ଶୀତଦିନେ ବ୍ରେକ୍‌ଫାଷ୍ଟରେ କମଳା ଜୁସ୍ ସାମିଲ କରନ୍ତୁ
- ଖାଦ୍ୟ ତାଲିକାରେ ଖଟାଜାତୀୟ ଖାଦ୍ୟ ରଖିପାରନ୍ତି । ଏପରି କି ମଧ୍ୟାହ୍ନ ଭୋଜନ ସମୟରେ ଖଟା ଜାତୀୟ ଖାଦ୍ୟ ଖାଇବା ସହ ଜୁସ୍ ପିଇପାରନ୍ତି ।
- ରସୁଣରେ ଥିବା 'ଏଲିନ୍' ନାମକ ଫ୍ଲେଭରିଂ ତତ୍ତ୍ୱ ଶୀତଦିନେ ଆମ ଶରୀର ପାଇଁ ବେଶ୍ ଉପକାରୀ । ଏହା ଥଣ୍ଡାଜନିତ ସମସ୍ୟା ଦୂରକରିଥାଏ । ଏହାବ୍ୟତୀତ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀର ପାଇଁ ବେଶ୍ ଲାଭପ୍ରଦ ।
- ଶୀତଦିନେ ଅଦାମିଶ୍ରିତ ଚା' ପିଇଲେ ଥଣ୍ଡାରୁ ଆରାମ ଲାଗିଥାଏ । ଅଦାମିଶ୍ରିତ ପାଣି ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ ।

## ହୃଦ୍‌ରୋଗୀ ଓ ଶୀତଦିନ

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ । ବେଳେବେଳେ କେତେକ ସ୍ଥାନରେ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଯାଏ । ଏହି ଋତୁରେ ବିଶେଷଭାବରେ ହୃଦ୍‌ରୋଗୀ ଅଧିକ ସତର୍କ ରହିବା ଆବଶ୍ୟକ । କାରଣ ପ୍ରବଳ ଶୀତ ଯୋଗୁ ଶରୀରରେ ଥିବା ଶିରାପ୍ରଶିରାଗୁଡ଼ିକ ସଙ୍କୁଚିତ ହୋଇଯାଏ । ଏହାଦ୍ୱାରା ରକ୍ତ ପ୍ରବାହ ବାଧାପ୍ରାପ୍ତ ହୋଇଥାଏ । ତେଣୁ ଶୀତଦିନେ ହୃଦ୍‌ରୋଗୀ ଏ ନେଇ ଧ୍ୟାନଦେବା ଜରୁରୀ । ଏହି ସମୟରେ ସେମାନେ ଏପରି ପୋଷାକ ପିନ୍ଧନ୍ତୁ ଯେମିତି ଶରୀର ଉଷ୍ମ ରହିବ । ବାହାରକୁ ଗଲେ ସ୍ୱେଟର, ଜ୍ୟାକେଟ ପିନ୍ଧିବା ସହ ମୁଣ୍ଡରେ ଟୋପି ପିନ୍ଧନ୍ତୁ । ତା'ସହ ଏହି ଋତୁରେ ସେମାନେ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ । ଶୀତଋତୁରେ ଅଧିକ ଫ୍ୟାଟ୍ ଏବଂ ଲବଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ସବୁଠାରୁ ଖାସ୍ କଥା ହେଲା, ନିଶାଦ୍ରବ୍ୟ ସେବନଠାରୁ ଦୂରେଇରହନ୍ତୁ । ସକାଳୁ ହାଲ୍‌କା ସୂର୍ଯ୍ୟକିରଣରେ କିଛି ସମୟ ବସିଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏହାସହ ପ୍ରତିଦିନ ମର୍ନିଂୱାକ୍ କରିବାକୁ ଭୁଲନ୍ତୁ ନାହିଁ ।



## କୋଲେଷ୍ଟ୍ରଲ ନିୟନ୍ତ୍ରଣ କରେ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲକଲେ ତାହା ଶରୀରରେ କୋଲେଷ୍ଟରଲକୁ ନିୟନ୍ତ୍ରଣ କରିଥାଏ । ତା'ସହ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଗ୍ରୀନ୍ ମଟରରେ 'ଭିଟାମିନ୍-କେ' ଭରି ରହିଛି । ତେଣୁ ଏହାକୁ ଖାଇଲେ ଅସ୍ଥି ମଜଭୁତ ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ହୃଦ୍‌ରୋଗୀ ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି । ଗ୍ରୀନ୍ ମଟରରେ ପ୍ରଚୁର ପରିମାଣରେ ଫାଇବର ରହିଛି । ତେଣୁ ଏହାକୁ ଆଲଜିମର୍ସ ରୋଗୀ ଖାଇଲେ ସେମାନଙ୍କ ସ୍ମରଣ ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ । ଏକ ସଦ୍ୟତମ ଗବେଷଣାରୁ ଆମେରିକୀୟ କ୍ୟାନ୍‌ସର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଫୁସ୍‌ଫୁସଜନିତ କ୍ୟାନ୍‌ସର ରୋଗୀ ଏହାକୁ ଖାଇଲେ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଲାଭ କରିପାରିବେ ।

## ଶୀତଦିନ ଓ ଅବସାଦ



ଡା ଦ୍ୱିଜେଶ କୁମାର ପଣ୍ଡା

**ଶୀତଦିନେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଫଳରେ ଉତ୍ତର ଗୋଲାର୍ଦ୍ଧରେ ଦିନ କମି ରାତି ଅଧିକ ସମୟ ହୁଏ। ତେଣୁ ସୂର୍ଯ୍ୟାଲୋକ ଆମ ଦେହରେ କମ୍ ସମୟ ପାଇଁ ପଡ଼େ। ୨୦୦୮ ମସିହାରେ ଜର୍ମାନ୍ ବୈଜ୍ଞାନିକମାନେ ଚର୍ମକୋଷରେ ଜୈବ ଘଡ଼ିକାର ଜିନ୍ ଥିବା ପ୍ରମାଣକଲେ । ଏହା ଉପରେ ୟୁ.ଭି. ଆଲୋକ ପଡ଼ିଲେ ମସ୍ତିଷ୍କ ଭିତରେ ଥିବା 'ହାଇପୋଥାଲାମ୍‌ସକୁ' ସନ୍ଦେଶ ଯାଏ। ରାତି ଅଧିକ ସମୟ ହେଲେ ଆଖିର ସ୍ନାୟୁ ଦେଇ ଆଲୋକ ହାଇପୋଥାଲାମ୍‌ସରେ ଯଥେଷ୍ଟ ପହଞ୍ଚିପାରେ ନାହିଁ...**

ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସୂର୍ଯ୍ୟରଶ୍ମି ଅଭାବରୁ ଜୀବ ଓ ଉଦ୍ଭିଦଜଗତ ତିଷ୍ଠିପାରିବ ନାହିଁ । ଦେହରେ ସୂର୍ଯ୍ୟାଲୋକ ପଡ଼ିଲେ ମନ ଆନନ୍ଦିତ ହୋଇଉଠେ । ଏଥିରେ ଥିବା ଅଲ୍ଟ୍ରାଭାଓଲେଟ୍ ବିକିରଣ ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ସମୃଦ୍ଧକରେ । ଆମକୁ ଆନନ୍ଦ ଦେଉଥିବା ହରମୋନ ସିରୋଟୋନିନ୍, ଡୋପାମିନ୍ ଓ ଏଣ୍ଡୋରଫିନ୍ ପରିମାଣ ବୃଦ୍ଧି ଘଟେ । ଏମାନେ ଶରୀରର ପ୍ରାକୃତିକ ଅଫିମ । ଶୀତଦିନେ ମସ୍ତିଷ୍କରୁ ନିସ୍ରବଣ ହେଉଥିବା 'ମେଲାଟୋନିନ୍' ହରମୋନ କମିଯାଏ । ଫଳରେ ଅଳସୁଆ ଲାଗେ ଓ ନିଦ ହୁଏନାହିଁ । ନୂତନ ବୈଜ୍ଞାନିକ ତଥ୍ୟ ଅନୁଯାୟୀ ଆଲୋକ ଚର୍ମ ଉପରେ ପଡ଼ିବା ଫଳରେ ଆମୋଦଦାୟକ ହରମୋନ ନିସ୍ରବଣ ବୃଦ୍ଧି ହୁଏ ଓ ଏହା ରକ୍ତରେ ମିଶି ମସ୍ତିଷ୍କକୁ ଯାଏ । ସୂର୍ଯ୍ୟରଶ୍ମି ଜୈବ ଘଡ଼ିକାକୁ ନିୟନ୍ତ୍ରଣକରେ । ଦେହର ଉତ୍ତାପକୁ କମ୍ ବେଶି କରେ । ସଜାଗ ରହିବା, ନିଦ ହେବା, ହରମୋନ ନିସ୍ରବଣ, ସମୟ ଅନୁସାରେ ଖାଇବା ଓ ଶରୀରର ବିଭିନ୍ନ କାର୍ଯ୍ୟ ଆଲୋକ ଦ୍ୱାରା ସଂଘଟିତ ହୁଏ । ଆଲୋକ ଅଭାବରୁ ଅବସାଦ ବୃଦ୍ଧି ହୁଏ ।

ଶୀତଦିନେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଫଳରେ ଉତ୍ତର ଗୋଲାର୍ଦ୍ଧରେ ଦିନ କମି ରାତି ଅଧିକ ସମୟ ହୁଏ । ତେଣୁ ସୂର୍ଯ୍ୟାଲୋକ ଆମ ଦେହରେ କମ୍ ସମୟ ପାଇଁ ପଡ଼େ । ୨୦୦୮ ମସିହାରେ ଜର୍ମାନ୍ ବୈଜ୍ଞାନିକମାନେ ଚର୍ମକୋଷରେ ଜୈବ ଘଡ଼ିକାର ଜିନ୍ ଥିବାର ପ୍ରମାଣକଲେ । ଏହା ଉପରେ ୟୁ.ଭି. ଆଲୋକ ପଡ଼ିଲେ ମସ୍ତିଷ୍କ ଭିତରେ ଥିବା 'ହାଇପୋଥାଲାମସକୁ' ସନ୍ଦେଶ ଯାଏ । ରାତି ଅଧିକ ସମୟ ହେଲେ ଆଖିର ସ୍ନାୟୁ ଦେଇ ଆଲୋକ ହାଇପୋଥାଲାମସରେ ଯଥେଷ୍ଟ ପହଞ୍ଚିପାରେ ନାହିଁ । ଏହି ଗ୍ରନ୍ଥି ମନର ପ୍ରବୃତ୍ତିକୁ ନିୟନ୍ତ୍ରଣକରେ । ଡୋପାମିନ୍ ଓ ସିରୋଟୋନିନ୍ ନିସ୍ରବଣ ବନ୍ଦ ହୋଇଯାଏ । ତେଣୁ ଅବସାଦ ବୃଦ୍ଧି ହୁଏ । ଏହା ଶୀତଦିନେ ଅଧିକ ଦେଖାଯାଏ । ଅଧିକ ମିଠା ଓ ଶ୍ୱେତସାର ଜାତୀୟ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ । ତେଣୁ ଶୀତଋତୁରେ ଦେହର ଓଜନ ବଢ଼ିଯାଏ । ଅଧିକ ସମୟ ଶୋଇବାକୁ ପଡ଼େ । ବିରକ୍ତ ଲାଗେ । ଏହାକୁ ଋତୁଗତ ଅସୁସ୍ଥତା କିମ୍ବା ଶୀତଋତୁ ଅବସାଦ କୁହାଯାଏ । ବିଷୁବରେଖାଠାରୁ ଉତ୍ତରରେ ଥିବା ଦେଶଗୁଡ଼ିକରେ ଏହାର ପ୍ରାଦୁର୍ଭାବ ବେଶି । ପୁରୁଷଙ୍କ ଅପେକ୍ଷା ୪ଗୁଣ ମହିଳା ଏଥିରେ ଆକ୍ରାନ୍ତ ହୁଅନ୍ତି । ଆମେରିକାରେ ୫ ରୁ ୭ ପ୍ରତିଶତ ଲୋକ ଶୀତଋତୁରେ ଆକ୍ରାନ୍ତ ହୁଅନ୍ତି । ଆମେରିକାରେ ୫ରୁ ୭ ପ୍ରତିଶତ ଲୋକ ଶୀତଋତୁ ଅସୁସ୍ଥତା ଭୋଗ କରନ୍ତି । ଅନ୍ଧାର ମସ୍ତିଷ୍କରେ ଥିବା 'ପିନିଆଲ' ଗ୍ରନ୍ଥିରୁ ହରମୋନ 'ମେଲାଟୋନିନ୍' ନିସ୍ରବଣ କମ୍ କରିଦିଏ । ତେଣୁ ଋତୁଗତ ଅସୁସ୍ଥତା ବୃଦ୍ଧି ହୁଏ । ସୂର୍ଯ୍ୟକିରଣରେ ଶୀତଦିନେ



ଏକଘଣ୍ଟା ସମୟ ନିୟୋଜିତ କଲେ ଏହିସବୁ ସମସ୍ୟା ଦୂରହୋଇପାରିବ । ଅପ୍ରାକୃତିକ ଆଲୋକ ଏହାର ପରିପୂରକ ନୁହେଁ । ସକାଳ ଉଦିତ ସୂର୍ଯ୍ୟ ରଶ୍ମି ଜୈବ ଘଡ଼ିକାକୁ ନିୟମିତକରେ । ଶାରୀରିକ ସକ୍ରିୟତା ସକାଳ ଆଲୋକରେ ଏବଂ ଘର ବାହାରେ ସବୁଠାରୁ ଉତ୍କୃଷ୍ଟ । ଦିନରେ ଘର ଭିତରେ ରହୁଥିଲେ ପର୍ଦ୍ଦା ଖୋଲା ରଖିବା ଉଚିତ । ଏହାଦ୍ୱାରା ଶୀତଋତୁଜନିତ ଅବସାଦ ଦୂରହୋଇପାରିବ ।

*-ବରିଷ୍ଠ ବୈଜ୍ଞାନିକ, ୧୨, ଆଚାର୍ଯ୍ୟବିହାର, ଭୁବନେଶ୍ୱର, ଫୋ: ୦୬୭୪-୨୫୪୨୯୩୪*



୨୦୨୦ର ତୃତୀୟ ତ୍ରୈମାସରେ ଅଟୋମୋବାଇଲ ଶିଳ୍ପରେ ବିକ୍ରି ବୃଦ୍ଧି ହେବାର ବିଶେଷ ସମ୍ଭାବନା ରହିଛି।
– ନବୀନ ସୋନି, ବରିଷ୍ଠ ଉପସଭାପତି, ଟୟୋଟା କିର୍ଲୋସ୍କାର ମୋଟର୍ସ



ଆଗାମୀ ୩ ବର୍ଷରେ ସୋଲାର ବିଜନେସରୁ ୫୦୦ କୋଟି ରାଜସ୍ୱ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ଦୀନେଶ ଅଗ୍ରୱାଲ, ଯୁଗ୍ମ ଏମ୍‌ଡି, ପାନାସୋନିକ ଲାଇଫ ସଲ୍ୟୁଶନ୍ସ

### ବଜେଟକୁ ନେଇ ବଜାର ବିଶେଷଜ୍ଞଙ୍କ ମତ

# ବିକଳ୍ପ ଉପରେ ଫୋକସ କରିପାରନ୍ତି ସୀତାରାମନ୍



ମୁମ୍ବାଇ,୧୨-୧

ଦେଶର ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଫେବୃୟାରୀ ପହିଲାରେ ଆସିବାକୁ ଥିବା ବଜେଟରେ ସରକାର ମାନ୍ଦାବସ୍ଥା ବିରୋଧରେ ଲଢେଇ ଲାଗି ବିଭିନ୍ନ ପଦକ୍ଷେପ ନେଇପାରନ୍ତି ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏବେ ଅର୍ଥ ବ୍ୟବସ୍ଥାରେ ଚାହିଦା ପ୍ରଭାବିତ ସ୍ଥିତିରେ ରହିଛି। ସେହିଭଳି ଧାର୍ଯ୍ୟ ଲକ୍ଷ୍ୟ ମୁତାବକ ଟିକସ ସଂଗ୍ରହ ହେଉନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫% ରହିବ ବୋଲି ନ୍ୟାଶନାଲ ସାମ୍ପଲ ସର୍ଭେ(ଏନ୍‌ଏସ୍‌ଓ) ପକ୍ଷରୁ ଆକଳନ କରାଯାଇଛି। ଏହା ୧୧ ବର୍ଷର ସର୍ବନିମ୍ନ ସ୍ତର ବୋଲି ଜଣାପଡିଛି। ଅର୍ଥନୀତିକୁ ସୁଧାରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯେତେବେଳେ ବି ଆଗକୁ ପାଦ କାଢିଛନ୍ତି ତାଙ୍କ ସାମ୍ନାରେ ଏକ ସୀମା ରେଖା ଆସିଛି। ମାତ୍ର ଏବେ ମଧ୍ୟ କିଛି ଉପାୟ ଅର୍ଥମନ୍ତ୍ରୀଙ୍କ ନିକଟରେ ରହିଛି। ବଜେଟରୁ ଏବେ ଶିଳ୍ପ ଜଗତ ଆଶା କିଛି ଖାସ୍ ନାହିଁ। ସରକାର ଶିଳ୍ପ ଜଗତ ଲାଗି କର୍ପୋରେଟ ଟିକସ ହ୍ରାସ କରିବା ସହ ଅନ୍ୟ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିସାରିଛନ୍ତି।

ଚଳିତ ବର୍ଷ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ଟପି ଯାଇଥିବା ବେଳେ ଏହାକୁ ନେଇ ଅର୍ଥନୀତିଜ୍ଞମାନେ ଯଥାର୍ଥବାଦୀ ହୋଇପଡିଛନ୍ତି। ବିତ୍ତୀୟ ନିଅଣ୍ଟ ଟପିବାର ଆବଶ୍ୟକତାକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜୁଲାଇରେ ଆସିଥିବା ବଜେଟରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମୋଟ ଜିଡିପିର ୩.୩% ଧାର୍ଯ୍ୟ କରାଯାଇଥିଲା। ଏଭଳି ସ୍ଥିତିରେ ସୀତାରାମନଙ୍କ ନିକଟରେ କେଉଁ ସବୁ ବିକଳ୍ପ ରହିଛି ସେ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଗୁଡଗାଓଁ ଭିତ୍ତିକ ଫିଟବ୍ୟାକ ଇନଫ୍ରାର ବିନାୟକ ଚାଟାର୍ଜୀ କହିଛନ୍ତି ଯେ, କୋର ସେକ୍ଟର ପ୍ରକଳ୍ପଗୁଡିକୁ ପୂରଣ କରିବା ଲାଗି ବଜେଟରେ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେଶନ(ଡିଏଫ୍‌ଆଇ) ସ୍ଥାପନ ନେଇ ବିଚାର କରାଯାଇପାରେ। ପୂର୍ବତନ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ବିରମାନୀଙ୍କ କହିଛନ୍ତି, ବିତ୍ତୀୟ ନିଅଣ୍ଟ ବଢିବାକୁ ବିରୋଧ କରାଯାଇ ନ ପାରେ। ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସୁଧାର ଏବଂ ପରୋକ୍ଷ ଟିକସ ଜିଏସ୍‌ଟିରେ ସରଳୀକରଣ ଆସିବା ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରିପାରନ୍ତି।

ହିରାନନ୍ଦନ ଗ୍ରୁପର ଏମ୍‌ଡି ନିରଞ୍ଜନ ହିରାନନ୍ଦାନି କହିଛନ୍ତି ଯେ, ବଜାରରେ ମୁଦ୍ରା ସଞ୍ଚାଳନ ଏବଂ ନଗଦ ବଢାଇବାକୁ ହେବ। ଏହା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଧ୍ୟାନ ଦେବାକୁ ପଡିବ। ଅର୍ଥ ବ୍ୟବସ୍ଥାକୁ ଟ୍ରାକରେ ଆଣିବା ଦିଗରେ ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ସେହିଭଳି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଯୁଗ୍ମ ଏମ୍‌ଡି ଶେଷାଗିରି ରାଓ କହିଛନ୍ତି ଯେ, ମାନ୍ଦାବସ୍ଥାରୁ ବାହାରକୁ ଆସିବା ଲାଗି ଅତୀତରେ ବ୍ୟାଙ୍କଗୁଡିକୁ କମ୍ପାନୀ ଋଣ ମାଗିଛନ୍ତି। ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ବ୍ୟାଙ୍କଗୁଡିକର ସ୍ଥିତି ସମ୍ପୂର୍ଣ୍ଣ ବଦଳି ନ ଥିଲେ ମଧ୍ୟ ସେମାନେ ପ୍ରୋଭିଜନିଂ ଉପରେ ଧ୍ୟାନ ଦେଉଛନ୍ତି।

## ବଜେଟରୁ ବିଭିନ୍ନ କ୍ଷେତ୍ରର ଆଶା

**ପର୍ଯ୍ୟଟନ:-** ଗତ ବଜେଟରେ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ସରକାର ୧୩୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଆଗାମୀ ବଜେଟରେ ଏହି କ୍ଷେତ୍ର ଅଧିକ ବ୍ୟୟ ବରାଦ ଆଶା କରୁଛି। ଗ୍ରୀନ ଟୁରିଜମ ଏବଂ ଆଞ୍ଚଳିକ ମଲ୍ଟି ମୋଡାଲ ସଂଯୋଗ ଉପରେ ବିଚାର କରିବାକୁ ଶିଳ୍ପର ଦାବି ରହିଛି।

**ସୂଚନା ପ୍ରଯୁକ୍ତି:-** ବର୍ତ୍ତମାନ ଭାରତୀୟ ଆଇଟି ଏବଂ ଆଇଟିଇଏସ୍ ବାଣିଜ୍ୟ କାରବାର ୧୭୭ ବିଲିୟନ ଡଲାର ରହିଛି। ଏହି କ୍ଷେତ୍ରର ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ସ୍ଥାପନ ଉପରେ ଶିଳ୍ପର ଦାବି ରହିଛି। ସେହିଭଳି ଅଧିକ ଗବେଷଣା ଏବଂ ଉନ୍ନତୀକରଣ କେନ୍ଦ୍ର ସ୍ଥାପନ, ଫାର୍ମଗୁଡିକ ଲାଗି ଟିକସ ରିହାତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ରୋବଟିକ୍ସର ପ୍ରୋତ୍ସାହନକୁ ଗୁରୁତ୍ୱ ଦେବାକୁ ଶିଳ୍ପ ଆଶାବାଦୀ ରହିଛି।

**ବୟନ:-** ଦେଶର ବୟନ ଶିଳ୍ପରେ ବର୍ତ୍ତମାନ ୪୫ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବେ କାମ କରୁଛନ୍ତି। ଏହାର ଆନୁଷଙ୍ଗିକ କ୍ଷେତ୍ରରେ ୬୦ ନିୟୁତ ଲୋକ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି କ୍ଷେତ୍ରରେ ରପ୍ତାନିକୁ ଅଧିକ ପ୍ରତିଦ୍ୱନ୍ଦ୍ୱୀ କରିବାକୁ ଶିଳ୍ପ ପକ୍ଷରୁ ମତ ରହିଛି। ପ୍ରମୁଖ ବଜାର ଗୁଡିକରେ ଟିକସ ମୁକ୍ତ ପ୍ରବେଶର ସୁବିଧା ହାସଲ ନେଇ ଏହି ଶିଳ୍ପ ଆଶାବାଦୀ ରହିଛି। ସେହିଭଳି ଏହି କ୍ଷେତ୍ରରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଗୁ କରିଥିବା ଟିକସ କମାଇବାକୁ ଦାବି ହେଉଛି।

**ଜେମସ ଆଣ୍ଡ ଜୁଏଲେରୀ:-** ଦେଶର ମୋଟ ଜିଡିପିକୁ ଏହାର ଯୋଗଦାନ ୭%। ମର୍ଚାଣ୍ଡାଇଜ ରପ୍ତାନିରେ ଏହାର ଅଂଶ ୧୫%। ସୁନା ଆମଦାନୀ ଟିକସ କ୍ଷେତ୍ରରେ ରିହାତି, ଆର୍ଥିକ ସେବାରେ ନୂଆ ଗୋଲ୍ଡ ମନିଟାଇଜେଶନ ଏବଂ ସେଭିଙ୍ଗସ ପ୍ରଡକ୍ଟ ଉପରେ ବିଚାର କରିବାକୁ କୁହାଯାଇଛି।

**କୃଷି କ୍ଷେତ୍ର:-** ୨୦୧୯-୨୦ରେ କୃଷି କ୍ଷେତ୍ରର ବିକାଶ ହାର ୨.୮% ରହିବା ନେଇ ଅନୁମାନ କରାଯାଇଛି। ଏହା ୨୦୧୮-୧୯ରେ ୨.୯% ରହିଥିଲା। ଯୋଗାଣ କ୍ଷେତ୍ରରେ ଆସୁଥିବା ବିଭିନ୍ନ ସମସ୍ୟା ସମାଧାନ, ପୋକମରା ଉପରୁ ଜିଏସ୍‌ଟି ହ୍ରାସ ଭଳି ବିଭିନ୍ନ ଦାବି ଏହି ଶିଳ୍ପ ରଖିଛି।

**ପୁଞ୍ଜି ବଜାର:-** ଯଦି ସବୁକିଛି ଠିକ୍ ଚାଲେ ତେବେ ଦେଶର ପୁଞ୍ଜି ବଜାର ସୂଚକାଙ୍କ ୫୦ ହଜାର ପଏଣ୍ଟ ଛୁଇଁବା ନେଇ ସମ୍ଭାବନା ରହିଛି ବୋଲି କୁହାଯାଉଛି। ଏହି କ୍ଷେତ୍ରରେ ଲାଗୁ ହେଉଥିବା ଲଙ୍ଗ ଟର୍ମ କ୍ୟାପିଟାଲ ଗେନ୍ସର ଉଚ୍ଛେଦ ସହ ଆୟକର ହ୍ରାସ ଉପରେ ଶିଳ୍ପର ଧ୍ୟାନ ରହିଛି।

**ରିୟଲ ଇଷ୍ଟେଟ:-** ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ସରକାର ୨୫ ହଜାର କୋଟି ଟଙ୍କାର ଅଲଟରନେଟିଭ ଇନଭେଷ୍ଟମେଣ୍ଟ ଫଣ୍ଡ ସମ୍ପର୍କରେ ଘୋଷଣା କରିଛନ୍ତି। ବନ୍ଦ ହୋଇ ପଡୁଥିବା ପ୍ରକଳ୍ପଗୁଡିକ ଲାଗି ଏହି ପାଣ୍ଠି କାମରେ ଆସିପାରିବ। ଆୟକର ଆଇନ ଧାରା ୪୩ସିଏ ସଂଶୋଧନ ନେଇ ଶିଳ୍ପ ପକ୍ଷରୁ ଦାବି ରଖାଯାଇଛି। ରେଣ୍ଟାଲ ହାଉସିଂର ଫୋକସ ଏବଂ ୨୦୨୨ ସୁଦ୍ଧା ସମସ୍ତଙ୍କ ଲାଗି ବାସଗୃହ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି।

**ସ୍ୱାସ୍ଥ୍ୟ ସେବା:-** ଆୟୁଷ୍ମାନ ଭାରତ ଲାଗୁ ହେବା ପରେ ଏହା ମଧ୍ୟରେ ୬.୯ ନିୟୁତ ହସ୍ପିଟାଲ କେସ୍ ସାମ୍ନାକୁ ଆସିଛି। ଶିଶୁ ମୃତ୍ୟୁ ରୋକିବା , ସରକାରୀ ଚିକିତ୍ସା ବ୍ୟବସ୍ଥାର ସୁଧାର, ଭିତ୍ତିଭୂମିର ଉନ୍ନତି, ଫାର୍ମା କମ୍ପାନୀଗୁଡିକର ଗବେଷଣା ଏବଂ ଉନ୍ନତୀକରଣ କ୍ଷେତ୍ରରେ ଟିକସ ପ୍ରୋତ୍ସାହନ ଦେବାକୁ କୁହାଯାଇଛି।

# ୪.୭ ଲକ୍ଷ କୋଟି ଟଙ୍କାର କୃଷି ଋଣ ଛାଡ଼

ମୁମ୍ବାଇ,୧୨-୧

- ୧୦ ବର୍ଷ ସମୟ ଅବଧିରେ ହୋଇଛି ଋଣ ଛାଡ଼
- ୨୦୧୮-୧୯ରେ କୃଷି ଋଣ ଏନ୍‌ପିଏ ୧୨% ବଢିଛି
- ୧୦ ବଡ଼ ରାଜ୍ୟ ବୃହତ୍ ଋଣ ଛାଡ଼ କରିଛନ୍ତି

ଗତ ଏକ ଦଶନ୍ଧି ମଧ୍ୟରେ ଦେଶର ବିଭିନ୍ନ ରାଜ୍ୟ ୪.୭ ଲକ୍ଷ କୋଟି ଟଙ୍କାର କୃଷି ଋଣ ଛାଡ଼ କରିଛନ୍ତି। ଏହା ଶିଳ୍ପ ସ୍ତରର ମୋଟ ଅନାଦାୟ ଋଣ(ଏନ୍‌ପିଏ)ର ପ୍ରାୟ ୮୨% ବୋଲି ଏକ ରିପୋର୍ଟରେ କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଋଣର ଏନ୍‌ପିଏ ୧୨.୪% ବଢି ୧.୧ ଲକ୍ଷ କୋଟି ଟଙ୍କା ଛୁଇଁଥିବା ନଜରକୁ ଆସିଛି। ସିଷ୍ଟମରେ ଏବେ ୮.୭୯ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୫.୬୬ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ସିଷ୍ଟମରେ ରହିଥିଲା। ଏଥିରେ କୃଷି ଋଣର ଅଂଶ ୮.୬% ବା ୪୮,୮୦୦ କୋଟି ଟଙ୍କା ରହିଥିଲା ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୧୮-୧୯ରେ ମୋଟ ଏନ୍‌ପିଏ କ୍ଷେତ୍ରରେ କୃଷି ଋଣର ଅଂଶ ୧୨.୪% ବା ୧.୧ ଲକ୍ଷ କୋଟି ଟଙ୍କା ରହିଛି। ମାତ୍ର ଗତ ଦଶନ୍ଧିରେ ମାଫ ହୋଇଥିବା ମୋଟ କୃଷି ଋଣ ୩.୧୪ ଲକ୍ଷ କୋଟି ଟଙ୍କାକୁ ଯୋଡିଲେ ଏହାର ମୋଟ ପରିମାଣ ୪.୨ ଲକ୍ଷ କୋଟି ଟଙ୍କା ହେବ। ଯଦି ମହାରାଷ୍ଟ୍ରର ୪୫ରୁ ୫୧ ହଜାର କୋଟି ଟଙ୍କାର ଋଣ ଏଥିରେ ଯୋଡି ଦିଆଯାଏ ଏହା ୪.୭ ଲକ୍ଷ କୋଟି ଟଙ୍କା ହେବ। ଆର୍ଥିକ ବର୍ଷ ୨୦୧୪-୧୫ରେ ୧୦ ବଡ ରାଜ୍ୟ ୩,୦୦,୨୪୦ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି। ମନମୋହନ ସିଂଙ୍କ ଶାସନ ସମୟରେ ୨୦୦୭-୦୮ରେ କରାଯାଇଥିବା ଋଣ ଛାଡ଼କୁ ଏହି ଧାରାରେ ଯୋଡି ଦିଆଯାଏ ତେବେ ଏହା ବୃଦ୍ଧି ଘଟି ୪ ଲକ୍ଷ କୋଟି ହୋଇଯିବ। ୨୦୧୭ ପରେ ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କୃଷି ଋଣ ଛାଡ଼ କରାଯାଇଛି।

# ଆଲ୍ଲାହାବାଦ ବ୍ୟାଙ୍କ ଅଫିସର୍ସ ସଂଘର ସମ୍ମିଳନୀ




ଭୁବନେଶ୍ୱର,୧୨-୧

ଆଲ୍ଲାହାବାଦ ବ୍ୟାଙ୍କ ଅଫିସର୍ସ ସଂଘର ତ୍ରୟବାର୍ଷିକ ସମ୍ମିଳନୀ ସ୍ଥାନୀୟ କୃଷି ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଘର ସର୍ବଭାରତୀୟ ସଭାପତି ବିଶ୍ୱରଞ୍ଜନ ରାୟ ଆଲ୍ଲାହାବାଦ ବ୍ୟାଙ୍କର ମିଶ୍ରଣକୁ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ପ୍ରତ୍ୟାହାର ପାଇଁ ସେ ଆହ୍ୱାନ ଦେଇଥିଲେ। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଆଲ୍ଲାହାବାଦ ବ୍ୟାଙ୍କ ସ୍ୱର୍ଣ୍ଣିମ ଅତୀତ ଉପରେ ଆଲୋକପାତ କରିଥିଲେ। ଏଆଇବିଓସିର ରାଜ୍ୟ ସଭାପତି ଦାମୋଦର ନନ୍ଦ ବେତନ ରାଜିନାମା, ବ୍ୟାଙ୍କଗୁଡିକର ମିଶ୍ରଣ, କେନ୍ଦ୍ର ସରକାରଙ୍କ ମନମୁଖୀ କାର୍ଯ୍ୟାଦେଶ ଅଧିକାରୀଙ୍କ ଉପରେ ଚାପ ଏବଂ ସଙ୍ଗଠନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ଗଦାଧର ସାହୁ, ସଭାପତି, ବି.ବି.କରଣ, ସଂଘର ସମ୍ପାଦକ ସସ୍ମିତ କୁମାର ରାଉତ, ସର୍ବଭାରତୀୟ ଉପସଭାପତି ରାମନାଥ ଶୁକ୍ଲା,ଯୁଗ୍ମ ସମ୍ପାଦକ ପି.ମୁଖାର୍ଜୀଙ୍କ ସମେତ ଭୁବନେଶ୍ୱର ଏବଂ ସମ୍ବଲପୁର ମଣ୍ଡଳର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଲୋଡ଼ା ୯% ବିକାଶ ହାର

ମୁମ୍ବାଇ,୧୨-୧

୨୦୨୪-୨୫ ବେଳକୁ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ କରିବାକୁ ହେଲେ ବାର୍ଷିକ ୯% ହାରରେ ଜିଡିପି ଅଭିବୃଦ୍ଧି ଲୋଡା । ଏହା ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ । ମାତ୍ର ଧାର୍ଯ୍ୟ ସମୟରେ ଏହା ହାସଲ କରିବା କଳ୍ପନା ବାହାରେ ବୋଲି ଅର୍ଥନୀତିଜ୍ଞ ଆର୍.ନାଗରାଜ ରବିବାର କହିଛନ୍ତି। ମୋଦି ସରକାର ତାଙ୍କ ଦ୍ୱିତୀୟ ପାଳିରେ ଅଗାମି ପାଞ୍ଚ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ଏହା ପରଠାରୁ ଅର୍ଥ ବ୍ୟବସ୍ଥା ଉପରେ ଅନେକ କଳାବାଦଲ ଛାଇ ରହିଛି। ଯାହା ଏହି ଲକ୍ଷ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ପୂରଣ ହେବ କି ନାହିଁ ସେ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତର ଜିଡିପି ବର୍ତ୍ତମାନ ୨.୮ ଟ୍ରିଲିୟନ ଡଲାର ଭିତ୍ତିକ ହୋଇଛି। ବିକାଶ ହାର କମୁଥିବାରୁ ଏହି ସମୟ ମଧ୍ୟରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ହେବା ନେଇ ପ୍ରଶ୍ନ ଉପୁଜୁଥିବା ଇନ୍ଦିରାଗାନ୍ଧି ଇନଷ୍ଟିଚ୍ୟୁଟ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚ(ଆଇଜିଆଇଡିଆର)ର ଅର୍ଥନୀତି ପ୍ରଫେସର ଥିବା ନାଗରାଜ ମତ ରଖିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୧୧ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବ ବୋଲି ସରକାର ଆକଳନ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରରେ ଜିଡିପି ବିକାଶ ହାର ୪.୫% ରହିଛି। ସେହିଭଳି ବାଣିଜ୍ୟ ଧାରା ଶୀଘ୍ର ପରିବର୍ତ୍ତନ ନେଇ କୌଣସି ସମ୍ଭାବନା ଦେଖା ଯାଉ ନ ଥିବା ସେ କହିଛନ୍ତି। ୨୦୧୦ ପରଠାରୁ ଜିଡିପି ଏବଂ ରପ୍ତାନି ଅନୁପାତରେ ହ୍ରାସ ହେଉଛି। ଏଣୁ ବାଣିଜ୍ୟ ଏବଂ ରପ୍ତାନି ଧାରାରେ ଉନ୍ନତି ହେଉନଥିବା ଏଥିରୁ ସ୍ପଷ୍ଟ ହେଉଛି। ଆର୍ଥିକ ମାନ୍ଦାବସ୍ଥା ବିରୋଧରେ ଆର୍ଥିକ ପ୍ୟାକେଜ ଦ୍ୱାରା ଲଢାଯାଇ ପାରିବା ନେଇ ଏକ ପ୍ରଶ୍ନର ଉତ୍ତରରେ ନାଗରାଜ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ସୁଧହାର ଲଗାତାର ହ୍ରାସ ହୋଇଥିଲେ ମଧ୍ୟ ଏହାର ଫାଇଦା ମିଳୁନାହିଁ।


## CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁର ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BALAJI FINANCE (Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

FINANCE

BUSINESS

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ତ୍ତେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001



"ରୋହିତ ଶର୍ମା ଓ ଡେଭିଡ ୱାର୍ନର ମାନସିକ ଓ ଶାରୀରିକ ଭାବେ ଫିଟ୍। ଉଭୟଙ୍କର ରନ୍ ସଂଗ୍ରହ କ୍ଷୁଧା ଆଗାମୀ ସିରିଜକୁ ରୋମାଞ୍ଚକର କରିବ।
–ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ

"ସାମ୍ପ୍ରତିକ ସ୍ଥିତିରେ ରୋହିତ ଶର୍ମା, ଲୋକେଶ ରାହୁଲ ଓ ଶିଖର ଧାୱନଙ୍କ ମଧ୍ୟରୁ ଓପନିଂ ଯୋଡ଼ି ବାଛିବା କ୍ଷେତ୍ରରେ ଚୟନକର୍ତ୍ତା ଦ୍ୱନ୍ଦ୍ୱରେ ରହିବେ।
–ବିକ୍ରମ ରାଠୋର, ଟିମ୍ ଇଣ୍ଡିଆ ବ୍ୟାଟିଂ କୋଚ୍



## ସଂକ୍ଷେପରେ

- ମଦନ ଲାଲ, ଗୌତମ ଗମ୍ଭୀର ଓ ସୁଲକ୍ଷଣା ନାଏକଙ୍କୁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଭାବେ ନିଯୁକ୍ତି ଦେବ ବିସିସିଆଇ।
- ଆଫଗାନିସ୍ତାନ ବିପକ୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ୱାର୍ମଅପ୍ ମ୍ୟାଚରେ ଭାରତର ୨୧୧ ରନରେ ବିଜୟ।
- ଭାଲେନ୍ସିଆରେ ୨୬ମିନିଟ ୨୪ ସେକେଣ୍ଡ ଟାଇମିଂରେ କେନିଆର ରୋନେକ୍ସ କିପ୍ରୁଟୋଙ୍କ ୧୦କିମି ରୋଡ୍ ଇଭେଣ୍ଟରେ ବିଶ୍ୱରେକର୍ଡ।
- ଡେନମାର୍କର ଭିକ୍ଟର ଏକ୍ସେଲସେନଙ୍କୁ ପରାସ୍ତ କରି କେଣ୍ଟୋ ମୋମୋଟା ଜିତିଲେ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ।
- ନୋଭାକ୍ ଜୋକୋଭିଚ୍ ସ୍ପେନର ରାଫେଲ



ନାଡାଲଙ୍କୁ ପରାସ୍ତ କରିବା ଦ୍ୱାରା ସର୍ବିଆ ଉଦ୍‌ଘାଟନୀ ଏଟିପି କପ୍ ଟାଇଟଲ ହାସଲ।
- କର୍ଣ୍ଣାଟକ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଚେତେଶ୍ୱର ପୂଜାରା (୨୪୮ ରନ)ଙ୍କ ୧୩ତମ ପ୍ରଥମଶ୍ରେଣୀ ଦ୍ୱିଶତକ ହାସଲ।
- ଇଣ୍ଡିଆନ ସୁପର ଲିଗ୍‌ରେ ଏଟିକେ ବିପକ୍ଷରେ କେରଳ ବ୍ଲାଷ୍ଟର୍ସ ୧-୦ ଗୋଲ୍‌ରେ ବିଜୟୀ।
- ଡାହାଣ ଆଣ୍ଠୁରେ ଅସ୍ତ୍ରୋପଚାର ଯୋଗୁ ବାର୍ସିଲୋନା ଷ୍ଟ୍ରାଇକର ଲୁଇସ୍ ସୁଆରେଜ ୪ ମାସ ଖେଳରୁ ଦୂରେଇ ରହିବେ।
- ଆଗାମୀ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଭାରତୀୟ 'ଏ' ଦଳରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବିଜୟ ଶଙ୍କର ଦଳରେ ସ୍ଥାନ ପାଇଛନ୍ତି।

# ହରମନପ୍ରୀତଙ୍କୁ ନେତୃତ୍ୱ, ରିଚା ନୂଆ ମୁହଁ

ମୁମ୍ବାଇ,୧୨।୧(ପି.ଟି.)

ଆସନ୍ତା ଫେବୃୟାରୀ ୨୧ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍ ପାଇଁ ରବିବାର ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ମୁଖ୍ୟ

## ଟି୨୦ ମହିଳା ବିଶ୍ୱକପ୍

ଚୟନକର୍ତ୍ତା ହେମଲାତା କାଲାଙ୍କ ଅଧକ୍ଷତାରେ ଚୟନକମିଟି ଦଳ ଘୋଷଣା କରିଛି।

ବେଙ୍ଗଲ ବ୍ୟାଟ୍ସଓମ୍ୟାନ ରିଚା ଘୋଷ ଏକମାତ୍ର ନୂଆ ମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଦଳରେ ଚୟନକର୍ତ୍ତାମାନେ ଆଉ କୌଣସି ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇନାହାନ୍ତି। ୧୫ ବର୍ଷୀୟା ହରିୟାଣା ସ୍କୁଲ୍ ଛାତ୍ରୀ ଶେଫାଳୀ ବର୍ମାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଶେଫାଲି ପ୍ରଥମଥର ପାଇଁ ଏହି ଗ୍ଲୋବାଲ ଟୁର୍ନାମେଣ୍ଟ ଖେଳିବାର ସୁଯୋଗ ପାଇବେ।



ହରମନପ୍ରୀତ କୌର

ଅନ୍ତର୍ଜାତୀୟସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ଶେଫାଳୀ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଛନ୍ତି। କଟକରେ ଖେଳାଯାଇଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ରିଚା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଟ୍ରଫିର ଗୋଟିଏ ମ୍ୟାଚ୍‌ରେ ସେ ୪ ଚୌକା ଓ ୧ ଛକା ସହ ୨୬ ବଲରୁ ୩୬ ରନ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଟି୨୦ ବିଶ୍ୱକପ୍ ଦଳ

ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗୁଏଜ, ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ବେଦା କ୍ରିଷ୍ଣମୂର୍ତ୍ତି, ରିଚା ଘୋଷ, ତାନିଆ ଭାଟିଆ, ପୁନମ ଯାଦବ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର ଓ ଅରୁନ୍ଧତୀ ରେଡ୍ଡୀ।

### ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଦଳ

ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗୁଏଜ, ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ବେଦା କ୍ରିଷ୍ଣମୂର୍ତ୍ତି, ରିଚା ଘୋଷ, ତାନିଆ ଭାଟିଆ, ପୁନମ ଯାଦବ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର, ଅରୁନ୍ଧତି ରେଡ୍ଡୀ ଓ ନୁଝତ ପରବୀନ।

ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ମଧ୍ୟ ଏକ ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ନୁଝତ ପରବୀନଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଏହି ଟୁର୍ନାମେଣ୍ଟ ୩୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଆୟୋଜକ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଭାରତ ଏଥିରେ ଅଂଶଗ୍ରହଣ କରିବେ।

# ରୋହିତ୍ ଫେରିଲେ

ମୁମ୍ବାଇ ୧୨।୧ (ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଉପ-ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଦ୍ରୁତ ବୋଲର ମହମ୍ମଦ ସାମି ଘୋଷିତ ୧୬ ଜଣିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ କେରଳ ଉଇକେଟ୍‌କିପର ସଞ୍ଜୁ ସାମସନଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ଲାଗି ଉଭୟ ରୋହିତ୍ ଓ ସାମିଙ୍କୁ ବିଶ୍ରାମ ଦିଆଯାଇଥିଲା। ଚଳିତ ମାସ ଶେଷଭାଗରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ନ୍ୟୁଜିଲାଣ୍ଡ ସିରିଜ ଲାଗି କିନ୍ତୁ ୫ ଜଣିଆ ଚୟନ କମିଟି ଉଭୟଙ୍କୁ ଦଳରେ ସାମିଲ କରିଛନ୍ତି।

## ନ୍ୟୁଜିଲାଣ୍ଡ ଟୁର୍: ସାମସନ ବାଦ୍

ତେବେ ଶ୍ରୀଲଙ୍କା ସିରିଜରେ ସ୍ଥାନ ପାଇଥିବା ସାମସନଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ମାତ୍ର ୬ ରନ କରିଥିବା ସାମସନ ନ୍ୟୁଜିଲାଣ୍ଡ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଏହାବାଦ୍ ଦଳରେ ସେହିଭଳି କୌଣସି ବଡ଼ ପରିବର୍ତ୍ତନ କରାଯାଇନାହିଁ। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଜାନୁୟାରୀ ୨୪ରେ ଅକ୍‌ଲାଣ୍ଡରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଦିନିକିଆ ଓ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। କିନ୍ତୁ ଏଥିଲାଗି ଦଳ ଘୋଷଣା ପରେ କରାଯିବ ବୋଲି ଜଣାପଡ଼ିଛି।

### ଭାରତୀୟ ଟି୨୦ ଦଳ

ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମନୀଷ ପାଣ୍ଡେ, ଶିବମ୍ ଦୁବେ, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସାମି।

# ମୁକ୍ତି ଓଡ଼ିଶା ଖେଲୋ ଇଣ୍ଡିଆ ପ୍ରତିନିଧି ଦଳର ମୁଖ୍ୟ ଫିଜିଓ



ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)- ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପ୍ରତିନିଧି ଦଳର ମୁଖ୍ୟ ଫିଜିଓ ଭାବେ ନିଯୁକ୍ତ ହୋଇଛନ୍ତି ଗ୍ଲୋବାଲ ଫିଜିଓ ସେଲ୍‌ର ମୁଖ୍ୟ ମୁକ୍ତି ପ୍ରସାଦ ଦାଶ। ଏଥିପାଇଁ ରବିବାର ଗୁଆହାଟୀ ଯାତ୍ରା କରିଥିବା ମୁକ୍ତି ସେଠାରେ ୨୩ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବେ। ଇତିମଧ୍ୟରେ ମୁକ୍ତି ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କୋର୍ସ ସମ୍ପୂର୍ଣ୍ଣ କରି ପ୍ରମାଣପତ୍ର ହାସଲ କରିଛନ୍ତି। ଏକ୍ସଯୁବିର ରେଜିଷ୍ଟ୍ରାର ପ୍ରଫେସର ଇ.ଏ. ଅଗଷ୍ଟିନ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।



ଚାମ୍ପିୟନ ସହିଦ ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ସହିଦ ସ୍ପୋର୍ଟିଂ ଚାମ୍ପିୟନ

ଭୁବନେଶ୍ୱର,୧୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ପାରାମାଉଣ୍ଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ବର୍ଗର କ୍ରିକେଟ ଟୁର୍ନାମେଣ୍ଟ ସିଦ୍ଧାନ୍ତ ମେମୋରିଆଲ କପ୍ ସହିଦ ସ୍ପୋର୍ଟିଂ ହାତେଇଛି। ଲିଗ୍ ପର୍ଯ୍ୟାୟ ଫାଇନାଲରେ ସହିଦ ସ୍ପୋର୍ଟିଂ ୪ ଉଇକେଟରେ ପାରାମାଉଣ୍ଟକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଦଳ ପାଇଁ ପ୍ରିୟାଂଶୁ ରଞ୍ଜନ ସାହୁ ୪୭ ଓ ସିଦ୍ଧାର୍ଥ ବେହେରା ୨୦ ରନ୍ କରିଥିଲେ। ଜବାବରେ ସହିଦ ସୋର୍ଟିଂ ୩୪.୧ ଓଭରରେ ୬ ଉଇକେଟ କ୍ଷତିରେ ୧୫୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଜନ୍ମେଜୟ ସାହୁ ୫୫, ଦିବ୍ୟଜ୍ୟୋତି ପଟ୍ଟନାୟକ ୨୮ ଓ ଏସ୍.ଏସ୍. ଜେନା ୨୭ ରନ୍ କରିଥିଲେ। ଅମ୍ପାୟର ଭାବେ ଚଣ୍ଡୀ ପ୍ରସନ୍ନ ମହାପାତ୍ର ଓ ସୁଶାନ୍ତ ଦାଶ ମ୍ୟାଚ୍ ପରିଚାଳନା କରିଥିବାବେଳେ ରମେଶ ନାୟକ ସ୍କୋରର ଦାୟିତ୍ୱରେ ଥିଲେ। ବିଜୟୀ ଦଳର ଜନ୍ମେଜୟ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଶାଶ୍ୱତ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିବାବେଳେ ବେଷ୍ଟ ଫିଲ୍ଡର ଦୁର୍ଗାପ୍ରସାଦ ମଲ୍ଲିକ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଆୟୁଷ ସୂତାର, ଶ୍ରେଷ୍ଠ ବୋଲିଂ ସୟଦ ତୁଫାଇଲ ଅହମ୍ମଦ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଫିଲ୍ଡର ସ୍ୱାଗତ ସୌରଭ ମିଶ୍ର ଓ ଶ୍ରେଷ୍ଠ ଉଇକେଟ୍‌କିପର ରୂପେ ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ପାତ୍ର, ପୂର୍ବତନ କୋଚ୍ କିଶୋର ମାଣିଆ, ସୌର୍ଯ୍ୟରଞ୍ଜନ ପରିଜା, ଉଷା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଜେନା, ଅଶୋକ କୁମାର ପାତ୍ର ଉପସ୍ଥିତ ଥିଲେ।

# ରୋମାଞ୍ଚକ ସ୍ଥିତିରେ ଓଡ଼ିଶା-ହରିୟାଣା ମ୍ୟାଚ୍

## ରଣଜୀ ଟ୍ରଫି

କଟକ ଅଫିସ,୧୨।୧

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ହରିୟାଣା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଦ୍ୱିତୀୟ ଦିବସରେ ଘରୋଇ ହରିୟାଣା ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଭ୍ରମଣକାରୀ ଓଡ଼ିଶାକୁ ପ୍ରଥମ ଇନିଂସରେ ୧୬୦ରନରେ ସୀମିତ ରଖିବା ପରେ ହରିୟାଣା ଦ୍ୱିତୀୟ ଇନିଂସ ଆରମ୍ଭ କରି ୫ ଉଇକେଟ ବିନିମୟରେ ୨୧୮ରନ କରିଛି। ଫଳରେ ପ୍ରଥମ ଇନିଂସରେ ମାତ୍ର ୯୦ରନରେ ଅଲଆଉଟ ହୋଇଥିବା ହରିୟାଣା ମୋଟ୍ ୧୪୮ରନର ଅଗ୍ରଣୀ ନେଇଛି। ହାତରେ ୫ ଉଇକେଟ ବାକି ରହିଛି। ତେବେ ଅବଶିଷ୍ଟ ୫ ଉଇକେଟ ଅଳ୍ପ ରନ ବ୍ୟବଧାନରେ ଦଖଲ କରି ଓଡ଼ିଶା ଟୁର୍ନାମେଣ୍ଟରେ ୪ର୍ଥ ବିଜୟ ଲକ୍ଷ୍ୟରେ ରହିଛି।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୪୧ରନ କରିଥିଲା। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ହେବା ପରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୫ମ ଓ ୬ଷ୍ଠ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ସୃଷ୍ଟି କରି ଦଳକୁ ଅଗ୍ରଣୀ କରାଇଥିଲେ। ବିପ୍ଳବ ୪୫ରନରେ ଓ ଉଇକେଟ କିପର ସୁଜିତ ଲେଙ୍କା ୨୧ରନରେ ଅପରାଜିତ ଥିଲେ। ଦ୍ୱିତୀୟ ଦିବସର ପ୍ରଥମ ସେସନ୍‌ରେ ଅପ୍ରତ୍ୟାଶିତଭାବେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳୀୟ ସ୍କୋରରେ ମାତ୍ର ୧୯ରନ ଯୋଡ଼ି ଦଳ ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ସୁଜିତ ୨୬ରନରେ ଆଉଟ ହୋଇଥିଲେ। ବାମହାତୀ ଅର୍ଥୋଡକ୍ସ ଟିନୁ କୁଣ୍ଡୁ ହରିୟାଣାକୁ ଏହି ବ୍ରେକଥ୍ରୁ ଦେଇଥିଲେ। ପରେ ସୂର୍ଯ୍ୟକାନ୍ତ ପ୍ରଧାନ ୦, ରାଜେଶ ମହାନ୍ତି ୬ ଓ ବସନ୍ତ ମହାନ୍ତି ୦ରେ ଟିନୁଙ୍କ ଶିକାର ହୋଇଥିଲେ। ୧୧୬ବଲରୁ ୫୨ରନ କରିଥିବା ବିପ୍ଳବଙ୍କୁ ହରିୟାଣା ଅଧିନାୟକ ହର୍ଷଲ ପଟେଲ ଏଲବିଡବ୍ଲ୍ୟୁ କରି ଓଡ଼ିଶା ଇନିଂସର ସମାପ୍ତି ଘଟାଇଥିଲେ। ଟିନୁ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିବା ବେଳେ ହର୍ଷଲ ୩ଟି, ଆଶିଷ ହୁଡା ଓ ଅଜିତ ଚହଲଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ପ୍ରଥମ ଇନିଂସରେ ଓଡ଼ିଶା ମୋଟ୍ ୭୦ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ହରିୟାଣା ଦଳ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ବିନା ଉଇକେଟରେ ୬୫ରନ ସଂଗ୍ରହ କରିଥିଲା। ଓପନର ଶୁଭମ ରୋହିଲା ଓ ଅଙ୍କିତ କୁମାର ୨୮ରନ ଲେଖାଏ କରିଥିଲେ। ଏହି ଦୁଇ ଖେଳାଳି ଓପନିଂ ଭାଗୀଦାରିରେ ୧୦୧ରନ ଯୋଡ଼ିବା ଫଳରେ ଓଡ଼ିଶା ଉପରେ ଚାପ ପଡ଼ିଥିଲା। ଅଙ୍କିତ କୁମାରଙ୍କୁ ୪୬ରନରେ ରାଜେଶ ଧୂପର ରନଆଉଟ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ପରେ ଶୁଭମ ୪୮ରନରେ ଓ ଉଇକେଟ କିପର ନିତିନ ସଇନି ୬ରନରେ ରାଜେଶ ମହାନ୍ତିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମଧ୍ୟକ୍ରମର ଖେଳାଳି ଶିବମ ଚୌହ୍ୱାନ ୧୩, ହିମାଂଶୁ ରାଣା ୪୦ରନରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ପ୍ରମୋଦ ଚଣ୍ଡିଲା ୨୪ ଓ ଅଧିନାୟକ ହର୍ଷଲ ୨୫ରନରେ ଅପରାଜିତ ଅଛନ୍ତି।

# ଖୋର୍ଦ୍ଧା ସୁନ୍ଦର ସ୍ୱାସ୍ଥ୍ୟ ଦଳ ଘୋଷିତ

ଭୁବନେଶ୍ୱର,୧୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ଫେବୃୟାରୀ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ୧୭ତମ ରାଜ୍ୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଓଡ଼ିଶା। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ଆମେଚର ବଡିବିଲ୍‌ଡର୍ସ ଆସୋସିଏଶନ ପକ୍ଷରୁ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଂଘର ନିୟମାନୁଯାୟୀ, ବିଭିନ୍ନ ଓଜନ ବର୍ଗରେ ହୋଇଥିବା ପ୍ରତିଯୋଗିତାରେ ସୌର ଅମ୍ଲାନ ଜ୍ୟୋତି ମହାନ୍ତି, ଜିତୁନ ମହାପାତ୍ର, ସଞ୍ଜୀପ ରାଉତ, ସାନୁ ପଟ୍ଟନାୟକ, ସମ୍ବିତ ନନ୍ଦ, ଜିତୁନ କୁମାର ଦାସ, ସୁରଜ କୁମାର ବେହେରା, ବାଦଲ ବେହେରା, ଦୀପକ କୁମାର ଦାସ, ପ୍ରକାଶ ପ୍ରଧାନଙ୍କୁ ଚୟନ କରାଯାଇଥିବା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ, ଉପସଭାପତି ବିଜୟ କୁମାର ଦାସ, ବିନୋଦ ମହାରଣା, ଭବାନୀ ଶଙ୍କର ସାହୁ, ହେମନ୍ତ ପଣ୍ଡା, ଜିତେନ୍ଦ୍ର କୁମାର ଜେନା, ଭୁବନେଶ୍ୱର ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି କବିରାଜ ସ୍ୱାଇଁ ସହଯୋଗ କରିଥିଲେ।

# ଡାକାର ରାଲିରେ ଗନ୍‌କ୍ଲେଭ୍ସଙ୍କ ମୃତ୍ୟୁ



ଡାକାର ରାଲିରେ ରବିବାର ଦୁର୍ଘଟଣା ସ୍ଥଳ। ପଲୋ ଗନ୍‌କ୍ଲେଭ୍ସ(ଇନ୍‌ସେଟ୍)।

ରିୟାଦ, ୧୨।୧ (ପି.ଟି.)

ହିରୋ ମୋଟର ସ୍ପୋର୍ଟ୍ସ ଟିମ୍‌କୁ ଶକ୍ତ ଧକ୍କା ଲାଗିଛି। ସୌଦି ଆରବରେ ଚାଲିଥିବା ଡାକାର ରାଲିର ୭ମ ଷ୍ଟେଜ୍ ବେଳେ ଏହାର ପର୍ତ୍ତୁଗିଜ୍ ରାଇଡର ପଲୋ ଗନକ୍ଲେଭ୍ସଙ୍କ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୨୦୦୬ରେ ପଦାର୍ପଣ ପରଠାରୁ ୪୦ବର୍ଷୀୟ ପଲୋଙ୍କ ୧୩ତମ ଡାକାର ରାଲି। ରବିବାର ରାଜଧାନୀ ରିୟାଦଠାରୁ ୱାଦି ଅଲ୍ ଦାୱାସିର ପର୍ଯ୍ୟନ୍ତ ୨୭୬ କିଲୋମିଟର ସ୍ପେଶାଲ ଷ୍ଟେଜ୍‌ରେ ସେ ହୃଦ୍‌ଘାତରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଖବର ପାଇବାପରେ ଆୟୋଜକଗଣ ତାଙ୍କୁ ଏକ ମେଡିକାଲ ହେଲିକପ୍ଟରରେ ଲେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ୨୦୧୫ରେ ରନର୍ସଅପ୍ ହୋଇଥିବା ଗନ୍‌କ୍ଲେଭ୍ସ ଚଳିତ ସଂସ୍କରଣରେ ୪ଥର ଟପ୍ ଟେନ୍‌ରେ ରହିଥିଲେ। ସେ ୨୦୧୩ ଏଫଆଇଏମ୍ କ୍ରସ୍ କଣ୍ଟ୍ରି ରାଲି ୱାର୍ଲ୍ଡ ଚାମ୍ପିୟନ ଟାଇଟଲ ଜିତିଥିଲେ। ୨୦୧୫ରେ ଆର୍ଜେଣ୍ଟିନାରେ ପୋଲଣ୍ଡ ମୋଟରସାଇକେଲ ରାଇଡର ମିଚାଲ ହେନରିକ୍‌ଙ୍କ ପରେ ଏହି କଷ୍ଟସାଧ୍ୟ ଇଭେଣ୍ଟରେ ମୃତ୍ୟୁ ବରଣ କରିବାରେ ଗନ୍‌କ୍ଲେଭ୍ସ ହେଉଛନ୍ତି ପ୍ରଥମ ପ୍ରତିଯୋଗୀ। ରବିବାର ୫୪୬ କିଲୋମିଟର ବିଶିଷ୍ଟ ଷ୍ଟେଜ୍ ଇଭେଣ୍ଟର ସବୁଠାରୁ ଦୀର୍ଘତମ। ସ୍ପେନ୍‌ର ଜୋହାନ ବାରେଡା ଜିତିଥିବାବେଳେ ଆମେରିକାର ରିକି ବ୍ରାବେକ୍ ଓଭର ଅଲ ଅଗ୍ରଣୀରେ ତାଙ୍କ ସ୍ଥାନ ଆହୁରି ମଜଭୁତ କରିଛନ୍ତି। ଅଷ୍ଟ୍ରେଲିଆର ତଥା ଗତଥରର ଚାମ୍ପିୟନ ଟୋବି ପ୍ରାଇସ୍ ବାରେଡାଙ୍କଠାରୁ ଏକ ଘଣ୍ଟା ଏବଂ ୨୦ ମିନିଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ବାଟରେ ଅଟକି ସେ ଗନକ୍ଲେଭ୍ସଙ୍କୁ ସହାୟତା କରିଥିବାରୁ ତାଙ୍କ ପୋଜିଶନର ପୁନଃ ମୂଲ୍ୟାୟନ କରାଯିବ।

# ଆକର୍ଷଣରେ ବୁମ୍‌ରା

ମୁମ୍ବାଇ, ୧୨।୧(ପି.ଟି.)

୨୦୧୮-୧୯ ସିଜନରେ ଚମତ୍କାର ପ୍ରଦର୍ଶନର ପୁରସ୍କାର ପାଇଛନ୍ତି ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା। ରବିବାର ବିସିସିଆଇ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବରେ ସେ ସମ୍ମାନଜନକ ପଲି ଉମ୍ରିଗର ଓ ଦିଲୀପ ସରଦେଶାଇ ପୁରସ୍କାର ହାସଲ କରିଛନ୍ତି। ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରଭାବେ ସେ ପଲି ଉମ୍ରିଗର ପୁରସ୍କାର ଭାବରେ ୧୫ ଲକ୍ଷ ଟଙ୍କା ପାଇଛନ୍ତି। ସେହିପରି ସର୍ବାଧିକ ଉଇକେଟ ହାସଲକାରୀଭାବେ ସେ ଦିଲୀପ ସରଦେଶାଇ ପୁରସ୍କାର ଜିତିଛନ୍ତି। ସେ ୬ଟି ମ୍ୟାଚରେ ୩୪ଟି ଉଇକେଟ ହାସଲ କରିଥିଲେ। ଏହା ମଧ୍ୟରେ ୩ ଥର ୫ ଉଇକେଟ ସଫଳତା ରହିଥିଲା। ୮ ମ୍ୟାଚରେ ୩ ଶତକ ଓ ୨ ଅର୍ଦ୍ଧଶତକ ସହ ୬୬୭ ରନ କରିଥିବା ଚେତେଶ୍ୱର ପୂଜାରା ମଧ୍ୟ ଦିଲୀପ ସରଦେଶାଇ ପୁରସ୍କାର ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ ଓ ଅଞ୍ଜୁମ ଚୋପ୍ରାଙ୍କୁ ସିକେ ନାଇଡୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ମିଳିଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ବିସିସିଆଇ ସମ୍ପାଦକ ଜୟ ଶାହାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା।

## ବିସିସିଆଇ ପୁରସ୍କାର

**କ୍ରିସ୍ ଶ୍ରୀକାନ୍ତ:** ସିକେ ନାଇଡୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ-୨୫ ଲକ୍ଷ ଟଙ୍କା

**ଅଞ୍ଜୁମ ଚୋପ୍ରା:** ବିସିସିଆଇ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ(ମହିଳା)-୨୫ ଲକ୍ଷ

**ଯଶପ୍ରୀତ ବୁମ୍‌ରା:** ପଲି ଉମ୍ରିଗର (ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟର) -୧୫ ଲକ୍ଷ ଓ ଦିଲୀପ ସରଦେଶାଇ ପୁରସ୍କାର (ଟେଷ୍ଟ କ୍ରିକେଟରେ ସର୍ବାଧିକ ଉଇକେଟ ହାସଲକାରୀ)-୨ ଲକ୍ଷ

**ପୁନମ ଯାଦବ:** ଶ୍ରେଷ୍ଠ ମହିଳା ଅନ୍ତର୍ଜାତୀୟ କ୍ରିକେଟର-୧୫ ଲକ୍ଷ

**ଦିଲୀପ ଦୋଶୀ:** ବିସିସିଆଇ ସ୍ୱତନ୍ତ୍ର ପୁରସ୍କାର-୧୫ ଲକ୍ଷ

**ଚେତେଶ୍ୱର ପୂଜାରା:** ଦିଲୀପ ସରଦେଶାଇ ପୁରସ୍କାର (ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ)-୨ ଲକ୍ଷ

**ସ୍ମୃତି ମନ୍ଧାନା:** ଦିନିକିଆ ମହିଳା କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ-୨ ଲକ୍ଷ

**ଝୁଲଣ ଗୋସ୍ୱାମୀ:** ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ଉଇକେଟ ହାସଲକାରୀ-୨ ଲକ୍ଷ

**ମୟଙ୍କ ଅଗ୍ରୱାଲ:** ଶ୍ରେଷ୍ଠ ଅନ୍ତର୍ଜାତୀୟ ପଦାର୍ପଣକାରୀ(ପୁରୁଷ)-୨ ଲକ୍ଷ

**ଦୀପ୍ତି ଶର୍ମା:** ଜଗମୋହନ ଡାଲମିଆ ଟ୍ରଫି(ସିନିୟର ଘରୋଇ ସର୍କିଟରେ ଶ୍ରେଷ୍ଠ ମହିଳା କ୍ରିକେଟର)-

**ସେଫାଲି ବର୍ମା:** ଶ୍ରେଷ୍ଠ ଅନ୍ତର୍ଜାତୀୟ ପଦାର୍ପଣକାରୀ(ମହିଳା)-୨ ଲକ୍ଷ ଜଗମୋହନ ଡାଲମିଆ ଟ୍ରଫି (ଜୁନିୟର ଘରୋଇ ସର୍କିଟରେ ଶ୍ରେଷ୍ଠ ମହିଳା କ୍ରିକେଟର)-୧.୫୦ ଲକ୍ଷ

**ଶିବମ୍ ଦୁବେ:** ଲାଲା ଅମରନାଥ ପୁରସ୍କାର (ରଣଜୀ ଟ୍ରଫିରେ ଶ୍ରେଷ୍ଠ ଅଲରାଉଣ୍ଡର)-୫ ଲକ୍ଷ

**ନୀତୀଶ ରାଣା:** ଲାଲା ଅମରନାଥ ପୁରସ୍କାର (ସୀମିତ ଓଭର କ୍ରିକେଟରେ ଶ୍ରେଷ୍ଠ ଅଲରାଉଣ୍ଡର)-୫ ଲକ୍ଷ

**ମିଲିନ୍ଦ କୁମାର:** ମାଧବରାଓ ସିନ୍ଧିଆ ପୁରସ୍କାର(ରଣଜୀ ଟ୍ରଫିରେ ସର୍ବାଧିକ ରନ ସ୍କୋରର)-୨.୫ ଲକ୍ଷ

**ଆଶୁତୋଷ ଅମନ୍:** ମାଧବରାଓ ସିନ୍ଧିଆ ପୁରସ୍କାର(ରଣଜୀ ଟ୍ରଫିରେ ସର୍ବାଧିକ ଉଇକେଟ ହାସଲକାରୀ)-୨.୫ ଲକ୍ଷ

**ବିଦର୍ଭ କ୍ରିକେଟ ଦଳ:** ବିସିସିଆଇ ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ- ସ୍ମାରକୀ

“କ୍ରିକେଟରେ ଟେଷ୍ଟ ଫର୍ମାଟ ସବୁଠାରୁ ସ୍ୱତନ୍ତ୍ର। ଏହି ଫର୍ମାଟ ତା’ର ସ୍ଥିତି ବଜାୟ ରଖିବାରେ ସଫଳ ହେବ। ଟେଷ୍ଟ ଖେଳିବାରେ ପ୍ରକୃତ ଚ୍ୟାଲେଞ୍ଜ୍ ଥାଏ। **–ଚେତେଶ୍ୱର ପୂଜାରା, ଭାରତୀୟ କ୍ରିକେଟର**



“ଜଣେ ଖେଳାଳି ଓ ଅଧିନାୟକଭାବେ କଠିନ ପରିସ୍ଥିତିରେ ମାନସିକ ଦୃଢ଼ତା ପାଇଁ ଅଷ୍ଟ୍ରେଲିଆର କ୍ରିକେଟ କିମ୍ବଦନ୍ତୀ ଷ୍ଟିଭ ୱ ସମ୍ମାନର ହକ୍‌ଦାର। **–ଅଜିଙ୍କ୍ୟ ରାହାନେ, ଭାରତୀୟ ଟେଷ୍ଟ ଉପଅଧିନାୟକ**



## ସଂକ୍ଷେପରେ

### ରତୁପର୍ଣ୍ଣା ଚାମ୍ପିୟନ




ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି): ବେଙ୍ଗାଲୁରୁଠାରେ ରବିବାର ଉଦ୍‌ଯାପିତ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସରେ ଓଡ଼ିଶାର ରତୁପର୍ଣ୍ଣା ପଣ୍ଡା ସଫଳ ହୋଇଛନ୍ତି। କେ. ମନୀଷାଙ୍କୁ ଓ ରତୁପର୍ଣ୍ଣା ଯୋଡ଼ି ଏଥିରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ରତୁପର୍ଣ୍ଣା-ମନୀଷା ୨୧-୧୯, ୨୧-୭ ପଏଣ୍ଟରେ ଶିଖା ଗୌତମ ଓ ଅଶ୍ୱିନ ଭଟ କେ. ଯୋଡ଼ିଙ୍କୁ ମାତ୍ର ୪୦ ମିନିଟ ସମୟ ନେଇ ପରାସ୍ତ କରିଛନ୍ତି। ପ୍ରତିଯୋଗିତାରେ ମିଥୁନ ଏମ. ପୁରୁଷ ଓ ଆକର୍ଷି କଶ୍ୟପ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

### ଫାଇନାଲରେ ସଂଘର୍ଷ କ୍ଲବ

ଭୁବନେଶ୍ୱର,୧୨।୧(ସ୍ପୋର୍ଟ୍ସ ବ୍ୟୁରୋ): ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସଂଘର୍ଷ କ୍ଲବ ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ସଂଘର୍ଷ କ୍ଲବ ୧-୦ ଗୋଲରେ ଏ.କେ. କ୍ଲବକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୪୬ତମ ମିନିଟ୍‌ରେ ବିଜୟ ବାରିକଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଶିବ ପ୍ରସାଦ ଦାସ, ପ୍ରିୟବ୍ରତ ବାହିନୀପତି, ଅଭିନାଶ ପଟ୍ଟନାୟକ ଓ ଟି. ମୋହନ ରାଓ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିବା ବିଜୟ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅତିଥି ଭାବେ ଯୋଗଦେଇ ଜିଲା କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ଓ ନବରଞ୍ଜନ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ଦୀନେଶ

**ଭୁବନେଶ୍ୱର, ୧୨।୧ (କ୍ରୀଡ଼ା ପ୍ରତିନିଧି)**

ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୦ରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଛନ୍ତି ଓଡ଼ିଶାର ଦୀନେଶ କୁମାର। ସେ ରବିବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ସେ ୪୦:୧୧:୧୩୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୨୦୧୯ ଜାତୀୟ ଜୁନିୟର ଟାଇମ୍ ଟ୍ରାଏଲ (୩୦ କିଲୋମିଟର)ଚାମ୍ପିୟନ ମନୀଷ କୁମାର ଏବଂ ୪୦ କିଲୋମିଟର ଜାତୀୟ ରୌପ୍ୟ ବିଜେତା ଜିଟି ଗଗନ ରେଡ୍ଡୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଏହି ବିଜୟ ସହଜ ନ ଥିଲା ବୋଲି ପରେ ଦୀନେଶ କହିଛନ୍ତି। ବଙ୍କା ଓ ଉଠାପକା ରାସ୍ତା ଯୋଗୁ ସାଇକେଲର ସ୍ପିଡ୍‌କୁ ବଜାୟ ରଖିବାରେ ସମସ୍ୟା ହେଉଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ ନ କରି ମୁଁ ଆଗକୁ ବଢ଼ିଥିଲି ବୋଲି ସେ ପ୍ରକାଶ କରିଛନ୍ତି। ରେସ୍‌ରେ ତାଙ୍କର ଆଭରେଜ ସ୍ପିଡ୍ ଘଣ୍ଟାପ୍ରତି ୪୪.୭୯ କିଲୋମିଟର ରହିଥିଲା।

ଗୋଟିଏ ପଦକରେ ରାଉରକେଲାର ଦୀନେଶଙ୍କ ଅଭିଯାନ ଶେଷ ହୋଇନାହିଁ। ସୋମବାର ସେ ରୋଡ୍ ରେସ୍ ଏବଂ ପରେ ଟ୍ରାକ୍ ଇଭେଣ୍ଟରେ ଭାଗ ନେବେ। ସ୍ୱର୍ଣ୍ଣ ସଫଳତା ପାଇଁ ମୋ ସାଙ୍ଗସାଥୀମାନେ ବହୁତ ଖୁସି ଅଛନ୍ତି। ମୋର ଆହୁରି ୨ଟି ଇଭେଣ୍ଟ ବାକି ରହିଛି। ସେଗୁଡ଼ିକ ଶେଷ ହେବାପରେ ଯାଇ ମୁଁ ସାଥୀ ମାନଙ୍କ ସହ ଖୁସି ମନାଇବି ବୋଲି ୧୯ ବର୍ଷୀୟ ଦୀନେଶ କହିଛନ୍ତି। ଦୀନେଶ ଏକ ସାଧାରଣ ପରିବାରରୁ ଆସିଛନ୍ତି। ତାଙ୍କ ପିତା ଜଣେ ଦୋକାନୀ। ପିଲାଦିନରୁ ସାଇକ୍ଲିଂ ପ୍ରତି ତାଙ୍କର ପ୍ରଗାଢ଼ ଆଗ୍ରହ ରହିଥିଲା। ଏପରିକି ବେଳେବେଳେ ବାଇକ୍ ଛାଡ଼ି ସେ ସାଇକେଲରେ ଲଙ୍ଗ୍ ଡ୍ରାଇଭ୍‌ରେ ଯାଉଥିଲେ। ଏଥିରେ ସେ ଆନନ୍ଦ ଅନୁଭବ କରୁଥିଲେ। ୨୦୧୫ରେ ସେ କେରଳରେ ଅନୁଷ୍ଠିତ ନ୍ୟାଶନାଲ ଟ୍ରାକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଭଲ ପ୍ରଦର୍ଶନ କରିବାରୁ ସେ ଦିଲ୍ଲୀସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ପାଇଁ ମନୋନୀତ ହୋଇଥିଲେ। ଏହା ତାଙ୍କୁ ଅଧିକ ଉତ୍ସାହିତ କରିଥିଲା। ତାଙ୍କ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥିଲା। ଦୁଇ ବର୍ଷ ପରେ ଭାରତୀୟ ବାୟୁ ସେନାରେ ନିଯୁକ୍ତି ମିଳିବା ପରଠାରୁ ସେ ପଟିଆଲାସ୍ଥିତ ଏନଆଇଏସ୍‌ଠାରେ ସେ ଅଭ୍ୟାସ କରି ଆସୁଛନ୍ତି। ‘‘ମୁଁ ପିତାମାତାଙ୍କ ୪ର୍ଥ ସନ୍ତାନ। ଏକ ସାଧାରଣ ପରିବାରରୁ ଆସିଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ପ୍ରତିଯୋଗିତାମୂଳକ କ୍ରୀଡ଼ା ପ୍ରତି ଢ଼ଳିବା ସହଜ ନ ଥିଲା। ମାତ୍ର ସାଇକ୍ଲିଂ ପ୍ରତି ଏତେଟା ମୋହ ଦେଖି ମୋ ବାପା ମୋତେ ଉତ୍ସାହିତ କରିଥିଲେ। ବର୍ତ୍ତମାନ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି’’ ବୋଲି ଦୀନେଶ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କୋଚ୍ ସୁଶୀଳ ଦାସ, ଓଡିଶା ସାଇକେଲ ସଂଘର ସମ୍ପାଦକ ବିଜୟ ରାଉତ, ସୁଶାନ୍ତ ବେହେରା, ନୃସିଂହ ଚରଣ ସାହୁ , ଗୋପୀନାଥ ପଣ୍ଡା, ସୁଭାଷ ଦାସ ଓ ନୀହାର ଜେନା ପ୍ରମୁଖ ଦୀନେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଗଦୀଶ ବାରିକ ଏହି ପ୍ରତିଯୋଗିତାର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୭ ବର୍ଷରୁ କମ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଟେବୁଲରେ ସ୍ୱର୍ଣ୍ଣ ଏବଂ ହୋରିଜଣ୍ଟାଲ ବାର୍‌ସରେ ରୌପ୍ୟ ପଦକ ହାସଲ କରିଥିଲେ।

| ଶ୍ରେଷ୍ଠ ୩ ପ୍ରତିଯୋଗୀ | | | |
|---|---|---|---|
| ପ୍ରତିଯୋଗୀ | ରାଜ୍ୟ | ଟାଇମିଂ(ସେକେଣ୍ଡ) | ସ୍ପିଡ୍@କିମି |
| ଦୀନେଶ କୁମାର | ଓଡ଼ିଶା | ୪୦:୧୧.୧୩୩ | ୪୪.୭୯ |
| ଅନିଲ ମଙ୍ଗଲୋ | ହରିୟାଣା | ୪୦:୨୩.୩୬୧ | ୪୪.୫୭ |
| ରାଜୁ ବାଟି | କର୍ନାଟକ | ୪୧:୦୫.୧୭୯ | ୪୩.୮୧ |



ପୋଡିୟମ ଉପରେ ପଦକ ସହ ଦୀନେଶ କୁମାର (ମଝି)।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ



### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ରବିବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ୩୦ କିଲୋମିଟର ରୋଡ୍ ରେସ୍ ଟାଇମ୍ ଟ୍ରାଏଲ ସାଇକ୍ଲିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଦୀନେଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ସେ ଭାଗ ନେବାକୁଥିବା ଅନ୍ୟ ଇଭେଣ୍ଟ ଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।

### ଆହୁରି ପଦକ ସମ୍ଭାବନା

ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରେ ଦୀନେଶଙ୍କ ପ୍ରଦର୍ଶନରେ ମୁଁ ଅତ୍ୟନ୍ତ ଖୁସି। ତାଙ୍କ ଟାଇମିଂ ବହୁତ ଭଲ ରହିଲା। ବିପରୀତ ଦିଗରୁ ପବନ ବହୁଥିଲେ ହେଁ ସେ ପରିବେଶ ସହିତ ଭଲଭାବେ ଖାପ ଖୁଆଇ ପାରିଲେ। ଦୀନେଶ ଅବଶିଷ୍ଟ ୨ଟି ଇଭେଣ୍ଟ ୪୦୦୦ ମିଟର ବ୍ୟକ୍ତିଗତ ପର୍ଶୁଟ(ଟ୍ରାକ୍) ଏବଂ ୧୦୦୦୦ ମିଟର ସ୍କ୍ରାଚ୍(ରୋଡ)ରେ ମଧ୍ୟ ପଦକ ଜିତିବା ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି କୋଚ୍ ସୁଶୀଳ କୁମାର ଦାସ। ସେହିପରି ମହିଳା ବିଭାଗରେ ସ୍ୱସ୍ତି ସିଂ ଚମତ୍କାରିତା ଦେଖାଇବା ନେଇ ମୁଁ ଆଶାବାଦୀ ବୋଲି ସେ କହିଛନ୍ତି।



## ରାଜେନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୧୨।୧ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୨ ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଆୟୋଜିତ ୩୩ତମ ଭୁବନେଶ୍ୱର ଓପନ ଚେସ୍‌ରେ ରାଜେନ୍ଦ୍ର ସାହୁ ଚାମ୍ପିୟନ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜେନ୍ଦ୍ର ୮ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ହର୍ଷିତ ସାହୁ ଓ ନଟବର ଦାସ ୭.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପରିଡ଼ା, ତନ୍ମୟ ତ୍ରିପାଠୀ, ସୌମ୍ୟରଞ୍ଜନ ମିଶ୍ର, ଆଦିତ୍ୟ ରଞ୍ଜନ ଦାସ, ଦୀପ୍ତି ରଞ୍ଜନ ଦାସ, ସର୍ବେଶ୍ୱର ସାହୁ ଓ ରବୀନ୍ଦ୍ର କୁମାର ଓଝା ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ୨୫ ପ୍ରତିଯୋଗୀଙ୍କୁ ମୁଖ୍ୟ ପୁରସ୍କାର ସହ ୮, ୧୦, ୧୨, ୧୪



ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସଞ୍ଜୟ ପଟ୍ଟନାୟକ ଓ ନବନୀତା ପଟ୍ଟନାୟକ ଯଥାକ୍ରମେ ଶ୍ରେଷ୍ଠ ଭେଟେରାନ ଓ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଭୁବନେଶ୍ୱର ଚେସ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସ୍ମୃତିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କମିଶନରେଟ ପୋଲିସ ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାଏକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ପକ୍ଷରୁ ସୀତେନ୍ଦୁ ରାଜଗୁରୁ, ବଂଶୀଧର ଭୋଇ ଦେବାଶିଷ ପାଣିଗ୍ରାହୀ ପ୍ରଭାତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଏନଡିୟୁ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ତାମିଲନାଡୁର ଆନ୍ନାମଲାଇ ବିଶ୍ୱବିଦ୍ୟାଳୟକୁ ୨-୦ ଗୋଲରେ ହରାଇ ଜିଏନଡିୟୁ (ଗୁରୁ ନାନକ ଦେବ) ଅମୃତସର ଚାମ୍ପିୟନ ହୋଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଗୋଆ ବିଶ୍ୱବିଦ୍ୟାଳୟ ୨-୦ରେ ଏମଡିୟୁ ରୋହତକକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିବାବେଳେ ପ୍ରଦର୍ଶନ ଭିତ୍ତିରେ ଉପରୋକ୍ତ ୪ଟି ଦଳ ସମେତ ପଞ୍ଜାବ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଅଫ୍ କାଲିକଟ, ଏଲଏନଆଇପିଇ ଗ୍ୱାଲିୟର ଓ ତାମିଲନାଡୁର ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଉପ-କୁଳାଧିପତି ପ୍ରଫେସର ସସ୍ମିତା ସାମନ୍ତ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ: ଉତ୍କଳ ବିଜୟୀ

**କଟକ ଅଫିସ,୧୨।୧**

ରେଭେନ୍‌ଶାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଉତ୍କଳ ୧୧୬ରନରେ ବିନୋବାଭାବେ ବିଶ୍ୱବିଦ୍ୟାଳୟକୁ ହରାଇଛି। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ୟୁବିଏସ୍ ପୂର୍ବାଞ୍ଚଳ ୭୬ରନରେ ହେମଚାନ୍ଦ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଉତ୍କଳ ଦଳ ୭ ଉଇକେଟ ବିନିମୟରେ ୨୨୪ରନ କରିଥିଲା। ନିର୍ନିମେଷ ଜେନା ସର୍ବାଧିକ ୫୨ରନ କରିଥିବା ବେଳେ ରଘୁନାଥ ମଲ୍ଲ ୪୮, ଆଶିଷ ସାହୁ ୪୫, ଶୁଭମ ନାୟକ ୨୧ରନ କରିଥିଲେ। ବିନୋବାଭାବେ ପକ୍ଷରୁ ଅଜୟ କୁମାର ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ଶୁଭମ ନାୟକ ଓ ସୁମିତ ମହାରଣାଙ୍କ ୪ଟି ଲେଖାଏ ଉଇକେଟ ସଫଳତା ଯୋଗୁ ବିନୋବା ଭାବେ ୧୦୮ରନରେ ଅଲଆଉଟ ହୋଇଥିଲା। ଅନ୍ୟଏକ ମ୍ୟାଚ୍‌ରେ ୟୁ.ବି.ଏସ୍ ପୂର୍ବାଞ୍ଚଳ ପ୍ରଥମେ ବ୍ୟାଟିଂ କରି ୧୮୩ରନରେ ଅଲଆଉଟ ହୋଇଥିଲା। ଅମର ଚୌଧୁରୀ ସର୍ବାଧିକ ୪୯ରନ କରିଥିବା ବେଳେ ହେମଚାନ୍ଦ ପକ୍ଷରୁ ପ୍ରତୀକ ତ୍ରିପାଠୀଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ହେମଚାନ୍ଦ ୧୦୭ରନରେ ଅଲଆଉଟ ହୋଇଥିଲା।

## କ୍ରାଉନ୍ ଜିତିଲା ନିମାପଡ଼ା କପ୍

**ନିମାପଡ଼ା,୧୨।୧(ଡି.ଏନ୍.ଏ.)**

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ କପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ନିମାପଡ଼ା ସିପି ଫାଉଣ୍ଡେଶନକୁ ୬ ଉଇକେଟରେ ହରାଇ କ୍ରାଉନ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ସିପି ଫାଉଣ୍ଡେଶନ ଧାର୍ଯ୍ୟ ୨୫ ଓଭରରୁ ୨୩.୪ ଓଭର ଖେଳି ୧୦୭ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଇକ୍‌ବାଲ ହୁସେନ ୨୭ ଓ ଲୋକନାଥ ରାଉତ ୨୬ ରନ୍ କରିଥିଲେ। ବୋଲିଂରେ କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ରଶ୍ମିରଞ୍ଜନ ସାହୁ ୪ ଉଇକେଟ ନେଇଥିଲେ। ଜବାବରେ ୪ ଉଇକେଟ ହରାଇ ନିର୍ଦ୍ଧାରିତ ଓଭର ପୂର୍ବରୁ କ୍ରାଉନ୍ ସ୍ପୋର୍ଟିଂ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ଲାଗି ଦିବ୍ୟ ପଣ୍ଡା ସର୍ବାଧିକ ୩୪ ଓ ନାୟକ ଜନ୍ମେଜୟ ୨୮ ରନ୍ କରିଥିଲେ। ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଅମ୍ପାୟର ରହି ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଥିଲେ ଦେବାଶିଷ ରାୟ ଓ ପାର୍ଥସାରଥି ପରିଡ଼ା। କ୍ରାଉନ୍ ସ୍ପୋର୍ଟିଂର ରଶ୍ମିରଞ୍ଜନ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସିପି ଫାଉଣ୍ଡେଶନର ନାୟକ ଜନ୍ମେଜୟଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ଦିବ୍ୟ ପଣ୍ଡାଙ୍କୁ ହଟ୍‌ଷ୍ଟାର ପ୍ଲେୟାର ଅଫ୍ ଦି ମ୍ୟାଚ୍, ଡି.ଏସ୍ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୂର୍ଯ୍ୟକାନ୍ତ ସାମଲଙ୍କୁ ଶ୍ରେଷ୍ଠ ବୋଲର, ସତ୍ୟେନ୍ଦ୍ର ମୋହନ ମହାନ୍ତିଙ୍କୁ ଶ୍ରେଷ୍ଠ ଅମ୍ପାୟର ରୂପେ ବିବେଚିତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧା ପାଣିଗ୍ରାହୀ, ନୃସିଂହ ରାଉଳ, ପ୍ରାଣକୃଷ୍ଣ ନାୟକ, ଧର୍ମେନ୍ଦ୍ର ସାହୁ, ନିମାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ମାତୃକା ପ୍ରସାଦ ମିଶ୍ର, ଆୟୋଜକ କ୍ଲବର ସମ୍ପାଦକ ଅକ୍ଷୟ ବେହେରା, କ୍ଷୀରୋଦଚନ୍ଦ୍ର ରାୟ ମହାପାତ୍ର, ଗୋପବନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କ୍ରାଉନ୍ ସ୍ପୋର୍ଟିଂକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଓ ରନର୍ସଅପ୍ ସିପି ଫାଉଣ୍ଡେଶନକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଅମ୍ପାୟର ନିର୍ମଳ ମିଶ୍ର, ଅୟସକାନ୍ତ ମିଶ୍ର, ଦେବେନ୍ଦ୍ର ମିଶ୍ର, ତାପସ ଦାସ, ଅଭିନନ୍ଦନ ପାତ୍ର, ସୌମ୍ୟଶେଖର ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଚାମ୍ପିୟନ କ୍ରାଉନ୍ ସ୍ପୋର୍ଟିଂର ଖେଳାଳି।

## ମନେ ପଡ଼ନ୍ତି

**ସ୍ମୃତି ତର୍ପଣ**



ସ୍ୱ ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୩୧.୦୧.୧୯୨୦
ତିରୋଧାନ : ୧୩.୦୧.୧୯୯୫
ଆଜି ଆପଣଙ୍କ ପବିତ୍ର ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୬୧୭୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସଞ୍ଜୟ କୁମାର ବସ୍ତିଆ
ପିତା-ସଚ୍ଚିଦାନନ୍ଦ ବସ୍ତିଆ
ମାତା-ରେଣୁବାଳା ବସ୍ତିଆ
ପୋଖରୀଗାଁ, ପୋ-ବଗଲସାହି, ନିଆଳି
ଜନ୍ମ: ୦୪।୦୨।୧୯୮୯ (ମାଘମାସ ଶନିବାର)
ତିରୋଧାନ: ୧୩।୦୧।୨୦୧୮ (ମାଘମାସ ଶନିବାର)
ଚାହୁଁ ଚାହୁଁ ବର୍ଷେ ବିତିଗଲା କାହିଁକିରେ ଧନ ତୁ ସେ ଅଫେରା ପଥର ପଥିକ ହେଲୁ। ତୋର ସ୍ନେହଶ୍ରଦ୍ଧା, ତ୍ୟାଗ, ଆବେଗ ଆତ୍ମୀୟତାର ଅନୁପସ୍ଥିତି ପ୍ରତିମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୋର ସ୍ଥାନ ଅପୂରଣୀୟ। ତୋର ସରଳ ଅମାୟିକ ପବିତ୍ର ଅମର ଆତ୍ମାର ସଦ୍‌ଗତି ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୮୭୫୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବ୍ରଜ କିଶୋର ଦାସ
ଆମ୍ବଯୋଡା (ବେତନଟି) ସୁନ୍‌ଗଡିଆ (ବାରିପଦା)
ବାସସ୍ଥାନ: ଆଇ. ଭି. ବି.- ୧୯/୪, ୟୁନିଟ୍-୩, ଭୁବନେଶ୍ୱର
ଆବିର୍ଭାବ: ୧୫।୧୧।୧୯୩୫
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଦାସ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୬୧୧୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସଞ୍ଜୁକ୍ତା ସାହୁ
ଆବିର୍ଭାବ:୦୫।୦୪।୧୯୭୨
ତିରୋଧାନ: ୦୪।୦୧।୨୦୧୮
ମମି ! ତୋର ଭଲପାଇବା, ସ୍ନେହଶ୍ରଦ୍ଧା, ତ୍ୟାଗ ଆମକୁ ମଣିଷ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଜ୍ଜନନୀ ମା’ଙ୍କ ନିକଟରେ ତୋର ଅନ୍ତର ଆତ୍ମାର ସଦ୍‌ଗତି କାମନା କରୁଛନ୍ତି ତୋର ଶୋକସନ୍ତପ୍ତ ସ୍ୱାମୀ, ପୁଅ ଓ ପରିବାର ଏବଂ ବନ୍ଧୁବର୍ଗ।
ଧ-୧୬୧୪୫

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପୃଥ୍ୱୀରାଜ ମହାନ୍ତି
(ବଡବାପା)
PH-1, A/L-31, ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୧୦।୦୪।୧୯୪୧
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁପୁ, ଲିପି, ଶିବୁଲା, ଅଙ୍କୁ, ସିଟୁ, ସିଉନ୍
ଧ-୧୬୧୧୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ବିଳାସିନୀ ନାୟକ
ଜନ୍ମ: ରଡବଜାର, ଖେଲାର, ପୁରୀ
ଆବିର୍ଭାବ: ୦୧।୦୧।୧୯୨୩
ତିରୋଧାନ: ୦୩।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ବନ୍ଧୁ, ଓ ପରିବାରବର୍ଗ ।
ଧ-୧୬୧୦୮

## ସଂକ୍ଷେପରେ

### ହାତୀ ଫୋପାଡ଼ି ଦେଲା, ଚାଷୀ ଗୁରୁତର

**ଖୋର୍ଦ୍ଧା ଅଫିସ,୧୨।୧:** ଖୋର୍ଦ୍ଧା ରେଞ୍ଜ କୁଞ୍ଜୁରି ପଞ୍ଚାୟତ କଣିପାରି ଗାଁର ବୁଦ୍ଧଦେବ ପାଲଟାସିଂହ ଓରଫ ମାନସ (୩୫) ନାମକ ଜଣେ ଚାଷୀ ହାତୀ ସହ ମୁହାଁମୁହିଁ ହୋଇଛନ୍ତି। ମାନସଙ୍କୁ ହାତୀ ଟେକି ଫୋପାଡି ଦେବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ମାନସ ବାଇକ୍ ଯୋଗେ ରବିବାର ଅପରାହ୍ନରେ ଡାଲତୋଳା ବଜାରକୁ ଆସୁଥିଲେ। ତେବେ ଘରଠାରୁ କିଛି ଦୂରରେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ପାଣିପାରି ଜଙ୍ଗଲରୁ ସାମନ୍ତରାପୁରା ଗହୀରକୁ ଯାଉଥିବାବେଳେ ଅପରାହ୍ନ ସାଢେ ୪ଟାରେ ଏହା ଘଟିଥିଲା। ହାତୀ ମାନସଙ୍କୁ ଶୁଣ୍ଢରେ ଧରି ଫୋପାଡି ଦେଇଥିଲା। ବାଇକ୍‌ଟି ନିକଟରେ ପଡିଥିଲା। ତେବେ ପରିବାର ସୂଚନା ଅନୁସାରେ, ମାନସ ଧାନ ଆଣି ଆସୁଥିବାବେଳେ ହାତୀ ଆକ୍ରମଣ କରିଥିବା କୁହାଯାଇଛି।

### ୨୦.୫ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ତ୍ରିନାଥ ବସ୍ତିରୁ ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବେଗୁନିଆ ଥାନା କୋଦବାରଣୀ ଅଞ୍ଚଳର ପଣ୍ଡାରୀ ମୁଦୁଲି(୫୫)। ପଣ୍ଡାରୀ ତ୍ରିନାଥ ବସ୍ତିରେ ରହି ବେପାର ଚଳାଇଥିଲେ। ପୋଲିସ ଶନିବାର ଅପରାହ୍ନରେ ଚଡାଉ କରି ପଣ୍ଡାରୀଙ୍କ ଘର ପଛପଟରୁ ୨୦.୫କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ପୋଲିସ ୨୬/୨୦ନମ୍ବରରେ ଏକ ମାମଲା ରୁଜୁ କରିଛି। କୋର୍ଟଚାଲାଣ ପରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ପୁରୀରେ ଡଗ୍ ଶୋ'






# କୌଶଳ ଦେଖାଇଲେ ୧୮ ପ୍ରଜାତିର ୧୪୭ କୁକୁର

**ପୁରୀ ଅଫିସ, ୧୨।୧**

କୁକୁର ହେଲେ ବି ମାଲିକଙ୍କ ପ୍ରତି ଥିଲା ସେମାନଙ୍କର ଢେର୍ ଭଲପାଇବା ଆଉ ବିଶ୍ୱସନୀୟତା। ମାଲିକଙ୍କ ପ୍ରତିଟି ନିର୍ଦ୍ଦେଶ ମାନି ବିଚାରକଙ୍କୁ ଦେଖାଉଥିଲେ ନିଜ କଳା କୌଶଳ। କିଏ କେତେ ପାରଦର୍ଶିତା ତାହାକୁ ପରଖୁଥିଲେ ବିଚାରକ। ରବିବାର ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପଡ଼ିଆରେ ନେଚର ଲଭର୍ସ କ୍ଲବ ପକ୍ଷରୁ ଆୟୋଜିତ ଡଗ୍ ଶୋ'ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରଜାତିର କୁକୁର ଭିନ୍ନ ଭିନ୍ନ ପୋଷାକରେ ସଜେଇ ହୋଇଥିଲେ। କିଏ ମାଲିକଙ୍କ ଇସାରାରେ ପଡ଼ିଆରେ ଦୌଡ଼ି ଦର୍ଶକଙ୍କ ମନ ଜିଣୁଥିଲେ ତ ଆଉ କିଏ ବିଭିନ୍ନ ଅଙ୍ଗଭଙ୍ଗୀ ଦେଖାଇ ଆକର୍ଷଣ ସାଜୁଥିଲେ। ଏହି ଡଗ୍ ଶୋରେ ଭାଗ ନେଇଥିଲେ ୧୮ ପ୍ରଜାତିର ୧୪୭ କୁକୁର। ସବୁ ପ୍ରଜାତିରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୁକୁରଙ୍କୁ ପୁରସ୍କୃତ କରାଯାଇଥିଲା। ଯେଉଁ ପ୍ରଜାତିର ଗୋଟିଏ କିମ୍ବା ଦୁଇଟି କୁକୁର ଆସିଥିଲେ ସେମାନଙ୍କ ପୁରସ୍କାର ନିଶ୍ଚିତ ଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। କିଛି ବର୍ଷ ବ୍ୟବଧାନ ପରେ ପୁରୀରେ ଆୟୋଜିତ ହୋଇଥିଲା ଏହି ଡଗ୍ ଶୋ। ଏଥିପାଇଁ କୁକୁରପ୍ରେମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିରେ ଲାବ୍ରାଡର, ଜର୍ମାନ ଶେଫର୍ଡ, ପଗ୍, ପୋମେରାନିଆନ, ସ୍ୱିଜ୍, ଗ୍ରେଡେନ୍, ଇଣ୍ଡିଆନ ପରିହା, ଲାସା ଆପ୍‌ସୋ, ସେଣ୍ଟ ବର୍ଣ୍ଣାଡ, ଆମେରିକାନ ବୁଲି, ବିଗଲ୍, ଡାସ୍‌ହାଉଣ୍ଡ, ଡାଲମିସିଆନ, ଗୋଲଡେନ୍ ରିଟ୍ରିଭର, ରଟ୍‌ୱିଲର, ଡୋବରମ୍ୟାନ ଆଦି ପ୍ରଜାତିର କୁକୁର ଅଂଶଗ୍ରହଣ କରିଥିଲେ। ସର୍ବାଧିକ ଲାବ୍ରାଡର ପ୍ରଜାତିର ୩୪ଟି କୁକୁର ଏଥିରେ ଭାଗ ନେଇଥିବାବେଳେ ଡାଲମିସିଆନ, ବିଗଲ ଓ ସେଣ୍ଟ ବର୍ଣ୍ଣାଡ ପ୍ରଜାତିର ଗୋଟିଏ ଲେଖାଏ କୁକୁର ଆସିଥିଲେ।

ଏହି ଶୋ'କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରି କହିଥିଲେ, କୁକୁରମାନେ ହେଉଛନ୍ତି ସବୁଠୁ ବିଶ୍ୱାସଯୋଗ୍ୟ, ଯେଉଁଥିପାଇଁ ମାଲିକମାନେ ତାଙ୍କୁ ଘର ଜଗାଇ ବାହାରକୁ ମଧ୍ୟ ଯାଇଥାନ୍ତି। ଆଗକୁ ଏଭଳି ଶୋ' ଅଧିକ ହେବା ଦରକାର। ଫଳରେ କୁକୁରଙ୍କ ପ୍ରତି ଭଲ ପାଇବା ଆହୁରି ବୃଦ୍ଧି ପାଇବ। ଉଦ୍‌ଯାପନୀ ସଭାରେ ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ ଅତିଥିଭାବେ ଯୋଗଦେଇ ବିଜେତା କୁକୁରଙ୍କ ମାଲିକମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ବିଚାରକ ଭାବେ ଡ. ଡେଭିଡ, ଡ. ପ୍ରସନ୍ନ କୁମାର ପୃଷ୍ଟି ଯୋଗଦେଇ ମୂଲ୍ୟାୟନ କରିଥିଲେ। କ୍ଲବ ସଭାପତି ଚକ୍ରଧର ସାହୁ, ସମ୍ପାଦକ ରବୀନ୍ଦ୍ର କୁମାର ସେନାପତି, ଉପସଭାପତି ଡ. ଅନନ୍ତ କୁମାର ସାହୁ ଓ ଯମୁନା ଦାଶ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସଦସ୍ୟ ବିରଜା ପ୍ରସାଦ ସାମଲ, ଲୋକନାଥ ପ୍ରସାଦ ଦାଶ, ଚକ୍ରଧର ମହାପାତ୍ର ଓ ପତିତପାବନ ସାମନ୍ତରାୟ ଏହାକୁ ପରିଚାଳନା କରିଥିଲେ।



ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଡଗ୍ ଶୋ'କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।




## ସବୁ କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଜାତୀୟ ଯୁବ ଦିବସ

**ଭୁବନେଶ୍ୱର, ୧୨।୧(ବ୍ୟୁରୋ)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରବିବାର ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ 'ଯୁବଶକ୍ତିର ଜାଗରଣରେ ଜାତୀୟ ବିକାଶ' ଅନୁଚିନ୍ତାକୁ ନେଇ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଇଡ଼କଲ ଅଡିଟୋରିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସବୁ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ଏଚ୍‌ଆଇଭି ସଂକ୍ରମଣ ବିଷୟରେ ଲୋକଙ୍କୁ ସଚେତନ କରାନ୍ତୁ। ୨୦୩୦ ସୁଦ୍ଧା ଦେଶକୁ ଏଡ୍‌ସମୁକ୍ତ ଲକ୍ଷ୍ୟ ହାସଲ ପାଇଁ ପ୍ରଥମେ ରାଜ୍ୟକୁ ଏଡ୍‌ସମୁକ୍ତ କରାଯିବ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ନର୍ସିଂର ଅତିରିକ୍ତ ନିର୍ଦ୍ଦେଶକ ଡ. ରାମଚନ୍ଦ୍ର ରାଉତ ଏବଂ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଯୁବପିଢ଼ି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଓସାକ୍ସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ଓ ଯୁଗ୍ମ ସଚିବ ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ରେଡ୍ ରିବନ କ୍ଲବର ସଦସ୍ୟଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।




ସାରଳା ବିଶ୍ୱ ଭାଷା ସମ୍ମିଳନୀ ଅବସରରେ ଶିଳ୍ପୀ ମାନସ ସାହୁ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

## ଓସ୍କାର ଦୌଡ଼ରେ ଥିବା ଚଳଚ୍ଚିତ୍ରରେ ଶୁଭ୍ରାଂଶୁ



**କଟକ ଅଫିସ,୧୨।୧:** ଚଳିତବର୍ଷ 'ଓସ୍କାର' ଆୱାର୍ଡ ଦୌଡ଼ରେ ରହିଛି ବିଶ୍ୱର ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମ। ଏହି ଦୌଡରେ ସାମିଲ ହୋଇଛି ବଲିଉଡର ଏକ ଚଳଚ୍ଚିତ୍ର 'ଲାଷ୍ଟ କଲର'। ବିକାଶ ଖାନାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଡାଇରେକ୍ଟର ଅଫ୍ ଫଟୋଗ୍ରାଫି(ଡିଓପି) ତଥା କ୍ୟାମେରାମ୍ୟାନ ଭାବେ ଦାୟିତ୍ୱ ତୁଲାଇଛନ୍ତି ଭୁବନେଶ୍ୱରରେ ରହୁଥିବା ଶୁଭ୍ରାଂଶୁ ଦାସ। ଓଡ଼ିଆ ସିନେମା ଜଗତରେ ଚିଣ୍ଟୁ ନାମରେ ସେ ବେଶ୍ ପରିଚିତ। ସୋମବାର ଏହି ଆୱାର୍ଡର ନୋମିନେଶନ ତାଲିକା ପ୍ରକାଶ ପାଇବ। 'ଲାଷ୍ଟ କଲର' ଚୂଡ଼ାନ୍ତ ତାଲିକା ଭିତରେ ଅନ୍ତର୍ଭୁକ୍ତ ହେଲେ ଓଲିଉଡ୍ ଇତିହାସରେ ଏକ ସଫଳତାର ଫର୍ଦ୍ଦ ଯୋଡ଼ି ହେବ।

ଏହି ଚଳଚ୍ଚିତ୍ରରେ ଲାଇନ ପ୍ରଡ୍ୟୁସର ଭାବେ ଦାୟିତ୍ୱ ତୁଲାଇଛନ୍ତି ଖ୍ୟାତନାମା ପ୍ରଯୋଜକ ତଥା ନିର୍ଦ୍ଦେଶକ ନୀଳମାଧବ ପଣ୍ଡା। ଡିଓପି ଭାବେ କାର୍ଯ୍ୟ କରିବାକୁ ନୀଳମାଧବ ହିଁ ପ୍ରସ୍ତାବ ଦେଇଥିଲେ ବୋଲି ଶୁଭ୍ରାଂଶୁ କହିଛନ୍ତି। ଭୁବନେଶ୍ୱରରେ ରହୁଥିବା ଶୁଭ୍ରାଂଶୁଙ୍କ ଘର ବେଗୁନିଆ ଅଞ୍ଚଳରେ। ୮ଟି ଓଲିଉଡ୍ ଫିଲ୍ମରେ କାର୍ଯ୍ୟ କରିଥିବା ଏହି ପ୍ରତିଭାସମ୍ପନ୍ନ ଡିଓପି ବଲିଉଡ୍‌ରେ ନିଜ ପ୍ରତିଭାର ଛାପ ଛାଡ଼ିଛନ୍ତି। ୨୦୧୨ରେ ମୁକ୍ତିଲାଭ କରିଥିବା ଫିଲ୍ମିସ୍ତାନ ଚଳଚ୍ଚିତ୍ର ତାଙ୍କୁ ବମ୍ବେରେ ପ୍ରତିଷ୍ଠିତ କରାଇଛି ବୋଲି ସେ କହିଛନ୍ତି। ଏବେ ସୁଦ୍ଧା ବଲିଉଡ୍‌ରେ ୧୧ଟି ଚଳଚ୍ଚିତ୍ରରେ କାର୍ଯ୍ୟ କରି ସାରିଲେଣି। ଜାତୀୟ ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ସିଆଡି, ଫିର କୋଇ ହେ ଭଳି ଅନେକ ସିରିଏଲରେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ଅଭିମନ୍ୟୁ' ନିମନ୍ତେ ଶୁଭ୍ରାଂଶୁଙ୍କୁ ୨୦୦୯ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା।









ଅତିଥିଙ୍କ ଗହଣରେ ଗ୍ଲୋରିକୁଇନ୍ ମୁକୁଟ ଜିତିଥିବା ପ୍ରତୀକ୍ଷା ଆୟେଶାକାଂକ୍ଷା(ମଝି), ପ୍ରଥମ ରନର୍ସଅପ୍ ଆଦ୍ୟାଶା ଆଦିଶକ୍ତି ସାହୁ (ବାମ) ଓ ଦ୍ୱିତୀୟ ରନର୍ସଅପ୍ ଶିବାନୀ ଭାଗଲ (ଡାହାଣ)।

### ସରିଲା ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ

## ପ୍ରତୀକ୍ଷା ପିନ୍ଧିଲେ ଗ୍ଲୋରିକୁଇନ ମୁକୁଟ

### ଆଦ୍ୟାଶା ଆଦିଶକ୍ତି ପ୍ରଥମ ରନର୍ସଅପ୍, ଶିବାନୀ ଦ୍ୱିତୀୟ


**ପୁରୀ ଅଫିସ, ୧୨।୧**

ଦୀର୍ଘ ୭ଦିନ ପ୍ରତୀକ୍ଷାର ଅନ୍ତ ଘଟିଲା। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶେଷରେ ବାଜି ମାରିନେଲେ ପ୍ରତୀକ୍ଷା। ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ଆୟେଶାକାଂକ୍ଷା ନିଜର ଆତ୍ମବିଶ୍ୱାସ, ଦକ୍ଷତା, ଅଭିନୟ, ବୁଦ୍ଧିମତାରେ ଜୁରି ଓ ଦର୍ଶକଙ୍କ ହୃଦୟ ଜିତି ପିନ୍ଧିଛନ୍ତି ୨୦୨୦ ଗ୍ଲୋରିକୁଇନ ମୁକୁଟ। ସେହିପରି ହାଇଟେକ୍ ମେଡିକାଲ କଲେଜର ଆଦ୍ୟାଶା ଆଦିଶକ୍ତି ସାହୁ ପ୍ରଥମ ରନର୍ସଅପ୍ ଏବଂ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିବାନୀ ଭାଗଲ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଶୀତୁଆ ସନ୍ଧ୍ୟାରେ ପୁରୀ ବେଳାଭୂମି ଖୋଲାମଞ୍ଚରେ ଗ୍ଲୋରିକୁଇନ ମୁକୁଟ ପିନ୍ଧିବାବେଳେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ ପ୍ରତୀକ୍ଷା। ଯୁବକମାନଙ୍କ ମଧ୍ୟରେ ଅନୁଷ୍ଠିତ ଗ୍ଲୋରି ଟ୍ୟାଲେଣ୍ଟ ପ୍ରତିଯୋଗିତାରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜର କିଶୋର ନାୟକ ପ୍ରଥମ, ତାମିଲନାଡୁ ଆଲାଗାପା ବିଶ୍ୱବିଦ୍ୟାଳୟର ଏମ୍. ଗଣେଶ ଦ୍ୱିତୀୟ ଏବଂ ପୁରୀ ଏସ୍‌ସିଏସ୍ କଲେଜର ପ୍ରଦୀପ କୁମାର ପାଣିଗ୍ରାହୀ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଛନ୍ତି।

ଶ୍ରୀକ୍ଷେତ୍ରର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଗତ ୬ରୁ ୧୨ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ହୋଇଯାଇଛି ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଉଦ୍‌ଘାଟନୀ ପର୍ବ ପରେ ତିନିଦିନ ଧରି ପୌର ସଦନରେ ୨୫ଟି ପ୍ରତିଯୋଗିତା ହୋଇଥିଲା। ଶେଷ ୩ଦିନ ବେଳାଭୂମି ମଞ୍ଚରେ ଏହି ଜାତୀୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ସମ୍ପନ୍ନ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରର ପ୍ରାୟ ୬୫୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କ ପ୍ରତିଭା ଦେଖାଇଥିଲେ।

### ନାଚି ନଚାଇଲେ ରିୟା, ସଲ୍‌ମାନ

ଉଦ୍‌ଯାପନୀ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ ସଲ୍‌ମାନ ଅଲ୍ଲୀ ଓ ରିୟା ଭଟ୍ଟାଚାର୍ଯ୍ୟ। ଦୁହେଁ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଦେଇଥିଲେ। ଏମାନଙ୍କ ଧୁମ୍‌ଧଡ଼ାକ ସଙ୍ଗୀତରେ କମ୍ପିଥିଲା ବେଳାଭୂମି। ସଲ୍‌ମାନ ଓ ରିୟା ନିଜେ ଗାଉଥିବା ଗୀତର ତାଳେ ତାଳେ ନାଚି ନଚାଇଥିଲେ ଯୁବଗୋଷ୍ଠୀଙ୍କୁ। ଏହି ଦୁଇ କଣ୍ଠଶିଳ୍ପୀଙ୍କ ଏକାଧିକ ହିଟ୍ ଗୀତର ତାଳେ ତାଳେ ଢେର ରାତି ଯାଏ ଝୁମିଥିଲେ ଦର୍ଶକ।



ରିୟା ଭଟ୍ଟାଚାର୍ଯ୍ୟ




ସଲ୍‌ମାନ ଅଲ୍ଲୀ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ଜାନୁୟାରୀ, ୨୦୨୦



❝ ଭୁଲ୍‌ଟା ବୁଝିବାମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
- ଡାୟୋଜେନିସ୍



## ସଂକ୍ଷେପରେ

### ଲୁହାରଡ଼ରେ ଆକ୍ରମଣ, ଜଣେ ଗୁରୁତର

ନରାଜ,୧୨।୧(ଡି. ଏନ୍.ଏ.)- ବାରଙ୍ଗ-ଭୁବନେଶ୍ୱର ମୁଖ୍ୟରାସ୍ତାର ମଧୁପୁର ନିକଟରେ ରବିବାର ଅପରାହ୍ନରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୁହାରଡ଼ରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମଧୁପୁର ଗ୍ରାମର ଶଙ୍କର ପ୍ରଧାନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ଶଙ୍କର ଅପରାହ୍ନରେ ମଧୁପୁର ନିକଟ ମୁଖ୍ୟ ରାସ୍ତାର ଜଣେ ବିଲ୍‌ଡରଙ୍କ ଜାଗାରେ ଠିଆହୋଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

### ସାରସ୍ୱତ ସୃଜନ ଇ-ପତ୍ରିକା ଉନ୍ମୋଚନ

ନେମାଳ,୧୨।୧(ଡି.ଏନ୍.ଏ.)- ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ରବିବାର ସାରସ୍ୱତ ସୃଜନ ଇ- ପତ୍ରିକାର ଉନ୍ମୋଚନ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଉଦୟ ମାହାଙ୍ଗାର ପ୍ରତିଷ୍ଠାତା ସଭାପତି ଇଂ. ଧ୍ରୁବଚରଣ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରମୋଦ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଯୋଗେନ୍ଦ୍ରନାଥ ଜେନା ଯୋଗଦେଇ ସାରସ୍ୱତ ସୃଜନରେ ସମୃଦ୍ଧ ଓଡିଆ ଭାଷାର ପ୍ରତିଲିପି ସମଗ୍ର ବିଶ୍ୱ ଓଡିଆ ପ୍ରେମୀଙ୍କୁ ସାମ୍ପ୍ରତିକ ସମୟରେ ଉଦ୍‌ବୁଦ୍ଧ କରୁ ବୋଲି କହିଥିଲେ। ଭାଷା ସାହିତ୍ୟର ପରିବର୍ତ୍ତନରେ ସମସ୍ତେ ସକାରାତ୍ମକ ପ୍ରଚେଷ୍ଟା ଜାରି ରଖିବାକୁ ସେ ମତ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅକ୍ଷୟ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ପ୍ରଫେସର କାର୍ତ୍ତିକେଶ୍ୱର ବେହେରା, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଦିଲୀପ ଦେ, ଶ୍ରୀ ଅଚ୍ୟୁତ ସାରସ୍ୱତ ପରିଷଦର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ, କିରଣ ଶଙ୍କର ନାୟକ ଓ ଅଧ୍ୟାପକ ବିନୟ କୁମାର ରାଉତ ଓ ସାହିତ୍ୟିକ ତନ୍ମୟ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ।

### ଭୁବନପୁର କ୍ରିକେଟ ଟୁର୍ନାମେଣ୍ଟ
### ଜୟ ମା'ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ

ନରାଜ,୧୨।୧(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ଅନ୍ତର୍ଗତ ଭୁବନପୁର ଖେଳପଡ଼ିଆରେ ମା'ମଙ୍ଗଳା କ୍ଲବ ଭୁବନପୁର ଆନୁକୂଲ୍ୟରେ ୧୪ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମା'ଫାଶି ବନଦୁର୍ଗା କ୍ରିକେଟ କ୍ଲବ ବ୍ରଜବିହାରିପୁର ଓ ଜୟ ମା 'ମଙ୍ଗଳା କ୍ରିକେଟ କ୍ଲବ ଅରିଲୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜୟ ମା'ମଙ୍ଗଳା କ୍ରିକେଟ କ୍ଲବ ବ୍ୟାଟିଂକରି ୧୫ ଓଭରରେ ୭ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବରେ ମା'ଫାଶି ବନଦୁର୍ଗା କ୍ରିକେଟ କ୍ଲବ ବ୍ରଜବିହାରିପୁର ସମସ୍ତ ଉଇକେଟ ବିନିମୟରେ ୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜୟ ମା'ମଙ୍ଗଳା କ୍ରିକେଟ କ୍ଲବର ସାଗର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସନ୍ତୁ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥିଭାବେ ମଧୁପୁର ସରପଞ୍ଚ ସୁମିନା ପ୍ରଧାନ, ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ, ସମ୍ପାଦକ ତ୍ରିଲୋଚନ ଭୋଇ ଯୋଗଦେଇ ବିଜେତା ଦଳକୁ ୧୨୦୦୦ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୮୦୦୦ ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ପୀତାମ୍ବର ରାଉତ ଓ ତାପସ ମଲ୍ଲିକ ଏହାକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ବାଦଲ ବେହେରା, ବିକାଶ ବେହେରା, ଚନ୍ଦନ ଭୋଇ ଓ ସୁଶୀଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କ୍ୟାମ୍ପସ୍ ହାଲଚାଲ

# ଖଟିରେ 'ଛପାକ୍' ଚର୍ଚ୍ଚା



ମହାବିଦ୍ୟାଳୟ ହେଉ କି ବିଶ୍ୱବିଦ୍ୟାଳୟ ସବୁଠି ଛାତ୍ରୀଛାତ୍ରମାନେ ଖଟି ଜମାଇଥାନ୍ତି। କ୍ଲାସ ସରିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖଟି ଜମିଥାଏ। କ୍ୟାମ୍ପସ ହେଉ ବା ଦେଶ ବିଦେଶର ଘଟଣା ହେଉ ସବୁ କଥା ଏହି ଖଟିରେ ଆଲୋଚନା ହୋଇଥାଏ। ଏଭଳି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାକୁ ଆମେ ପହଞ୍ଚିଥିଲୁ ମଧୁସୂଦନ ଆଇନ ମହାବିଦ୍ୟାଳୟ କ୍ୟାମ୍ପସରେ। ସେଠାରେ ଛାତ୍ରୀଛାତ୍ରମାନେ ଖଟି କରୁଥିବା ଦେଖିବାକୁ ମିଳିଥିଲା। ସେମାନେ ଆଲୋଚନା କରୁଥିବା ବିଷୟକୁ ନେଇ ଆମର ଏହି ସ୍ତମ୍ଭ...

ରିପୋର୍ଟ: ଅଶୋକ କୁମାର ବାରିକ, କଟକ

ସବୁଦିନ କ୍ଲାସ ସାରି ସାଙ୍ଗମାନେ କଲେଜ ଗେଟ୍ ସାମ୍ନାରେ ଖଟି କରୁ। ଯାହା ବି ହେଲେ ପ୍ରତିଦିନ କିଛି ନା କିଛି କଥା ଆଲୋଚନା ହୋଇଥାଏ। ଖଟିରେ ଚଳଚ୍ଚିତ୍ର 'ଛପାକ୍' ଉପରେ ଚର୍ଚ୍ଚା ହୋଇଥିଲା। ଏହି ଚଳଚ୍ଚିତ୍ର ଦେଖିବା ପାଇଁ ସାଙ୍ଗମାନେ କଥା ହେଉଥିଲୁ। ୨୦୦୫ ମସିହାରେ ଦିଲ୍ଲୀରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଉପରେ ହୋଇଥିବା ଏସିଡ୍ ଆକ୍ରମଣ ଘଟଣାକୁ ନେଇ ନିର୍ମାଣ ହୋଇଛି ଏହି ଚଳଚ୍ଚିତ୍ର। ସତ୍ୟ ଘଟଣା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଦେଶରେ ନାରୀମାନଙ୍କୁ ଆଗକୁ ବଢିବା ସାହସ ଦେବା ଓ ସମାଜକୁ ବାର୍ତ୍ତା ଦେବ ବୋଲି ଛାତ୍ର ବ୍ରଜଭୂଷଣ ସାହୁ କହିଥିଲେ। ମକର ସଙ୍କ୍ରାନ୍ତି ପାଇଁ ବିଭିନ୍ନ କ୍ଲବ ପକ୍ଷରୁ ଗୁଡି ଉଡା ପ୍ରତିଯୋଗିତା ହେବ। ସବୁ ସାଙ୍ଗ କ୍ଲାସ ସାରି ନନ୍ଦୀସାହିରୁ ଗୁଡି କିଣିବା ପାଇଁ ଯିବୁ। ପରେ ମହାନଦୀ ପଠାରେ ଗୁଡି ଉଡାଇବା ଅଭ୍ୟାସ କରିବୁ ବୋଲି ଛାତ୍ର ସ୍ୱାଗତ ରଞ୍ଜନ ବେହେରା କହିଥିଲେ। ଏହି ଖଟିରେ ବାସୁଦେବ ସେଠୀ, ଦିଲୀପଧର ସାମନ୍ତ, ବିକାଶ ଦଳେଇ, ବିଶ୍ୱରଞ୍ଜନ ନାୟକ, ଉପାସନା ବଳ, ଓଜସ୍ୱିନୀ ମହାନ୍ତି, ସଙ୍ଗୀତା ବେହେରା, ମହମ୍ମଦ ଫରାଦିଶ, ତାରାକାନ୍ତ ନାୟକ ଓ ଧନେଶ୍ୱର ବାରିକ ଉପସ୍ଥିତ ଥିଲେ।

### ଚୁମ୍ବକରେ ମଧୁସୂଦନ ଆଇନ ମହାବିଦ୍ୟାଳୟ

୧୮୬୯ ମାର୍ଚ୍ଚ ୧୦ ତାରିଖରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ହୋଇଛି। ଏଠାରେ ୩ ଓ ୫ ବର୍ଷିଆ ଏଲ୍‌ଏଲ୍‌ବି କୋର୍ସ ଯୁକ୍ତ ୩ ଶ୍ରେଣୀ ରହିଛି। ଏଠାରେ ଏବେ ୮ଜଣ ଅଧ୍ୟାପିକାଅଧ୍ୟାପକଙ୍କ ସହ ୨୨ଜଣ ଅତିଥି ଅଧ୍ୟାପକ ଅଛନ୍ତି। ଏଥିସହ ଏଠାରେ ଲାଇବ୍ରେରୀ, ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ବିଭିନ୍ନ ପ୍ରକାରର କ୍ରୀଡାରେ ବ୍ୟବସ୍ଥା ରହିଛି।

### କ'ଣ ରହିଛି ସମସ୍ୟା

ଉକ୍ତ କଲେଜର ହଷ୍ଟେଲ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଏବେ ସେଠାରେ ଥିବା ଏକମାତ୍ର ହଷ୍ଟେଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ଅଧ୍ୟକ୍ଷଙ୍କୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ।

## ବାଳମୁକୁନ୍ଦଙ୍କ ପୁଷ୍‌ପୁନେଇଁ ମେଳା

ଟିଗିରିଆ,୧୨।୧(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ପାଞ୍ଚଗାଁ ନୂଆସଡ଼କସ୍ଥିତ ମୁଣ୍ଡିପାଗୁଳି ପାହାଡ଼ ଉପରେ ବିଜେ ବାଳମୁକୁନ୍ଦଙ୍କ ପୀଠରେ ପୁଷ୍‌ପୁନେଇଁ ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠରେ ୩ ଦିନ ଧରି ମେଳା ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରବିବାର ପୂର୍ଣ୍ଣାହୁତି ହୋଇଯାଇଛି। ପୂର୍ଣ୍ଣିମାଦିନ ବାଳମୁକୁନ୍ଦଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସେବାନୀତି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଣ୍ଡିପାଗୁଳି ପାହାଡ଼ ଉପରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବହୁ ସଂଖ୍ୟାରେ ମାନସିକ କରିଥିବା ପିତାମାତା ଆସି ସେମାନଙ୍କ ଶିଶୁଙ୍କ ମୁଣ୍ଡନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପାହାଡ଼ ଉପରେ ଦିନ ତମାମ ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ବାଳମୁକୁନ୍ଦଙ୍କ ମୁଖ୍ୟ ସେବକ ଅକ୍ଷୟ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠାକୁରଙ୍କ ସମସ୍ତ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ନିରୋଦ କୁମାର ଦାଶ ଏହାକୁ ସଞ୍ଚାଳନ କରିଥିବା ବେଳେ ବୈଦିକ ଯଜ୍ଞରେ କର୍ତ୍ତା ଭାବେ ଅନ୍ତର୍ଯ୍ୟାମୀ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ପ୍ରତିମା ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବାଳମୁକୁନ୍ଦ ପୀଠ ଉନ୍ନୟନ ପରିଷଦର ସଭାପତି ସରୋଜ କୁମାର ଦାଶଙ୍କ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୀଠରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୁଷ୍‌ପୁନେଇଁ ମେଳାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ
# ପ୍ରଥମ ଦିବସରେ ବାଙ୍କୀ ବିଜୟୀ

ବାଙ୍କୀ, ୧୨।୧(ସ୍ୱ.ପ୍ର)

ସ୍ୱର୍ଗତ ଗୋପାଳଚରଣ ଚ୍ୟାଉପଟ୍ଟନାୟକ ମେମୋରିଆଲ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ କଚେରି ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି। ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ବାଙ୍କୀ ୭୨ରନ୍‌ରେ ବିଜୟୀ ହୋଇଛି। ପ୍ରଥମ ଦିବସରେ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ୍ ଓ କଳାପଥର କ୍ରିକେଟ ଆସୋସିଏଶନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା । ଜବାବରେ କଳାପଥର ୧୪୭ ରନସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବାଙ୍କୀର ସମୀର ବେହେରା ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟର ଭାବେ ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ପ୍ରମୋଦ କୁମାର ପଟ୍ଟନାୟକ ଓ ମୁଖ୍ୟବକ୍ତା ସାମାଜିକ କର୍ମୀ ଦେବୀପ୍ରସାଦ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରୀତିଲିପି ପଟ୍ଟନାୟକ, ଶର୍ମିଷ୍ଠା ପଟ୍ଟନାୟକ, ଜୟଦେବ ପଟ୍ଟନାୟକ, ଶ୍ରଦ୍ଧା ପଟ୍ଟନାୟକ ଓ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ମ୍ୟାଚର ୨ୟାର୍ଦ୍ଧରେ ଦେବୀ ପ୍ରସାଦ ପଟ୍ଟନାୟକ, ବଳଭଦ୍ର ପଣ୍ଡା, ବୃନ୍ଦାବନ ପ୍ରଧାନ, ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସୀତ ବରଣ ପଟ୍ଟନାୟକ, ପ୍ରଶାନ୍ତ ଦାଶ, ସୌମେନ୍ଦ୍ର ମିଶ୍ର ଓ ବୃନ୍ଦାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

### ମେଗା ସ୍ୱାସ୍ଥ୍ୟସେବା ଶିବିର

ନିଶ୍ଚିନ୍ତକୋଇଲି,୧୨।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ସଂଘ କାର୍ଯ୍ୟାଳୟରେ ରବିବାର ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ଲୋକେ ଓ ବ୍ୟବସାୟୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ପଣ୍ଡା, ଜୀବନାନନ୍ଦ ଦାଶ, ରାମଚନ୍ଦ୍ର ସାହୁ, ଗୁରୁଚରଣ ନାୟକ ଓ ବିଶ୍ୱଜିତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଡା. ମିନତୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ସଞ୍ଜୟ ରାଉତ ଓ ସୌମ୍ୟରଞ୍ଜନ ମିଶ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଗଦାଧରପୁର କପ କ୍ରିକେଟ ଟୁର୍ନାମେଣ୍ଟ
# ରତାପାଟ ଫାଇନାଲରେ

ଟିଗିରିଆ, ୧୨।୧(ଡି.ଏନ୍.ଏ.)–

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆରେ ମା'ଭବାନୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତାପାଟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରତାପାଟ ଓ ମାର୍ଥାପୁର ମଧ୍ୟରେ ଏହି ମ୍ୟାଚ ହୋଇଥିଲା । ପ୍ରଥମେ ମାର୍ଥାପୁର ଟସ୍ ଜିତି ନିର୍ଦ୍ଧାରିତ ୨୩ଓଭରରେ ୮ ଉଇକେଟ୍ ବିନିମୟରେ ୨୦୫ରନ ସଂଗ୍ରହ କରିପାରିଥିଲା। ଜବାବରେ ରତାପାଟ ୨୨ ଓଭରରେ ୫ ଉଇକେଟ ହରାଇ ୨୦୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରତାପାଟର କାଳନ୍ଦୀ ଜେନାଙ୍କୁ ମ୍ୟାନ ଅପ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାଚରେ ମୁଖ୍ୟଅତିଥି ଭାବେ ଟିଗିରିଆ ଆମ୍ବ ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନରେଶ ରାଉତ ଓ କମଳାକାନ୍ତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

## ସ୍ୱାମୀଜୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ବାଙ୍କୀ/ଆଠଗଡ଼, ୧୨।୧(ସ୍ୱ.ପ୍ର.)

ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ସମାରୋହ ବାଙ୍କୀ ଏନଏସିର ବାତ୍ୟା ଆଶ୍ରୟସ୍ଥଳ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯକ୍ରମରେ ସଂଘ ସଭାପତି ନୃସିଂହ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଡାକ୍ତର କୈଳାସଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦିଶ ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଡାକ୍ତର ଧନେଶ୍ୱର ସାହୁ ଯୋଗଦେଇଥିଲେ। ସଂଘର ସମ୍ପାଦକ ବିପିନି ବିହାରୀ ମହାନ୍ତି ସ୍ୱାଗତ ଭାଷଣ ଓ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ କଲେଜ ଅଧ୍ୟକ୍ଷ ପ୍ରଫେସର ସାଦାନନ୍ଦ ବାରିକ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ ସଂସ୍ଥାର କାଉନ୍‌ସିଲର ଶୈଳେନ୍ଦ୍ର ନାରାୟଣ ଦେଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥିଭାବେ ପ୍ରେସକ୍ଲବର ସଭାପତି ବଳଭଦ୍ର ପଣ୍ଡା ଓ ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରେସକ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର , ପ୍ରାଧ୍ୟାପକ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ସେହିପରି ଆଠଗଡ ବିକାଶ ପରିଷଦ ପକ୍ଷରୁ ବିଶ୍ୱନାଥ ବିଦ୍ୟାପୀଠରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କ୍ଷୀରୋଦ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ପରିଷଦର ସଭାପତି ରାମନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ, ନିଷ୍ଠା ଓ ସାଧନା ଯୁବବର୍ଗଙ୍କ ପାଇଁ ମାର୍ଗଦର୍ଶନ ହୋଇ ରହିଛି ବୋଲି ଅବସରପ୍ରାପ୍ତ ଜେଲ ଅଧୀକ୍ଷକ ସୁନୀଲ କୁମାର ମହାନ୍ତି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ନବ କିଶୋର ରାଉତ, ବିଷ୍ଣୁ ପ୍ରସାଦ ବାରିକ ଓ ହରିରାମ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ।

## ମହୀମଣ୍ଡଳ ଗୀତାର ଇଂଲିଶ୍ ଅନୁବାଦ ପୁସ୍ତକ ଉନ୍ମୋଚନ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଲଳିତଗିରି,୧୨।୧(ସ୍ୱ.ପ୍ର.)

ସନ୍ଥ ଅରକ୍ଷିତ ଦାସଙ୍କ ସ୍ୱରଚିତ ମହୀମଣ୍ଡଳ ଗୀତାର ଇଂଲିଶ୍ ଅନୁବାଦ ପୁସ୍ତକକୁ ରବିବାର ଉନ୍ମୋଚନ କରାଯାଇଛି। ମାହାଙ୍ଗା ବ୍ଲକର ଲଳିତଗିରିସ୍ଥିତ ଓଳାଶୁଣୀ ପ୍ରଚାର ପ୍ରସାର କମିଟି, ଶାଖା କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଳାଶୁଣୀ ପ୍ରଚାର ଓ ପ୍ରସାର କମିଟିର ସମ୍ପାଦକ ନବକିଶୋର ସାମଲ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବଡକୋଠା କେନ୍ଦ୍ରାପଡାର ରାଜା ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ ଓ ରାଣୀ ପ୍ରଜ୍ଞା ଶ୍ରୀଚନ୍ଦନ ଯୋଗଦେଇଥିଲେ। ପ୍ରବଚକ ଶରଣାରବିନ୍ଦ ଓଝା ଏହାକୁ ସଂଯୋଜନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଳାଶୁଣୀ ଗୁମ୍ଫାର ମହନ୍ତ ନାମାନନ୍ଦ ଦାସ, ମହୀମଣ୍ଡଳ ଗୀତାର ଇଂଲିଶ୍ ଅନୁବାଦକ ଜୀବନାନନ୍ଦ ପଣ୍ଡା ଓ ଲଳିତଗିରି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ତଥା ପ୍ରାକ୍ତନ ସମିତି ସଭ୍ୟ ରୁଦ୍ରନାରାୟଣ ସିଂହ ଯୋଗଦେଇ ସନ୍ଥ ଅରକ୍ଷିତ ଦାସଙ୍କ ଅଲୌକିକ ଜୀବନାବଳୀ ସମ୍ପର୍କରେ କହିଥିଲେ।

### ତୋରଣ ଲୋକାର୍ପିତ

ନିଶ୍ଚିନ୍ତକୋଇଲି,୧୨।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅଚ୍ୟୁତାନନ୍ଦ ମାର୍ଗର ପ୍ରାରମ୍ଭରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଠାକୁରଙ୍କ ନାମରେ ଏକ ତୋରଣ ନିର୍ମାଣ କରାଯାଇଛି । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ରବିବାର ଏହି ତୋରଣକୁ ଉଦ୍‌ଘାଟନ କରିଛନ୍ତି ।



ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ରବିବାର ପୁରାତନ ଶିକ୍ଷକଙ୍କ ଗହଣରେ ୧୯୯୪ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ପାଳନ କରାଯାଉଛି।


## ଜମରା ପଞ୍ଚାୟତ ମହୋତ୍ସବ ଉଦ୍‌ଯାପିତ
# 'ଦ୍ୱୀପାଞ୍ଚଳରେ ମିଳିବ ଶୁଦ୍ଧ ପାନୀୟ ଜଳ'

ନିଶ୍ଚିନ୍ତକୋଇଲି, ୧୨।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଗ୍ରାମଗୁଡିକ ସହରାଞ୍ଚଳ ଭଳି ବିକଶିତ ହେବ। ପ୍ରତି ପରିବାରକୁ ମୌଳିକ ସୁବିଧା ଯୋଗାଇ ଦିଆଯିବା ସହ ସେମାନଙ୍କ ପାଖରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ରବିବାର ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଜମରା ପଞ୍ଚାୟତ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ନିଶ୍ଚିନ୍ତକୋଇଲି ବ୍ଲକରେ ଅଗ୍ରଣୀ ପଞ୍ଚାୟତ ଭାବେ ଏହି ଜମରା ପଞ୍ଚାୟତର ସୁନାମ ରହିଛି। ସରପଞ୍ଚ ରାଜେନ୍ଦ୍ର କୁମାର ଲେଙ୍କା ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ଯୋଗଦେଇ ଦ୍ୱୀପାଞ୍ଚଳର ବିକାଶରେ ମନ୍ତ୍ରୀଙ୍କ ଭୂମିକା ଉପରେ ସଂକ୍ଷିପ୍ତ ଟିପ୍‌ଣୀ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ସମିତି ସଭ୍ୟା ତିତିଲି ଜେନା ପ୍ରମୁଖ ଯୋଗଦେଇ ଜମରା ପଞ୍ଚାୟତର ଏଭଳି ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ । ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର କାମିଲା ସ୍ୱାଗତ ଭାଷଣ, ରତ୍ନାକର ବେଉରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ପଞ୍ଚାୟତର ୫ ଜଣ ଲେଖାଏ ଚାଷୀ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଜମରା ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ, ଶିକ୍ଷକ ଅକ୍ଷୟ କୁମାର ଦାସଙ୍କୁ ଆଦର୍ଶ ଶିକ୍ଷକ, ମହେଶ୍ୱର ପାଣିଙ୍କୁ ଆଦର୍ଶ ସାମାଜିକ କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ଆକାଂକ୍ଷା ମହାନ୍ତି, ମେଧାଛାତ୍ରୀ ହିସାବରେ ହରପ୍ରିୟା ଓଝାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ମହୋତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।



ଭୁଲ୍‌ଟା ବୁଝିବାମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
- ଡାୟୋଜେନିସ୍



## ସଂକ୍ଷେପରେ

### ନିଆଳି କୋର୍ଟର ପ୍ରତିଷ୍ଠା ଦିବସ

**ନିଆଳି,୧୨।୧(ଡି.ଏନ.ଏ):** ନିଆଳି ଜେଏମ୍‌ଏଫ୍‌ସିର ଏକବର୍ଷ ପୂର୍ତ୍ତି ଅବସରରେ ନିଆଳି କୋର୍ଟ ବାର୍ ଆସୋସିଏଶନ୍ ଏହାର ପ୍ରତିଷ୍ଠା ଦିବସ ରବିବାର କୋର୍ଟ ପରିସରରେ ପାଳନ କରିଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି କୃଷ୍ଣରାମ ମହାପାତ୍ର, ମୁଖ୍ୟବକ୍ତା ଓଡ଼ିଶା ସରକାରଙ୍କର ମହାଅଧିବକ୍ତା ଅଶୋକ ପରିଜା, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନିଆଳି ବରିଷ୍ଠ ଆଇନଜୀବୀ ଅକ୍ଷୟ ଚରଣ କାନୁନ୍‌ଗୋ, ଅକ୍ଷୟ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ବାର୍ ଆସୋସିଏଶନ୍‌ର ସଭାପତି ପ୍ରଭାତ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ମହାପାତ୍ର ଧରଣୀଧର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇନ୍‌ଜୀବୀ କବି ନାରାୟଣ ଜେନା ସ୍ୱାଗତ ଭାଷଣ ଓ ଆଇନଜୀବୀ ବିଶ୍ୱଜିତ୍ ରାୟ ଧନ୍ୟବାଦ ଦେଇଥିଲେ। ସଭାକୁ ଯୋଗମାୟା ଜେନା ପରିଚାଳନା କରିଥିବାବେଳେ ଆଇନଜୀବୀ ଅବଦୁଲ ବାରିକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଖୁଣ୍ଟୁଣୀ,୧୨।୧(ଡି.ଏନ.ଏ):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁର ଖେଳପଡ଼ିଆରେ ରବିବାରଠାରୁ ୧୧ତମ ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି । ଶକ୍ତିମୟୀ ସ୍ପୋର୍ଟସ କ୍ଲବ ତରଫରୁ ଏହା ଆୟୋଜିତ ହେଉଛି। ଉଦ୍‌ଘାଟନୀ ମ୍ୟାଚ୍ ଡିଗିରିଆ କରଡ଼ାପଲ୍ଲୀ ଏବଂ ପାଞ୍ଚଗାଁ କ୍ଲବ ମଧ୍ୟରେ ହୋଇଥିଲା। ଉଭୟ ଦଳ କୌଣସି ଗୋଲ୍ କରି ନ ପାରିବାରୁ ଟାଇବ୍ରେକର୍‌ର ସହାୟତା ନିଆଯାଇଥିଲା। ଏଥିରେ କରଡ଼ାପଲ୍ଲୀ ଦଳ ୨ଟି ଗୋଲ୍ ସ୍କୋର କରଥିବାବେଳେ ପଞ୍ଚଗାଁ ଦଳ ଗୋଟିଏ ବି ଗୋଲ ନ କରିପାରି ପରାସ୍ତ ହୋଇଥିଲା। ଆୟୋଜକ କ୍ଲବର ସଭାପତି ପ୍ରବୋଧ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାରା ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ରାଧାକିଶୋରପୁର ଗ୍ରାମ ସଭାପତି ବିଧାନଚନ୍ଦ୍ର ସ୍ୱାଇଁ ଏବଂ ସମ୍ପାଦକ ବିଭୁଦତ୍ତ ସ୍ୱାଇଁ ଯୋଗଦେଇଥିଲେ ।

### ବିବେକାନନ୍ଦଙ୍କ ଜୟନ୍ତୀରେ ଗଣଦୌଡ଼

**ଚୌଦ୍ୱାର,୧୨।୧(ଡି.ଏନ.ଏ.):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ରବିବାର ଚୌଦ୍ୱାରରେ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଓଟିଏମ୍ କଲୋନୀସ୍ଥିତ ଶିଶୁପାର୍କରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚୌଦ୍ୱାର ଥାନାଧିକାରୀ ପଦ୍ମନାଭ ପ୍ରଧାନ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବରାଳ, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ଦିଲୀପ ଛତାର ପ୍ରମୁଖ ଯୋଗଦେଇଥିଲେ। ଭାସ୍କର ରାଉତରାୟ ଓ ଅଶ୍ୱିନୀ କୁମାର ଜେନାଙ୍କ ନେତୃତ୍ୱରେ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଏବଂ ଯୁବ ଅନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ପବିତ୍ର ମୋହନ ବେହେରା, ବିରୂପାକ୍ଷ କର, ଅଭିଳାସ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଆୟୋଜିତ ହୋଇଥିବା ତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**କ୍ୟାମ୍ପସ୍ ହାଲଚାଲ**

# ଖଟିରେ 'ଛପାକ୍' ଚର୍ଚ୍ଚା



ମହାବିଦ୍ୟାଳୟ ହେଉ କି ବିଶ୍ୱବିଦ୍ୟାଳୟ ସବୁଠି ଛାତ୍ରୀଛାତ୍ରମାନେ ଖଟି ଜମାଇଥାନ୍ତି। କ୍ଲାସ ସରିବା ପାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖଟି ଜମିଥାଏ। କ୍ୟାମ୍ପସ ହେଉ ବା ଦେଶ ବିଦେଶର ଘଟଣା ହେଉ ସବୁ କଥା ଏହି ଖଟିରେ ଆଲୋଚନା ହୋଇଥାଏ। ଏଭଳି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାକୁ ଆମେ ପହଞ୍ଚିଥିଲୁ ମଧୁସୂଦନ ଆଇନ ମହାବିଦ୍ୟାଳୟ କ୍ୟାମ୍ପସରେ। ସେଠାରେ ଛାତ୍ରୀଛାତ୍ରମାନେ ଖଟି କରୁଥିବା ଦେଖିବାକୁ ମିଳିଥିଲା। ସେମାନେ ଆଲୋଚନା କରୁଥିବା ବିଷୟକୁ ନେଇ ଆମର ଏହି ସ୍ତମ୍ଭ...

ରିପୋର୍ଟ: ଅଶୋକ କୁମାର ବାରିକ, କଟକ

ସବୁଦିନ କ୍ଲାସ ସାରି ସାଙ୍ଗମାନେ କଲେଜ ଗେଟ୍ ସାମ୍ନାରେ ଖଟି କରୁ। ଯାହା ବି ହେଲେ ପ୍ରତିଦିନ କିଛି ନା କିଛି କଥା ଆଲୋଚନା ହୋଇଥାଏ। ଖଟିରେ ଚଳଚ୍ଚିତ୍ର 'ଛପାକ୍' ଉପରେ ଚର୍ଚ୍ଚା ହୋଇଥିଲା। ଏହି ଚଳଚ୍ଚିତ୍ର ଦେଖିବା ପାଇଁ ସାଙ୍ଗମାନେ କଥା ହେଉଥିଲୁ। ୨୦୦୫ ମସିହାରେ ଦିଲ୍ଲୀରେ ଲକ୍ଷ୍ମୀ ଅଗ୍ରୱାଲଙ୍କ ଉପରେ ହୋଇଥିବା ଏସିଡ୍ ଆକ୍ରମଣ ଘଟଣାକୁ ନେଇ ନିର୍ମାଣ ହୋଇଛି ଏହି ଚଳଚ୍ଚିତ୍ର। ସତ୍ୟ ଘଟଣା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଦେଶରେ ନାରୀମାନଙ୍କୁ ଆଗକୁ ବଢ଼ିବା ସାହସ ଦେବା ଓ ସମାଜକୁ ବାର୍ତ୍ତା ଦେବ ବୋଲି ଛାତ୍ର ବ୍ରଜଭୂଷଣ ସାହୁ କହିଥିଲେ। ମକର ସଙ୍କ୍ରାନ୍ତି ପାଇଁ ବିଭିନ୍ନ କ୍ଲବ ପକ୍ଷରୁ ଗୁଡ଼ି ଉଡା ପ୍ରତିଯୋଗିତା ହେବ। ସବୁ ସାଙ୍ଗ କ୍ଲାସ ସାରି ନନ୍ଦୀସାହିରୁ ଗୁଡ଼ି କିଣିବା ପାଇଁ ଯିବୁ। ପରେ ମହାନଦୀ ପଠାରେ ଗୁଡ଼ି ଉଡାଇବା ଅଭ୍ୟାସ କରିବୁ ବୋଲି ଛାତ୍ର ସ୍ୱାଗତ ରଞ୍ଜନ ବେହେରା କହିଥିଲେ। ଏହି ଖଟିରେ ବାସୁଦେବ ସେଠୀ, ଦିଲୀପଧର ସାମନ୍ତ, ବିକାଶ ଦଳେଇ, ବିଶ୍ୱରଞ୍ଜନ ନାୟକ, ଉପାସନା ବଳ, ଓଜସ୍ୱିନୀ ମହାନ୍ତି, ସଙ୍ଗୀତା ବେହେରା, ମହମ୍ମଦ ଫରାଦିଶ, ତାରାକାନ୍ତ ନାୟକ ଓ ଧନେଶ୍ୱର ବାରିକ ଉପସ୍ଥିତ ଥିଲେ।

### ଚୁମ୍ବକରେ ମଧୁସୂଦନ ଆଇନ ମହାବିଦ୍ୟାଳୟ

୧୮୬୯ ମାର୍ଚ୍ଚ ୧୦ ତାରିଖରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ହୋଇଛି। ଏଠାରେ ୩ ଓ ୫ ବର୍ଷିଆ ଏଲ୍‌ଏଲ୍‌ବି କୋର୍ସ ଯୁକ୍ତ ୩ ଶ୍ରେଣୀ ରହିଛି। ଏଠାରେ ଏବେ ୮ଜଣ ଅଧ୍ୟାପିକାଅଧ୍ୟାପକଙ୍କ ସହ ୨୨ଜଣ ଅତିଥି ଅଧ୍ୟାପକ ଅଛନ୍ତି। ଏଥିସହ ଏଠାରେ ଲାଇବ୍ରେରୀ, ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ବିଭିନ୍ନ ପ୍ରକାରର କ୍ରୀଡ଼ାରେ ବ୍ୟବସ୍ଥା ରହିଛି।

### କ'ଣ ରହିଛି ସମସ୍ୟା


ଉକ୍ତ କଲେଜର ହଷ୍ଟେଲ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଏବେ ସେଠାରେ ଥିବା ଏକମାତ୍ର ହଷ୍ଟେଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ଅଧ୍ୟକ୍ଷଙ୍କୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ।

**ବାରବାଟୀ ନୃତ୍ୟୋତ୍ସବର ତୃତୀୟ ସନ୍ଧ୍ୟା**

## ମୁଗ୍ଧ କଲା କଥକ ନୃତ୍ୟ

**କଟକ ଅଫିସ, ୧୨।୧**

କଟକ ବାଲିଯାତ୍ରା ଉପର ପଡ଼ିଆଠାରେ ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ଚାଲିଥିବା ବାରବାଟୀ ନୃତ୍ୟୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କଲିକତାର ତାପସ ଦେବନାଥ ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ କଥକ ନୃତ୍ୟ। ଏହି ନୃତ୍ୟରେ ଦର୍ଶକ ମୁଗ୍ଧ ହୋଇଥିଲେ। ସେହିପରି ଗୁଜରାଟ କଳାକାରଙ୍କ ଦ୍ୱାରା ଦାଣ୍ଡିଆ ରାସ ପରିବେଷିତ ହୋଇଥିଲା। ପୁରୀର ଗୁରୁ ଇତିଶ୍ରୀ ପଟ୍ଟନାୟକ ଓଡ଼ିଶୀ ନୃତ୍ୟରେ ଅର୍ଦ୍ଧନାରୀଶ୍ୱର ପରିବେଷଣ କରିଥିଲେ। ବାଙ୍ଗାଲୋରର ଗୁରୁ ଅମ୍ରିତା ସାହୁ ଓ ସାଥୀ କଳାକାରମାନେ ଓଡ଼ିଶୀ ନୃତ୍ୟ ଏବଂ କଟକ ତ୍ରିବେଣୀ କଳାକେନ୍ଦ୍ରର କଳାକାରମାନେ ନୃତ୍ୟରେ ମଙ୍ଗଳାଚରଣ ପରିବେଷଣ କରିଥିଲେ।



ବାରବାଟୀ ନୃତ୍ୟୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ କଥକ ନୃତ୍ୟ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ବିହାରୀ ରାଉତ, ପ୍ରିୟବ୍ରତ ମିଶ୍ର ଯୋଗଦେଇଥିଲେ। ବିଜୟ ମଲ୍ଲ ମଞ୍ଚ ପରିଚାଳନା ଓ ନୃତ୍ୟୋତ୍ସବର ସଭାପତି ବ୍ରଜକିଶୋର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଯୋଜନା କମିଟି ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ଗୁରୁ ସସ୍ମିତା ପଣ୍ଡା, ଆଶିଷ ଦାସ, ଅମିୟାଂଶୁ ଦାସ, କାଜଲ ରାଓ ଓ ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ପପୁଲାର କ୍ଲବ ଚାମ୍ପିୟନ

**ଚୌଦ୍ୱାର,୧୨।୧(ଡି.ଏନ୍.ଏ.)**



ସ୍ଥାନୀୟ ଦୌଲତାବାଦ୍‌ର ଅମରଜ୍ୟୋତି କ୍ଲବ ପକ୍ଷରୁ ୬ ଦିନ ଧରି ଚାଲିଥିବା ସୁଧାଂଶୁ ସାହୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଢେଙ୍କାନାଳର ପପୁଲାର କ୍ଲବ ଓ ନାରପଡାର ୟଙ୍ଗ୍‌ମ୍ୟାନ ସ୍ପୋର୍ଟସ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୟଙ୍ଗ୍‌ମ୍ୟାନ୍ କ୍ଲବ ଗୋଟିଏ ଗୋଲ୍ ସ୍କୋର କରିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ପପୁଲାର କ୍ଲବ୍ ୨ଟି ଗୋଲ ସ୍କୋର କରିଥିଲା। ରେଫରି ସଞ୍ଜୀବ ଦାସ, ରଜାକ୍ ଖାନ୍, ବସନ୍ତ ପାତ୍ର କ୍ରୀଡ଼ା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାବିତ୍ ଅରୁଣ କୁମାର ସାମଲ, ରାଜେନ୍ଦ୍ର ସାହୁ, ପଞ୍ଚାନନ ନାୟକ, ସେସୁର ଜେଇ ଶୁଭ୍ରାଂଶୁ ବାରିକ, ପ୍ରତାପ ଜୀବନ ରାୟ, ସନ୍ଦୀପ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ପପୁଲାର କ୍ଲବ୍‌କୁ ଚାମ୍ପିୟନ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ୟଙ୍ଗମ୍ୟାନ୍ କ୍ଲବ୍‌କୁ ରନର୍ସ କପ୍ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବ୍ରଜେନ୍ଦ୍ର ନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅମରଜ୍ୟୋତି କ୍ଲବର ବିଜୟ କେତନ ଦାସ, ଅମୂଲ୍ୟ କୁମାର ଗିରି, ସୁଧାକର ମହାପାତ୍ର, ଶୁକଦେବ ଭୂୟାଁ, ଦେବବ୍ରତ ସାହୁ, ସନାତନ ମିଶ୍ର, ତ୍ରିଲୋଚନ ରାଉତ, ଧର୍ମାନନ୍ଦ ସ୍ୱାଇଁ, ପ୍ରଶାନ୍ତ ରାଉତଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦେଶରେ ପ୍ରତିଭା ଦେଖାଇବେ ଓଡ଼ିଆ ନୃତ୍ୟଶିଳ୍ପୀ

**କଟକ ଅଫିସ,୧୨।୧:** କଟକସ୍ଥିତ ଓଡ଼ିଶା କ୍ରିକେଟ ଅସୋସିଏଶନ(ଓସିଏ) ସମ୍ମେଳନ କକ୍ଷରେ ସୁର ମନ୍ଦିର ଅନୁଷ୍ଠାନ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପକ୍ଷରୁ ଅନୁଷ୍ଠାନର କଳାକାରମାନେ ବିଦେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଏଥିପାଇଁ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ସାହୁ, ରାଜେଶ୍ୱରୀ ମହାରଣା, ସୋନାଲି ଦାସ, ଗୌତମ ରଏ ଓ ଦୀପଙ୍କର ନାୟକ ଆସନ୍ତା ୧୭ ତାରିଖରେ ବିଦେଶ ଯିବେ। ସେମାନଙ୍କ ସହିତ ସହକାରୀ ନିର୍ଦ୍ଦେଶକ ହିମାଳୟ ପୃଷ୍ଟି ମଧ୍ୟ ବିଦେଶ ଯିବାର କାର୍ଯ୍ୟକ୍ରମ ରହିଛି। ସେମାନେ ଦକ୍ଷିଣ ଆଫ୍ରିକା, କ୍ୟୁବା, ମେକ୍ସିକୋ, କଲମ୍ବିଆ, ଟୋବାଗୋ, ଗୁଆଟିମାଲା, ହଣ୍ଡରସ, ଆଣ୍ଟିଗୁଆ ଆଦି ୧୪ଟି ସ୍ଥାନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ରାଧାମୋହନ ସାହୁ, ରବୀନ୍ଦ୍ର ମହାନ୍ତି, ଚଣ୍ଡୀ ପରିଜା, ବିଜୟ ମଲ୍ଲ ଓ ଯୁଗ୍ମ ସମ୍ପାଦକ ସଞ୍ଜୀବ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାସ୍ତୁବିତ୍‌ଙ୍କ ପରଲୋକ

**କଟକ ସଦର,୧୨।୧(ଡି.ଏନ.ଏ)**

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ଗ୍ରାମର ଜଣାଶୁଣା ବାସ୍ତୁବିତ ନୃସିଂହଚରଣ ସାହୁ(୯୧)ଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଛି। ସ୍ଥାନୀୟ ଅଞ୍ଚଳରେ ସେ ଜଣେ ପରୋପକାରୀ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଥିଲେ। ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ସରପଞ୍ଚ ଅକ୍ଷୟ କୁମାର ସାହୁ ମୁଖାଗ୍ନି ଦେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶ୍ମଶାନରେ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଶାନ୍ତି-ସଂହତି-ସଦ୍‌ଭାବନା ଯାତ୍ରା

**କଟକ ଅଫିସ, ୧୨।୧**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଗାନ୍ଧୀ ସ୍ମାରକୀ ନିଧି, ଗାନ୍ଧୀଶାନ୍ତି ପ୍ରତିଷ୍ଠାନ, ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଓ ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ଶାନ୍ତି-ସଂହତି-ସଦ୍‌ଭାବନା ଯାତ୍ରା ରବିବାର ସ୍ଥାନୀୟ ଗାନ୍ଧୀ ଭବନଠାରୁ ବାହାରିଛି। ଏହାକୁ ସର୍ବୋଦୟ ନେତ୍ରୀ କୃଷ୍ଣାରାଣୀ ବୋଷ୍ ଶୁଭାରମ୍ଭ କରି କହିଥିଲେ, ଗାନ୍ଧୀ, ଗୋପବନ୍ଧୁ ହେଉଛନ୍ତି ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ। ସେମାନଙ୍କ ବାର୍ତ୍ତାକୁ ପ୍ରଚାର ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ, ଯାହାଦ୍ୱାରା ଭାଇଚାରା ପ୍ରତିଷ୍ଠା କରାଯାଇପାରିବ ବୋଲି ବୋଷ୍ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ, ସ୍ମାରକୀ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ, ସୂର୍ଯ୍ୟନାରାୟଣ ନାଥ, ରଣଜିତ୍ ଦେହୁରୀ, ତ୍ରିଲୋଚନ ମଲ୍ଲ, ବିକ୍ରମ ପଣ୍ଡା ପ୍ରମୁଖ ଏହି ଯାତ୍ରୀଦଳରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୧୩ରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଝାରସୁଗୁଡ଼ାଠାରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲାର ସୁଆଣ୍ଡୋ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ୪୨ ମୌଜାରେ ଯୁବ ମହୋତ୍ସବ



**କଟକ ସଦର,୧୨।୧(ଡି.ଏନ.ଏ)**

୪୨ମୌଜା ବିକାଶ ପରିଷଦ ଆନୁକୂଲ୍ୟରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବେଣ୍ଟକାରରେ ଯୁବ ମହୋତ୍ସବ-୨୦୨୦ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଆଇନଜୀବୀ କେଶବଚନ୍ଦ୍ର କରଙ୍କ ପୌରହିତ୍ୟରେ ଆୟୋଜିତ ମହୋତ୍ସବରେ ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ରଘୁବୀର ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସକ ଧରଣୀଧର ନାଥ ମୁଖ୍ୟବକ୍ତା, ପ୍ରଧ୍ୟାପକ ସଞ୍ଜୟ ଶତପଥୀ, ଅଭିନେତା ପ୍ରୀତିରାଜ ଶତପଥୀ, କଣ୍ଠଶିଳ୍ପୀ କୁମାର ବାପି, ଆଇନଜୀବୀ ସଞ୍ଜୟ କୁମାର ଦାସ, ଇଂ ଅଶୋକ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ମନୋଜ କୁମାର ନାୟକ, ନବକିଶୋର ନାୟକ, ଚକ୍ରଧର ସେନାପତି, ପ୍ରାଣୀପ୍ରେମୀ ଚିନ୍ମୟ ପାତ୍ର, ମମତା ରଥ ଓ ଅନିଲ ପରିଡ଼ା ସମେତ ସେବା ପାଇଁ ସୁଦର୍ଶନ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀବାହିନୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଗଣେଶ୍ୱର ଦାଶ ଧନ୍ୟବାଦ ଦେଇଥିଲେ। ଉତ୍ସବ ଆରମ୍ଭରେ ଏକ ୪୨ମୌଜାର ମୁଖ୍ୟରାସ୍ତାରେ ଏକ ଗଣଦୌଡ଼ ହେବା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ

**କଟକ ଅଫିସ/ ନିଆଳି, ୧୨।୧ (ଡି.ଏନ.ଏ)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ବିବେକାନନ୍ଦଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପିକା ସାଗରିକା ନାୟକ, ସ୍ମୃତିସିନ୍ହା ସିଂ ଓ ଛାତ୍ରୀ ଅନାମିକା ଝାନ୍‌ସୀ ରାୟ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କୁଟୀରର ସଭାପତି ପଦ୍ମନାଭ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓୟୁଏଟିର ପୂର୍ବତନ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ମହାନ୍ତି, ବରେଣ୍ୟ ଅତିଥି ଭାବେ ପ୍ରଫେସର ଶ୍ୟାମାପ୍ରସନ୍ନ ମିଶ୍ର ଓ ପ୍ରଫେସର ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

: ନିଆଳିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛାତ୍ର ଯୁବ ବିକାଶ ପରିଷଦ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି କୂଳବରିଷଣ, ବରଗୁଡିକୁଦ ଆଦି ପରିକ୍ରମାକରି ସେଓଦାଠାରେ ପହଞ୍ଚିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଇନ୍‌ଜୀବୀ ସରୋଜ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଯୋଗେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଇଂ. ସନ୍ୟାସୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଧନେଶ୍ୱର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଓ ଅଶ୍ୱିନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି କର୍ସଦାଠାରେ ସ୍ୱାମୀ ବିବେକାନନ୍ଦ ଛାତ୍ର ସଂସଦ ପକ୍ଷରୁ ବିବେକାନନ୍ଦଙ୍କ ଜୟନ୍ତୀ ପାଳିବା ସହ ବକ୍ତୃତା, ନାଚଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଘଟଣାରେ ୪ ଆହତ

**କଟକ ସଦର,୧୨।୧(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଗୋପାଳପୁର ନିକଟରେ ରବିବାର ରାତିରେ ଏକ ବସ୍‌କୁ ପଛପଟୁ ଅଟୋ ଧକ୍କା ଦେଇଛି। ଫଳରେ ଅଟୋରେ ଯାଉଥିବା ମହିଳାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନ ଥିବାବେଳେ ଚିକିତ୍ସାଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## 'ପରମ୍ପରା ପ୍ରତ୍ୟେକ ଜାତିର ପରିଚୟ'

**କଟକ ଅଫିସ,୧୨।୧**


କଟକ ସାରଳା ଭବନଠାରେ ପଶ୍ଚିମ ଓଡ଼ିଶା ଡାକ୍ତର ସଂଘ ପକ୍ଷରୁ ରବିବାର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ପ୍ରତ୍ୟୁଷ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜଷ୍ଟିସ ସି.ଆର. ଦାଶ କହିଥିଲେ, ଆଧୁନିକତାର ସ୍ପର୍ଶରେ ମଣିଷ ନିଜର ପରମ୍ପରାକୁ ଭୁଲିଯାଉଛି। ପରମ୍ପରା ପ୍ରତ୍ୟେକ ଜାତିର ପରିଚୟ। ତେଣୁ ଏହାକୁ ଭୁଲିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭବାନୀ ଶଙ୍କର ହୋତା କହିଥିଲେ, ସାମ୍ପ୍ରତିକ ସମାଜରେ ସମସ୍ତେ ପରସ୍ପରର ଭାଷାକୁ ଆପଣେଇଲେଣି। ଯାହାଦ୍ୱାରା ଭାବର ଆଦାନପ୍ରାଦନ ହେବା ସହିତ ଭାଇଚାରା ସୃଷ୍ଟି ହେଉଛି। ଏଥିସହିତ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏସ୍‌ସିବି ମେଡିକାଲରେ ଏକ ସେବା ସଦନ ଓ କଟକ ସହରରେ ମା' ସମଲେଇଙ୍କର ଏକ ମନ୍ଦିର ନିର୍ମାଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରମେୟ ଖବରକାଗଜର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ଅଶୋକ ପ୍ରଧାନ, ପୂର୍ବତନ ସମାଜ ସମ୍ପାଦକ ବାମାପଦ ତ୍ରିପାଠୀ ଯୋଗଦେଇଥିଲେ। ଏଥିରେ ବହୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ଡ. ମହେଶ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



କଟକ ଖାନ୍‌ନଗର ପାର୍କ ପରିସରରେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।



କଟକ କ୍ଲବ ପରିସରରେ ରୋଟାରୀ କ୍ଲବ ଅଫ କଟକର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।



ଭୁଲ୍‌ଟା ବୁଝିବାମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
-ଡାୟୋଜେନିସ୍



## ସଂକ୍ଷେପରେ

### ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ ଖବରଦାତା ସମ୍ମିଳନୀ



ନିରାକାରପୁର,୧୨।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ ମହାବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ପାଲଟାସିଂହ ଯୋଗଦେଇ କହିଥିଲେ, ଆସନ୍ତା ୧୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରିବେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଅତିଥି ଭାବେ ଯୋଗଦେବାର ରହିଛି। ଏହି କାର୍ଯ୍ୟକ୍ରମ ମାଧମରେ ମହାବିଦ୍ୟାଳୟରେ ଜୁବୁଲି ଗୃହ ଉଦ୍‌ଘାଟନ ସହ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂସଦର ଗଣମାଧମ ସଂଯୋଜକ ବିଭୂତି ଭୂଷଣ ଆଚାର୍ଯ୍ୟ ଏବଂ ଉପସଭାପତି ଗଙ୍ଗାଧର ତ୍ରିପାଠୀ ଓ ରମାବଲ୍ଲଭ ମହାପାତ୍ର ଉପସ୍ଥିତ ରହି ସମସ୍ତ ପୁରାତନ ଛାତ୍ରୀଛାତ୍ରମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି।

### କାଳିଜାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୃଷ୍ଣପ୍ରସାଦ, ୧୨।୧(ଡି.ଏନ.ଏ.) ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପାରିକୁଦ ରାଜାସାହେବ ସନ୍ତୋଷ କୁମାର ମାନସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଯଜ୍ଞ କାର୍ଯ୍ୟ ପଣ୍ଡିତ କମଳ ଚନ୍ଦ୍ର ଦେବତା, ହରିହର ଦେବତାଙ୍କ ନେତୃତ୍ୱରେ ୬ ଜଣ ପଣ୍ଡିତ ଉପସ୍ଥିତ ରହିଛନ୍ତି। ସ୍ଥାନୀୟ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରୁଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଶାନ୍ତି ଶୃଙ୍ଖଳା ରଖା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

### 'ଯମରାଜ'ଙ୍କ ଟ୍ରାଫିକ ସଚେତନତା

ଭୁବନେଶ୍ୱର, ୧୨।୧(ବ୍ୟୁରୋ): ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶନିବାର ଠାରୁ ଆରମ୍ଭ କରାଯାଇଛି। ଟ୍ରାଫିକ ପୋଲିସ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଲୋକଙ୍କୁ ଟ୍ରାଫିକ ନିୟମ ମାନିବା ପାଇଁ ବିଭିନ୍ନ ଛକରେ ସଚେତନତା କରାଯାଉଛି। ରବିବାର ଅପରାହ୍ନରେ ଜୟଜଗନ୍ନାଥ ସଂସ୍ଥାର ସହଯୋଗରେ ପାୱାରହାଉସ୍ ଛକରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ କେତେଜଣ ସ୍ୱେଚ୍ଛାସେବୀ ଯମରାଜ, ଚିତ୍ରଗୁପ୍ତ ଏବଂ ହନୁମାନ ବେଶ ଧାରଣ କରି ଲୋକଙ୍କୁ ସଚେତନ କରାଇଥିଲେ।

### ଛୁଟି ଦିବସ ଦେଖାଇ ଆସିଲେନି ସ୍କୁଲ

# ଟଙ୍କା ମିଳିଲା, ପାଳନ କଲେନି ଜାତୀୟ ଯୁବ ଦିବସ

ଖୋର୍ଦ୍ଧା ଅଫିସ,୧୨।୧: ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ ଯୁବ ଦିବସ ରୂପେ ପାଳନ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଏଥିପାଇଁ ସରକାରୀ ଅନୁଦାନ ଅଢେଇ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ଖୋର୍ଦ୍ଧା ବ୍ଲକର ଗୋଳବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ଓରବରସିଂ, ଟାଙ୍ଗୀ ବ୍ଲକର କ୍ଷେତ୍ରବାସୀ ଏକାଡେମୀ ନିରାକାରପୁର, ଜଟଣୀ ବ୍ଲକର ବଡତୋଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରି ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକରେ ଅନେକ ସ୍କୁଲ ଏହି ଦିବସ ପାଳନ କରିନାହାନ୍ତି। ରବିବାର ଛୁଟି ଦିବସ ଥିବାରୁ ଏହାର ଫାଇଦା ନେଇଛନ୍ତି। ଜାତୀୟ ଯୁବ ଦିବସ ପାଳନ ନ କରିବା ସମ୍ପର୍କରେ କେତେଜଣ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଉତ୍ତର ମିଳିଥିଲା ଆମେ ଚିଠି ପାଇନୁ। କିନ୍ତୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଚିଠି ପାଇ ଜାଣିଶୁଣି ଦିବସ ପାଳନ କରି ନ ଥିବା ଜଣାପଡିଛି। ଦେଖାଯାଉ ଜିଲା ଶିକ୍ଷା ଅଧିକାରୀ ଏ ଅନିୟମିତତା ସମ୍ପର୍କରେ କିଭଳି ପଦକ୍ଷେପ ନେଉଛନ୍ତି। ତେବେ ଏ ନେଇ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କୁ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ଓରବରସିଂର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମିଶ୍ରଙ୍କୁ ପଚାରିବାରେ ସେ କିଛି ନ କହି ଅଭିଯୋଗକୁ ଏଡାଇ ଯାଇ ଫୋନ କାଟି ଦେଇଥିଲେ। ଗୋଳବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନୀହାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଆମ ସ୍କୁଲରେ ଏହି ଦିବସ ପାଳନ କରାଯାନାହିଁ। ବିଭାଗ ପକ୍ଷରୁ ଆମ୍ଭକୁ ସୂଚନା ଦିଆଯାଇନି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣାଙ୍କୁ ଯୋଗାଯୋଗ କରିବାରୁ ସରକାରୀ ଚିଠି ପାଇ ନ ଥିବା କହିଥିଲେ। କ୍ଷେତ୍ରବାସୀ ଏକାଡେମୀ ନିରାକାରପୁରର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ଧିତା ବେହେରା କୁହନ୍ତି, ରବିବାର ଛୁଟି ଦିବସ। ଜାତୀୟ ଯୁବ ଦିବସ ପାଳନ ପାଇଁ ଆମେ କିଛି ଜାଣିନୁ। ଟାଙ୍ଗୀ ବ୍ଲକ ଏବିଇଓ ଅବଦୂତ ଚମ୍ପତି କୁହନ୍ତି, ଯୁବ ଦିବସ ପାଳନ କରିବା ବାଧ୍ୟତାମୂଳକ ନିର୍ଦ୍ଦେଶ ରହିଛି। ଯେଉଁ ସ୍କୁଲ ପାଳନ କରିନାହିଁ ସରକାରୀ ଅନୁଦାନ ଫେରାଇ ଅଣାଯିବ। ଏପରି କି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବଡତୋଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଲୁଟା ନାୟକ କୁହନ୍ତି, ଆମ ସ୍କୁଲରେ ଜାତୀୟ ଯୁବ ଦିବସ ପାଳନ କରାଯାଇନାହିଁ। ପ୍ରଧାନ ଶିକ୍ଷକ ପୂର୍ଣ୍ଣ ମହାପାତ୍ର କୁହନ୍ତି, ଆମ ସ୍କୁଲରେ ଜାତୀୟ ଯୁବ ଦିବସ ପାଳନ କରିନାହୁଁ । ଦିବସ ପାଳନ କରିବା ନେଇ ଚିଠି ପାଇନୁ। ଜଟଣୀ ବିଇଓ ରମେଶ ଚନ୍ଦ୍ର ଖଟେଇ କୁହନ୍ତି, ଏହାର ଯାଞ୍ଚ କରି ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ଏବିଇଓ ସତ୍ୟବାନ ଶ୍ରୀଚନ୍ଦନ କୁହନ୍ତି, ଖୋର୍ଦ୍ଧା ବ୍ଲକର କେତେକ ସ୍କୁଲରେ ଜାତୀୟ ଯୁବ ଦିବସ ପାଳନ କରାଯାଇ ନ ଥିବା ଜଣାପଡିଛି। ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦିବସ ପାଳନ ନ କରିବା ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସରକାରୀ ଅନୁଦାନ ଫେରାଇ ଅଣାଯିବ। ଦିବସ ପାଳନ ନେଇ ସମସ୍ତ ରିପୋର୍ଟ ହସ୍ତଗତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ପଚାରିଲେ ଉତ୍ତର ମିଳୁଛି ଆମେ ଜାଣିନୁ

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ମଙ୍ଗଳା କ୍ଲବ ବିଜୟୀ

ଜଟଣୀ,୧୨।୧(ଡି.ଏନ.ଏ.): ଜଟଣୀ କୁଶମାଟି-ଛଣଘର ଖେଳ ପଡିଆରେ ୨୧ତମ ଶ୍ରୀବତ୍ସ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ଶବର କ୍ରୀଡା ସଂଘକୁ ୪-୩ ଟାଇବ୍ରେକରରେ ପରାସ୍ତ କରି କଟକର ମଙ୍ଗଳା କ୍ଲବ ବିଜୟୀ ହୋଇ ସେମିଫାଇନ୍‌ଲରେ ପ୍ରବେଶ କରିଛି। ଖେଳର ନିର୍ଦ୍ଧାରିତ ସମୟ କୌଣସି ଗୋଲ୍ ହୋଇ ପାରି ନ ଥିଲା। ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ମଙ୍ଗଳା କ୍ଲବ ପକ୍ଷରୁ ତୁଷାର କୁମାର ସାହୁ, ଟି. ମଙ୍ଗଲ, ଟିନା ମାଝି, ଅନିଲ ଜେନା ଗୋଲ୍ କରିଥିଲେ। ଶବର କ୍ରୀଡ଼ା ସଂଘର ପ୍ରକାଶ ସିଂ, ରାଜା ବିନ୍ଧାଣି, ଅଜୟ କୁମାର ନାୟକ ଗୋଲ୍ ସ୍କୋର କରିଥିଲେ। ମଙ୍ଗଳା କ୍ଲବର ଗୋଲ୍ କିପରି ଅନିଲ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାମଚନ୍ଦ୍ର ମିଶ୍ର ରେଫରୀ ରହିଥିବାବେଳେ ପ୍ରଫୁଲ୍ଲ ବେହେରା ଓ ରମେଶ ପାଇକରାୟ ଆସିଷ୍ଟାଣ୍ଟ ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଫ୍ରେଣ୍ଡସ୍ ପାରାଡାଇଜ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକଙ୍କ ପୁଅ ପାଇଲଟ୍ ମନ୍ମଥ ରାଉତରାୟ, ସରପଞ୍ଚ ସୁନୀଲ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ସଙ୍ଗଠନର ରଶ୍ମିରଞ୍ଜନ ସ୍ୱାଇଁ, ମାନ୍ଦା କର ଓ ଅନ୍ୟମାନଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।



ଅତିଥିମାନେ ରେଫରୀଙ୍କ ସହ ହାତ ମିଳାଉଛନ୍ତି ।

## ଶଟର ଭାଙ୍ଗି ଚୋରି: ସିସିଟିଭିରେ ଚୋରଙ୍କ କାରନାମା

ଖୋର୍ଦ୍ଧା ଅଫିସ,୧୨।୧: ଖୋର୍ଦ୍ଧା ଆଦର୍ଶ ଥାନା ବିଡିଏ କଲୋନୀ ନିକଟସ୍ଥ ମୋଦି କେୟାର ଡିଷ୍ଟ୍ରିବ୍ୟୁଶନ ପଏଣ୍ଟର ଶଟର ତାଲା ଭାଙ୍ଗି ଶନିବାର ରାତିରୁ ଚୋରି ହୋଇଛି। ତେବେ ସିସିଟିଭି ଫୁଟେଜରେ ଚୋରଙ୍କ ଚୋରି ସମୟର ଦୃଶ୍ୟ କଏଦ୍ ହୋଇ ରହିଛି। ଜଣେ ଚୋର କମ୍ପ୍ୟୁଟର ଟର୍ମିନାଲ, ମୋଡେମ ଆଦି ପ୍ରାୟ ୫୦ ହଜାର ଟଙ୍କାର ଉପକରଣ ଲୁଟି ନେଇଛନ୍ତି। ଦୋକାନ ମାଲିକ ଶିବ ପ୍ରସାଦ କର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

ସେପ୍ଟେମ୍ବର ୨୨ ରାତିରେ ମୋଦି କେୟାର ଡିଷ୍ଟ୍ରିବ୍ୟୁଶନ ପଏଣ୍ଟରୁ ୩ ହଜାର ଟଙ୍କା ଓ କିଛି ଉପକରଣ ଚୋରି ହୋଇଥିଲା। ସେ ସମୟରେ ସିସିଟିଭି ଫୁଟେଜ ପୋଲିସକୁ ଦିଆଯାଇଥିଲା। ଅନ୍ୟପକ୍ଷେ ଚୋରି ହେବାର ପ୍ରାୟ ୩ ମାସରୁ ଉର୍ଦ୍ଧ୍ୱ ବିତିଯାଇଛି। ହେଲେ ପୋଲିସ ଚୋର ଓ ଚୋରି ସମ୍ପର୍କରେ ଟେର ପାଇନାହିଁ। ଏଭଳିସ୍ଥଳେ ପୁଣି ଥରେ ଚୋରି ହୋଇଛି। ଦେଖାଯାଉ ପୋଲିସ କିଭଳି ପଦକ୍ଷେପ ନେଉଛି।

### ନୂତନ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

## ଭିତ୍ତିଭୂମି ନ ଥାଇ ବେସରକାରୀ ସ୍କୁଲକୁ ଅନୁମତି

ଖୋର୍ଦ୍ଧା ଅଫିସ,୧୨।୧: ଖୋର୍ଦ୍ଧା ଗୀତା ଭବନ ପରିସରରେ ନୂତନ ଜାତୀୟ ଶିକ୍ଷାନୀତି ଉପରେ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଡେମୋକ୍ରାଟିକ୍ ଶିକ୍ଷକ ସଙ୍ଗଠନ (ଡିଟିଓ) ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ସଭାର ଆବାହକ କେଶବ ଚନ୍ଦ୍ର ବିଶ୍ୱାଳ ଓ ଶିକ୍ଷକ ନେତା ଉମାଶଙ୍କର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟବକ୍ତା ରୂପେ ଡିଟିଓର ରାଜ୍ୟ ଉପସଭାପତି କ୍ଷୀରୋଦ ଚନ୍ଦ୍ର କର, ଶିକ୍ଷକ ନେତା କେଶବ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଭିତ୍ତିଭୂମି ନ ଥିବାରୁ ସ୍କୁଲ କମ୍ପ୍ଲେକ୍ସ ଗଠନ ଓ ସ୍କୁଲ ମିଶ୍ରଣ ଚାଲିଛି। ତେବେ ଭିତ୍ତିଭୂମି, ଖେଳପଡିଆ, ନିଜସ୍ୱ ଜମି ନ ଥାଇ ବେସରକାରୀ ସ୍କୁଲ ଅନୁମତି ପାଉଛନ୍ତି। ପୁଣି ସିଟି ବନ୍ଦ କରାଇ ୪ ବର୍ଷିୟା ଇଣ୍ଟିଗ୍ରେଟେଡ ବିଏଡ ପାଇଁ ରାସ୍ତା ପ୍ରସ୍ତୁତ କରାଯାଇ ଏନଆଇଓଏସ୍ ମାଧ୍ୟମରେ ଶିକ୍ଷକ ତାଲିମ୍ ଦିଆଯାଉଛି। ପରୀକ୍ଷା ନ କରି ସେମିଷ୍ଟର ବ୍ୟବସ୍ଥା ପ୍ରଚଳନ ପାଇଁ ଚେଷ୍ଟା ଜାରି ରହିଛି। ଯାହାଦ୍ୱାରା ଗୁଣାତ୍ମକ ଶିକ୍ଷା ବଦଳରେ ଶୈକ୍ଷିକ ପରିବେଶକୁ ଧ୍ୱଂସ କରାଯାଉଛି। ନୂତନ ଶିକ୍ଷାନୀତିର ଚିଠାଟି ପଢ଼ିବା ଓ ଶୁଣିବା ମଧୁର, କିନ୍ତୁ ବାସ୍ତବ ଲକ୍ଷ୍ୟଠାରୁ ବହୁ ଦୂରରେ। ଏ ନେଇ ସମସ୍ତେ ସଚେନତ ହେବା ଦରକାର। ସେହିଭଳି ନୂଆ ଶିକ୍ଷାନୀତି ଲାଗୁ ପରେ ସରକାରୀ ସ୍କୁଲରେ ତାଲା ଝୁଲିବ ଓ ବେସରକାରୀ ସ୍କୁଲ ବଢ଼ିବାରେ ଲାଗିବ। ଶିକ୍ଷା ବ୍ୟୟବହୁଳ ହେବ। ଗରିବ, ଖଟିଖିଆ ପିଲା ହଇରାଣ ହେବେ। ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ଓ ପଦବୀ ସଙ୍କୁଚିତ ହେବ। ନୂଆ ପଦବୀ ସୃଷ୍ଟି ହେବନାହିଁ। ଏଣୁ ନୂଆ ଶିକ୍ଷାନୀତିକୁ ବିରୋଧ କରାଯିବା ଦରକାର।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

### ସ୍ୱାମିଜୀଙ୍କ ଜୀବନୀ, ବାଣୀ ପ୍ରଚାର ପାଇଁ ସେବାଶ୍ରମରେ ପ୍ରତିଯୋଗିତା

## ଗ୍ରାମ ପରିକ୍ରମା କଲେ ଛାତ୍ରୀଛାତ୍ରମାନେ




କଅଁରପୁର-ବେଗୁନିଆମୂଳଠାରେ ଛାତ୍ରୀଛାତ୍ରମାନେ ସ୍ୱାମିଜୀଙ୍କ ବାଣୀ ପ୍ରଚାର କରୁଛନ୍ତି।

ବୋଲଗଡ଼,୧୨।୧(ଡି.ଏନ.ଏ.) ବୋଲଗଡ଼ ବ୍ଲକ ଟିକାତାଲସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ରବିବାର ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ବାଣୀ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେବାଶ୍ରମର ସହସମ୍ପାଦକ ସର୍ବେଶ୍ୱର ସାହୁଙ୍କ ସମେତ ସେବାଶ୍ରମର ସଦସ୍ୟମାନଙ୍କ ଦ୍ୱାରା ଏହି ପ୍ରତିଯୋଗିତା ପରିଚାଳିତ ହୋଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଆଗ୍ରହୀ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାଗୁଡିକ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସାଧାରଣଜ୍ଞାନ, ଗୀତା ଆବୃତ୍ତି ଆଦିହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ପୁସ୍ତକ ବଣ୍ଟନ କରାଯାଇଥିଲା। ସେହିପରି ବେଗୁନିଆ ମୂଳ ଓ କଅଁରପୁରଠାରେ ଆଦର୍ଶ ଶିକ୍ଷକ ହୃଷୀକେଶ ଚମ୍ପତିଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଯୁବ ଦିବସ ପାଳିତ ହୋଇଛି। ଏଥିରେ ସ୍ଥାନୀୟ ବିଦ୍ୟାଳୟର ପୂର୍ବତନ ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସ୍ୱାମିଜୀଙ୍କ ଫଟୋଚିତ୍ର ଏବଂ ବିଭିନ୍ନ ବାଣୀର ପ୍ଲାକାର୍ଡଧରିଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ। ଏଠାରେ ପ୍ରତିବର୍ଷ ଯୁବ ଦିବସ ଅବସରରେ ବିବେକାନନ୍ଦଙ୍କର ବାଣୀ ପ୍ରଚାର ପାଇଁ ଏଭଳି କାର୍ଯ୍ୟକ୍ରମ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କେଦାର ନାଥ ପାଟଯୋଶୀ, ସାମାଜିକ କର୍ମୀ ଦିଲୀପ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାମିଜୀଙ୍କ ତ୍ୟାଗ ଓ ସେବାର ଆଦର୍ଶ ବିଷୟରେ ଉଦ୍‌ବୋଧନ ଦେଇଥିଲେ।

### ଜଟଣୀରେ ଶ୍ୟାମ ବନ୍ଦନା ମହୋତ୍ସବ ଦ୍ୱିତୀୟ ଦିବସ

## ଯୋଗଦେଲେ ରାଜ୍ୟପାଳ ଗଣେଶୀ ଲାଲ



ଶ୍ୟାମ ବନ୍ଦନା ମହୋତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ସହଧର୍ମିଣୀ ଯୋଗ ଦେଇଛନ୍ତି ।

ଜଟଣୀ,୧୨।୧(ଡି.ଏନ୍.ଏ.) ଜଟଣୀ ଅଗ୍ରୱାଲ ଧର୍ମଶାଳାରେ ଚାଲିଥିବା ଶ୍ରୀ ଶ୍ୟାମ ବନ୍ଦନା ମହୋତ୍ସବର ରବିବାର ଦ୍ୱିତୀୟ ଦିନରେ ଶ୍ୟାମ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ରାଜସ୍ଥାନ ଜୟପୁରରୁ ଆସିଥିବା ପ୍ରସିଦ୍ଧ କଣ୍ଠଶିଳ୍ପୀ ରଜନୀ ରାଜସ୍ଥାନୀ ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସହଧର୍ମିଣୀଙ୍କ ସହ ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ: ରାଜଧାନୀର ୨ ଯୁବକ ଗିରଫ

### ଗ୍ରାମବାସୀ ଧରିଲେ, ପୋଲିସ ମୁକୁଳାଇଲା

ବେଗୁନିଆ/ବୋଲଗଡ଼, ୧୨।୧ (ଡି.ଏନ.ଏ.) ସଂଖ୍ୟାଲଘୁସମ୍ପ୍ରଦାୟର ଜଣୈକା ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ରାଜଧାନୀର ୨ ଯୁବକଙ୍କୁ ରବିବାର ଗିରଫ କରିଛି। ଗିରଫ ଯୁବକ ହେଲେ ଭୁବନେଶ୍ୱର ସାଲିଆସାହିର ରାହୁଲ ସ୍ୱାଇଁ ଏବଂ ତାଙ୍କ ସାଙ୍ଗ। ପୋଲିସ ସୂଚନା ମୁତାବକ, ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଞ୍ଚଳର ଜଣୈକା ୧୪ ବର୍ଷୀୟା ନାବାଳିକା ଭୁବନେଶ୍ୱରସ୍ଥିତ ସାଲିଆସାହି ଅଞ୍ଚଳରେ ନିଜ ମାମୁ ଘରେ ରହୁଥିଲେ। କିଛିଦିନ ହେଲା ରାହୁଲ ତାଙ୍କୁ ବାରମ୍ବାର ପ୍ରେମରେ ଫସାଇବାକୁ ଉଦ୍ୟମ କରି ବିଫଳ ହେଉଥିଲେ। ନାବାଳିକା ଜଣକ ନିଜ ଗାଁ ବେଗୁନିଆ ଅଞ୍ଚଳକୁ ଆସିଥିବା ବେଳେ ରବିବାର ଯୁବକ ଦ୍ୱୟ ଆସି ପହଞ୍ଚିଥିଲେ। ସୁଯୋଗ ପାଇ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବଳପୂର୍ବକ ଉଠାଇ ନେବାକୁ ଯୁବକଦ୍ୱୟ ଚେଷ୍ଟା କରୁଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ହାବୁଡରେ ପଡି ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ମୁକୁଳାଇଥିଲା। ଏ ନେଇ ଥାନାରେ ନଂ. ୧୧/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉ କି ରାହୁଲ ୨୦୧୯ରେ ଉପରୋକ୍ତ ସମାନ ଘଟଣାରେ ୨ ଥର ବେଗୁନିଆ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ।

## ପରମେଶ୍ୱର ମେମୋରିଆଲ କ୍ରିକେଟ:ମୋଟା ଦଳ ବିଜୟୀ

ନିରାକାରପୁର,୧୨।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ରମାବିଲସ୍ଥିତ ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଧ୍ରୁବଚରଣ ପଡିଆଠାରେ ୭ମ ପରମେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଲିଗ୍ ମ୍ୟାଚ ମା' ଭଗବତୀ କ୍ରିକେଟ କ୍ଲବ ମୋଟା ଓ ରମାବିଲି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୋଟା କ୍ରିକେଟ ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୪୦ରନ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାଜୟ ବରଣ କରିଥିଲା। ଖେଳକୁ ଦିବାକର ମହାପାତ୍ର, ଦିବାକର ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଡ୍ୟାନ୍ସଗ୍ରୁପର ବନ୍ଧୁମିଳନ

ଯାଁଳା,୧୨।୧(ଡି.ଏନ.ଏ.): ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଓଗାଳପଡ଼ାସ୍ଥିତ ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଓଁକାର ଲିଟିଲଷ୍ଟାର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ରବିବାର ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଡ୍ୟାନ୍ସଗ୍ରୁପର ପ୍ରତିଷ୍ଠାତା ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଗ୍ରୁପ୍‌ରେ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିବା ଅନେକ ବାଳିକାବାଳକ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ବକ୍ତୃତା, ନୃତ୍ୟ, ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପିଲା ଓ ଅଭିଭାବକ ।

### ୫୦୦ ମିଟରରେ ସରିଗଲା ସଡ଼କ ସୁରକ୍ଷା ବାର୍ତ୍ତା

# ସଭା ଚାଲିବା ସମୟରେ ପହଞ୍ଚିଲେ ଆରଟିଓ

ଖୋର୍ଦ୍ଧା ଅଫିସ,୧୨।୧: ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ସଦର ମହକୁମା ଖୋର୍ଦ୍ଧାରେ ରବିବାର ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ସଚେତନତା ମାତ୍ର ୫୦୦ ମିଟରରେ ଶେଷ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ଦେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଠାରେ ସଚେତନତା ସଭା କରାଯାଇଥିଲା। ତେବେ ଶୋଭାଯାତ୍ରା ଆରମ୍ଭ ସମୟ ରବିବାର ପୂର୍ବାହ୍ନ ସାଢେ ୧୦ଟା ରହିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମକୁ ଆଞ୍ଚଳିକ ପରିବହନ ଅଧିକାରୀ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କହିବା ଅନୁସାରେ ସାଢେ ୧୦ଟାରେ ପହଞ୍ଚିବା ବେଳକୁ ସଭା, ଶୋଭାଯାତ୍ରା ଶେଷ ହୋଇ ସଚେତନତା ସଭା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ନିଜେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ସଭା ଚାଲିବାର କିଛି ସମୟ ପରେ ପହଞ୍ଚିଥିଲେ। ସମୟ ନିର୍ଘଣ୍ଟରେ ଅବ୍ୟବସ୍ଥାକୁ ନେଇ ଗଣମାଧମ ପ୍ରତିନିଧି ଏମ୍‌ଭିଆଇ, ଏଆରଟିଓ ଓ ଆରଟିଓଙ୍କ ଉପରେ ବର୍ଷିଥିଲେ।



ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

### ସଭା ପରେ ଆସିଲା ସଚେତନତା ରଥ

ଶୋଭାଯାତ୍ରା ଓ ସଭା ଶେଷ ପରେ ପହଞ୍ଚିଥିଲା ସଡ଼କ ସୁରକ୍ଷା ସଚେତନତା ରଥ। ସଭା ଶେଷ ପରେ ସଚେତନତା ରଥ ସଚେତନତା ସୃଷ୍ଟି କରିଥିଲା। ୨ ଜଣ କଳାକାର ସଡ଼କ ସୁରକ୍ଷା ଉପରେ ସଚେତନତାର ବାର୍ତ୍ତା ବଣ୍ଟନ କରିଥିଲେ। ତେବେ ରବିବାରର ସଡକ ସୁରକ୍ଷା ସଚେତନତାର ଅବ୍ୟବସ୍ଥା ନେଇ ଅନେକ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ଭୁବନେଶ୍ୱର ଆରଟିଓ ପ୍ରଦୀପ୍ତ କୁମାର ମହାନ୍ତି କୁହନ୍ତି, ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ସଚେତନତା ଶୋଭାଯାତ୍ରା ବାହାରିବାର ଥିଲା। ହେଲେ ଏସ୍‌ପି ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିବାକୁ ଥିବାରୁ କୌଣସି କାର୍ଯ୍ୟରେ ଯିବାକୁ ନେଇ ପ୍ରାୟ ୧ ଘଣ୍ଟା ପୂର୍ବରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା। ଫଳରେ ଶୋଭାଯାତ୍ରାରେ ଭାଗ ନେଇ ପାରି ନ ଥିଲି। ସଭାରେ ଆସି ଯୋଗ ଦେଇଥିଲି। ଖୋର୍ଦ୍ଧା ଏଆରଟିଓ ବୃନ୍ଦାବନ ସାହୁ କୁହନ୍ତି, ଆଗକୁ ଆଉ ଏପରି ଅବ୍ୟବସ୍ଥା ହେବନି। ସମୟ ନିର୍ଘଣ୍ଟକୁ ଗୁରୁତ୍ୱ ଦିଆଯିବ।

### ସୁରକ୍ଷିତ ରୁହନ୍ତୁ, ସୁଖୀ ରୁହନ୍ତୁ

୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଜାନୁୟାରୀ ୧୧ରୁ ୧୭ ପାଳନ ହେଉଛି। ଏ ଅବସରରେ ସୁରକ୍ଷିତ ରୁହନ୍ତୁ ଓ ସୁଖୀ ରୁହନ୍ତୁ ସମ୍ପର୍କିତ ସଚେତନତା ସଭା ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଉଭୟ ଅତିଥି ଟ୍ରାଫିକ ନିୟମ ମାନି ଚଳିବା ପାଇଁ କହିଥିଲେ। ଭୁବନେଶ୍ୱର ଆରଟିଓ ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ରୂପେ ଆଦର୍ଶ କ୍ଲବର ଆବାହକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ସଡକ ସୁରକ୍ଷା ଉପରେ କହିଥିଲେ। ଚଳିତବର୍ଷର ସଡକ ସୁରକ୍ଷାର ବାର୍ତ୍ତା ସୁରକ୍ଷିତ ରୁହନ୍ତୁ ଓ ସୁଖୀ ରୁହନ୍ତୁ ବୋଲି ରହିଛି।

### ସଚେତନ କରୁ କରୁ ଆଇନ ଭୁଲିଗଲେ

ଏପଟେ ସଚେତନତା ସେପଟେ ଆଇନକୁ ଶୀତଳଭଣ୍ଡାରକୁ ଫୋପାଡିଛନ୍ତି ଭୁବନେଶ୍ୱର ଆରଟିଓର କେତେଜଣ କର୍ମଚାରୀ। ଖୋର୍ଦ୍ଧା ସହରରେ ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ବଣ୍ଟନରେ ନିୟୋଜିତ କେତେଜଣ କର୍ମଚାରୀ ଆରଟିଓ ବିଭାଗ ପାଇଁ ଉଦ୍ଦିଷ୍ଟ ଗାଡିରେ ଆଗରେ ବସି ସିଟ୍‌ବେଲ୍ଟ ପିନ୍ଧି ନ ଥିଲେ। ହେଲେ କ୍ୟାମେରାକୁ ଦେଖି କେତେଜଣ କର୍ମଚାରୀ ସିଟ୍‌ବେଲ୍ଟ ତରବରିଆ ଭାବେ ପିନ୍ଧି ନେଇଥିଲେ। ଆଉ କେତେଜଣ କ୍ୟାମେରା ସମ୍ପର୍କରେ ଅବଗତ ନ ଥିବାରୁ ସିଟ୍‌ବେଲ୍ଟ ନ ପିନ୍ଧି ଚାଲି ଯାଇଥିଲେ।



ଭୁଲ୍‌ଟା ବୁଝିବାମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ।
-ଡାୟୋଜେନିସ୍



## ସଂକ୍ଷେପରେ

### କବିତାରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥାଏ

ପୁରୀ ଅଫିସ, ୧୨।୧: ଶରଧାବାଲିରେ ଚାଲିଥିବା ୨୬ତମ ପୁସ୍ତକ ମେଳାରେ ରବିବାର ସନ୍ଧ୍ୟାରେ ପୁରୀର ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଭଜନ ସମାରୋହ ହୋଇଥିଲା। ଗୁରୁ ମନୋଜ କୁମାର ପ୍ରଧାନ ଓ ନୃତ୍ୟଶିଳ୍ପୀ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସିପ୍ରା ମିଶ୍ର, ଅର୍ଚ୍ଚନା ସାହୁ, ମମତା ଦାସ, କିରଣ ପଟ୍ଟନାୟକ, ରଶ୍ମିତା ଦାସ, ପୁଷ୍ପା ନାୟକ, ଶୁଭଶ୍ରୀ ପଣ୍ଡା, ସୁପ୍ରିୟା ପଲାଇ ପ୍ରମୁଖ ସରସ୍ୱତୀ ବନ୍ଦନା, ଦଶାବତାର, ଭଜନ ଆଦିରେ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।। ସେହିପରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ କବିତା ଆସର ହୋଇଥିଲା। ଏଥିରେ ପରିଷଦ ସଭାପତି ପ୍ରତିମା ମିଶ୍ର ସଭାପତିତ୍ୱ କରିଥିଲେ। ଜଗନ୍ନାଥ ମହାନ୍ତି ମୁଖ୍ୟ ଅତିଥି, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟବକ୍ତା, ପ୍ରଫେସର ଅଦ୍ୱୈତ ଚରଣ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବିତାରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମଞ୍ଜୁଶ୍ରୀ ମିଶ୍ର ଓ ଅର୍ଜୁନ ପରମଗୁରୁ କବିତା ପାଠ ସଂଯୋଜନା କରିଥିଲେ। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସ୍ୱଚ୍ଛତାର ବାର୍ତ୍ତା ଦେଲେ ବିଦ୍ୟାର୍ଥୀ, ସ୍ୱେଚ୍ଛାସେବୀ

ପୁରୀ ଅଫିସ, ୧୨।୧: ଯୁବ ଦିବସ ଅବସରରେ ରବିବାର ଭାରତ ବିକାଶ ପରିଷଦ ଆନୁକୂଲ୍ୟରେ 'ମୋ ବିଚ୍ ସଫେଇ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ସୁରଜ ମଲ୍ଲ ଶାହା କଲେଜ ଏନ୍‌ଏସ୍‌ଏସ୍ ଏବଂ ଏନ୍‌ସିସି ୟୁନିଟ, ସମ୍ପର୍କ, ପୁରୀ ସେବା ସମିତି, ସେଣ୍ଟ ଜୋନ୍ସ ଆମ୍ବୁଲାନ୍ସ ଶ୍ରୀଜଗନ୍ନାଥ ଧାମ ଶାଖା, ଏନ୍‌ୱାଇକେ, ଏବିଭିପି, ଗୋପବନ୍ଧୁ ସ୍ମୃତି ପରିଷଦର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସାମିଲ ହୋଇ ଦିଗବାରେଣୀ ଖୁଣ୍ଟିଠାରୁ ଚୈତନ୍ୟ ଛକ ପର୍ଯ୍ୟନ୍ତ ବେଳାଭୂମି ସଫେଇ କରିଥିଲେ। ଅଳିଆ ଆବର୍ଜନା, ପଲିଥିନ ଆଦି ବେଳାଭୂମିରେ ନ ପକାଇ ଡଷ୍ଟବିନ୍‌ରେ ପକାଇବା ଲାଗି ସମସ୍ତଙ୍କୁ ସଚେତନ କରାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପରିଷଦର ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଆବାହକ ସୌମେନ୍ଦ୍ର ଦାସ, ଡ. ଜଗବନ୍ଧୁ ମିଶ୍ର, ଦିଗ୍‌ବିଜୟ ପଟ୍ଟନାୟକ, ଦୀପକ ନାୟକ, ମାନସ କୁମାର ଲେଙ୍କା, ରାଜକିଶୋର ସାହୁ, ଜୟଶଙ୍କର ଯୋଶୀ ଯୋଗଦେଇଥିଲେ।

### ରାଷ୍ଟ୍ର କଲ୍ୟାଣ ଦିଗରେ ଅଗ୍ରସର ହୁଅ

ପୁରୀ ଅଫିସ,୧୨।୧ : ସାମାଜିକ ଅନୁଷ୍ଠାନ ବୋଧିଚକ୍ର ଆନୁକୂଲ୍ୟରେ ମାଟିମଣ୍ଡପ ସାହି ଦ୍ୱାରିକା ନିବାସରେ ପୌଷ ପୂର୍ଣ୍ଣମୀ ଅବସରରେ ଏକ ଆଧାତ୍ମିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସାରସ୍ୱତ ସାଧିକା ରମାଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଦ୍ଧଙ୍କ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରବଚକ ରମେଶ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୋଧ ଓ ଅହଙ୍କାର ତ୍ୟାଗ କରି ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା କରିଥିଲେ। ଦୀପ୍ତି ମିଶ୍ର, ବାସନ୍ତି ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବଳରାମ ଦାଶ, ରଚିତା ରାଉତରାୟ, ପ୍ରଭାକର ମିଶ୍ର, ଚାରୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମାତୃଭାଷା ସ୍ୱର୍ଗଠାରୁ ମହାନ୍

ପୁରୀ ଅଫିସ, ୧୨।୧: ଆଦି କବି ସାରଳା ଦାସ ସମ୍ମିଳନୀ ଅବସରରେ ଶ୍ରୀକ୍ଷେତ୍ରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟଠାରୁ ବାହାରି ମାଉସୀମା' ଛକ ପର୍ଯ୍ୟନ୍ତ ଯାଇଥିଲା। ଉପଜିଲାପାଳ ଭବତାରଣ ସାହୁ ଓ ଟ୍ରାଫିକ ଡିଏସ୍‌ପି ଏମ୍. ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏକ ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ପରିଚାଳକ ବିଶ୍ୱନାଥ ଶତପଥୀ, ସନ୍ଥ ରାମ ଚରଣ ଦାସ, ଗବେଷକ ନରେଶ ଦାଶ, ଗୀତିକାର ବଦ୍ରି ମିଶ୍ର, ସାହିତ୍ୟିକ ବିପିନ ବିହାରୀ ଦଳାଇ, ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ସାମାଜିକ କର୍ମୀ ଗୀତାଞ୍ଜଳି ପଣ୍ଡା, ଜୟନ୍ତୀ ମହାପାତ୍ର, ଦେବୀ ନନ୍ଦ, ବ୍ରଜବନ୍ଧୁ ମହାରଣା, କିନ୍ନର ମହାସଂଘ ସଭାପତି ଦେବକୀ କିନ୍ନର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ରଞ୍ଜିତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# 'ଯୁବଶକ୍ତି କମ୍‌ଜୋର ହେଲେ ଦେଶ ପଛେଇବ'



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ମରଣିକାକୁ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଏବଂ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ, ୧୨।୧:**

ବିଚିତ୍ରମୟ ଦେଶ ଭାରତ। ଏହା ଏକ ପଦ୍ମଫୁଲ ସଦୃଶ। ପଦ୍ମଫୁଲରେ ଯେଭଳି ଗୋଟିଏ ବୃନ୍ତ ଏବଂ ଅନେକ ପାଖୁଡ଼ା ରହିଥାଏ, ଭାରତ ମଧ୍ୟ ଠିକ୍ ସେହିପରି। ଭାରତର ସବୁ ପ୍ରଦେଶର ସ୍ୱତନ୍ତ୍ର କଳା, ସଂସ୍କୃତି, ଭାଷା, ଖାଦ୍ୟପେୟ ଭିନ୍ନ ଭିନ୍ନ ରହିଛି। ତଥାପି ଆମେ ଏକ ଓ ଗର୍ବରେ କହୁ ଭାରତୀୟ। ଆମ ସଂସ୍କୃତି ଏକ ସୂକ୍ଷ୍ମ ସୂତାଖିଅ ପରି। ହେଲେ ଏହା ଆମ ସମସ୍ତଙ୍କୁ ଏକତ୍ରିତ କରି ଦୃଢ଼ ଭାବେ ବାନ୍ଧି ରଖିଛି ବୋଲି କହିଛନ୍ତି ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ। ବେଳାଭୂମିରେ ରବିବାର ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ରାଜ୍ୟପାଳ ମୁର୍ମୁ କହିଥିଲେ, ଭାରତବର୍ଷରେ ୬୫ ପ୍ରତିଶତ ହେଉଛନ୍ତି ଯୁବଗୋଷ୍ଠୀ। ଯେଉଁ ଦେଶରେ ଯୁବଶକ୍ତି ଯେତେ ଶିକ୍ଷିତ ଓ ସକ୍ରିୟ ସେହି ଦେଶ ସେତେ ଶକ୍ତିଶାଳୀ। ଯୁବଶକ୍ତି କେବେ ନିଜକୁ କମ୍‌ଜୋର ଭାବିବା ଅନୁଚିତ। ସେମାନେ ଯଦି କମ୍‌ଜୋର ହେବେ ଦେଶ ପଛେଇ ଯିବ। ସମଗ୍ର ପୃଥିବୀରେ ସର୍ବାଗ୍ରେ ଥିବା ୬ଟି ଦେଶ ମଧ୍ୟରୁ ଭାରତ ଅନ୍ୟତମ। ଭାରତର ଯୁବଶକ୍ତି ନିକଟରେ ଭରପୂର ପ୍ରତିଭା ରହିଛି। ଏହା ଠିକ୍ ଭାବେ ବିକଶିତ ହୋଇ ଦେଶକୁ ଆଗେଇ ନେବାରେ ସହାୟକ ହେବା ଦରକାର। ସେହିପରି ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଗ୍ଲୋରିଫେଷ୍ଟ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ଭୂମିକା ନେବା ସହ ଜାତୀୟସ୍ତରର ରୂପ ନେଇଛି ବୋଲି କହିଥିଲେ। ଗ୍ଲୋରିଫେଷ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ରୁଚି ପରିଚାଳନା ନିର୍ଦ୍ଦେଶକ ଶରତ ସାହୁ, ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ସଭାପତି କ୍ୟାପ୍‌ଟେନ ପ୍ରଭାକର ଶତପଥୀ, ସମ୍ପାଦକ ରାଜେଶ ମହାନ୍ତି, କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ହାଇଟେକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ ହୋଇଥିଲା ବେଳେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଅନ୍ତର୍ଜାତୀୟ କବିତା ମହୋତ୍ସବ ଉଦ୍‌ଯାପିତ

କୋଣାର୍କ,୧୨।୧(ଡି.ଏନ.ଏ)

କୋଣାର୍କ ଯାତ୍ରୀନିବସ ସମ୍ମେଳନ କକ୍ଷଠାରେ ଅନୁଷ୍ଠିତ ଷଷ୍ଠ ଅନ୍ତର୍ଜାତୀୟ ଚନ୍ଦ୍ରଭାଗା କବିତା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ କବିତା ପାଠ ମହୋତ୍ସବରେ ନାରୀବାଦି, ସମତା, ଏକତା, ସ୍ୱାଧୀନତା, ଯୁବଚେତନା ପ୍ରମୁଖ କବିତା ପାଠ କରାଯାଇଥିଲା। ମହୋତ୍ସବର ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବି ଜୟନ୍ତ ମହାପାତ୍ର, ଅଶ୍ୱିନୀ କୁମାର, ଏ.ଜେ.ଥୋମାସ, ସବିତା ସିଂ, ଅଂଶୁମାନ କର, ବିଜୟ ଉପାଧ୍ୟାୟ, କନକ ମହାକୁଡ଼, ଦୁର୍ଗାପ୍ରସାଦ ପଣ୍ଡା, ଚିରଶ୍ରୀଇନ୍ଦ୍ର ସିଂ, ସଞ୍ଜୀବ ଖଣ୍ଡେକର, ଆଶୁତୋଷ ପରିଡ଼ା ଓ ବାସୁଦେବ ସୁନାନୀ ସାମ୍ପ୍ରତିକ କବିତାଧାରା, ଆଧୁନିକତା ଓ ଗଣତାନ୍ତ୍ରିକ ଦିଗ ବିଶେଷର ସମାଲୋଚନା କରିଥିଲେ। ଏହି ଉତ୍ସବରେ ପ୍ରଭାସିନୀ ମହାକୁଡ଼ଙ୍କ ଅନୁଦିତ, ପଙ୍କଜ ସିଂଙ୍କ ଶ୍ରେଷ୍ଠ କବିତା, ଜୟନ୍ତ ମହାପାତ୍ରଙ୍କ ସମ୍ପାଦିତ ଚନ୍ଦ୍ରଭାଗା ୨୦୨୦, ବିଜୟ ଉପାଧ୍ୟାୟଙ୍କ 'ଆଃ ଯାହାନ', ବିଦ୍ୟୁତ ମହାନ୍ତିଙ୍କ ସଂକଳନ 'ଲକ୍ଷ୍ମୀ ଦି ରିବେଲ' ସହ ଆଲୋଚନାଗ୍ରନ୍ଥ ଉନ୍ମୋଚନ ହୋଇଥିଲା। ଅଷ୍ଟ୍ରିଆ ଏବଂ ଫ୍ରାନ୍ସର କବି ସମୂହ ଗୁଲିହାମ ଫୀବ୍ରେ, ତେ ଏଲସିଂଗର, ଲାରା ଦୋଫ ଏବଂ ୟୁଭେସ୍ ୱାଲେଟ୍ ଷଷ୍ଠ ଚନ୍ଦ୍ରଭାଗା କବିତା ମହୋତ୍ସବରେ କବିତା ପାଠ କରିଛନ୍ତି। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।





ଅନ୍ତର୍ଜାତୀୟ କବିତା ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସଦ୍‌ଗୁରୁ ପ୍ରାପ୍ତି ନ ହେଲେ ଜୀବନ ଅଧୁରା

ପୁରୀ ଅଫିସ,୧୨।୧:

**ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ**



ସୁସଜ୍ଜିତ ରଥ ସହର ପରିକ୍ରମା କରୁଛି।

ସଦ୍‌ଗୁରୁଙ୍କ ସହ ଯିଏ ଯୁକ୍ତ ହୋଇ ତାଙ୍କ ରାସ୍ତାରେ ଚାଲିଛି ସେ କେବେ ଥକିପଡ଼ିବେ ନାହିଁ। ଭଲ ମନ୍ଦର ଉଚିତ ବିଚାର କରି ସେମାନେ ଆଗେଇ ଯିବେ। ସଦ୍‌ଗୁରୁ ପ୍ରାପ୍ତି ନ ହେଲେ ଜୀବନ ଅଧୁରା ରହିଯିବ। ପ୍ରତ୍ୟେକ ଯୁଗରେ ଜଣେ ଜଣେ ପୁରୁଷୋତ୍ତମ ଆସନ୍ତି। ସେହି ଯୁଗରେ ତାଙ୍କ ଆଦେଶ, ନିର୍ଦ୍ଦେଶ, ଅନୁଶାସନ ହିଁ ଚାଲିଥାଏ। ଶ୍ରୀ ଅନୁକୂଳଚନ୍ଦ୍ର ହେଉଛନ୍ତି ଯୁଗ ପୁରୁଷୋତ୍ତମ। ତାଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ଚାଲିଲେ ମାନବ ସମାଜ ଶୃଙ୍ଖଳିତ ହୋଇପାରିବ। ଶ୍ରୀଠାକୁରଙ୍କ ପରାମର୍ଶ ଅନୁସରଣ କରି ବାଲ୍ୟାବସ୍ଥାରୁ ଧର୍ମଧାରଣ କଲେ ମଣିଷ ଜୀବନ ସୁଖମୟ ହେବ। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୯୮ତମ ଉତ୍କଳ (ପୁରୀ) ଆଗମନୀ ସ୍ମୃତି ମହୋତ୍ସବ ଅବସରରେ ରବିବାର ତାଳବଣିଆସ୍ଥିତ ଉତ୍ସବ ସ୍ଥଳରେ ଆୟୋଜିତ ସଭାରେ ଏହା ମତପ୍ରକାଶ ପାଇଛି।

ସତ୍‌ସଙ୍ଗର ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀ ଶ୍ରୀ ଦାଦାଙ୍କ ପୂତ ଆଶୀର୍ବାଦ ଓ ପୂଜ୍ୟପାଦ ଶ୍ରୀ ଶ୍ରୀ ବାବାଇଦାଙ୍କ ଐଶୀ ପ୍ରେରଣାକୁ ବହନ କରି ବ୍ରାହ୍ମ ମୁହୂର୍ତ୍ତରେ ପବିତ୍ର ଉତ୍କଳ ଆଗମନୀ ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ସବ କମିଟି ସଭାପତି ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟବ୍ରତ ସାହୁ, ପୁରୀର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଶଙ୍କର୍ଷଣ ପରିଡ଼ା, ସ୍ୱାଇଁଶ୍ରୀ ନୃସିଂହ ଶ୍ରୀଚନ୍ଦନ, ଅଭୟ କୁମାର ପରିଡ଼ା, ଉମାକାନ୍ତ ସାହୁ, ଗୋପୀନାଥ ତ୍ରିପାଠୀ ଠାକୁରଙ୍କ ଉତ୍କଳ ଆଗମନୀ ସମ୍ପର୍କରେ କହିଥିଲେ ।

ଏହାପରେ ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡ଼ମା ଓ ଶ୍ରୀଶ୍ରୀ ବଡ଼ଦାଙ୍କ ବିଗ୍ରହ ସ୍ଥାପିତ ସୁଶୋଭିତ ରଥକୁ ଶୋଭାଯାତ୍ରା ମଧ୍ୟରେ ନଗର ପରିକ୍ରମା କରି ଉତ୍ସବସ୍ଥଳକୁ ନିଆଯାଇଥିଲା। ଦିଲ୍ଲୀ ସତ୍‌ସଙ୍ଗ ବିହାର ସଚିବ ଯତୀନ୍ଦ୍ର ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ସତ୍‌ସଙ୍ଗର ସହ ସମ୍ପାଦକ ଡ. ବିନାୟକ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଉତ୍ସବ କମିଟି ସମ୍ପାଦକ ଡମ୍ବରୁଧର ଦାସ ଅତିଥି ପରିଚୟ ଓ ଉପସଭାପତି ହୃଷୀକେଶ ସେନାପତି ଧନ୍ୟବାଦ ଦେଇଥିଲେ । ଉତ୍ସବ ମଣ୍ଡପରେ ଡ. ଗୁରୁଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଚିକିତ୍ସକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ ହୋଇଥିଲା। ଠାକୁରବାଡ଼ିରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଶ୍ରୀଧର ସୁନ୍ଦର ମିଶ୍ର, ଡ. ନନ୍ଦକିଶୋର ପ୍ରଧାନ, ଡ. ବିଜୟ କୁମାର ନାୟକ ଓ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ ଆରମ୍ଭ

ପୁରୀ ଅଫିସ,୧୨।୧:

ପୁରୀ ସିନର୍ଜୀ ଟ୍ରଷ୍ଟ ଆନୁକୂଲ୍ୟରେ ସୋମବାର ରାଷ୍ଟ୍ରୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରୁ ୭ମ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବର ଶୁଭାରମ୍ଭ ହୋଇଛି। ପ୍ରଥମେ ବେଳାଭୂମିର ଦିଗବାରେଣୀସ୍ଥିତ ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ବୁଦ୍ଧିଜୀବୀ କୃଷ୍ଣ ଜଗଦ୍ଦେବ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ପାଦକ ସଚ୍ଚିଦାନନ୍ଦ ଦାଶ, ଜଗନ୍ନାଥ ଷଡ଼ଙ୍ଗୀ, ପିନାକୀ ଶ୍ରୀହରିଚନ୍ଦନ, ରାଜ ପୂଜାପଣ୍ଡା, ଅନିଲ ସାହୁ, ସପନ ତରାଇ, ଆଶିଷ ସାହୁ, ରାଜକିଶୋର ମିଶ୍ର, ଜଗନ୍ନାଥ ପଣ୍ଡା ଓ ବିଶ୍ୱଭୂଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ପାଢ଼ୀ କହିଛନ୍ତି, ଆସନ୍ତା ୧୮ ଓ ୧୯ ତାରିଖରେ ଗୋଏଙ୍କା ଧର୍ମଶାଳାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ୨୨ରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସକାଳ ୯ଟାରୁ ଭଏସ ଅଫ ଶ୍ରୀକ୍ଷେତ୍ର ଏବଂ ଶ୍ରୀକ୍ଷେତ୍ର ଘୁଙ୍ଗୁର (ଓଡ଼ିଶୀ/ଲୋକନୃତ୍ୟ) ପ୍ରତିଯୋଗିତା ହେବ। ସେହିଦିନ ସନ୍ଧ୍ୟା ୬ଟାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି ମହୋତ୍ସବ ଆସନ୍ତା ୨୩ତାରିଖ ନେତାଜୀ ଜୟନ୍ତୀରେ ଉଦ୍‌ଯାପନ ହେବ।

# କୋଣାର୍କରେ ଜାତୀୟ ଯୁବ ଦିବସ

କୋଣାର୍କ,୧୨।୧(ଡି.ଏନ.ଏ):

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ସହାୟତାରେ କୋଣାର୍କସ୍ଥିତ ବସନ୍ତ ମଞ୍ଜରୀ ପାଠାଗାର ଓ ଉତ୍କଳ ଫାଉଣ୍ଡେଶନ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବଦିବସ ରବିବାର କୋଣାର୍କ ଅର୍ବାନହାଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାମଚଣ୍ଡି ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ଅଧିକାରୀ ତପନ କୁମାର ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ଉତ୍କଳ ଫାଉଣ୍ଡେଶନର ସମ୍ପାଦକ ସୁନୀଲ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ, ବାବା ଶକ୍ତିଦେବ ଶତପଥୀ, ନିର୍ମଳ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶୁଭ୍ରାଂଶୁ ସେଠୀ, ପ୍ରଦୀପ୍ତ ପ୍ରଧାନ, ଦିଲୀପ ଜେନା, ପ୍ରଭୁପ୍ରସାଦ ସ୍ୱାଇଁ, ମାନସ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁରୀ ଜିଲା ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# 'ଐତିହ୍ୟକୁ ଭୁଲିଲେ ସଂସ୍କୃତି ହଜିଯିବ'

ପୁରୀ ଅଫିସ,୧୨।୧:

ପ୍ରାଚୀନ କାଳରୁ ଶ୍ରୀକ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର ଭାବେ ପରିଚିତ। ଏପରି କି ପୁରୀର ୪୨ଟି ନାମ ରହିଛି। ପ୍ରତ୍ୟେକ ନାମ ପଛରେ ଏକ ଇତିହାସ ରହିଛି। ତୀର୍ଥରାଜ ମହୋଦଧି, ୪ ପୁଷ୍କରିଣୀ, ପ୍ରାଚୀନ ମଠ ସଂସ୍କୃତି, ଐତିହ୍ୟ କୀର୍ତ୍ତିରାଜିକୁ ନେଇ ଶ୍ରୀକ୍ଷେତ୍ର ସମୃଦ୍ଧ। ଶ୍ରୀମନ୍ଦିରର ରୀତିନୀତି ସହିତ ମଠଗୁଡ଼ିକ ଜଡ଼ିତ। ମଠ ସଂସ୍କୃତି ବିଲୁପ୍ତ ହେଲେ ମହାପ୍ରଭୁଙ୍କ ଉପାସନା ପଦ୍ଧତିରେ ବ୍ୟାଘାତ ଘଟିବ। ଏପରି କି ଐତିହ୍ୟକୁ ଭୁଲିଗଲେ ସଂସ୍କୃତି ମଧ୍ୟ ଧୀରେ ଧୀରେ ହଜିଯିବ। ଶ୍ରୀମନ୍ଦିର ସୁରକ୍ଷାରେ ଜାଗା ଆଖଡ଼ାର ଅବଦାନ ଅତୁଳନୀୟ। ଏଣୁ ଐତିହ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ଆମେ ବିକାଶ ପଥରେ ଆଗେଇବା ଉଚିତ। ଐତିହ୍ୟର ସ୍ମୃତି ଚିହ୍ନ ସ୍ୱରୂପ ଏଠାରେ ଐତିହ୍ୟ ସ୍ମୃତି ସ୍ତମ୍ଭ ସ୍ଥାପନ କରାଯିବା ସହ ସାହିଯାତ ଓ ଜାଗା ଆଖଡ଼ା ସଂସ୍କୃତିର ପୁନରୁଦ୍ଧାର ହେବା ଉଚିତ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ଶନିବାର ଶରଧାବାଲିସ୍ଥିତ ପୁସ୍ତକମେଳାରେ ପୁରୀ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ 'ଶ୍ରୀକ୍ଷେତ୍ରର ଐତିହ୍ୟ ସଂସ୍କୃତି' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଡ. ମିଶ୍ର ଯୋଗଦେଇ ଏହା କହିଛନ୍ତି। ସଂଘ ସଭାପତି ତୀର୍ଥକ୍ଷେତ୍ର ସମ୍ପାଦକ ପୁରୁଷୋତ୍ତମ ପଲେଇଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଡ. ମିଶ୍ର କହିଥିଲେ, ଶ୍ରୀକ୍ଷେତ୍ରରେ ୨୭୨ ଐତିହ୍ୟ ସ୍ଥାନ ରହିଛି। ମହର୍ଷି ଅଙ୍ଗିରା, କଣ୍ଡୁ, ମାର୍କଣ୍ଡେୟ ଓ ଭୃଗୀ ଆଶ୍ରମ ପୁନରୁଦ୍ଧାର ଆବଶ୍ୟକ। ଐତିହ୍ୟ ପ୍ରତି ସଚେତନ ନ ହେଲେ, ଆଗାମୀ ଦିନରେ ଏହା କାଳଗର୍ଭରେ ଲୀନ ହୋଇଯିବ। ଉତ୍ତରପିଢ଼ି ଲାଗି କିଛି ନ ଥିବ। ମୁଖ୍ୟଅତିଥି ଭାବେ ଭାଷାବିତ୍ ତଥା ପୁସ୍ତକ ମେଳା କମିଟିର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ସଂସ୍କୃତି ଓ ପରମ୍ପରା ହେଉଛି ଗୋଟିଏ ଜାତିର ପରିଚୟ। ଭାରତୀୟ ସଂସ୍କୃତି ମାନବୀୟ ଜୀବନମୂଲ୍ୟ ଉପରେ ଆଧାରିତ। ଗୋଟିଏ ଜାତି ତା'ର ସଂସ୍କୃତିକୁ ନେଇ ଗର୍ବ କରେ। ସଂସ୍କୃତିର ସଂରକ୍ଷଣ ଲାଗି ସମସ୍ତଙ୍କ କର୍ତ୍ତବ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବୁଦ୍ଧିଜୀବୀ ମାୟାଧର ମହାରଣା, ଖବରଦାତା ଜଗନ୍ନାଥ ବସ୍ତିଆ, ରଣଜିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ପ୍ରସନ୍ନ କୁମାର ଲେଙ୍କା ସ୍ୱାଗତ ଭାଷଣ ଏବଂ ଯୁବ ସାହିତ୍ୟିକ ସଂଘର ସଦସ୍ୟ ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# କର୍ମଠ ହୁଅ, ଜ୍ଞାନର ପରିସୀମା ବଢ଼ାଅ

ପୁରୀ ଅଫିସ, ୧୨।୧:

ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି। ସଶକ୍ତ ଭାରତ ଗଠନରେ ଯୁବସମାଜର ପ୍ରମୁଖ ଭୂମିକା ରହିଛି। ଯୁବପିଢ଼ି କର୍ମଠ ହେବା ସହ ଜ୍ଞାନର ପରିସୀମା ବିକାଶ କରିବା ଉଚିତ। ରବିବାର ପୁସ୍ତକମେଳା ପରିସରରେ ମିଶନ ଓଡ଼ିଶା ପକ୍ଷରୁ 'ଜାତୀୟ ସଂହତିରେ ଯୁବବର୍ଗର ଭୂମିକା' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଓ ଜନମଞ୍ଚ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଜିତୁ ମିଶ୍ର ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଡ. ରବି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ନିଜ ଲକ୍ଷ୍ୟ ସ୍ଥିର କର। ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ଲାଗି ଉଦ୍ୟମ କର। ମା', ମାତୃଭୂମି ଓ ଭାଷାକୁ ଭଲ ପାଅ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅତୁଲ ନନ୍ଦ, ଶିକ୍ଷାବିତ୍ ବିପିନ ମହାନ୍ତି ଏବଂ ଜୟଶଙ୍କର ଜୋଶୀ ଯୋଗଦେଇ ଥିଲେ। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଓ ଆଇନଜୀବୀ ପୁଷ୍କର ମହାପାତ୍ର ବିଚାରକ ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭାରତ ବିକାଶ ପରିଷଦ, ପୁରୀ ସେବା ସମିତି, ନେହେରୁ ଯୁବକେନ୍ଦ୍ର, ଏବିଭିପି, ସମ୍ପର୍କ, ସାହିଭାଇ, ମିଶନ ଓଡ଼ିଶା, ପୂଜ୍ୟ ପୂଜା ସଂସଦ, ଏସ୍‌ସିଏସ୍ କଲେଜ, ସୁରଜ ମଲ୍ଲ ଶାହା କଲେଜ, ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ସେଣ୍ଟଜୋନ ଆମ୍ବୁଲାନ୍ସ ଜଗନ୍ନାଥ ଧାମ, ସିନର୍ଜୀ ଟ୍ରଷ୍ଟ, ରାମକୃଷ୍ଣ ମିଶନ, ସ୍ୱଦେଶୀ ଫୋରମ୍ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୌର ନିର୍ବାହୀ ଅଧିକାରୀ ବିଜୟ ଦାଶ, ରାମକୃଷ୍ଣ ମିଶନ ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦ, ଭାରତ ବିକାଶ ପରିଷଦ ପ୍ରାନ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରୁବୀର ସିଂ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।





ଜାତୀୟ ଯୁବ ଦିବସ ଅବସରରେ ରବିବାର ପୁରୀ ସହରରେ ଛାତ୍ର ଓ ଯୁବଗୋଷ୍ଠୀଙ୍କ ଦ୍ୱାରା ବାହାରିଥିବା ଶୋଭାଯାତ୍ରା।



ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ କରାଯାଉଛି।

# ଭିଡ଼ରେ ଅଟକିଲା ଆମ୍ବୁଲାନ୍ସ, ମୋବାଇଲ୍‌ରେ ବ୍ୟସ୍ତ ପୋଲିସ

ଗୋପ,୧୨।୧(ଡି.ଏନ୍.ଏ):

ଗୋପ ପୋଲିସ୍ ଟ୍ରାଫିକ୍ ସଜାଡ଼ିବାରେ ବାରମ୍ବାର ବିଫଳ ହେବାରେ ଲାଗିଛି। ରବିବାର ଗୋପ ବଜାର ଉପରେ ପ୍ରାୟ ୨୫ ମିନିଟ୍ ଧରି ଦୁଇ ଦୁଇଟି ଆମ୍ବୁଲାନ୍ସ ଭିଡ଼ରେ ଫସି ରହିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଅନ୍ୟପଟେ ପୋଲିସମାନେ ସେଠାରେ ଥିଲେ ମଧ୍ୟ ଟ୍ରାଫିକରେ ସହଯୋଗ ନ କରି ଫୋନରେ ବ୍ୟସ୍ତ ଥିବାର ଦେଖାଯାଇଥିଲା। ଏଥିଯୋଗୁ ଅନେକ ସମୟ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ମଧ୍ୟ ଅଟକି ରହିଥିଲେ। ସୂଚନାଯୋଗ୍ୟ, ଏବେ ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ପ୍ରତ୍ୟେକ ଦିନ କୋଣାର୍କକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପୁରୀ–କୋଣାର୍କ ବେଳାମାର୍ଗରେ ଭୋଜିଭାତର ଆସର ଜମୁଛି। ଏ ନେଇ ଗୋପ ମୁଖ୍ୟ ରାସ୍ତା ପ୍ରାୟ ସମୟ ଭିଡ଼ ରହୁଛି। କିନ୍ତୁ ଗୋପ ପୋଲିସ୍ ଟ୍ରାଫିକ୍ ପ୍ରତି ଆଦୌ ଦୃଷ୍ଟି ଦେଉ ନାହିଁ । ନୂଆବର୍ଷର ଦ୍ୱିତୀୟ ରବିବାର ଥିବାରୁ କୋଣାର୍କକୁ ହଜାର ହଜାର ପର୍ଯ୍ୟଟକ ଯାଉଥିବା ଯୋଗୁ ଗୋପ ବଜାରରେ ଟ୍ରାଫିକ୍ ସମସ୍ୟା ଲାଗି ରହିଥିଲା। ଟ୍ରାଫିକ୍ ସମସ୍ୟା ଦୂର କରିବା ଲାଗି ରବିବାର ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ ସେମାନେ ଅସ୍ଥାୟୀ କ୍ୟାମ୍ପରେ ବସି ମୋବାଇଲ୍‌ର ମଜା ନେଉଥିଲେ । ଘଣ୍ଟା ଘଣ୍ଟା ଧରି ପର୍ଯ୍ୟଟକ, ଆମ୍ବୁଲାନ୍ସ ଗାଡ଼ି ଅଟକିଥିଲେ ମଧ୍ୟ ପୋଲିସ୍‌ର ଏହି ସମସ୍ୟା ପ୍ରତି ଦୃଷ୍ଟି ନ ଦେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସନ୍ଧ୍ୟାରେ ମଧ୍ୟ ଟ୍ରାଫିକ ସମସ୍ୟା ଉତ୍କଟ ରହିଥିଲା ।





ଗୋପ ବଜାର ମୁଖ୍ୟ ରାସ୍ତାରେ ଭିଡ଼ ଯୋଗୁ ଆମ୍ବୁଲାନ୍ସ ଅଟକି ରହିଛି।